


କ୍ୟାଣ୍ଡିଡେଟ୍ସ ଚେସ୍‌ରେ
ଗୁକେଶ ସର୍ବକନିଷ୍ଠ ଚାମ୍ପିଅନ
▶କ୍ରୀଡ଼ା ପୃଷ୍ଠାରେ...



◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-297 ◆BHUBANESWAR ◆TUESDAY ◆23 APRIL 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୯୭ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୩ ଏପ୍ରିଲ୍ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ଭୁବନେଶ୍ୱର ଦେଶର ସବୁଠୁ ଉତ୍ତପ୍ତ



■ **ଭୁବନେଶ୍ୱର, ୨୨।୪(ସମିସ):** ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳିରେ ରାଜ୍ୟବାସୀ ଅତିଷ୍ଠ। କାଳବୈଶାଖୀ ପ୍ରଭାବରେ ତାପମାତ୍ରାରେ ଆଂଶିକ ହ୍ରାସ ଘଟିଥିଲେ ହେଁ ଗୁଳୁଗୁଳିକୁ ହ୍ରାସ କରିପାରି ନାହିଁ। ଅନ୍ୟପକ୍ଷରେ ସୋମବାର ୪୩.୮ ଡିଗ୍ରୀ ସହ ଭୁବନେଶ୍ୱର ଦେଶର ସବୁଠୁ ଉତ୍ତପ୍ତ ସହରର ମାନ୍ୟତା ପାଇଛି। ଭୁବନେଶ୍ୱର ସମେତ ଆନ୍ଧ୍ରପ୍ରଦେଶର କଡ୍ଡପା ସହରରେ ମଧ୍ୟ ତାପମାତ୍ରା ୪୩.୮ ଡିଗ୍ରୀ ରେକର୍ଡ କରାଯାଇଛି।

ସେପଟେ ସୋମବାର ରାଜ୍ୟର ଅନେକ ସ୍ଥାନରେ କାଳବୈଶାଖୀ ବର୍ଷା

### ଦୁଇ ଦିନ ପରେ ଆହୁରି ବଢ଼ିବ
### ୨୬ରୁ ଅରେଞ୍ଜ ଆଲର୍ଟ ଜାରୀ

ହୋଇଥିବା ବେଳେ ଆସନ୍ତାକାଲି ମଧ୍ୟ ଅନେକ ସ୍ଥାନରେ କାଳବୈଶାଖୀଜନିତ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ୨୫ ତାରିଖରୁ ରାଜ୍ୟରେ ପୁଣି ତାତି ବଢ଼ିବା ସହ ଅସହ୍ୟ ଗରମ ଅନୁଭୂତି ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର କିଛି ଜିଲ୍ଲାରେ ଗରମ ଓ ଆର୍ଦ୍ର ପାଣିପାଗ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର କହିଛି। ବିଶେଷକରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ମୟୂରଭଞ୍ଜ, ଜଗତସିଂହପୁର, କେନ୍ଦୁଝର ଓ ଢେଙ୍କାନାଳ ଆଦି ଜିଲ୍ଲାରେ ଏଭଳି ସ୍ଥିତି ସୃଷ୍ଟି ହେବାକୁ ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ସେହିପରି ରାଜ୍ୟରେ ବର୍ତ୍ତମାନ ଅନେକ ସ୍ଥାନରେ କାଳବୈଶାଖୀ ବର୍ଷା ହେଉଥିବାରୁ ଆସନ୍ତା ୨୪ ଘଣ୍ଟା ପାଇଁ ଉତ୍ତର ଓ ଦକ୍ଷିଣ ଓଡ଼ିଶାର କିଛି କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଥିବା ନେଇ ଆକଳନ କରିଛି ପାଣିପାଗ ବିଭାଗ। ସେହିପରି ମଙ୍ଗଳବାର ମଧ୍ୟ ଅନେକ ▶ପୃଷ୍ଠା-୯

## ମଇଦାନରେ ମହାରଥୀ
# ୨୪ରୁ ପ୍ରଚାର ଝାଞ୍ଜି

■ **ଭୁବନେଶ୍ୱର, ୨୨।୪ (ସମିସ):** ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପ୍ରକ୍ରିୟା ଜାରି ରହିଛି। ଇତିମଧ୍ୟରେ ବିଜେଡି, ବିଜେପି ଓ କଂଗ୍ରେସ ପକ୍ଷରୁ ପ୍ରାୟତଃ ପ୍ରାର୍ଥୀ ତାଲିକା ଘୋଷଣା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟରେ ପ୍ରଚାର ଧୀରେ ଧୀରେ ଜୋର୍ ଧରୁଥିବା ବେଳେ ୨୪ ତାରିଖରୁ ଏହା ପ୍ରଖର ହେବ। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୨୪ ତାରିଖରେ ହିଞ୍ଜିଳୁ ଆରମ୍ଭ କରିବେ ପ୍ରଚାର ଅନୁକୂଳ। ବିଜେଡି ଶିବିର ଏଥିପାଇଁ ବେଶ୍ ଉତ୍ସାହିତ। ଏପଟେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ବିଜେପି ପାଇଁ ଆସନ୍ତା ୨୫ ତାରିଖରେ ସୋନପୁରରୁ ପ୍ରଚାର ଆରମ୍ଭ କରିବେ ଏବଂ ଆସନ୍ତା ୨୮ ତାରିଖରେ ବିଧିବଦ୍ଧ ଭାବରେ ଓଡ଼ିଶାରେ ପ୍ରଚାର ଆରମ୍ଭ କରିବେ କଂଗ୍ରେସ ନେତା ରାହୁଲ ଗାନ୍ଧୀ। ତିନି ପ୍ରମୁଖ ଦଳର ୩ ମହାରଥୀ ନିଜନିଜ ଦଳ ପାଇଁ ପ୍ରଚାରକୁ ଓହ୍ଲାଇବା ସୂଚନା ମିଳିବା ପରେ ରାଜ୍ୟରେ ରାଜନୈତିକ ତାପମାତ୍ରା ଅକସ୍ମାତ ବୃଦ୍ଧି ପାଇଛି।

ସୂଚନା ଅନୁଯାୟୀ ଆସନ୍ତା ୨୪ ତାରିଖରୁ ମୁଖ୍ୟମନ୍ତ୍ରୀ ▶ପୃଷ୍ଠା-୯

**୨୪ରେ ପ୍ରଚାର ମଇଦାନକୁ ଓହ୍ଲାଇବେ ନବୀନ ପଟ୍ଟନାୟକ**

**୨୫ରେ ଓଡ଼ିଶାରେ ପହଞ୍ଚିବେ ଅମିତ୍ ଶାହା**

**୨୮ରେ ପ୍ରଚାର କରିବେ ରାହୁଲ ଗାନ୍ଧୀ**



## ବିକାଶ ପାଇଁ 'ଡବଲ୍ ଶଙ୍ଖ'





■ **ଭୁବନେଶ୍ୱର, ୨୨।୪(ସମିସ):** ରାଜ୍ୟର ବିକାଶ ପାଇଁ 'ଡବଲ୍ ଶଙ୍ଖ'। ଗୋଟିଏ ବିଧାୟକ ପ୍ରାର୍ଥୀଙ୍କ ପାଇଁ, ଗୋଟିଏ ସାଂସଦ ପ୍ରାର୍ଥୀଙ୍କ ପାଇଁ। ଓଡ଼ିଶାବାସୀଙ୍କୁ ଏପରି ଅନୁରୋଧ କରିଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଦୁଇ ହାତରେ ଦୁଇଟି ଶଙ୍ଖର ଚିହ୍ନ ଧରି ଉଭୟ ଓଡ଼ିଶାର ସର୍ବାଙ୍ଗୀଣ ବିକାଶକୁ ସୁନିଶ୍ଚିତ କରିବା ପାଇଁ ▶ପୃଷ୍ଠା-୯

### ପାଣି ବୋତଲ ବିକ୍ରି ପାଇଁ ଜୁନ୍‌ରୁ ନୂଆ ନିୟମ
## ବିଆଇଏସ୍ ପ୍ରମାଣପତ୍ର ବାଧ୍ୟତାମୂଳକ

■ **ନୂଆଦିଲ୍ଲୀ,୨୨।୪(ଏଜେନ୍ସି):** ବଜାରରେ ବିକ୍ରି ହେଉଥିବା ପାଣି ବୋତଲକୁ ନେଇ ଦେଶରେ ଖୁବ୍‌ଶୀଘ୍ର ଲାଗୁ ହେବାକୁ ଯାଉଛି ନୂଆ ନିୟମ। ପାଣି ବୋତଲ ବିକ୍ରି କ୍ଷେତ୍ରରେ କେନ୍ଦ୍ର ସରକାର କଡ଼ା



ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛନ୍ତି। ଏଣିକି ପାଣି ବୋତଲ ବିକ୍ରି କରିବାକୁ ହେଲେ କମ୍ପାନୀଗୁଡ଼ିକୁ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍)ର ପ୍ରମାଣପତ୍ର ହାସଲ କରିବାକୁ ପଡ଼ିବ। ▶ପୃଷ୍ଠା-୯

### ବିଜେଡିର ସପ୍ତମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା
## ୬ ଆସନରୁ ୫ ନୂଆ ମୁହଁ

■ **ଭୁବନେଶ୍ୱର, ୨୨।୪(ସମିସ):** ବିଧାନସଭା ନିର୍ବାଚନ ନିମନ୍ତେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ୭ମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା। ଏହି ପର୍ଯ୍ୟାୟରେ ୬ ଆସନ ନିମନ୍ତେ ଘୋଷିତ ପ୍ରାର୍ଥୀ ତାଲିକାରେ ରହିଛନ୍ତି ୨ ମହିଳା। ସେହିପରି ୬ଜଣଙ୍କ ମଧ୍ୟରୁ ୫ଜଣ ସମ୍ପୂର୍ଣ୍ଣ ନୂଆ ମୁହଁ ହୋଇଥିବାବେଳେ ୨ ଜଣ ପ୍ରଥମଥର ପାଇଁ ବିଧାନସଭା ନିର୍ବାଚନ ଲଢ଼ିବେ।

କାକଟପୁରରୁ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଉପରେ ଦଳ ପୁନର୍ବାର ଆସ୍ଥା ସ୍ଥାପନ କରିଛି। ହିନ୍ଦୋଳରୁ ବିଧାୟିକା ସୀମାରାଣୀ ନାୟକଙ୍କ ସ୍ଥାନରେ ସାଂସଦ ମହେଶ ସାହୁଙ୍କୁ ପ୍ରାର୍ଥୀ କରାଯାଇଛି। ସୁନ୍ଦରଗଡ଼ ଜିଲ୍ଲାର ରଘୁନାଥପାଲିରୁ ସୁବ୍ରତ ତରାଇଙ୍କ ସ୍ଥାନରେ ତାଙ୍କ ପତ୍ନୀ ଅର୍ଚ୍ଚନାରେଖା ବେହେରାଙ୍କୁ ଦଳ ଟିକଟ ଦେଇଛି। ସେହିପରି ବାଲିକୁଦା-ଏରସମା ଆସନରେ ବିଧାୟକ ରଘୁନନ୍ଦନ ଦାସଙ୍କ ସ୍ଥାନରେ ସାରଦା ପ୍ରସନ୍ନ ଜେନାଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି ବାଙ୍ଗିରୀପୋଷି ଆସନରୁ ରଞ୍ଜିତା ମାଣ୍ଡିଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ରଞ୍ଜିତା ମାଣ୍ଡି ମୟୂରଭଞ୍ଜର ସାଂସଦ ପ୍ରାର୍ଥୀ ତଥା ▶ପୃଷ୍ଠା-୯

**ପ୍ରଥମଥର ନିର୍ବାଚନ ଲଢ଼ିବେ ୨**

**ଦୁଇଟି ଆସନରେ ମହିଳା ପ୍ରାର୍ଥୀ**

**୩୪ ମହିଳାଙ୍କୁ ମିଳିଲାଣି ଟିକଟ**


KISS

KALINGA INSTITUTE OF SOCIAL SCIENCES (KISS)

Bhubaneswar, Odisha, India

A home for 80,000 indigenous children



KISS HUMANITARIAN AWARD 2021

PAST RECIPIENTS

Date: 22nd April 2024

**Mr. Bill Gates**
Co-chair of the Bill & Melinda Gates Foundation, and Co-Founder & former CEO of Microsoft **(2023)**

**Her Excellency Mama Rachel Ruto, EGH**
First Lady of the Republic of **Kenya (2022)**

**Dr. Dansa KOUROUMA**
President, National Transition Council of Guinea, **Guinea (2019)**

**Professor Muhammad Yunus**
(Nobel Laureate) Founder, Grameen Bank, **Bangladesh (2018)**

**His Holiness The 14th Dalai Lama (2017)**
Nobel Laureate, 2005 and Spiritual Leader

**Ms. Ashley Judd,**
Hollywood Actor, Activist & Global Goodwill Ambassador, **UNFPA (2016)**

**His Excellency Dr Alejandro Toledo,**
Former President of **Peru (2015)**

**Ms. Anne F. Stenhammer**
Former Regional Programme Director, UN Women, **South Asia Regional Office (2014)**



Mr. Ratan Naval Tata, Chairman Emeritus, Tata Sons receiving the prestigious **KISS Humanitarian Award 2021** from **Prof. Achyuta Samanta**, Founder, KIIT, KISS & KIMS, Bhubaneswar.

AWARDEES ARE FROM
5 Continents
13 Countries
2 Nobel Laureates among the awardees

**Madam Albina Du Boisrouvray**
Founder, Association François-Xavier Bagnoud (FXB International), **Switzerland (2013)**

**His Excellency Lyonchhen Jigmi Y. Thinley**
Hon'ble Prime Minister, The Royal Government of **Bhutan (2012)**

**Rt Hon. Lord Nicholas Addison Phillips**
President (Chief Justice) of the Supreme Court of the **United Kingdom (2011)**

**Rt. Hon. Sir Anerood Jugnauth**
Eminent Social Worker & His Excellency the President of **Mauritius (2010)**

**Dr. Ham Kee-Sun**
Eminent Educationist & Physician and Hon'ble President & Founder, Hanseo University, **South Korea (2009)**

**Ms. Edna Bomo Molewa**
Noted Social Worker & Hon'ble Cabinet Minister, Social Development, South Africa National Assembly, **South Africa (2008)**

The KISS Humanitarian Award is a prestigious annual international award conferred by the Kalinga Institute of Social Sciences (KISS) in Bhubaneswar, India, conceptualized and the brainchild of visionary humanitarian and educationist Prof. Achyuta Samanta, Founder of KIIT and KISS. The award was initiated in 2008 to recognize and felicitate individuals for their exemplary and distinguished service to humanity across the globe.

www.kiss.ac.in | www.kiit.ac.in | www.achyutasamanta.com | facebook.com/kissfoundation | facebook.com/KIITUniversity | facebook.com/achyutasamanta

### ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଖାରଜ କଲେ ସୁପ୍ରିମକୋର୍ଟ

# ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କୁ ଗର୍ଭପାତ ଅନୁମତି

ନୂଆଦିଲ୍ଲୀ,୨୨।୪(ଏଜେନ୍ସି): ଦୁଷ୍କର୍ମ ପୀଡିତା ନାବାଳିକାଙ୍କ ଗର୍ଭପାତ ଅଧିକାରକୁ ନେଇ ସୁପ୍ରିମକୋର୍ଟ ସୋମବାର ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। ଦୁଷ୍କର୍ମ ଶିକାର ହୋଇଥିବା ଜଣେ ୧୪ ବର୍ଷୀୟ ନାବାଳିକାଙ୍କୁ ୩୦ ସପ୍ତାହର ଭ୍ରୁଣର ଗର୍ଭପାତ କରିବାକୁ ଅନୁମତି ଦେଇଛନ୍ତି। ଏଥିସହ ଏହି ମାମଲାରେ ପୂର୍ବରୁ ବମ୍ବେ ହାଇକୋର୍ଟ ଦେଇଥିବା ରାୟକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି। ପୀଡ଼ିତା ଜଣକ ପୂର୍ବରୁ ତାଙ୍କର ଗର୍ଭପାତ ଅନୁମତି ପାଇଁ ବମ୍ବେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ହାଇକୋର୍ଟ ଏଥିପାଇଁ ଅନୁମତି ଦେଇ ନଥିଲେ। ତେବେ ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିବା ପରେ ପ୍ରଧାନବିଚାରପତି ଜଷ୍ଟିସ୍ ଡିଓାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହାର ଶୁଣାଣି କରି ଦୁଷ୍କର୍ମ ପୀଡ଼ିତାଙ୍କ ଏହି ଅଧିକାର ରହିଛି ବୋଲି ସ୍ପଷ୍ଟ କରିଥିଲେ। ଏହାବ୍ୟତୀତ ପୀଡ଼ିତାଙ୍କ ସୁରକ୍ଷିତ ଗର୍ଭପାତ ପାଇଁ ମୁମ୍ବାଇସ୍ଥିତ ଲୋକମାନ୍ୟ ତିଳକ ହସ୍ପିଟାଲ ଡିନ୍‌ଙ୍କୁ ଏକ ଡାକ୍ତରୀ ଟିମ୍ ଗଠନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।



ଏହା ଏକ ଦୁଷ୍କର୍ମ ମାମଲା। ଏଥିସହ ପୀଡିତାଙ୍କ ବୟସ ମାତ୍ର ୧୪ ବର୍ଷ। ଏଭଳି ଅସାଧାରଣ ମାମଲାକୁ ଦେଖି ତାଙ୍କୁ ତାଙ୍କର ଗର୍ଭପାତ କରିବାକୁ ଅନୁମତି ଦିଆଯାଉଛି ବୋଲି ଖଣ୍ଡପୀଠ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗର୍ଭପାତ ପାଇଁ ଅନୁମତି ନ ମିଳିବାରୁ ପୀଡ଼ିତାଙ୍କ ମାଆ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବା ପରେ ସୁପ୍ରିମକୋର୍ଟ ପୀଡ଼ିତାଙ୍କ ମେଡିକାଲ ପରୀକ୍ଷା କରିବାକୁ କହିଥିଲେ। ମୁମ୍ବାଇରେ ପୀଡ଼ିତାଙ୍କ ମେଡିକାଲ ପରୀକ୍ଷା କରାଯାଇଥିଲା ବେଳେ ରିପୋର୍ଟରେ କୁହାଯାଇଥିଲା ଯେ ନାବାଳିକାଙ୍କ ଗର୍ଭପାତ କରାଯିବା ଉଚିତ୍। ତେବେ ପୀଡିତାଙ୍କ ଗର୍ଭପାତ କରାଇବାରେ ଯେତିକି ବିପଦ ରହିଛି ପ୍ରସବ ବେଳେ ମଧ୍ୟ ଜୀବନ ପ୍ରତି ସେତିକି ବିପଦ ଥିବା ମେଡିକାଲ ବୋର୍ଡ ରିପୋର୍ଟରେ ଦର୍ଶାଇଥିଲା। ଏହି ରିପୋର୍ଟକୁ ତର୍ଜମା କରିବା ପରେ ସିଜେଆଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହି ନିଷ୍ପତ୍ତି ନେଇଛନ୍ତି।

ଜଣେ ଦୁଷ୍କର୍ମ ପୀଡ଼ିତା ନାବାଳିକା ପ୍ରତି ସର୍ବୋଚ୍ଚ ନ୍ୟାୟାଳୟ ନେଇଥିବା ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ପୂର୍ବରୁ ବମ୍ବେ ହାଇକୋର୍ଟ ଦେଇଥିବା ରାୟକୁ ନେଇ କେତେକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲା ବେଳେ ଏବେ ସୁପ୍ରିମକୋର୍ଟଙ୍କ ଏହି ରାୟକୁ ନେଇ ଆଶ୍ୱସ୍ତି ମିଳିଥିବା ଅନେକ ମତ ଦେଇଛନ୍ତି।

### ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଘୋଟାଲା

# ୨୪ ହଜାର ନିଯୁକ୍ତି ରଦ୍ଦକଲେ ହାଇକୋର୍ଟ

କୋଲକାତା,୨୨।୪(ଏଜେନ୍ସି)

ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଘୋଟାଲା ମାମଲାରେ କୋଲକାତା ହାଇକୋର୍ଟ ସୋମବାର ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। ୨୦୧୬ରେ ପଶ୍ଚିମବଙ୍ଗ ସ୍କୁଲ ସେବା ଆୟୋଗ ଦ୍ୱାରା ନିଯୁକ୍ତ ହୋଇଥିବା ପ୍ରାୟ ୨୪ ହଜାର ଶିକ୍ଷକ ଏବଂ ସ୍କୁଲ କର୍ମଚାରୀଙ୍କ ନିଯୁକ୍ତିକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ନିଯୁକ୍ତି ପ୍ରକ୍ରିୟାରେ ବ୍ୟବହାର କରାଯାଇଥିବା ୨୩ ଲକ୍ଷ ଓଏମଆର୍ ସିଟ୍‌ର ପୁନଃ ମୂଲ୍ୟାୟନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲା ବେଳେ ନିଯୁକ୍ତି ପାଇଥିବା ଶିକ୍ଷକମାନେ ଆସନ୍ତା ୪ ସପ୍ତାହ ମଧ୍ୟରେ ସେମାନେ ପାଇଥିବା ଦରମା ଫେରାଇବାକୁ ମଧ୍ୟ କହିଛନ୍ତି। ହାଇକୋର୍ଟଙ୍କ ଏଭଳି ନିଷ୍ପତ୍ତି ରାଜ୍ୟ ସରକାରଙ୍କ ପାଇଁ ଚଡ଼କ ସଦୃଶ ହୋଇଛି। ବିଶେଷକରି ଆଗକୁ ଲୋକସଭା ନିର୍ବାଚନ ଥିବାରୁ ଏହି ପ୍ରସଙ୍ଗକୁ ନେଇ ରାଜ୍ୟବାସୀ ସରକାରଙ୍କ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି। ୨୦୧୬ ଶିକ୍ଷକ ନିଯୁକ୍ତି ଘୋଟାଲା ମାମଲାରେ ଜଷ୍ଟିସ୍ ଦେବାଂଶୁ ବାସାକ ଏବଂ ଜଷ୍ଟିସ୍ ମହମ୍ମଦ ସବର ରସିଦିଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ସୋମବାର ଶୁଣାଣି କରି ଏଭଳି ରାୟ ପ୍ରକାଶ କରିଛନ୍ତି। ୨୦୧୬ରେ ସ୍କୁଲ ସେବା ଆୟୋଗ ଦ୍ୱାରା ଶିକ୍ଷକ ଏବଂ ଅନ୍ୟାନ୍ୟ ସ୍କୁଲ କର୍ମଚାରୀଙ୍କ ନିଯୁକ୍ତି ଲାଗି ହୋଇଥିବା ସମସ୍ତ ପରୀକ୍ଷାକୁ ବାତିଲ କରିବା ସହିତ ପ୍ରବେଶିକା ପରୀକ୍ଷାରେ ବ୍ୟବହାର କରାଯାଇଥିବା ୨୩ ଲକ୍ଷ ଟେଷ୍ଟ ପେପର(ଓଏମଆର ସିଟ୍)ର ପୁନଃ ମୂଲ୍ୟାୟନ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଯେଉଁମାନେ ଗତ ୮ ବର୍ଷ ହେଲା ନିଯୁକ୍ତି ପାଇଛନ୍ତି ସେମାନେ ପାଇଥିବା ଦରମା ୪ ସପ୍ତାହ ମଧ୍ୟରେ ଫେରାଇବେ ଏବଂ ଦରମା ଫେରସ୍ତ ଲାଗି ଜିଲ୍ଲାପାଳମାନେ ଦାୟିତ୍ୱରେ ରହିବେ ବୋଲି ଖଣ୍ଡପୀଠ କହିଥିଲେ। ଶିକ୍ଷକ ନିଯୁକ୍ତି ମାମଲା ଉପରେ ରୋକ୍ ଲଗାଇବାକୁ କେତେକ ସ୍ତରରେ ହାଇକୋର୍ଟରେ ଆବେଦନ କରାଯାଇଥିଲେ ହେଁ କୋର୍ଟ ଏହାକୁ ଖାରଜ୍ କରିଦେଇଥିଲେ। ଏହାବ୍ୟତୀତ ଏହି ମାମଲାର ପୁନଃ ଯାଞ୍ଚ କରିବାକୁ ହାଇକୋର୍ଟ ସିବିଆଇକୁ ନିର୍ଦ୍ଦେଶ ଦେବା ସହିତ ତିନି ମାସ ମଧ୍ୟରେ ରିପୋର୍ଟ ଦେବାକୁ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ୨୦୧୬ରେ ପଶ୍ଚିମବଙ୍ଗରେ ଅନୁଷ୍ଠିତ ଶିକ୍ଷକ ନିଯୁକ୍ତିରେ ଅନିୟମିତତା କରାଯାଇଥିବା ଜଣାପଡ଼ିବା ପରେ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଅଭିଜିତ୍ ଗଙ୍ଗୋପାଧ୍ୟାୟ ମାମଲାର ସିବିଆଇ ଯାଞ୍ଚ ନିର୍ଦ୍ଦେଶ ଦେଇଥିଲେ। ପରେ ସିବିଆଇ ପୂର୍ବତନ ରାଜ୍ୟ ଶିକ୍ଷା ମନ୍ତ୍ରୀ ପାର୍ଥ ଚାଟାର୍ଜୀ ଏବଂ ଅନ୍ୟ ଟିଏମସି ନେତାଙ୍କ ସମେତ କିଛି ବିଧାୟକ ଏବଂ ଶିକ୍ଷା ବିଭାଗର ବହୁ ଅଧିକାରୀଙ୍କୁ ଗିରଫ କରିଥିଲା । ତେବେ ଏହି ମାମଲାରେ ହାଇକୋର୍ଟଙ୍କ ରାୟ ରାଜ୍ୟ ସରକାରଙ୍କ ପାଇଁ ବଡ଼ ଝଟକା ହୋଇଛି। ହାଇକୋର୍ଟଙ୍କ ଏହି ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଇନସମ୍ମତ ନୁହେଁ ବୋଲି କହିବା ସହିତ ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟ ଯିବେ ବୋଲି କହିଛନ୍ତି।

- ୨୦୧୬ ପ୍ରବେଶିକାରେ ପାଇଥିବା ସମସ୍ତ ଶିକ୍ଷକ ନିଯୁକ୍ତି ହରାଇବେ
- ୪ ସପ୍ତାହ ମଧ୍ୟରେ ଫେରାଇବେ ୮ ବର୍ଷର ଦରମା
- ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟ ଯିବେ ମମତା



### ବୈଶ୍ୱିକ ଖ୍ୟାତି ହାସଲ ଦିଗରେ ଭାରତର ଗୁରୁତ୍ୱପୂର୍ଣ୍ଣ ଯାତ୍ରା

# ପ୍ରଶାସନିକ ଦକ୍ଷତା ବୃଦ୍ଧି ଉପରେ ସମ୍ବୋଧିତ କଲେ ପିଏମଓ ପ୍ରମୁଖ ସଚିବ

ନୂଆଦିଲ୍ଲୀ,୨୨।୪(ଏଜେନ୍ସି)

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ର ସୋମବାର ଭର୍ଚୁଆଲ ମାଧ୍ୟମରେ ଭାରତର ପ୍ରଶାସନିକ ସେବାର ଦକ୍ଷତା ବୃଦ୍ଧି ଆବଶ୍ୟକତା ଉପରେ ଏକ କେନ୍ଦ୍ରୀୟ ପ୍ରଶିକ୍ଷଣ ଅନୁଷ୍ଠାନ (ସିଟିଆଇ) କର୍ମଶାଳାକୁ ସମ୍ବୋଧିତ କରିଛନ୍ତି। ପ୍ରାରମ୍ଭରେ ଶ୍ରୀ ମିଶ୍ର କହିଥିଲେ ଯେ , ଆଜି ଭାରତ ସାମାଜିକ-ଆର୍ଥିକ ବିକାଶ ଏବଂ ବିଶ୍ୱସ୍ତରୀୟ ପ୍ରମୁଖତା ହାସଲ ଅଭିମୁଖେ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଛିଡ଼ା ହୋଇଛି। ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟ ରହିଛି ।ଏହି ଲକ୍ଷ୍ୟ ହାସଲ ପାଇଁ ପ୍ରଶାସନିକ କର୍ମଚାରୀମାନେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିବା, ସୁଶାସନର ନୀତିକୁ ବଜାୟ ରଖିବା ଏବଂ ଆମ ନାଗରିକମାନଙ୍କୁ ଦକ୍ଷ ଓ ପ୍ରଭାବଶାଳୀ ସେବା ପ୍ରଦାନ କରିବା ପାଇଁ ସଶକ୍ତ ହେବା ଜରୁରୀ। ସୁଶାସନ, ନାଗରିକ କଲ୍ୟାଣ, ଭବିଷ୍ୟତର ପ୍ରସ୍ତୁତି ଓ କାର୍ଯ୍ୟଦକ୍ଷତା ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଛନ୍ତି। ଦକ୍ଷତା ବିକାଶ ପ୍ରୟାସର ପ୍ରକୃତି ବିଷୟରେ ସେ କହିଥିଲେ ଯେ, ଦକ୍ଷତା ବୃଦ୍ଧିର ସାମଗ୍ରିକ ଆଭିମୁଖ୍ୟକୁ ନାଗରିକ-କେନ୍ଦ୍ରୀକରଣ ସହିତ ଯୋଡ଼ିବା



ଆବଶ୍ୟକ ଏବଂ ଦକ୍ଷତା ବୃଦ୍ଧିର ପ୍ରତ୍ୟେକ ଦିଗ ଓ ଉପାଦାନକୁ କେବଳ ବର୍ତ୍ତମାନ ପରିପ୍ରେକ୍ଷୀରେ ନୁହେଁ, ବରଂ ଭାରତର ଦୀର୍ଘମିଆଦୀ ଲକ୍ଷ୍ୟ ଓ ଦୃଷ୍ଟିକୋଣକୁ ଦୃଷ୍ଟିରେ ରଖି ଏହାର ପ୍ରାସଙ୍ଗିକତା ପାଇଁ ଯାଞ୍ଚ କରାଯିବା ଆବଶ୍ୟକ ।ଦକ୍ଷତା ବିକାଶ ଇକୋସିଷ୍ଟମ ସୁନିଶ୍ଚିତ କରିବା ଉଚିତ ଯେ ସରକାରୀ କର୍ମଚାରୀମାନେ ଏହି ଅଭିବୃଦ୍ଧି ପଥରେ ଭାଗିଦାରୀ ତଥା ସାମିଲ୍ ହେବା ପାଇଁ ପ୍ରସ୍ତୁତ ରହିଛନ୍ତି ବୋଲି ସେ କହିଥିଲେ।

# ସ୍ୱତନ୍ତ୍ର ସମାରୋହରେ ପଦ୍ମ ସମ୍ମାନ ପ୍ରଦାନକଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ,୨୨।୪(ଏଜେନ୍ସି)

ରାଷ୍ଟ୍ରପତି ଭବନରେ ସୋମବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି । ପୂର୍ବତନ ଉପରାଷ୍ଟ୍ରପତି ଏମ୍ ଭେଙ୍କେୟା ନାଇଡୁଙ୍କୁ ପଦ୍ମ ବିଭୂଷଣ ସମ୍ମାନ ସହ ସୁଲଭ ଇଣ୍ଟରନ୍ୟାସନାଲର ପ୍ରତିଷ୍ଠାତା ବିନ୍ଦେଶ୍ୱର ପାଠକଙ୍କୁ ରାଷ୍ଟ୍ରପତି ମରଣୋତ୍ତର ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବଲିଉଡ୍ ଅଭିନେତା ମିଥୁନ ଚକ୍ରବର୍ତ୍ତୀ, ପୂର୍ବତନ ରାଜ୍ୟପାଳ ରାମ ନାଏକ ଏବଂ ଗାୟିକା ଉଷା ଉଥପ୍‌ଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରିଥିଲା ବେଳେ ମୋଟ ୧୭ ଜଣଙ୍କୁ ଏହି ସମ୍ମାନ ମିଳିଛି। ସେହିପରି ୧୧୦ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିଛି। ସୋମବାର ପଦ୍ମଶ୍ରୀ ସମ୍ମାନ ପାଇଥିବା ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଓଡ଼ିଶାର ଗୋପୀନାଥ ସ୍ୱାଇଁ ଓ ବିନୋଦ କୁମାର ପଶାୟତ ରହିଛନ୍ତି। କଳା ଓ ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ରାଷ୍ଟ୍ରପତି ଓଡ଼ିଶାର ବିନୋଦ କୁମାର ପଶାୟତ ଓ ଗୁରୁ ଗୋପୀନାଥ ସ୍ୱାଇଁଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି।

# ଅରୁଣାଚଳର ୮ ବୁଥ୍‌ରେ ପୁଣି ହେବ ମତଦାନ

ନୂଆଦିଲ୍ଲୀ,୨୨।୪(ଏଜେନ୍ସି): ଅରୁଣାଚଳ ପ୍ରଦେଶର ୮ଟି ବୁଥରେ ପୁଣି ମତଦାନ କରିବାକୁ ମୁଖ୍ୟ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଗତ ୧୯ ତାରିଖରେ ଏଠାରେ ଉଭୟ ବିଧାନସଭା ଏବଂ ଲୋକସଭା ପାଇଁ ମତଦାନ ହୋଇଥିଲା। କିନ୍ତୁ କେତେକ ସ୍ଥାନରେ ହିଂସା ଓ ଭଙ୍ଗରୁଜା ହୋଇଥିବା ଘଟଣା ସାମ୍ନାକୁ ଆସିଥିଲା। ଏହାକୁ ଦୃଷ୍ଟିରେ ରଖି ଏଠାକାର ୮ଟି ବୁଥରେ ପୁଣି ଥରେ ମତଦାନ କରିବାକୁ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୪ ତାରିଖରେ ଏଠାରେ ସାନି ମତଦାନ ହେବ।



### କେଜ୍ରିୱାଲଙ୍କୁ ଜେଲରେ ଇନ୍‌ସୁ୍ୟଲିନ ଦେବା ଦାବି ପ୍ରସଙ୍ଗ

# ଡାକ୍ତରଙ୍କ ସହ ଦୈନିକ ଭିଡିଓ ପରାମର୍ଶକୁ ଅଦାଲତଙ୍କ ନା

ନୂଆଦିଲ୍ଲୀ,୨୨।୪(ଏଜେନ୍ସି)

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଜେଲ ଭିତରେ ଇନସୁ୍ୟଲିନ ଦେବା ପ୍ରସଙ୍ଗରେ ତାଙ୍କୁ ଦୈନିକ ଭିଡିଓ କଲ୍ ମାଧ୍ୟମରେ ନିଜ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ହୋଇଥିବା ଆବେଦନ ଦିଲ୍ଲୀ କୋର୍ଟ ଖାରଜ କରିଦେଇଛନ୍ତି। କେଜ୍ରିୱାଲ ଜଣେ ଟାଇପ୍-୨ ମଧୁମେହ ରୋଗୀ ହୋଇଥିବାରୁ ତାଙ୍କୁ ନିୟମିତ ଇନସୁ୍ୟଲିନର ଆବଶ୍ୟକତା ରହିଛି। କିନ୍ତୁ ଜେଲ କର୍ତ୍ତୃପକ୍ଷ ଏହା ଦେଉ ନଥିବା ଅଭିଯୋଗ କରି କେଜ୍ରିୱାଲଙ୍କ ଓକିଲ ରାଉଜ୍ ଆଭେନ୍ୟୁ କୋର୍ଟରେ ଏକ ପିଟିସନ ଦାଏର କରିବା ସହିତ ପ୍ରତିଦିନ ୧୫ ମିନିଟ୍ ପାଇଁ କେଜ୍ରିୱାଲଙ୍କୁ ତାଙ୍କ ବ୍ୟକ୍ତିଗତ ଡାକ୍ତରଙ୍କ ସହ ଭିଡିଓ କନଫରେନ୍ସ ଜରିଆରେ ପରାମର୍ଶ କରିବାକୁ ଅନୁମତି ଦିଆଯାଉ ବୋଲି ଆବେଦନ କରିଥିଲେ। ସୋମବାର ଏହି ପ୍ରସଙ୍ଗରେ କୋର୍ଟ ଶୁଣାଣି କରିଥିଲେ ହେଁ ଏହି ଆବଦେନକୁ ଖାରଜ କରିଦେଇଛନ୍ତି। ତେବେ କେଜ୍ରିୱାଲଙ୍କ ପାଇଁ ଇନସୁ୍ୟଲିନର ଆବଶ୍ୟକତା ରହିଛି କି ନାହିଁ ତାହା ଏମ୍ସର ଏକ ଡାକ୍ତରୀ ଟିମ୍ ଦ୍ୱାରା ନିର୍ଦ୍ଧାରଣ କରାଯିବ ବୋଲି ଜଷ୍ଟିସ୍ କାବେରୀ ବାୱେଜା କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କେଜ୍ରିୱାଲ ନିଜ ସ୍ୱାସ୍ଥ୍ୟାବସ୍ଥାକୁ ଏବଂ ସ୍ୱାସ୍ଥ୍ୟ ବେଳକୁ ବେଳ ଖରାପ ହେବାକୁ ଲାଗିଥିବା ସେ ଅଭିଯୋଗ କରିଥିଲେ। ଏହାକୁ ନେଇ ଆପ୍ ଗଭୀର ଚିନ୍ତାବ୍ୟକ୍ତ କରିବା ସହିତ କେଜ୍ରିୱାଲଙ୍କୁ ଜାଣିଶୁଣି ଜେଲରେ ମାରି ଦେବାକୁ ବିଜେପି ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ କରିଥିଲା। ତେବେ ଗତ ୨୦ ତାରିଖରେ ନେଇ ଶୁକ୍ରବାର ଚିନ୍ତାବ୍ୟକ୍ତ କରିବା ସହିତ ତାଙ୍କୁ ଜେଲ କର୍ତ୍ତୃପକ୍ଷ ଇନସୁ୍ୟଲିନ ଦେଉ ନଥିବା ଅଭିଯୋଗ କରିଥିଲେ। ଏହାଦ୍ୱାରା ତାଙ୍କର ରକ୍ତ ଶର୍କରା ସ୍ତର ଯଥେଷ୍ଟ ବଢିଯାଇଥିବା ଏମ୍ସ ଡାକ୍ତରଙ୍କ ସହିତ କେଜ୍ରିୱାଲଙ୍କ ଭିଡିଓ କନଫରେନ୍ସ ଯୋଗେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଏବଂ ତାଙ୍କ ପାଇଁ ଇନସୁ୍ୟଲିନ୍‌ର ଆବଶ୍ୟକ ନଥିବା ଡାକ୍ତର କହିଥିବା ତିହାର ଜେଲ କର୍ତ୍ତୃପକ୍ଷ କହିଥିଲେ।



#### ସ୍ୱତନ୍ତ୍ର ଜାମିନ ମିଳିବା ଆବେଦନ ହାଇକୋର୍ଟରେ ଖାରଜ

## ଆବେଦନକାରୀଙ୍କ ଉପରେ ୭୫ ହଜାରର ଦଣ୍ଡ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ଯେତେ ସବୁ ଅପରାଧିକ ମାମଲା ରୁଜୁ ହୋଇଛି ତାହା ଉପରେ ତାଙ୍କୁ ସ୍ୱତନ୍ତ୍ର ଜାମିନ ପ୍ରଦାନ କରିବାକୁ ହୋଇଥିବା ଏକ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ବରଂ ହାଇକୋର୍ଟ ଆବେଦନକାରୀଙ୍କୁ ତୀବ୍ର ଭର୍ତ୍ସନା କରିବା ସହିତ ଏଭଳି ଆବେଦନ ପାଇଁ ୭୫ ହଜାର ଟଙ୍କାର ଜୋରିମାନା ଲଗାଇଛନ୍ତି। ଆଇନ ସମସ୍ତଙ୍କ ପାଇଁ ସମାନ ଏବଂ ଅପରାଧିକ ମାମଲା କ୍ଷେତ୍ରରେ ବିଚାର ପ୍ରକ୍ରିୟା ଅଲଗା ହୋଇ ନଥାଏ ବୋଲି ହାଇକୋର୍ଟ କହିଛନ୍ତି। ଏହି ପ୍ରସଙ୍ଗରେ ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ମନମୋହନ ଏବଂ ଜଷ୍ଟିସ୍ ପ୍ରୀତମ ସିଂ ଆରୋରା କହିଛନ୍ତି ଯେ, ଆବେଦନକାରୀ ନିଜ ନାଁ ଉଲ୍ଲେଖ କରିନଥିଲା ବେଳେ ଦେଶବାସୀଙ୍କ ପକ୍ଷରୁ ଏହି ଆବେଦନ କରାଯାଇଛି ବୋଲି ଉଲ୍ଲେଖ କରିଛନ୍ତି। ଏହାଛଡ଼ା କେଜ୍ରିୱାଲଙ୍କୁ ଜାମିନ ମିଳିଲେ ସେ ପ୍ରମାଣ ନଷ୍ଟ କରିଦେବେ ବୋଲି ଯାହାକ କୁହାଯାଉଛି ତାହା ହେବ ନାହିଁ ବୋଲି କହିଛନ୍ତି। କିନ୍ତୁ ଏଭଳି ଜନସ୍ୱାର୍ଥ ମାମଲା ଅର୍ଥହୀନ ଏବଂ ଏଥିପାଇଁ ଆବେଦନକାରୀ ଦଣ୍ଡିତ ହେବା ଉଚିତ ବୋଲି ଖଣ୍ଡପୀଠ କହିଛନ୍ତି।

### ପୁଣି ଚୀନ୍‌ରେ ବିପର୍ଯ୍ୟୟ ଆଶଙ୍କା

# ଭାରୀବର୍ଷା ସହ ବଡ଼ ବନ୍ୟା ଚେତାବନୀ

ବେଜିଂ,୨୨।୪(ଏଜେନ୍ସି)

ଚୀନ ଉପରେ ବେଳକୁ ବେଳ ବିପଦ ଘନେଇବାରେ ଲାଗିଛି। କିଛି ଦିନ ତଳେ ରାଜଧାନୀ ସହର ବେଜିଂ ସମେତ ପୂର୍ବ ଚୀନର ବହୁ ପ୍ରମୁଖ ସହରର ମାଟି ଧସି ଯାଇଥିଲା ବେଳେ ଅନେକ ସ୍ଥାନରେ ଭୂ ଜଳ ବାହାରି ବିପର୍ଯ୍ୟୟ ସୃଷ୍ଟି କରିଥିଲା। ବହୁ ଅଟ୍ଟାଳିକା ଏବଂ ରାସ୍ତାଘାଟ ଧ୍ୱଂସ ହୋଇଯାଇଥିଲା। ଏହି ବିପର୍ଯ୍ୟୟର ବେଦନା ଲୋକଙ୍କ ମନରୁ ଯାଇ ନଥିବା ବେଳେ ଚୀନ୍‌ରେ ପୁଣି ଏକ ଦୁର୍ବିପାକକୁ ନେଇ ଚେତାବନୀ ଜାରି କରାଯାଇଛି। ସୋମବାର ରାତି ସୁଦ୍ଧା ଭୀଷଣ ବର୍ଷା ସହ ବିଭିନ୍ନ ଅଞ୍ଚଳରେ ବଡ଼ ବନ୍ୟା ଆସିବ ବୋଲି ଚେତାବନୀ ଜାରି କରାଯାଇଛି। ଗତ ୧୬ ତାରିଖରୁ ଦକ୍ଷିଣ ଚୀନରେ ପ୍ରବଳ ବର୍ଷା ହେବା ସହିତ ବହୁ ନଦୀ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ତେବେ ସୋମବାର ସୁଦ୍ଧା ପୂର୍ବ ଏବଂ ଦକ୍ଷିଣ ଚୀନର ୪୪ଟି ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ କୌଣସି ମୁହୂର୍ତ୍ତରେ ବଡ଼ ବନ୍ୟା ଆସିବ ବୋଲି ଲୋକମାନଙ୍କୁ ସତର୍କ କରାଇ ଦିଆଯାଇଛି। ଏବେ କିଛି ସ୍ଥାନରେ ବନ୍ୟା ଆସିଥିଲା ବେଳେ ବହୁ ଘରଦ୍ୱାର ଭାସିଯିବା ସହିତ ୧୨ ଜଣରୁ ଅଧିକ ଲୋକ ନିଖୋଜ ହୋଇଛନ୍ତି ବୋଲି ସିଙ୍ଗାପୁରର ଜାତୀୟ ନ୍ୟୁଜ୍ ଏଜେନ୍ସି ସିଏନଏ ପକ୍ଷରୁ କୁହାଯାଇଛି। ସେହିପରି କେତେକ ସ୍ଥାନରେ ଭୂସ୍ଖଳନ ଘଟିବାରୁ ପ୍ରାୟ ୪୦ରୁ ଅଧିକ ଲୋକ ଆହତ ହୋଇଥିବା ଖବର ମଧ୍ୟ ଆସିଛି। ବନ୍ୟା ଯୋଗୁ ବର୍ତ୍ତମାନ ସୁଦ୍ଧା ୮୦ ହଜାରରୁ ଅଧିକ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା ବେଳେ କ୍ଷୟକ୍ଷତି ପରିମାଣ ୧୬୫ କୋଟି ଟଙ୍କାରେ ପହଞ୍ଚିଥିବା କୁହାଯାଇଛି। ତେବେ ଆଗକୁ ସମ୍ଭାବ୍ୟ ବନ୍ୟାକୁ ନେଇ ସମୁଦ୍ର ଉପକୂଳବର୍ତ୍ତୀ ଇଲାକାରେ ଭୟର ବାତାବରଣ ସୃଷ୍ଟି ହୋଇଛି। ୪୪ଟି ନଦୀ ଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ ବନ୍ୟା ଆସିଲେ ପ୍ରାୟ ୧୨ କୋଟି ଲୋକ ପ୍ରଭାବିତ ହୋଇପାରନ୍ତି ବୋଲି କୁହାଯାଇଛି। ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ସୁଦ୍ଧା ଦକ୍ଷିଣ ଏବଂ ପୂର୍ବ ଚୀନ୍‌ର ବିଭିନ୍ନ ସହରରେ ଏକ ହଜାରରୁ ଅଧିକ ସ୍କୁଲ ବନ୍ଦ କରିଦିଆଯାଇଛି। ସେହିପରି ସାମୁଦ୍ରିକ ଉପକୂଳରେ ସୁରକ୍ଷାମୂଳକ ପଦକ୍ଷେପ ନିଆଯିବା ସହିତ ଉଦ୍ଧାରକାରୀ ଦଳଙ୍କୁ ମୁତୟନ କରାଯାଇଛି।

- ବିପଦ ସଙ୍କେତ ଉପରେ ୪୪ ନଦୀଜଳ ସ୍ତର
- ୧୨ ନିଖୋଜ, ୧୦୦୦ ରୁ ଅଧିକ ସ୍କୁଲ ବନ୍ଦ



### ● ଲୋକସଭା ନିର୍ବାଚନ-୨୦୨୪

# ସୁରଟର ବିଜେପି ପ୍ରାର୍ଥୀ ବିଜୟୀ ଘୋଷିତ

ସୁରାଟ, ୨୨।୪(ଏଜେନ୍ସି): ଗୁଜରାଟର ସୁରଟ ଲୋକସଭା ଆସନର ବିଜେପି ପ୍ରାର୍ଥୀ ମୁକେଶଭାଇ ଦଲାଲ ନିର୍ବିରୋଧରେ ବିଜୟୀ ଘୋଷିତ ହୋଇଛନ୍ତି। ବିଜେପି ତା'ର ପ୍ରଥମ ସାଂସଦ ପାଇଛି। ଦଲାଲଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ନୀଲେଶ କୁମ୍ଭାନିଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିବା ବେଳେ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀମାନେ ସେମାନଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେବାରୁ ଦଲାଲ ଥିଲେ ସୁରାଟ ଲୋକସଭା ଆସନର ଏକମାତ୍ର ପ୍ରାର୍ଥୀ। ତେଣୁ ତାଙ୍କୁ ବିଜୟୀ ଘୋଷଣା କରାଯାଇଛି। ଦଲାଲଙ୍କୁ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପାଟିଲ ଅଭିନନ୍ଦନ ଜଣାଇଛନ୍ତି। ବିଜେପି ଗୁଜରାଟ ରାଜ୍ୟ ଶାଖା ସଭାପତି ସିଆର୍ ପାଟିଲ ବିଜୟୀ ଘୋଷିତ ବିଜେପି ପ୍ରାର୍ଥୀ ମୁକେଶଭାଇ ଦଲାଲଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି, ସୁରାଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଥମ ପଦ୍ମ ଉପହାର ଦେଇଛି। ସୁରାଟର କଂଗ୍ରେସ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ନାକଚ ହେବାର କାରଣ, ତାଙ୍କର ୩ ପ୍ରସ୍ତାବକ ରିଟର୍ଣ୍ଣିଂ ଅଫିସର ସୌରଭ ପାର୍ଦ୍ଧିଙ୍କୁ ଜଣାଇଥିଲେ ଯେ କଂଗ୍ରେସ ପ୍ରାର୍ଥୀ କୁମ୍ଭାନୀଙ୍କ ପ୍ରାର୍ଥୀପତ୍ରରେ ଥିବା ସେମାନଙ୍କ ସ୍ୱାକ୍ଷର ଜାଲ ରହିଛି।



## ନିର୍ବାଚନ ପାଣିପାଗ

# ରାଜଧାନୀ ଆକାଶରେ 'ଚାର୍ଟର୍' ଭିଡ଼

**ଭୁବନେଶ୍ୱର,୨୨।୪(ସମିସ):** ଓଡ଼ିଶାରେ ନିର୍ବାଚନୀ ଉଷ୍ମତା ବଢ଼ିବା ସହ ରାଜଧାନୀ ଆକାଶରେ ବଢ଼ିଛି ଚାର୍ଟର୍ ବିମାନ ଭିଡ଼। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଚାର୍ଟର୍ ବିମାନ, ହେଲିକପ୍ଟର (ନନ୍ ସିଡ୍ୟୁଲ୍ ବିମାନ) ସଂଖ୍ୟା ବୃଦ୍ଧି ପାଇଛି। ନିର୍ବାଚନ ପ୍ରଚାର ତାତି ବଢ଼ିବା ସହ ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ଆକଳନ କରାଯାଉଛି।

ଚଳିତ ବର୍ଷ ମାର୍ଚ୍ଚ ୩୧ ତାରିଖ ମଧ୍ୟରେ ୧୭୨୮ଟି ନନ୍ ସିଡ୍ୟୁଲଡ୍ ବିମାନ ଆସିଛି ଏବଂ ୧୭୬୧ଟି ଏଠାରୁ ଉଡ଼ାଣ ଭରିଛି। ତେବେ ଚଳିତ ବର୍ଷ ଏପ୍ରିଲ ୧ ତାରିଖରୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଦେଇ ନନ୍ ସିଡ୍ୟୁଲଡ୍ ବିମାନ ୭୬ ଥର ଯିବା ଆସିବା କରିଛନ୍ତି। ଏଥିରେ ମୁଖ୍ୟତଃ ବ୍ୟବସାୟୀ, କର୍ପୋରେଟ୍ ସଂସ୍ଥା ଏବଂ ରାଜନେତା ଯା ଆସ କରିଛନ୍ତି।

■ ଏପ୍ରିଲ ମାସରେ ଆସିଲାଣି ୭୬ ନନ୍ ସିଡ୍ୟୁଲ୍ ଫ୍ଲାଇଟ୍
■ ବର୍ଷକରେ ଯା ଆସ କରୁଛି ୩୫୦୦ ଚାର୍ଟର୍ ବିମାନ

ସମ୍ପ୍ରତି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଦେଇ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ବିମାନ (ସିଡ୍ୟୁଲଡ୍) ଚଳାଚଳ କରୁଛି। ଏହା ବ୍ୟତୀତ ନନ୍ ସିଡୁଲଡ୍ ବିମାନ ଭାବେ ଚାର୍ଟର୍ ଏବଂ ହେଲିକପ୍ଟର ବହୁଳ ବ୍ୟବହାର ହେଉଛି। ୨୦୨୩-୨୪ ଆର୍ଥିକ ବର୍ଷରେ ସମୁଦାୟ ୩୪୮୯ଟି ଚାଟାର୍ ବିମାନ ଏବଂ ହେଲିକପ୍ଟର ଯିବା ଆସିବା କରିଛନ୍ତି। ଅର୍ଥାତ୍ ଗତବର୍ଷ ଏପ୍ରିଲ ୧ ତାରିଖରୁ

ଚାରିଟି ପର୍ଯ୍ୟାୟରେ ନିର୍ବାଚନରେ ସାମିଲ ହେବାକୁ ଯାଉଥିବା ଓଡ଼ିଶା ଆଗକୁ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ଦେଖିବ। ଆଞ୍ଚଳିକ ଦଳ ସହିତ ଜାତୀୟ ରାଜନୈତିକ ଦଳର ନେତା ନିର୍ବାଚନ ପ୍ରଚାରରେ ସାମିଲ ହେବେ। ନିର୍ବାଚନ ସମ୍ପର୍କିତ ଗତିବିଧି ସହିତ ସରକାରୀ ସ୍ତରରେ ଯିବା ଆସିବା ବଢ଼ିବ। ଜାତୀୟ ରାଜନୈତିକ ଦଳର ନେତାମାନେ ପ୍ରଚାର ପାଇଁ ଘନ ଘନ ଓଡ଼ିଶା ଗସ୍ତରେ ଆସିବେ। ଏପରିସ୍ଥଳେ ମେ' ମାସ ଭିତରେ ଚାର୍ଟର୍ ବିମାନ ଚଳାଚଳ ସଂଖ୍ୟାରେ ଆହୁରି ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି।

ସମ୍ପ୍ରତି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ବାର୍ଷିକ ଯାତ୍ରୀ କ୍ଷମତା ୪ ନିୟୁତ ଥିବା ବେଳେ ଚଳିତ ବର୍ଷ ସୁଦ୍ଧା ଏହା ୮ ନିୟୁତ ମାଇଲଖୁଣ୍ଟ ଅତିକ୍ରମ କରିବାକୁ ଯାଉଛି। ଦେଶର ୧୪ଶ ବ୍ୟସ୍ତବହୁଳ ବିମାନବନ୍ଦର ଭାବେ ଦୈନିକ ଏଠାରୁ ତିନିଟି ଅନ୍ତର୍ଜାତୀୟ ଏବଂ ୪୫ଟି ଘରୋଇ ବିମାନରେ ଦୈନିକ ପ୍ରାୟ ୧୩ ହଜାର ଯାତ୍ରୀ ଯିବା ଆସିବା କରୁଛନ୍ତି। ଏଏଆଇ ଅଧିକାରୀଙ୍କ ସୂଚନା ଅନୁସାରେ ଏଠାରୁ କ୍ରମାଗତ ଭାବେ ନନ୍ ସିଡ୍ୟୁଲଡ୍ ବିମାନ ସଂଖ୍ୟା ବଢ଼ୁଛି। ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି ହେଉଥିବା ବେଳେ ଦେଶ ବିଦେଶରୁ ବହୁ ଲୋକ ବିଶେଷକରି କର୍ପୋରେଟ୍ ସଂସ୍ଥାର ଲୋକେ ଚାଟାର୍ ବିମାନରେ ଯିବା ଆସିବା କରୁଛନ୍ତି। ତେବେ ନିର୍ବାଚନ ଥିବାରୁ ଏହି ବର୍ଗର ବିମାନ ଚଳଚାଳ ବଢ଼ିଛି। ବିଶେଷକରି ନିର୍ବାଚନ ତାରିଖ ଘୋଷଣା ହେବା ପୂର୍ବରୁ ରାଜନେତାମାନଙ୍କ ଯିବା ଆସିବା ବଢ଼ିଛି।

# କାଳବୈଶାଖୀ ଲିଭାଇଲା ଜଙ୍ଗଲ ନିଆଁ

**ଭୁବନେଶ୍ୱର, ୨୨।୪ (ସମିସ):** ରାଜ୍ୟରେ ଜଙ୍ଗଲ ନିଆଁ କିଛିକାଂଶରେ ପ୍ରଶମିତ ହୋଇଛି। ଜଙ୍ଗଲ ନିଆଁ ଲିଭାଇବା ପାଇଁ ରାଜ୍ୟ ବନ ବିଭାଗ ନୟାନ୍ତ ହୋଇପଡ଼ିଥିବା ବେଳେ କାଳବୈଶାଖୀ ବର୍ଷା ଏଥିରେ ବରଦାନ ସାଜିଛି। ରବିବାର ଓ ସୋମବାର ହୋଇଥିବା କାଳବୈଶାଖୀ ବର୍ଷା ଯୋଗୁଁ ରାଜ୍ୟର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ପଏଣ୍ଟରେ ଜଙ୍ଗଲ ନିଆଁ ଲିଭିଥିବା ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ତଥ୍ୟରୁ ଜଣାପଡ଼ିଛି। ରବିବାର ସୁଦ୍ଧା ୭୮୧ ଟି ସ୍ଥାନରେ ଜଙ୍ଗଲ ନିଆଁ ଚିହ୍ନଟ ହୋଇଥିବା ବେଳେ ୯୧ଟି ସ୍ଥାନରେ ବଡ଼ଧରଣର ଜଙ୍ଗଲ ଜଳୁଥିଲା। ମାତ୍ର ସୋମବାର ସନ୍ଧ୍ୟା ସୁଦ୍ଧା ଏହା ୨୧୦ଟି ସ୍ଥାନକୁ ଖସି ଆସିଛି। ସେହିପରି ବଡ଼ ଧରଣର ନିଆଁ ମଧ୍ୟ ପ୍ରଶମିତ ହୋଇଥିବା ଜଣାପଡ଼ିଛି। ଏହି ସଂଖ୍ୟା ୯୧ରୁ ଖସି ୧୯ରେ ପହଞ୍ଚିଥିବା ଏହି କେନ୍ଦ୍ରୀୟ ସଂସ୍ଥାର ତଥ୍ୟରୁ ଜଣାପଡ଼ିଛି।

ଦୀର୍ଘ ଦିନ ହେବ, ତାପାତ୍ରା ୪୦ ଡିଗ୍ରୀରୁ ଉପରେ ରହୁଥିବା ବେଳେ ରାଜ୍ୟର ବିଭିନ୍ନ ଜଙ୍ଗଲରେ ବନାଗ୍ନି ସଂଗଠିତ ହୋଇଥିଲା। ବନ କର୍ମଚାରୀମାନେ ବିଭିନ୍ନ ଜଙ୍ଗଲରେ ନିୟୋଜିତ ହୋଇ ଏହାକୁ ପ୍ରଶମିତ କରିବା ପାଇଁ ଅହରହ ଉଦ୍ୟମ କରୁଥିଲେ। ତେବେ ଜଙ୍ଗଲ ନିଆଁ ବ୍ୟାପକ ହେବା ଯୋଗୁଁ ଏହାକୁ ଏକାସଙ୍ଗେ ପ୍ରଶମିତ କରିବା ପାଇଁ ବିଭାଗ ପାଇଁ ଆହ୍ୱାନ ହୋଇଥିଲା। ଏହି



ସମୟରେ କାଳବୈଶାଖୀ ଜନିତ ବର୍ଷା ହେବା ଯୋଗୁଁ ଏହା ଅନେକ ପରିମାଣରେ ବନାଗ୍ନି ରୋକିବାରେ ସଫଳ ହୋଇଛି। ଅନ୍ୟପଟେ ରାଜ୍ୟର ଯେଉଁ କିଛି ଅଞ୍ଚଳରେ ଜଙ୍ଗଲ ନିଆଁ ବ୍ୟାପିବାରେ ସମ୍ବେଦନଶୀଳ ରହିଛି। ସେଠାରେ ଓଡ୍ରାଫ୍ ଯବାନଙ୍କୁ ମୁତୟନ କରିବାକୁ ନିଷ୍ପତ୍ତି ନିଆଯାଇଛି। ପିସିସିଏଫ୍‌ଙ୍କ ଅନୁରୋଧକ୍ରମେ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନର୍ ରାଜ୍ୟର ୭ଟି ସ୍ଥାନରେ ଓଡ୍ରାଫ୍ ଯବାନ ମୁତୟନ କରିଛନ୍ତି। ଅଧିକ ବନାଗ୍ନି ଦେଖାଦେଉଥିବା ୭ଟି ଡିଭିଜନରେ ଏହି ଯବାନମାନେ ନିୟୋଜିତ ହେବେ ବୋଲି ଏସ୍ଆରସି ସୂଚନା ଦେଇଛନ୍ତି। ବାଲିଗୁଡ଼ା, ଫୁଲବାଣୀ,

### ୭ ଟି ସ୍ଥାନରେ ନିୟୋଜିତ ହେଲେ ଓଡ୍ରାଫ୍

ରାୟଗଡ଼ା, ବଣେଇ, ପାରଳାଖେମୁଣ୍ଡି, କଳାହାଣ୍ଡି ଓ ଶିମିଳିପାଳ ଭଳି ୭ ବନଖଣ୍ଡରେ ଓଡ୍ରାଫ୍ ନିୟୋଜିତ ହୋଇଛନ୍ତି। ଅନ୍ୟପଟେ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି ଯେ ଏଯାଏଁ ରାଜ୍ୟରେ ଜଙ୍ଗଲ ନିଆଁ ଆୟତ୍ତରେ ଅଛି। ଜଙ୍ଗଲ ନିଆଁ ରୋକିବାକୁ ସଚେତନତା ସୃଷ୍ଟି କରାଯାଇଛି। ଗତବର୍ଷ ଏହି ସମୟ ସୁଦ୍ଧା ପ୍ରାୟ ୩୨ ହଜାର ୫୦୦ ପଏଣ୍ଟରେ ନିଆଁ ଲାଗିଥିବା ବେଳେ ଚଳିତ ବର୍ଷ ଏଯାଏଁ ତାହା ୧୨ ହଜାରରେ ସୀମିତ ରହିଛି ବୋଲି ସେ କହିଛନ୍ତି।

## ବିଦ୍ୟାଳୟରେ ନିର୍ବାଚନୀ ସଭା କରୁଛନ୍ତି କେନ୍ଦୁଝରର ବିଜେପି ବିଧାୟକ ପ୍ରାର୍ଥୀ

# ମୋହନ ମାଝୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା ବିଜେଡି

**ଭୁବନେଶ୍ୱର, ୨୨।୪ (ସମିସ):** ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟ ବିଜେପିର ଜଣକ ପରେ ଜଣେ ନେତା ଆଇନ ଉଲ୍ଲଂଘନ କରିଚାଲିଛନ୍ତି। କେଉଁଠି ପିଲାମାନଙ୍କୁ ନିର୍ବାଚନ ସଭାରେ ପ୍ରଚାର କାମରେ



ଲଗାଇଲେଣି ତ ଆଉ କେଉଁଠି ବିଜେପି ଦଳୀୟ ଚିହ୍ନ ଓ ପ୍ରାର୍ଥୀଙ୍କ ଫଟୋ ଥିବା ଉପହାର ବାଣ୍ଟିଲେଣି। ଅଧିକାଂଶ ସ୍ଥାନରେ ବିଜେପି ପ୍ରାର୍ଥୀମାନେ ସରକାରୀ କଳର ଅପବ୍ୟବହାର କରିବାକୁ ପଛାଉ ନାହାନ୍ତି। ଏପରିକି ଶିକ୍ଷାନୁଷ୍ଠାନ ମଧ୍ୟ ବିଜେପି ରାଜନୀତିରୁ ବାଦ୍ ପଡୁନାହିଁ। କେନ୍ଦୁଝରର ବିଜେପି ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀଙ୍କ ବିରୋଧରେ ଅନୁରୂପ ଅଭିଯୋଗ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜୁ ଜନତା ଦଳ। ଆଜି ବିଜେଡିର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଶ୍ରୀ ମାଝୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି।

ବିଜେଡିର ଅଭିଯୋଗ ଅନୁସାରେ, ଗତ ୨୦ ତାରିଖ ସକାଳ ୮ଟାରୁ ୯ଟା ମଧ୍ୟରେ ସଦର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତରେ ଥିବା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ମୋହନ ରାଜନୈତିକ ସଭା ଆୟୋଜନ କରିଥିଲେ। ବିଜେପି ବିଧାୟକ ପ୍ରାର୍ଥୀଙ୍କ ଏପରି ବେଆଇନ କାର୍ଯ୍ୟକୁ ସ୍ଥାନୀୟ ଗ୍ରାମବାସୀ ତୀବ୍ର ବିରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ପୁଲିସକୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଶ୍ରୀ ମାଝୀଙ୍କର ଏତାଦୃଶ କାର୍ଯ୍ୟ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରୁଛି। ଶିକ୍ଷାନୁଷ୍ଠାନରେ ରାଜନୈତିକ କାର୍ଯ୍ୟକଳାପ ଆଦୌ ଗ୍ରହଣୀୟ ନୁହେଁ। ଓଡ଼ିଶାରେ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ ଶ୍ରୀ ମାଝୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ ବୋଲି ବିଜେଡି କହିଛି। ଫଳରେ ଅନ୍ୟମାନେ ଏପରି ବେଆଇନ କାର୍ଯ୍ୟରୁ ବିରତ ରହିବେ। ବିଜେଡିର ଏହି ପ୍ରତିନିଧିଦଳରେ ସୁଲତା ଦେଓ, ସସ୍ମିତ ପାତ୍ର, ପ୍ରିୟବ୍ରତ ମାଝୀ, ସ୍ୱୟମ୍ ପ୍ରକାଶ ମହାପାତ୍ର, ମିହିର ରାୟ, ଓମ୍ ପ୍ରକାଶ ସାହୁ, ଇପ୍ସିତା ସାହୁ, ମଧୁସ୍ମିତା ନାୟକ, ମାହିକ୍ଷୀତା ମିଶ୍ର ପ୍ରମୁଖ ସାମିଲ ଥିଲେ।

## ଦୁଇମାସ ହେଲା ଓଡ଼ିଶାକୁ ଯକ୍ଷ୍ମା ଔଷଧ ଯୋଗାଣ ବନ୍ଦ

# ୫୦ ହଜାର ରୋଗୀଙ୍କ ଅବସ୍ଥା ଗୁରୁତର

**ଭୁବନେଶ୍ୱର, ୨୨।୪(ସମିସ):** ଟିବି ଅବା ଯକ୍ଷ୍ମା ରୋଗର ସମ୍ପୂର୍ଣ୍ଣ ବିଲୋପ ଦିଗରେ ରାଜ୍ୟ ସରକାର କାମ କରୁଛନ୍ତି। ଏପରିକି ଟିବି ନିରାକରଣ ଦିଗରେ ଓଡ଼ିଶାକୁ ସଫଳତା ମିଳିଛି; କିନ୍ତୁ ଓଡ଼ିଶାରେ ଟିବି ରୋଗୀମାନେ ଭୟଙ୍କର ସ୍ଥିତି ଦେଇ ଗତି କରୁଛନ୍ତି। ଗତ ଦୁଇ ମାସ ହେଲା କେନ୍ଦ୍ର ସରକାର ଓଡ଼ିଶାକୁ ଟିବି ଔଷଧ ଯୋଗାଣ ବନ୍ଦ କରି ଦେଇଛନ୍ତି। ନ୍ୟାସନାଲ ଟିବି ଏଲିମିନେସନ୍ ପ୍ରୋଗ୍ରାମ୍ (ଏନ୍‌ଟିଇପି) ଯୋଜନାରେ କେନ୍ଦ୍ର ସରକାର ରାଜ୍ୟକୁ ଟିବି ଯୋଗାଇଥାନ୍ତି। ମାତ୍ର ଔଷଧ ଅଭାବରୁ ରାଜ୍ୟର ହଜାର ହଜାର ରୋଗୀମାନଙ୍କ ଅବସ୍ଥା ଗୁରୁତର ହେବାରେ ଲାଗିଛି। ୨୦୨୫ ସୁଦ୍ଧା ଟିବିର ସମ୍ପୂର୍ଣ୍ଣ ବିଲୋପ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ତେବେ ଦୀର୍ଘ ଦିନ ଧରି ଏକ ମାରାତ୍ମକ ରୋଗର ଔଷଧ ଯୋଗାଣ ବନ୍ଦ ହେବା ରାଜ୍ୟ ସରକାରଙ୍କର ଉଦ୍ୟମକୁ ଫଳପ୍ରସୂ କରିବା ଦିଗରେ ଅନ୍ତରାୟ ସୃଷ୍ଟି କରୁଛି।

ଯକ୍ଷ୍ମା ଔଷଧ ସାଧାରଣରେ ବିକ୍ରି କରାଯାଇ ନ ଥାଏ। କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟକୁ ଏହା ଯୋଗାଇ ଥାଆନ୍ତି ଓ ସରକାରୀ ଡାକ୍ତରଖାନାରେ ଏହା ଉପଲବ୍ଧ ହୋଇଥାଏ। ଓଡ଼ିଶାର ଅର୍ଦ୍ଧାଧିକ ଜିଲ୍ଲାରେ ଯକ୍ଷ୍ମା ରୋଗର ପ୍ରଭାବ ଲାଗି ରହିଥିବା ବେଳେ ରାଜ୍ୟରେ ପଞ୍ଜିକୃତ ରୋଗୀଙ୍କ ସଂଖ୍ୟା ପାଖାପାଖି ୫୦ ହଜାର ହେବ। ରୋଗୀ ସଂଖ୍ୟା କ୍ଷେତରେ ହିମାଚଳ ପ୍ରଦେଶ ପରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ଅଛି। କୋଭିଡ୍ ମହାମାରୀ ପରେ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ପ୍ରାୟ ୪୫% ବୃଦ୍ଧି ପାଇଛି। ବାଲେଶ୍ୱର, କେନ୍ଦୁଝରେ, ମୟୂରଭଞ୍ଜ, ଖୋର୍ଦ୍ଧା, କନ୍ଧମାଳ, ଗଞ୍ଜାମ, ଯାଜପୁର ଆଦି ଜିଲ୍ଲାରେ ରୋଗୀଙ୍କ ସଂଖ୍ୟା ବଢ଼ିଛି। ଓଡ଼ିଶାର ରୋଗୀମାନେ ଔଷଧ ପାଇଁ ଡାକ୍ତରଖାନା ଯାଉଛନ୍ତି ସତ, କିନ୍ତୁ ଔଷଧ ଅଭାବରୁ ନିରାଶ ହୋଇ ଫେରୁଛନ୍ତି।

**ବାରମ୍ବାର ଅନୁରୋଧ ପରେ ବି ନିଧଡ଼କ କେନ୍ଦ୍ର ସରକାର**

ଯକ୍ଷ୍ମାରୋଗୀଙ୍କ କଲ୍ୟାଣ ଦିଗରେ କାମ କରୁଥିବା ଅନୁଷ୍ଠାନର ଜଣେ କର୍ମକର୍ତ୍ତା କହିଛନ୍ତି, ପୂର୍ବରୁ ଓଡ଼ିଶାରେ ଏପରି ସ୍ଥିତି କେବେ ଦେଖାଯାଇ ନଥିଲା। ଦୁଇ ମାସରୁ ଅଧିକ ସମୟ ବିତିଯାଇ ଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଔଷଧ ଯୋଗାଣ ସ୍ୱାଭାବିକ ହୋଇପାରିଲା ନାହିଁ। ଜାନୁଆରୀ ମାସରୁ ମାସକ ବଦଳରେ ସପ୍ତାହେ ପାଇଁ ଔଷଧ ଦିଆଗଲା। କିନ୍ତୁ ଫେବୃଆରୀ ବେଳକୁ ଅଧିକାଂଶ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଔଷଧ ଶେଷ ହୋଇଯାଇଥିଲା। ପରିସ୍ଥିତିକୁ ଦେଖି ସ୍ଥାନୀୟ ଅଞ୍ଚଳରୁ ଟିବି ଔଷଧ ଯୋଗାଡ଼ କରି ରୋଗୀଙ୍କୁ ବଣ୍ଟନ ପାଇଁ ଜିଲ୍ଲାମାନଙ୍କୁ କୁହାଯାଇଛି। କିନ୍ତୁ ବଜାରରେ ମଧ୍ୟ ଏହାର ଉପଲବ୍ଧତା ଶେଷ ହୋଇଯାଇଛି। ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଟିବି ଔଷଧ ଅଭାବ ଏବଂ ଓଡ଼ିଶାରେ ତଦ୍‌ଜନିତ ରୋଗୀ ସମସ୍ୟା ସମ୍ପର୍କରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ଆମେ ଏକାଧିକ ବାର ଅବଗତ କରିଛୁ। ଏପରିକି ନିକଟରେ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କର ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଚଳିତ ଆର୍ଥିକ ବର୍ଷ ପାଇଁ ଔଷଧ କ୍ରୟ ଶେଷ ହେଲେ ଟିବି ଔଷଧ ପର୍ଯ୍ୟାପ୍ତ ଉପଲବ୍ଧ ହେବ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ଶୀଘ୍ର ଔଷଧ ଆସିଯିବା ନେଇ ଆମେ ଆଶାବାଦୀ ଅଛୁ ବୋଲି ସେ କହିଛନ୍ତି।

### କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାଜ୍ୟ ସରକାର

ରାଜ୍ୟରେ ଟିବି ଔଷଧର ଉତ୍କଟ ଅଭାବ ପରିପ୍ରେକ୍ଷୀରେ ଆଜି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ପତ୍ର ଲେଖି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭିୟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶ୍ରୀ ପୂଜାରୀ ନିଜ ପତ୍ରରେ ଦର୍ଶାଇଛନ୍ତି ଯେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୩ ଫେବୃଆରୀ ମାସରୁ ଟିବି ଔଷଧ ଯୋଗାଣ ହ୍ରାସ ପାଇବା ଆରମ୍ଭ ହୋଇଥିଲା। ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ଓଡ଼ିଶାକୁ ଔଷଧ ଯୋଗାଣ ହୋଇପାରୁ ନାହିଁ। ଫଳରେ ଓଡ଼ିଶା ସରକାରଙ୍କର ଯକ୍ଷ୍ମା ନିରାକରଣ ଅଭିଯାନ ଗୁରୁତର ପ୍ରଭାବିତ ହେଉଛି। ରାଜ୍ୟ ସରକାର ନିଜ ଉଦ୍ୟମରେ ଟିବି ଔଷଧ କ୍ରୟ ପାଇଁ ଉଦ୍ୟମ କରିଥିଲେ ସୁଦ୍ଧା ବଜାରରେ ଔଷଧର ଉତ୍କଟ ଅଭାବ ହେତୁ ଏହି ଉଦ୍ୟମ ଫଳପ୍ରସୂ ହୋଇପାରି ନାହିଁ। ଏପରିସ୍ଥଳେ ଆପଣ ନିଜେ ଏଥିରେ ହସ୍ତକ୍ଷେପ କରି ଓଡ଼ିଶାକୁ ଟିବି ଔଷଧ ଯୋଗାଣ ସୁନିଶ୍ଚିତ କରନ୍ତୁ ବୋଲି ଶ୍ରୀ ପୂଜାରୀ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭିୟଙ୍କୁ ଅନୁରୋଧ କରିଛନ୍ତି।

# ମେ' ୫ରେ 'ଇନ୍‌ସ୍ପାୟାର ଅପ୍' ବୃତ୍ତି ପରୀକ୍ଷା

**ଭୁବନେଶ୍ୱର, ୨୨।୪(ସମିସ):** ଆର୍ଥିକ ଅନଗ୍ରସର ବର୍ଗ ବା ବିପିଏଲ୍ ବର୍ଗର ମେଧାବୀ ଛାତ୍ରଛାତ୍ରୀଙ୍କୁ ମାଗଣା ଜେଇଇ ଓ ନିଟ୍ କୋଚିଂ ପ୍ରଦାନ କରିବା ପାଇଁ 'ଇନ୍‌ସ୍ପାୟାର ଅପ୍' ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପ୍ରତିବର୍ଷ ବୃତ୍ତି ପ୍ରଦାନ କରାଯାଉଛି। ଏଥିପାଇଁ ମେଧାବୀ ଛାତ୍ର ଚୟନ କରିବାକୁ ସଂଗଠନ ପକ୍ଷରୁ ମେ ୫ ତାରିଖ ମଧ୍ୟାହ୍ନ ୧୨ଟାରେ ଭୁବନେଶ୍ୱର ଇନ୍‌ଫୋସିଟି ନିକଟସ୍ଥ ସିଗ୍‌ମା ଏକାଡେମୀରେ ପ୍ରବେଶିକା ପରୀକ୍ଷା କରାଯିବ। ପରୀକ୍ଷା ଦେବାକୁ ଆଗ୍ରହୀ ଛାତ୍ରଛାତ୍ରୀମାନେ inspireupngo@gmail.com ମେଲ୍‌ରେ ଆବେଦନ କରିପାରିବେ। ସିଧାସଳଖ ନିର୍ଦ୍ଧାରିତ ସମୟରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ପରୀକ୍ଷା ଦେଇପାରିବେ ବୋଲି ମଧ୍ୟ କୁହାଯାଇଛି। ଅଧିକ ସୂଚନା ପାଇଁ ଛାତ୍ରଛାତ୍ରୀମାନେ ୮୨୮୦୨୪୧୮୩୩ ନମ୍ବରରେ ଯୋଗାଯୋଗ କରିବାକୁ ମଧ୍ୟ ସଂଗଠନ ପକ୍ଷରୁ କୁହାଯାଇଛି। ଭାରତ ଓ ଆମେରିକାରେ ଏହି ସ୍ୱେଚ୍ଛାସେବୀ ସଂଗଠନ ସକ୍ରିୟ ଭାବେ କାର୍ଯ୍ୟ କରୁଛି।

## ଲୋକକଥା



ଟିକଟ ବଣ୍ଟନ କଲି ତୁଟୁନାହିଁ
'ଫୁଲ'ରେ ବଢୁଛି ଗୋଳ,
ଠାଏ ଠାଏ ନେତା କର୍ମୀ ହାତାହାତି
ସ୍ଥିତି ହୁଏ ଅସମ୍ଭାଳ।
'ପଦ୍ମ'କୁ ଗ୍ରାସେ କନ୍ଦଳ,
ପରିସ୍ଥିତି ଯାହା ଚାଲିଚି ସତରେ
ଭାଙ୍ଗିବ କି ଭୋଟ୍ ଥାଳ ॥

## ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ଯାତ୍ରା ଆରମ୍ଭ

# ତିନି ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

**ତାଳଚେରସଦର,୨୨।୪(ସମିସ):** ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ଯାତ୍ରା ଓ ୨୦ତମ ଲୋକ ମହୋତ୍ସବ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ଆଜି ଆରମ୍ଭ ହୋଇଯାଇଛି। ନଅଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଯାତ୍ରାରେ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇ ମା' ହିଙ୍ଗୁଳାଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ଚଳିତ ବର୍ଷ ମନ୍ଦିରର ପଶ୍ଚିମ ଦିଗରେ ପ୍ରାୟ ଏକ କିଲୋମିଟର ଦୂରରେ ଅବସ୍ଥିତ ହାଇସ୍କୁଲ ପଛପାଖ ଗଜରାଜ ପଡ଼ିଆ ନିକଟରେ ମା' ଆର୍ବିଭାବ ହୋଇଛନ୍ତି। ତେଣୁ ମା'ଙ୍କ ପ୍ରତ୍ୟକ୍ଷ ଦର୍ଶନ ପାଇଁ ଉଭାସ୍ଥଳୀକୁ ଆଜି ପ୍ରାତଃ ସମୟରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା।

ପ୍ରତ୍ୟୁଷରୁ ମା' ହିଙ୍ଗୁଳାଙ୍କ ମଙ୍ଗଳ ଆଳତୀ, ବାଳ ଭୋଗ ଆଦି ନୀତି ପାରମ୍ପରିକ





ରୀତିନୀତି ଅନୁଯାୟୀ ସମ୍ପନ୍ନ କରାଯାଇଥିଲା। ଅପରାହ୍ଣରେ ମା'ଙ୍କ ଆଲମକୁ ଏକ ଭବ୍ୟ ଶୋଭାଯାତ୍ରାରେ ଦିଅଁଘରୁ ବଡ଼ ମଣ୍ଡପ(ହିଙ୍ଗୁଳା ମନ୍ଦିର)କୁ ଅଣାଯାଇଥିଲା। ସେଠାରେ ମା'ଙ୍କ ଚଳନ୍ତି ପ୍ରତିମା ଆଲମକୁ ମୁଖ୍ୟ ପୂଜକ ହୃଦାନନ୍ଦ ଦେହୁରୀ, କିଶୋର ଦେହୁରୀ ଓ ଟଙ୍କଧର ଦେହୁରୀ ପ୍ରମୁଖ ଶାବରୀ ମତରେ ପୂଜା କରିଥିଲେ। ଏହାପରେ ମା'ଙ୍କ ଚଳନ୍ତି ପ୍ରତିମା ଆଲମକୁ ଉଭାସ୍ଥଳୀକୁ ନେଇ ପୂଜାର୍ଚ୍ଚନା କରାଯାଇଥିଲା। ମା'ଙ୍କ ଯାତ୍ରା ପରିଚାଳନା ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ୧୬ଟି ସବ୍‌କମିଟି ଗଠନ କରାଯାଇଛି। ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ପ୍ରଚୁର ଧୂଳିଧୂଆଁକୁ ଖାତିର ନକରି ଆଜି ମା'ଙ୍କ ଦର୍ଶନ ପାଇଁ ଭକ୍ତଙ୍କର ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ଭିଡ଼ ନିୟନ୍ତ୍ରଣ ତଥା ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୦ ପ୍ଲାଟୁନ୍ ପୁଲିସ ମୁତୟନ କରାଯାଇଥିଲା।

# ଭିଜିଲାନ୍ସ ଜାଲରେ ପ୍ରଧାନଶିକ୍ଷକ

**ବରପାଲି,୨୨।୪(ସମିସ):** ବରପାଲି ବ୍ଲକ କୁଶନପୁରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ଣରେ ସ୍କୁଲ ପରିସରରେ ପ୍ରଧାନଶିକ୍ଷକ ବାଳମୁକୁନ୍ଦ ପଧାନ ୧୪ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ କାବୁ କରିଥିଲା। ହାଇସ୍କୁଲରେ କାର୍ଯ୍ୟରତ ସଫେଇ ଓ ରାତ୍ରି ଜଗୁଆଳିଙ୍କ ବିଲ୍ ପାସ୍ କରେଇଦେବା ନାଁରେ ଦାୟିତ୍ୱରେ ରହିଥିବା ସ୍ୱୟଂ ସହାୟିକା ଗୋଷ୍ଠୀର



ଜଣେ ମହିଳା ସଦସ୍ୟାଙ୍କ ନିକଟରୁ ଲାଞ୍ଚ ନେଉଥିବା ବେଳେ ବରଗଡ଼ ଭିଜିଲାନ୍ସ କର୍ମଚାରୀ ତାଙ୍କୁ କାବୁ କରିଥିଲେ। ସମ୍ବଲପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଏ ନେଇ ମାମଲା ରୁଜୁ ହୋଇଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି। ବରଗଡ଼ ଭିଜିଲାନ୍ସ ଇନସପେକ୍ଟର୍ ତୁଷାରକାନ୍ତ ମହାପାତ୍ର, ଇନସପେକ୍ଟର୍ ସୁଷମା ତିର୍କୀ, ଇନସପେକ୍ଟର ସୁଷମା ପଶାୟତ ଓ ବିଭାଗୀୟ କର୍ମଚାରୀ ଏହି ଚଢ଼ଉରେ ସାମିଲ ଥିଲେ।

## ତିନି ସପ୍ତାହ ହେଲା ପାସ୍‌ପୋର୍ଟ ସେବା ବନ୍ଦ

# ନୂଆ ଓ ନବୀକରଣ ଅପେକ୍ଷାରେ ୮୦ ହଜାର ଆବେଦନକାରୀ

**ଭୁବନେଶ୍ୱର,୨୨।୪(ସମିସ):** ଓଡ଼ିଶାରେ ପାସ୍‌ପୋର୍ଟ ସେବା ଆଜକୁ ୨୫ଦିନ ହେବ ଠପ୍ ହୋଇଯାଇଛି। ଟେକ୍ନିକାଲ ସମସ୍ୟା ପାଇଁ ଆବେଦନକାରୀ ପାସ୍‌ପୋର୍ଟ ପାଇପାରୁ ନାହାନ୍ତି। ପୁରୁଣା ପୋର୍ଟାଲ ବଦଳିବା ପରେ ଏଭଳି ସମସ୍ୟା ହୋଇଥିବା ଅଭିଯୋଗ ହୋଇଛି। ଆବେଦନ କାରୀ ନୂଆପଲ୍ଲୀ ଅଫିସ୍‌ରୁ ରସୁଲଗଡ଼ ଅଫିସ୍‌କୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇପଡ଼ିଲେଣି। ନା ସେମାନଙ୍କୁ ମିଳୁଛି ସ୍ଲଟ୍, ନା ଫେରିପାଉଛନ୍ତି ଆକାଉଣ୍ଟରୁ କଟିଥିବା ଟଙ୍କା। ପ୍ରତିଦିନ ପାସ୍‌ପୋର୍ଟ ଅଫିସ୍ ଆଗରେ ଆବେଦନକାରୀ ହୋ ହାଲ୍ଲା କରୁଛନ୍ତି। ପାର୍ସପୋର୍ଟ ଅଫିସ୍ କର୍ମଚାରୀ ସ୍ଥାନୀୟ ପିସିଆର ଭ୍ୟାନ୍‌କୁ ଡାକିଲେ ମଧ୍ୟ ସେମାନେ ହାତ ଟେକି ଚାଲି ଯାଉଛନ୍ତି। ଏଭଳି ସମସ୍ୟା ପାଇଁ ବିଦେଶରେ ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ଆବେଦନ କରିଥିବା ବ୍ୟକ୍ତିଙ୍କ ଭବିଷ୍ୟତ ଏବେ ଅନିଶ୍ଚିତା ଭିତରେ ରହିଛି। ବଡ଼ କଥା ହେଲା ବିଦେଶରେ ଚାକିରି ଏବଂ ପାଠ ପଢୁଥିବା ଛାତ୍ରମାନେ ବିଶେଷ କରି ଏହି ସମସ୍ୟାରେ ପିଡୀତ ହୋଇଛନ୍ତି। ତେଣୁ ଏହି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଏକାଧିକ ବ୍ୟକ୍ତି କେନ୍ଦ୍ର ସରକାରଙ୍କୁ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲ 'ଏକ୍ସ'ରେ ମେସେଜ୍ କରିଛନ୍ତି।

ଖବର ନେବାରେ ଜଣାଯାଇଛି ଯେ ପାସ୍‌ପୋର୍ଟ ଅଫିସ୍‌ର ଯେଉଁ ପୁରୁଣା ୱେବ୍‌ସାଇଟ୍ ଥିଲା, ତାହାକୁ ଗତ ମାସରେ ପରିବର୍ତ୍ତନ କରାଯାଇ ନୂଆ ପୋର୍ଟାଲ ଖୋଲାଯାଇଛି। ଯାହାଫଳରେ ଗତ ମାର୍ଚ୍ଚ ୧ରୁ ଏହି ପର୍ଯ୍ୟନ୍ତ ଏହି ଟେକ୍ନିକାଲ ସମସ୍ୟା ଦେଖା

■ ଆବେଦନ ପରେ ଉଡ଼ିଯାଉଛି ନାଁ; ଫେରସ୍ତ ମିଳୁନି ଜମା ଟଙ୍କା
■ ଅନ୍‌ଲାଇନରେ ଆବେଦନ ପରେ ମିଳୁନାହିଁ ସ୍ଲଟ୍ ବୁକିଂ ନମ୍ବର
■ ହାତ ଟେକିଦେଲେ ବୈଷୟିକ ଟିମ୍, ଅଧିକାରୀ ସମ୍ପୂର୍ଣ୍ଣ ନିରବ

ଦେଇଛି। ନୂଆ ପୋର୍ଟାଲରେ ଆବେଦନକାରୀ ଆବେଦନ କରି ସଫଳ ପାଉନାହାନ୍ତି। ଆକାଉଣ୍ଟରୁ ଟଙ୍କା କଟୁଥିଲେ ମଧ୍ୟ କେତେବେଳେ ଡ୍ରପ୍ ଆଉଟ୍ ହୋଇଯାଉଛି, ତ ଆଉ କେତେବେଳେ ଆବେଦନ ପରେ ଆବେଦନକାରୀଙ୍କ ନାଁ ଉଡ଼ି ଯାଉଛି। ଆହୁରି ମଧ୍ୟ ନୂଆ ପୋର୍ଟାଲ ସମ୍ପର୍କରେ ଲୋକେ ଅବଗତ ନ ଥିବାରୁ ପାସ୍‌ପୋର୍ଟ ପାଇଁ ଆବେଦନ କରିବାରୁ ବଞ୍ଚିତ ହେଉଛନ୍ତି। ଗତ ୧ତାରିଖରୁ ବର୍ତ୍ତମାନ ସୁଧା ୮୦ ହଜାର ଲୋକ ଆବେଦନ କରି ଏଭଳି ହିନସ୍ତା ଭୋଗୁଛନ୍ତି। ସେମାନଙ୍କ ଆକାଉଣ୍ଟରୁ ଟଙ୍କା କଟିଥିଲେ ମଧ୍ୟ ପାସ୍‌ପୋର୍ଟ ପାଇପାରିନାହାନ୍ତି। ତେଣୁ ପ୍ରତିଦିନ ରାଜ୍ୟର ବିଭନ୍ନ ଜିଲ୍ଲାରୁ ହଜାର ହଜାର ଲୋକ ୪୦ ଡିଗ୍ରୀ ଖରାରେ ଭୁବନେଶ୍ୱରକୁ ଆସି ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।

ଏଭଳି ସମସ୍ୟା ସମ୍ପର୍କରେ ପାସ୍‌ପୋର୍ଟ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ସେମାନେ ହାତ ଟେକି ଦେଇଛନ୍ତି। ଆମେ କିଛି କରିପାରିବୁନି; ଦିଲ୍ଲୀରୁ ଏଭଳି ସମସ୍ୟା ହୋଇଛି ବୋଲି କହି କଥା ଏଡ଼ାଇ ଯାଉଛନ୍ତି। ପ୍ରତିଦିନ ସାଧାରଣ ଭାବେ ୪ଶହ ସ୍ଲଟ୍ ଏବଂ ତତ୍କାଳ ୮୦ଟି ସ୍ଲଟ୍ ବୁକିଂ ହୋଇଥାଏ। ଗତ ୧ତାରିଖରୁ ୮୦ହଜାର ଲୋକେ ଆବେଦନ କରିଥିଲେ ମଧ୍ୟ ସ୍ଲଟ୍ ମିଳୁନି। ସେମାନେ ୩ଥର ସ୍ଲଟ୍ ବୁକ୍ ତାରିଖ ବଦଳାଇ ସାରିଛନ୍ତି; କିନ୍ତୁ ସ୍ଲଟ୍ ମିଳୁନାହିଁ। ପାସ୍‌ପୋର୍ଟ ଅଫିସ୍‌କୁ ଦୌଡ଼ି ଦୌଡ଼ି ସେମାନେ ହତାଶ ହୋଇପଡ଼ିଲେଣି। ତତ୍କାଳ ଆବେଦନ ପାଇଁ ୩ହଜାର ୫ଶହ ଟଙ୍କା ଆବଦେନକାରୀଙ୍କ ଆକାଉଣ୍ଟରୁ କଟୁଥିବାବେଳେ ସାଧାରଣ ଆବେଦନ ପାଇଁ ୧୫୦୦ ଟଙ୍କା ଦେବାକୁ ପଡୁଛି। ତତ୍କାଳ ପାଇଁ ପୂର୍ବରୁ ୩ଟି ସ୍ଲଟ୍ ମିଳୁଥିବା ବେଳେ ବର୍ତ୍ତମାନ ୨ଟି ସ୍ଲଟ୍ ମିଳୁଛି; କିନ୍ତୁ ସାଧାରଣ



ଆବେଦନ ପାଇଁ ସେହି ୩ଟି ସ୍ଲଟ୍ ରହିଛି। ଯଦି ୩ଟି ତାରିଖରେ ଆବେଦନକାରୀ ପାସ୍‌ପୋର୍ଟ ଅଫିସ୍ ନ ଆସେ, ତା'ହେଲେ ତାଙ୍କୁ ମଧ୍ୟ ଟଙ୍କା ଫେରସ୍ତ ମିଳୁନାହିଁ। ଆହୁରି ମଧ୍ୟ ୩ଥର ସ୍ଲଟ୍ ନମିଳିଲେ ଆଉ ପାସ୍‌ପୋର୍ଟ ଆବେଦନକାରୀ ପାଇପାରୁନାହାନ୍ତି। ସେମାନେ ପାଇବା ପାଇଁ ଏକାଧିକବାର ଅଫିସ୍ ଦୌଡ଼ିବାକୁ ପଡୁଛି। ପୁରୁଣା ଫାଇଲ୍‌କୁ ବନ୍ଦ କରିବା ପାଇଁ ଦୌଡ଼ିବାକୁ ପଡୁଛି। ଏପରିକି ଲୋକଙ୍କ ଆକାଉଣ୍ଟରୁ କଟିଥିବା ଟଙ୍କା ଫେରି ଆସିବା ପାଇଁ ସେଭଳି କିଛି ବ୍ୟବସ୍ଥା ନାହିଁ। ଯେଉଁଥିପାଇଁ ପରୋକ୍ଷରେ ଲୋକଙ୍କ ଠାରୁ ଅର୍ଥ ଲୁଟ୍ କରାଯାଉଥିବା ଅଭିଯୋଗ ହୋଇଛି। ଅନେକ ସମୟରେ ଜାଣିଶୁଣି ଦିନ ୧୧ଟା ପର୍ଯ୍ୟନ୍ତ ଅଧିକାରୀମାନେ ଲୋକଙ୍କୁ ପାସ୍‌ପୋର୍ଟ ଦେଉଛନ୍ତି; କିନ୍ତୁ ଏହାପରେ ସର୍ଭର କାମ କରୁନି କହି ଖେଳୁଛନ୍ତି। ଏହି ଟେକ୍ନିକାଲ ବା ବୈଷୟିକ ସମସ୍ୟା ସୁଧାରିବାକୁ ଗତ ଶୁକ୍ରବାର ଦିଲ୍ଲୀରୁ ଟିମ୍ ଆସିଥିଲେ ମଧ୍ୟ ସେମାନେ ଏହାର ଟେର୍ ପାଇନାହାନ୍ତି। କେବେ ଏହି ସମସ୍ୟାର ସମାଧାନ ହେବ, ତାହା ମଧ୍ୟ ଜଣାନାହିଁ। ଓଡ଼ିଶାରେ ପାସ୍‌ପୋର୍ଟ ସେବା ଠପ୍ ହୋଇଯାଇଥିବାରୁ ଲୋକେ ବିଦେଶ ଯାଇପାରୁନାହାନ୍ତି।

ଏ ସମ୍ପର୍କରେ ପାସ୍‌ପୋର୍ଟ ଅଧିକାରୀ ଶୁଧାଂଶୁ ଶେଖର ମିଶ୍ର କହିଛନ୍ତି ଯେ, ନୂଆ ସଫ୍ଟୱେୟାର ଜରୁରୀ ଥିଲା। ତେଣୁ ନୂଆ ସଫ୍ଟୱେୟାରରେ କାମ ଚାଲୁଛି। ଖୁବ୍‌ଶୀଘ୍ର ଏହି ସମସ୍ୟା ଦୂର ହେବ ବୋଲି ସେ କହିଛନ୍ତି।

## ବିଜେଡିର ୭ମ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକା


ମହେଶ ସାହୁ
ହିନ୍ଦୋଳ


ଅର୍ଚ୍ଚନାରେଖା ବେହେରା
ରଘୁନାଥପଲ୍ଲୀ


ସାରଦା ପ୍ରସନ୍ନ ଜେନା
ବାଲିକୁଦା-ଏରସମା


ତୁଷାରକାନ୍ତି ବେହେରା
କାକଟପୁର


ରଞ୍ଜିତା ମାର୍ଣ୍ଡି
ବାଙ୍ଗିରିପୋଷି


ବିଶ୍ୱରଞ୍ଜନ ମଲ୍ଲିକ
ବରୀ

### ଜୁନାଗଡ଼ରେ ଲଢ଼େଇ ଜୋର୍‌ଦାର୍

# ଗ୍ୟାରେଣ୍ଟି ସ୍ଲୋଗାନ ଅପେକ୍ଷା ବାସ୍ତବତାକୁ ପ୍ରାଥମିକତା

**ଭବାନୀପାଟଣା, ୨୨।୪(ସମିସ):** କଳାହାଣ୍ଡିର ବହୁଚର୍ଚ୍ଚିତ ନିର୍ବାଚନମଣ୍ଡଳୀ ଭାବେ ଜୁନାଗଡ଼ ଉପରେ ଏବେ ସମସ୍ତଙ୍କ ନଜର। ବିଜେପିର ଗଡ଼କୁ ଚୂରମାର କରି ଗତ ଦୁଇଟି ନିର୍ବାଚନରେ ବିଜେଡି ପ୍ରାର୍ଥୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ବିଜୟ ଲାଭ କରି ରେକର୍ଡ ସୃଷ୍ଟି କରିଛନ୍ତି। ଏବେ ସେ ହ୍ୟାଟ୍ରିକ୍ ଅପେକ୍ଷାରେ। ଅନ୍ୟ ଜିଲ୍ଲା ତୁଳନାରେ ବିକାଶମୂଳକ କାର୍ଯ୍ୟର ଲମ୍ବା ସୂଚୀପତ୍ର ବିଜେଡି ପ୍ରାର୍ଥୀଙ୍କୁ ସହାୟ ହୋଇପାରେ ବୋଲି ରାଜନୈତିକ ମହଲ ଆକଳନ କରୁଥିଲେ ହେଁ ଲଢ଼େଇ ଜୋରଦାର ହେବ ବୋଲି କୁହାଯାଉଛି।

ଏବେ ଲଢ଼େଇ ଦଳ ଓ ବ୍ୟକ୍ତିତ୍ୱ ମଧ୍ୟରେ ହେବାକୁ ଯାଉଛି। ବିଜେପି ମୋଦି ଗ୍ୟାରେଣ୍ଟି ଉପରେ ଭରସା କରୁଛି। ଅନ୍ୟପଟେ ଅଧିକ ଆତ୍ମବିଶ୍ୱାସ ଭିତରେ କଂଗ୍ରେସ ୯ ସୂତ୍ରୀ କାର୍ଯ୍ୟକ୍ରମର ଗ୍ୟାରେଣ୍ଟି ଚିଠା ଧରି ପ୍ରଚାର ଚଳାଇଛି। କିନ୍ତୁ ଲୋକେ ଉପଯୁକ୍ତ ପ୍ରାର୍ଥୀ ବାଛିବା ପୂର୍ବରୁ ବାସ୍ତବତା ପ୍ରତି ଗୁରୁତ୍ୱ ଦେଉଥିବା ଦେଖାଯାଉଛି। ଦ୍ୱିତୀୟରେ ବିଜେଡି ପ୍ରାର୍ଥୀ ଚଳିତ ନିର୍ବାଚନକୁ ଆତ୍ମସମ୍ମାନର ପ୍ରଶ୍ନ ଭଳି ଗ୍ରହଣ କରିଛନ୍ତି। ତେଣୁ ଗାଁରୁ ସହର ପର୍ଯ୍ୟନ୍ତ ନିର୍ବାଚନ ରଣନୀତିକୁ ମାଇକ୍ରୋ ମ୍ୟାନେଜମେଣ୍ଟର ଗ୍ରାଫ୍ ପ୍ରସ୍ତୁତ କରି ପ୍ରଚାରରେ ବାହାରିଛନ୍ତି। ଏବେ ଭୋଟରଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ନେତାମାନେ ଗାଁମୁହାଁ ହୋଇଛନ୍ତି। ବିଜେଡି ପକ୍ଷରୁ ଦିବ୍ୟଶଙ୍କର ପ୍ରାର୍ଥୀ ଥିବା ବେଳେ ବିଜେପିର ପୁରୁଣା ଚେହେରା ମନୋଜ ମେହେର ପ୍ରାର୍ଥୀ ରହିଛନ୍ତି। କଂଗ୍ରେସ ପ୍ରଥମଥର ପାଇଁ ନୂଆ ଚେହେରା ତୁଳେଶ୍ୱର ନାଏକଙ୍କୁ ପ୍ରାର୍ଥୀ କରିଛି। ବିଜେଡି ପ୍ରାର୍ଥୀ ମୁଖ୍ୟମନ୍ତ୍ରୀଙ୍କ ବିକାଶକୁ ନେଇ ଭୋଟରଙ୍କ ପାଖକୁ ଯାଉଥିବା ବେଳେ ସେପଟେ ବିଜେପି ମୋଦି ହାୱାରେ ଓ କଂଗ୍ରେସ ୯ ସୂତ୍ରୀ ଫର୍ମୁଲା, ବେକାରୀ ସମସ୍ୟା କୃଷି ଋଣ ସହିତ ମହିଳା ଓ ବେକାରୀ ସମସ୍ୟାକୁ ମୁଖ୍ୟ ମୁଦ୍ଦା କରି ରାଜନୀତି ମୈଦାନକୁ ଓହ୍ଲାଇଛି।

ସୂଚନାଯୋଗ୍ୟ ଯେ ଇତିମଧ୍ୟରେ ଜୁନାଗଡ଼ର ବିକାଶ ପାଇଁ ରାଜ୍ୟ ସରକାର ପ୍ରାୟ ୨୦୦୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କା ଏଠାରେ ଖର୍ଚ୍ଚ କରିଛନ୍ତି। କ୍ରୀଡ଼ାର ବିକାଶ ନିମନ୍ତେ ଜୁନାଗଡ଼ଠାରେ ବିଜୁ ପଟ୍ଟନାୟକ ଖେଳ



### ହ୍ୟାଟ୍ରିକ୍ ଅପେକ୍ଷାରେ କ୍ୟାପ୍‌ଟେନ୍

ପଡ଼ିଆ, ଇନ୍‌ଡୋର ଷ୍ଟାଡିୟମ, ଗୋଲାମୁଣ୍ଡା ଓ ଜୁନାଗଡ଼ରେ ପାନୀୟ ଜଳ ପ୍ରକଳ୍ପ ପାଇଁ ୫୦୦ କୋଟି, ଆଇଟିଆଇ, ବିଭିନ୍ନ ସ୍କୁଲ ଓ କଲେଜର ରୂପାନ୍ତରଣ, ବିଜୁ ଏକ୍ସପ୍ରେସ ୱେ, ଗଦଲା ଝରଣ ଶୈବ ପୀଠ, କୃଷିର ଉନ୍ନତି ପାଇଁ ଉଦନ୍ତି ନଦୀ ଉପରେ ଦୁଇଟି ଉଠା ଜଳସେଚନ ପ୍ରକଳ୍ପ, ଐତିହାସିକ ପର୍ଯ୍ୟଟନସ୍ଥଳୀର ବିକାଶ, ବସ୍‌ଷ୍ଟାଣ୍ଡ ସମେତ ଅନେକ ପ୍ରକଳ୍ପ ନିର୍ମାଣ ହୋଇଛି। ରାସ୍ତା ସଂଯୋଗୀକରଣ ବ୍ୟବସ୍ଥାରେ ତେଲ, ଉଦନ୍ତି ଓ ହାତୀ ନଦୀ ଉପରେ ୭ଟି ବ୍ରିଜ ନିର୍ମାଣ କରାଯାଇଛି। ଏହାସହ ପ୍ରତ୍ୟେକ ଗାଁକୁ ରାସ୍ତା, ବିଜୁଳି ଓ ପାନୀୟ ଜଳ ବ୍ୟବସ୍ଥା ହୋଇଛି। ବିଦ୍ୟୁତ ସମସ୍ୟାରେ ସୁଧାର ପାଇଁ ଗୋଲାମୁଣ୍ଡାଠାରେ ୧୩୨/୩୩ ଗ୍ରୀଡ ହୋଇଛି। ଗମନାଗମନ ପାଇଁ ଚାରିଥାକିଆ ବିଶିଷ୍ଟ ବିଜୁଏକ୍ସପ୍ରେସ ରାସ୍ତା ଯାହା ଧର୍ମଗଡ଼-ନୂଆପଡ଼ା ନିର୍ବାଚନମଣ୍ଡଳୀକୁ ଏକ ବିକାଶ ପଥରେ ଆଗେଇ ନେଇଛି। ବିଜେଡି ସରକାରର ଏହି ସବୁ ବାସ୍ତବ ବିକାଶ ଏଠାରେ ପ୍ରାର୍ଥୀ କ୍ୟାପଟେନ୍‌ଙ୍କୁ ଆଗୁଆ ରଖିଛି ବୋଲି କୁହାଯାଉଛି।

ଗତ ୨୦୧୪ ମସିହାରେ ବିଜେଡି, ବିଜେପି ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହୋଇଥିଲା। ବିଜେଡିର ଦିବ୍ୟଶଙ୍କର ମିଶ୍ର ୫୬, ୪୪୩ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ଅନିଲ ସିଂ ଦେଓଙ୍କୁ ୪୬୪୯୮ ଓ କଂଗ୍ରେସ ପ୍ରାର୍ଥୀ ଗୋବର୍ଦ୍ଧନ ଦାସଙ୍କୁ ୩୮ ୭୧୫ ଭୋଟ ମିଳିଥିଲା। ୨୦୧୯ ସାଧାରଣ ନିର୍ବାଚନରେ ମଧ୍ୟ ଜୁନାଗଡ଼ରେ ତ୍ରିମୁଖୀ ଲଢ଼େଇ ହୋଇଥିଲା। ବିଜେଡିରୁ ଦ୍ୱିତୀୟଥର ପାଇଁ ପ୍ରାର୍ଥୀ ହୋଇ ଦିବ୍ୟଶଙ୍କର ୮୩୭୮୯ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପିର ମନୋଜ ମେହେର ୫୫୯୩୦ ଓ କଂଗ୍ରେସର ଅନିଲ ସିଂ ଦେଓ ୩୩୨୪୩ ଖଣ୍ଡ ଭୋଟ ପାଇଥିଲେ। ନବୀନଙ୍କ ବିକାଶ ଧାରା ଯୋଗୁଁ ଚଳିତ ନିର୍ବାଚନରେ ଦଳ ଅପେକ୍ଷା ବ୍ୟକ୍ତିର ଅଞ୍ଚଳ ସହ ସମ୍ପର୍କ ଓ ବିକାଶକୁ ପ୍ରାଧାନ୍ୟତା ଦିଆଯାଇପାରେ ବୋଲି ମତପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଐତିହ୍ୟ ସହର ଜୁନାଗଡ଼ ନିର୍ବାଚନମଣ୍ଡଳୀ ଗୋଲାମୁଣ୍ଡା ବ୍ଲକ ଓ ଜୁନାଗଡ଼ ବ୍ଲକକୁ ନେଇ ଗଠିତ। ନିର୍ବାଚନମଣ୍ଡଳୀ ମଧ୍ୟରେ ଗୋଲାମୁଣ୍ଡାର ୨୮ଟି ପଞ୍ଚାୟତ ଓ ଜୁନାଗଡ଼ର ୩୪ଟି ପଞ୍ଚାୟତ ସମେତ ଗୋଟିଏ ଏନଏସି ରହିଛି। ଏହି ନିର୍ବାଚନମଣ୍ଡଳୀରେ ସମୁଦାୟ ୨ଲକ୍ଷ ୪୫ ହଜାର ୭୪୮ଜଣ ଭୋଟର ଥିବା ବେଳେ ୧ଲକ୍ଷ ୨୪ହଜାର ୩୧୭ଜଣ ପୁରୁଷ ଭୋଟର ୧ଲକ୍ଷ ୨୧ହଜାର ୪୨୭ଜଣ ମହିଳା ଭୋଟର ରହିଛନ୍ତି। ସେହିପରି ୪ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି।

# ପଟାଙ୍ଗି: ଏଥର ତ୍ରିମୁଖୀ ଲଢ଼େଇ

### ୯ ଥର ଜିତିଛି କଂଗ୍ରେସ; ୭ ଥର ଅଣକଂଗ୍ରେସ

**ସେମିଳିଗୁଡ଼ା,୨୨।୪(ସମିସ):** କୋରାପୁଟ ଜିଲ୍ଲାର ଆଦିବାସୀ ସଂରକ୍ଷିତ ପଟାଙ୍ଗି ବିଧାନସଭା ଆସନ ଏଥର ତ୍ରିମୁଖୀ ଲଢ଼େଇ ଦେଖିବ। ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ ଏଠାରୁ ପୁନର୍ବାର କଂଗ୍ରେସ ପ୍ରାର୍ଥୀ ହୋଇଥିବା ବେଳେ ବିଜେଡି ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗିଙ୍କୁ ପ୍ରାର୍ଥୀ କରିଛି। ସେହିପରି ବିଜେପି ନୂଆ ପ୍ରାର୍ଥୀ ଚୈତନ୍ୟ ନନ୍ଦିବାଲିଙ୍କୁ ଟିକଟ ଦେଇଛି। ୨୦୧୪ ନିର୍ବାଚନରେ ପ୍ରଫୁଲ୍ଲ ପାଙ୍ଗି ଏଠାରୁ ବିଧାୟକ ନିର୍ବାଚିତ ହେଇଥିଲେ। କଂଗ୍ରେସ ପ୍ରାର୍ଥୀ ରାମଚନ୍ଦ୍ର କାଡାମ ଜାତିଗତ ପ୍ରମାଣପତ୍ରକୁ ନେଇ ବିବାଦ ସୃଷ୍ଟି ହେବା ପରେ ଏଠାରେ ବିଜେପି ତାଙ୍କ ସ୍ଥାନରେ ଚୈତନ୍ୟ ନନ୍ଦିବାଲିଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ବିଜେପି ପ୍ରାର୍ଥୀ ବଦଳିବା ପରେ ଏଠାକାର ରାଜନୈତିକ ସମୀକରଣ ବଦଳିଯାଇଛି।

କଂଗ୍ରେସ ପ୍ରାର୍ଥୀ ରାମଚନ୍ଦ୍ର କାଡାମ କ୍ରମାଗତ ଭାବେ ନିଜର ଲଢ଼େଇ ଜାରି ରଖିଥିବା ବେଳେ ଲୋକଙ୍କ ସମ୍ପର୍କରେ ରହିଛନ୍ତି। ସେହିପରି ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ପାଙ୍ଗି ୨୦୧୪ରେ ନିର୍ବାଚିତ ହୋଇ ୨୦୧୯ରେ ଟିକଟରୁ ବଞ୍ଚିତ ହୋଇଥିଲେ।





ଏହି ନିର୍ବାଚନମଣ୍ଡଳୀରୁ ୧୯୯୫ ଓ ୨୦୦୯ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବିଜେପି ପ୍ରାର୍ଥୀ ଚୈତନ୍ୟ ନନ୍ଦିବାଲି ପୂର୍ବରୁ ବିଜେଡି ସଦସ୍ୟ ଥାଇ ୨୦୧୯ରେ ବିଜେଡି ଟିକଟ ଆଶାରେ ଥିଲେ। ଦଳୀୟ ଟିକଟ ନ ପାଇ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ି ହାରିଥିଲେ। କିଛି ଦିନ ତଳେ ସେ ବିଜେପିରେ ସାମିଲ ହୋଇ ପ୍ରାର୍ଥୀ ହୋଇଛନ୍ତି। କଂଗ୍ରେସର ରାମଚନ୍ଦ୍ର ଏବଂ ବିଜେଡିର ପ୍ରଫୁଲ୍ଲ ଉଭୟେ ପୋଖତ ରାଜନେତା ହୋଇଥିବା ବେଳେ ସେମାନଙ୍କ ଗତିବିଧି ସମ୍ପର୍କରେ ନିର୍ବାଚନମଣ୍ଡଳୀ ଭୋଟର୍ ଅବଗତ ଅଛନ୍ତି। ତେଣୁ ତିନି ପ୍ରାର୍ଥୀଙ୍କ ମଧ୍ୟରେ ଏଥର କଡ଼ା ଟକ୍କର୍ ହେବ ବୋଲି କୁହାଯାଉଛି।

ବିଜେପି ପ୍ରାର୍ଥୀ ଚୈତନ୍ୟ ନନ୍ଦିବାଲି ଦଳୀୟ ରାଜନୀତିରେ ବେଶ ପରିଚିତ ନଥିଲେ ହେଁ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସଂଗଠନ ସହ ଜଡ଼ିତ ଅଛନ୍ତି। ବିଜେପି ପକ୍ଷରୁ ପ୍ରଥମେ ଚୈତନ୍ୟ ହନ୍ତାଳଙ୍କ ନାମ ଘୋଷଣା କରାଯାଇଥିଲା। ତାଙ୍କର ତାଙ୍କ ସ୍ଥାନରେ ପିତମ ପାଢ଼ୀ ବିଧାୟକ ଭାବେ ବିଜୟ ହେଇଥିଲେ। ରାମଚନ୍ଦ୍ର ଏବଂ ପ୍ରଫୁଲ୍ଲ ଉଭୟ ପୁରୁଣା ନେତା। ଦୁହେଁ ନିଜର ସମର୍ଥକ ଏବଂ ପକେଟ୍ ଭୋଟକୁ ଆଧାର କରି ନିର୍ବାଚନ ମଇଦାନ ପାର୍ ହେବା ପାଇଁ ଜୋରଦାର ପ୍ରସ୍ତୁତ ଆରମ୍ଭ କରିଛନ୍ତି। ବିଜେପିର ନୂଆ ଚେହେରା ଚୈତନ୍ୟ ନନ୍ଦିବାଲି ମୋଦିଙ୍କ ହାୱା ସାଙ୍ଗକୁ ମାଲି ପର୍ବତ ସୁରକ୍ଷା ସମିତି ସମର୍ଥନରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ କଡ଼ା ଟକ୍କର୍ ଦେବାକୁ ଅଣ୍ଟା ଭିଡ଼ିଛନ୍ତି।

ସୂଚନାଯୋଗ୍ୟ, ଆଦିବାସୀଙ୍କ ଲାଗି ସଂରକ୍ଷିତ ଏହି ଆସନଟି ସେମିଳିଗୁଡ଼ା, ନନ୍ଦପୁର, ପଟାଙ୍ଗି, କୋରାପୁଟ ବ୍ଲକର ତିନି ପଞ୍ଚାୟତକୁ ନେଇ ଗଠିତ। ବିବାଦୀୟ କୋଟିଆ ପଞ୍ଚାୟତ ମଧ୍ୟ ଏହି ନିର୍ବାଚନ ମଣ୍ଡଳୀରେ ରହିଛି। ୧୯୫୭ରୁ ୨୦୧୯ ପର୍ଯ୍ୟନ୍ତ ହେଇଥିବା ୧୬ଥର ନିର୍ବାଚନରେ ୯ଥର କଂଗ୍ରେସ, ୪ଥର ବିଜେଡି, ଉତ୍କଳ କଂଗ୍ରେସ ଥରେ, ଜନତା ପାର୍ଟି ଥରେ, ଜନତା ଦଳ ଥରେ ବିଜୟ ହୋଇଛି।

## ଜୟପୁର ଓ କୋଟପାଡ଼ ଆସନରେ ମହିଳା ଭୋଟର୍ ବେଶୀ

**ଜୟପୁର,୨୨।୪(ସମିସ):** କୋରାପୁଟ ଜିଲ୍ଲାର ଜୟପୁର ଓ କୋଟପାଡ଼ ବିଧାନସଭା ଆସନରେ ପୁରୁଷଙ୍କ ତୁଳନାରେ ମହିଳା ଭୋଟର୍‌ଙ୍କ ସଂଖ୍ୟା ଅଧିକ। ଜୟପୁର ବିଧାନସଭା ଆସନରେ ମୋଟ ୨ଲକ୍ଷ ୧୧ହଜାର ୯୦୮ଜଣ ଭୋଟଦାତା ରହିଛନ୍ତି। ସେଥିମଧ୍ୟରୁ ମହିଳା ଭୋଟର୍‌ଙ୍କ ସଂଖ୍ୟା ୧ ଲକ୍ଷ ୯ହଜାର ୧୦୩ଜଣ ଥିବା ବେଳେ ପୁରୁଷ ଭୋଟର୍‌ଙ୍କ ସଂଖ୍ୟା ୧ ଲକ୍ଷ ୨ହଜାର ୭୭୦ଜଣ। ଏହାବ୍ୟତୀତ ୩୫ଜଣ କିନ୍ନର ମତଦାତା ଅଛନ୍ତି। ସେହିପରି କୋଟପାଡ଼ ଆସନରେ ମୋଟ ୨ଲକ୍ଷ ୨ ହଜାର ୬୯ ଜଣ ଭୋଟାଦାତା ରହିଛନ୍ତି। ସେଥିମଧ୍ୟରୁ ପୁରୁଷ ୯୭ ହଜାର ୮୧୯ ଜଣ ପୁରୁଷ ଏବଂ ମହିଳା ୧ଲକ୍ଷ ୪ହଜାର ୨୩୮ଜଣ ଏବଂ ୧୨ଜଣ କିନ୍ନର ଭୋଟଦାତା ଅଛନ୍ତି।

### ୨୦୧୯ ନିର୍ବାଚନରେ ଦେଇ ନ ଥିଲେ ଖର୍ଚ୍ଚ ତାଲିକା

# ନିର୍ବାଚନ ଲଢ଼ିବାରୁ ୩୭ ପ୍ରାର୍ଥୀ ବଞ୍ଚିତ

**ଭୁବନେଶ୍ୱର, ୨୨।୪(ସମିସ):** ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକାର ଅବମାନନା କରିଥିବାରୁ ଓଡ଼ିଶାରୁ ୩୭ ଜଣ ନେତାଙ୍କୁ ଏଥର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତାରୁ ବାଦ୍ ଦିଆଯାଇଛି। ୨୦୧୯ ନିର୍ବାଚନ ଖର୍ଚ୍ଚର ହିସାବ ଦେଇ ନ ଥିବାରୁ ଏହି ନେତାମାନଙ୍କ ଉପରେ ଏଥର ନିର୍ବାଚନ ଲଢ଼ିବା ଉପରେ ଅଙ୍କୁଶ ଲଗାଯାଇଛି। ସେମାନଙ୍କ ମଧ୍ୟରେ ଅନେକ ଜାତୀୟ ଦଳର ବିଧାନସଭା ଓ ସାଂସଦ ପ୍ରାର୍ଥୀ ଅଛନ୍ତି। ନିୟମ ଉଲ୍ଲଙ୍ଘନ କରିଥିବା ୩୮ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ନିକଟରେ ଜଣେ ପ୍ରାର୍ଥୀ ଖର୍ଚ୍ଚ ତାଲିକା ଦାଖଲ କରିଥିବାରୁ ତାଙ୍କ ଉପରୁ ପ୍ରତିଦ୍ୱନ୍ଦିତା ଅଙ୍କୁଶ ପ୍ରତ୍ୟାହାର କରାଯାଇଛି। ନିୟମ ଅନୁସାରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ନିର୍ବାଚନ ଫଳାଫଳ ଘୋଷଣା ହେବାର ୩୦ ଦିନ ମଧ୍ୟରେ ନିର୍ବାଚନ ଖର୍ଚ୍ଚ ଦାଖଲ କରିବା ଜରୁରୀ। ନିର୍ବାଚନ ଲଢ଼ିବା ପାଇଁ ଅଯୋଗ୍ୟ ଘୋଷଣା ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୩୪ ଜଣ ବିଧାନସଭା ଏବଂ ୩ ଜଣ ଲୋକସଭା ପ୍ରାର୍ଥୀ ଅଛନ୍ତି। ଏମାନେ ସମସ୍ତେ ୨୦୧୯ ନିର୍ବାଚନରେ ପରାସ୍ତ ହୋଇଥିଲେ।

**ଅଯୋଗ୍ୟ ଘୋଷଣା କରିଛନ୍ତି ନିର୍ବାଚନ କମିସନର**

୨୦୧୯ ମେ' ୨୯ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା କରାଯାଇଥିଲା। ଏହା ପରେ ଅନୁସନ୍ଧାନ କରାଯାଇ ସମ୍ପୃକ୍ତ ପ୍ରାର୍ଥୀମାନଙ୍କୁ ୨୦୨୧ରୁ ୨୦୨୪ ମଧ୍ୟରେ ୩ ବର୍ଷ ପାଇଁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଏହା ପୂର୍ବରୁ ଖର୍ଚ୍ଚ ତାଲିକା ଦାଖଲ ପାଇଁ ସମ୍ପୃକ୍ତ ପ୍ରାର୍ଥୀମାନଙ୍କ ସମୟ ଦିଆଯାଇଥିଲା। ହେଲେ ସେମାନେ ଏହି ନିର୍ଦ୍ଦେଶକୁ ଅଣଦେଖା କରିଥିଲେ। ତେଣୁ ଭାରତୀୟ ନିର୍ବାଚନ ଆୟୋଗ ସେମାନଙ୍କୁ ପରବର୍ତ୍ତି ନିର୍ବାଚନ ଲଢ଼ିବା ପାଇଁ ଅଯୋଗ୍ୟ ଘୋଷଣା କରିଥିଲେ। ଅଧିକାଂଶ ପ୍ରାର୍ଥୀଙ୍କ ଉପରେ ଲାଗିଥିବା ଅଙ୍କୁଶ ଅବଧି ଆସନ୍ତା ଜୁନ୍ ସୁଦ୍ଧା ଶେଷ ହେଉଥିବାରୁ ସେମାନେ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ସମ୍ଭାବନା ନାହିଁ। ନିର୍ବାଚନ ପରିଚାଳନା ସହିତ ଜଡ଼ିତ ଅଧିକାରୀଙ୍କ କହିବା ଅନୁସାରେ ସାଧାରଣତଃ ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀମାନେ ନିର୍ବାଚନ ଖର୍ଚ୍ଚ ରିପୋର୍ଟ ଦାଖଲ କରିଥାନ୍ତି। ସାଧାରଣତଃ ସ୍ୱାଧୀନ ପ୍ରାର୍ଥୀ, ଗୁରୁତ୍ୱ ନଥିବା ରାଜନୈତିକ ଦଳ ତଥା ଖାମଖିଆଲି ଭାବେ ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀମାନେ ଏହି ନିୟମକୁ ଉଲ୍ଲଙ୍ଘନ କରିଥାନ୍ତି। ରିପ୍ରେଜେଣ୍ଟେସନ୍ ଅଫ୍ ଦି ପିପୁଲ ଆକ୍ଟ-୧୯୫୧ର ଧାରା ୧୦(କ) ଅନୁସାରେ ସମସ୍ତ ପ୍ରାର୍ଥୀ ନିର୍ବାଚନ ଫଳାଫଳ ଘୋଷଣା ହେବାର ୩୦ ଦିନ ମଧ୍ୟରେ ଖର୍ଚ୍ଚ ତାଲିକା ଦେବା ଜରୁରୀ। ଯେଉଁମାନେ ଏହା କରିନଥାନ୍ତି ସେମାନଙ୍କୁ ଉକ୍ତ ଆଇନର ଧାରା ୧୧ ଅନୁଯାୟୀ ନିର୍ବାଚନ ଲଢ଼ିବାରୁ ଅଯୋଗ୍ୟ ଘୋଷଣା କରାଯାଇଥାଏ।

# ଡାକ୍ତରଙ୍କ 'ରାଜନୀତି' ସର୍ଜରୀ

- ୨୦୨୪ ଯୁଦ୍ଧରେ ଯୋଗଦେଲେ ୯ ଡାକ୍ତର
- ବିଧାୟକ ଓ ସାଂସଦ ଦୌଡ଼ରେ ୪ ନବାଗତ
- ପରାଜୟ ଭାଙ୍ଗିନାହିଁ ୨ ଡାକ୍ତରଙ୍କ ମନୋବଳ
- ନିର୍ବାଚନ ମଇଦାନରେ ଓହ୍ଲାଇଛନ୍ତି ୩ ପୁରୁଖା
- ତୁଟିଲା ପ୍ରତିଦ୍ୱନ୍ଦ୍ୱିତା ସ୍ୱପ୍ନ, ୬ ଡାକ୍ତର ନିରାଶ

**ଭୁବନେଶ୍ୱର,୨୨।୪(ସମିସ):** ୨୦୧୪ ନିର୍ବାଚନୀ ମୈଦାନର ରାଜନୀତି ଅସ୍ତ୍ରୋପଚାର ଗୃହକୁ ଓହ୍ଲାଇଛନ୍ତି ବିଭିନ୍ନ ଦଳର ବହୁ ଡାକ୍ତର। ବେକରେ ଷ୍ଟେଥୋ ବଦଳରେ କାନ୍ଧରେ ପଡ଼ିଛି ଦଳୀୟ ଉତ୍ତରୀୟ। ରୋଗୀ ସେବା ବଦଳରେ ଏବେ ଡାକ୍ତରମାନେ ଘରଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ରାଜ୍ୟର ଏକାଧିକ ନିର୍ବାଚନ ମଣ୍ଡଳୀ ଓ ସଂସଦୀୟ କ୍ଷେତ୍ର ଏଭଳି ବିରଳ ଦୃଶ୍ୟ ଏବେ ଦେଖିବାକୁ ମିଳୁଛି। ରାଜ୍ୟର ପ୍ରମୁଖ ୩ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀ ତାଲିକା ଘୋଷଣା କରିବା ପରେ ପ୍ରାର୍ଥୀଙ୍କ ମଧ୍ୟରେ ବହୁ ଡାକ୍ତରଙ୍କୁ ଟିକଟ ଦେଇଛନ୍ତି। ରୋଗୀସେବା ଭଳି ମହତ କାମ କରୁଥିବା ଡାକ୍ତରମାନେ ମଧ୍ୟ ରାଜନୀତିରେ ସକ୍ରିୟ ହୋଇ ସେମାନଙ୍କ ଭାଗ୍ୟ ପରୀକ୍ଷା କରିବାକୁ ପଡ଼ିଆକୁ ଓହ୍ଲାଇଛନ୍ତି। ୨୦୨୪ ନର୍ବାଚନରେ ପ୍ରାର୍ଥୀ ହୋଇଥିବା ଡାକ୍ତରମାନଙ୍କୁ କିଛି ପୁରୁଣା ତଥା ଅଭିଜ୍ଞ ରାଜନେତା ଭାବେ ନିଚର ପରିଚୟ ସୃଷ୍ଟି କରିସାରିଥିବା ବେଳେ ଏଥର କିଛି ନୂଆ ଡାକ୍ତର ମଧ୍ୟ ରାଜନୈତିକ ମୈଦାନରେ ନିଜର ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି।

ନୂଆ ଡାକ୍ତର ଭାବେ ରାଜନୀତିକୁ ଓହ୍ଲାଇଛନ୍ତି ଡଃ ସଞ୍ଜୟ ଦାସ। ଡଃ ଦାସ ବିଜେଡିରୁ ଧାମନଗର ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ୨୦୨୨ ଧାମନଗର ଉପ ନିର୍ବାଚନ ପରେ ସେ ସକ୍ରିୟ ହୋଇଥିଲେ ଓ ଚଳିତ ନିର୍ବାଚନରେ ଦଳ ତାଙ୍କୁ ଏଠାରୁ ପ୍ରାର୍ଥୀ କରିଛି। ଆଳି ନିର୍ବାଚନମଣ୍ଡଳୀରେ ମଧ୍ୟ ଜଣେ ଡାକ୍ତର ପ୍ରାର୍ଥୀ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। ନୂଆ କରି ରାଜନୀତିରେ ପାଦ ଦେଇଥିବା ଡଃ ଦେବସ୍ମିତା ଶର୍ମାଙ୍କୁ କଂଗ୍ରେସ ଏଠାରୁ ପ୍ରାର୍ଥୀ କରିଛି। କଂଗ୍ରେସ ଟିକଟରୁ ଏଠାରୁ ତାଙ୍କ ବାପା ଦେବେନ୍ଦ୍ର ଶର୍ମା ନିର୍ବାଚନ ଲଢ଼ି ଥରେ ବିଜୟୀ ହୋଇଛନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ଦେବେନ୍ଦ୍ର ଶର୍ମା ଏଥର ପ୍ରତ୍ୟକ୍ଷ ରାଜନୀତିରୁ ଦୂରେଇ ରହିଥିବା ଯୋଗୁଁ ତାଙ୍କ ଡାକ୍ତର ଝିଅ ଦେବସ୍ମିତା ଶର୍ମା କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ଡ଼ାବୁଗାଁ ନିର୍ବାଚନମଣ୍ଡଳୀରୁ ଆଉ ଜଣେ ମହିଳା ଡାକ୍ତର କଂଗ୍ରେସ ପ୍ରାର୍ଥୀ ଭାବରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଡାବୁଗାଁ ନିର୍ବାଚନମଣ୍ଡଳୀରୁ ଡଃ ଲିପିକା ମାଝୀଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। ବରିଷ୍ଠ କଂଗ୍ରେସ ନେତା ଭୁଜବଳ ମାଝୀଙ୍କ ଝିଅ ପୂର୍ବରୁ କଂଗ୍ରେସ ସହ ଯୋଡ଼ି ହୋଇ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚନ ଲଢ଼ି ଜିଲ୍ଲା ପରିଷଦ ସଦସ୍ୟା ହୋଇଛନ୍ତି। ଜଣେ ଦନ୍ତ ଡାକ୍ତର ଭାବରେ ତାଙ୍କର ପରିଚିତି






ରହିଛି। ଢେଙ୍କାନାଳ ଲୋକସଭା ଆସନରୁ ପ୍ରାର୍ଥୀ ହୋଇଥିବା ଡଃ ଅବିନାଶ ସାମଲ୍ ଡାକ୍ତରୀ ଶିକ୍ଷା ପରେ ଘରୋଇ ଭାବରେ ରୋଗୀ ସେବା କରୁଥିଲେ। ଚଳିତ ନିର୍ବାଚନରେ ଢେଙ୍କାନାଳ ଲୋକସଭା ଆସନରୁ ବିଜେଡି ଏହି ଯୁବ ଡାକ୍ତରଙ୍କୁ ପ୍ରାର୍ଥୀ କରିଛି। ରାଜନୀତିରେ ପାଦ ଥାପିଥିବା ଡାକ୍ତର ସାମଲ ଦିଲ୍ଲୀ ଦରବାରରେ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ସ୍ୱର ଶାଣିତ କରିବାକୁ ଯୋଜନା ରଖିଛନ୍ତି।

ଏହି ନୂଆ ତଥା ଯୁବ ଡାକ୍ତରଙ୍କ ସମେତ କିଛି ଅଭିଜ୍ଞ ଡାକ୍ତର ମଧ୍ୟ ପୁଣି ଥରେ ଚଳିତ ନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି। ନିଆଳିରୁ ପୁଣି ଥରେ ଡାକ୍ତର ପ୍ରମୋଦ ମଲ୍ଲିକଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ ପୂର୍ବତନ ସାଂସଦ ଡାକ୍ତର ରାଜଶ୍ରୀ ମଲ୍ଲିକ ମଧ୍ୟ ପୁଣି ଥରେ ଜଗତସିଂହପୁରରୁ ବିଜେଡି ସାଂସଦ ପ୍ରାର୍ଥୀ ହୋଇଛନ୍ତି। ବିଧାୟକ ଓ ସାଂସଦ ଭାବେ ସେ ପୂର୍ବରୁ ନିର୍ବାଚନ ଲଢ଼ି ବିଜୟୀ ହୋଇସାରିଥିବା ବେଳେ ପୁଣି ଥରେ ତାଙ୍କୁ ଦଳ ଏଠାରୁ ଟିକଟ ଦେଇଛି। ସେହିପରି କଂଗ୍ରେସର ପୂର୍ବତନ ବିଧାୟକ ତଥା ଡାକ୍ତର ସିଏସ୍ ରାଜନ ଏକ୍କାଙ୍କୁ ପୁଣି କଂଗ୍ରେସ ରାଜଗାଙ୍ଗପୁର ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଭାବେ ଚୟନ କରିଛି। ଏମାନଙ୍କ ବ୍ୟତୀତ ଅନ୍ୟ ଦୁଇ ଡାକ୍ତର ପୂର୍ବରୁ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ ହେଁ ଥରେ ଚଳିତ ନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି। ଏଥିରେ ବିଜେଡିର ସାରସକଣା ପ୍ରାର୍ଥୀ ଡ଼ା ଦେବାଶିଷ ମାରାଣ୍ଡିଙ୍କ ସହ ପୁରୀର ବିଜେପି ସାଂସଦ ପ୍ରାର୍ଥୀ ଡା ସମ୍ବିତ ପାତ୍ର ରହିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ରାଜନୈତିକ ଦଳରୁ ପ୍ରାର୍ଥୀ ହେବା ନିମନ୍ତେ ଆଶାୟୀ ପ୍ରାୟ ଅଧ ଡ଼ଜନେ ଡାକ୍ତରଙ୍କୁ ନିରାଶ ହେବାକୁ ପଡ଼ିଛି। ଭୋଗରାଇ, ମୟୂରଭଞ୍ଜର ସାରସକଣା, ସମ୍ବଲପୁର, କଳାହାଣ୍ଡି ଓ ବାଲେଶ୍ୱର ଆସନ ପାଇଁ ଏହି ଡାକ୍ତରମାନେ ଲବି କରୁଥିଲେ ହେଁ ଟିକଟ ପାଇବାକୁ ସଫଳ ହୋଇପାରି ନାହାନ୍ତି।

### ରାଇରଙ୍ଗପୁର ବିଧାନସଭା ଆସନ

# ୩ ଦଳର ଭରସା ନୂଆ ଓ ଯୁବ ଚେହେରା

**ବହଳଦା, ୨୨।୪(ସମିସ):** ମୟୂରଭଞ୍ଜ ଜିଲ୍ଲାର ଏକ ଚର୍ଚ୍ଚିତ ବିଧାନସଭା କ୍ଷେତ୍ର ହେଉଛି ରାଇରଙ୍ଗପୁର। ଏହି ଆସନ ଆଦିବାସୀ ବର୍ଗଙ୍କ ପାଇଁ ସଂରକ୍ଷିତ। ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏଠାରୁ ପ୍ରତିନିଧିତ୍ୱ କରିଛନ୍ତି। ତେଣୁ ରାଜନୈତିକ ସମୀକ୍ଷକ, ବୁଦ୍ଧିଜୀବୀ ଏବଂ ଜନସାଧାରଣଙ୍କ ନଜର ଏହି ଆସନ ଉପରେ। ଚଳିତ ସାଧାରଣ ନିର୍ବାଚନରେ ସବୁ ଦଳର ନୂଆ ଚେହେରା ରଣାଙ୍ଗନକୁ ଓହ୍ଲାଇଛନ୍ତି। ଫଳରେ ଚଳିତ ନିର୍ବାଚନ ସମୀକରଣ ସମ୍ପୂର୍ଣ୍ଣ ଅଲଗା ବୋଲି କୁହାଯାଉଛି। ସବୁ ଦଳ ଯୁବ ଓ ନୂଆ ମୁହଁ ଦେଇ ଯୁବ ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ପ୍ରୟାସ କରିଛନ୍ତି।

ବିଜେଡି ପକ୍ଷରୁ ରାଇସେନ ମୁର୍ମୁ, ବିଜେପିରୁ ଜଲେନ ବଦ୍ରା ଏବଂ କଂଗ୍ରେସରୁ ଯୋଗେନ୍ଦ୍ର ବାନାରା ପ୍ରାର୍ଥୀ ହୋଇଛନ୍ତି। ବିଜେଡି ଶ୍ରୀ ମୁର୍ମୁଙ୍କ ନାମ ବହୁ ପୂର୍ବରୁ ତାଙ୍କ ନାମ ଘୋଷଣା କରିଥିବାରୁ ସେ ତାଙ୍କର ପ୍ରଚାରକୁ ଜୋରଦାର କରିଛନ୍ତି। ବିଜେପିରୁ ପ୍ରାର୍ଥୀ ହୋଇଥିବା ଜଲେନ ୨୦୦୭ରେ ଥରେ ତିରିଂ ବ୍ଲକରୁ ଜିଲ୍ଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୯ ସାଧାରଣ ନିର୍ବାଚନରେ ସେ ରାଇରଙ୍ଗପୁର ବିଧାନସଭା କ୍ଷେତ୍ର ବିଧାୟକ ପ୍ରାର୍ଥୀ ପାଇଁ ଲବିରେ ଥିଲେ; କିନ୍ତୁ ଦଳ ତାଙ୍କୁ ଟିକଟ ଦେଇ ନଥିଲା। ଫଳରେ ସେ ଅସନ୍ତୋଷ ପ୍ରକାଶ କରି ବିଜେଡିରେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ବିଜେଡିରୁ ଜିଲ୍ଲା ପରିଷଦ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି କଂଗ୍ରେସ ମଧ୍ୟ ଜଣେ ନୂଆ ମୁହଁକୁ ସୁଯୋଗ ଦେଇଛି। ପ୍ରାର୍ଥୀ ଘୋଷଣା ପରେ କଂଗ୍ରେସରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ତେବେ ଜେଏମ୍‌ଏମ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇ ନଥିଲେ ମଧ୍ୟ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନାରାୟଣ ମୁର୍ମୁ ଚର୍ଚ୍ଚାରେ ରହିଛନ୍ତି। ଅନ୍ୟତମ ଆଶାୟୀ ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶ୍ୟାମଚରଣ କିସ୍କୁ ମଧ୍ୟ





ଲବିରେ ଅଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ସାନ୍ତାଳୀଙ୍କ ପରେ ହୋ' ସମ୍ପ୍ରଦାୟର ଭୋଟର୍ ଅଧିକ; କିନ୍ତୁ ବିଜେଡି ଜଣେ ଶୃଙ୍ଖଳିତ ଓ ଏକାଧିକ ପୁଲିସ ସମ୍ମାନ ଓ ପୁରସ୍କୃତ ହୋଇଥିବା ପୁଲିସ ଅଧିକାରୀ ରାଇସେନଙ୍କୁ ପ୍ରାର୍ଥୀ କରିଛି।

ସୂଚନାଯୋଗ୍ୟ, ୨୦୦୯ରେ କଂଗ୍ରେସର ଶ୍ୟାମଚରଣ ହାଁସଦା, ୨୦୧୪ରେ ବିଜେଡିର ସାଇବା ସୁଶୀଲ କୁମାର ହାଁସଦା ଓ ୨୦୧୯ରେ ବିଜେପିର ନବଚରଣ ମାଝୀ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ଏଥର ବିଜେଡି ଓ ବିଜେପି ମଧ୍ୟରେ ମୁଖ୍ୟତଃ ଲଢ଼େଇ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି।

## ମହାକାଳପଡ଼ା ନିର୍ବାଚନମଣ୍ଡଳୀ

# ବିଜେପି ଓ କଂଗ୍ରେସକୁ ଅସନ୍ତୁଷ୍ଟ ଅଡୁଆ

**କେନ୍ଦ୍ରାପଡ଼ା,୨୨।୪(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବିଧାନସଭା ଆସନ ପାଇଁ ଚାରୋଟି ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଛନ୍ତି। ବିଜେଡିରୁ ଅତନୁ ସବ୍ୟସାଚୀ ନାୟକ, ବିଜେପିରୁ ଦୁର୍ଗାପ୍ରସନ୍ନ ନାୟକ, କଂଗ୍ରେସରୁ ଲୋକନାଥ ମହାରଥୀ ଓ ଆମ ଆଦମୀ ପାର୍ଟିରୁ ବୈବମନୁ ବେଉରାଙ୍କ ନାମ ଘୋଷଣା ବି ଦୁର୍ଗାଙ୍କ ନାମ ଘୋଷଣା ହେବା ପରଠାରୁ ସମସ୍ତ କାର୍ଯ୍ୟକ୍ରମଠାରୁ ନିଜକୁ ଦୂରେଇ ରଖିଛନ୍ତି। ଦଳୀୟ କାର୍ଯ୍ୟକ୍ରମରେ ପୁରୁଣା କର୍ମୀଙ୍କୁ ଅଣଦେଖା ଓ କଣଠେସା କରାଯାଉଥିବା ନେଇ ଅଭିଯୋଗ କରି ରାମନଗରରେ କର୍ମୀମାନେ ବୈଠକ କରିଛନ୍ତି। ଯାହା ବିଜେପିର ଅନ୍ତଃକନ୍ଦଳକୁ ପଦାରେ ପକାଇଛି। ସିଦ୍ଧାର୍ଥ ସ୍ୱରୂପ ଦାଶଙ୍କୁ ସ୍ୱାଗତ କରି ବାଇକ୍ ଶୋଭାଯାତ୍ରାରେ ସାମିଲ ହେବା ପାଇଁ ଶହଶହ କର୍ମୀଙ୍କୁ ନେଇ ନିଜେ ସାମିଲ ହୋଇଥିଲେ। ସାଂସଦ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ବୋଲି କହିଥିଲେ ବି ମହାକାଳପଡ଼ା ବିଧାନସଭା ଆସନ ପ୍ରାର୍ଥୀଙ୍କ ସହ ପ୍ରଚାର କରିବା ନେଇ ପ୍ରଶ୍ନକୁ ଆଡ଼େଇ ଯାଇଥିଲେ। ବିଧାୟକ ପ୍ରାର୍ଥୀ ଚୟନରେ ସନ୍ତୁଷ୍ଟ ନୁହନ୍ତି ବୋଲି ହୋଇ କଂଗ୍ରେସ ପ୍ରାର୍ଥୀ ବଳରାମ ପରିଡ଼ାଙ୍କୁ ପରାସ୍ତ କରିଥିଲେ। ୨୦୧୪ରେ ବି ବିଜେପି ପ୍ରାର୍ଥୀ ବିଜୟ ମହାପାତ୍ରଙ୍କୁ ପରାସ୍ତ କରିଥିଲେ। ୨୦୧୯ରେ ବିଜେପି ପ୍ରାର୍ଥୀ ବିଜୟ ପ୍ରଧାନଙ୍କୁ ପରାସ୍ତ କରିଥିଲେ। ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବାର ବହୁଦିନ ପୂର୍ବରୁ ନିଜ ଦଳ ଭିତରେ ବିଦ୍ରୋହ କରିବାକୁ ଉଦ୍ୟମ କରୁଥିବା ଜଣେ ଯୁବନେତାଙ୍କୁ ଦମନ କରି ଅସନ୍ତୋଷକୁ

### ବିଜୟ ବ୍ୟବଧାନ ବଢ଼ାଇବା ପାଇଁ ଅତନୁଙ୍କ ଗୋଟିଚାଳନା









ହୋଇଛି। ନିଜ ଦଳର ଅସନ୍ତୁଷ୍ଟଙ୍କ ଅଡୁଆ ଭିତରେ ବିଜେପି ଓ କଂଗ୍ରେସ ରହିଥିବା ବେଳେ ବିଜେଡିର ସ୍ଥିତି ଅନୁକୂଳ ରହିଥିବା କୁହାଯାଉଛି। ତେଣୁ ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ କର୍ମୀଙ୍କ ଉତ୍ସାହ ବୃଦ୍ଧି କରି ଚତୁର୍ଥ ବିଜୟ ବ୍ୟବଧାନକୁ ୫୦ ହଜାର ଟପିବା ପାଇଁ ଗୋଟିଚାଳନା ଆରମ୍ଭ କରିଦେଇଛନ୍ତି ବୋଲି ଅନ୍ଦରମହଲରୁ ସୂଚନା ମିଳିଛି।

ବିଜେପି ଦୁର୍ଗାପ୍ରସନ୍ନ ନାୟକଙ୍କ ନାମ ଘୋଷଣା କରିବା ପରେ ଅନ୍ୟତମ ଆଶାୟୀ ସୌଭାଗ୍ୟ ପରିଡ଼ାଙ୍କ ସମର୍ଥକ ଭୁବନେଶ୍ୱର ପାର୍ଟି କାର୍ଯ୍ୟାଳୟରେ ବିକ୍ଷୋଭ କରିବା ସହ ନିଜର ଅସନ୍ତୋଷ ଜଣାଇ ସାରିଛନ୍ତି। ମହାକାଳପଡ଼ାର ଅନ୍ୟତମ ବିଜେପି ବରିଷ୍ଠ ନେତା ଭୁବନ ମୋହନ ଜେନା ଦଳର ବିଭିନ୍ନ କାର୍ଯ୍ୟକ୍ରମ କରି ଆସୁଥିଲେ

ଶନିବାର ସନ୍ଧ୍ୟାରେ କଂଗ୍ରେସ ପ୍ରାର୍ଥୀ ଭାବେ ଲୋକନାଥ ମହାରଥୀଙ୍କ ନାମ ଘୋଷଣା ହୋଇଛି। ଯୁବ କଂଗ୍ରେସର ରାଜ୍ୟ ସଭାପତି ଓ ଅଳ୍ପ ଦିନ ତଳେ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସର ସଭାପତି ହୋଇଥିବା ଲୋକନାଥଙ୍କ ପ୍ରାର୍ଥିତ୍ୱକୁ ନେଇ ଆଶାୟୀ ପ୍ରାର୍ଥୀ ରାଜକିଶୋର ପ୍ରଧାନ ନିଜର ଅସନ୍ତୋଷ ବ୍ୟକ୍ତ କରିବା ସହିତ ପିସିସି ସଭାପତି ଟଙ୍କା ନେଇ ଟିକଟ ବିକିଛନ୍ତି ବୋଲି ସୋସିଆଲ ମିଡିଆରେ ଅଭିଯୋଗ କରିଛନ୍ତି। ଅସନ୍ତୋଷ ବ୍ୟକ୍ତ କରିବା ସହିତ ସ୍ୱାଧୀନ ପ୍ରାର୍ଥୀ ହେବେ ବୋଲି ଘୋଷଣା କରିଛନ୍ତି। ସେହିପରି ଗତଥରର ବିଧାୟକ ପ୍ରାର୍ଥୀ ବିଭ୍ରାଂଶୁ ଶେଖର ଲେଙ୍କା ଏଥର ଟିକଟ ଦୌଡ଼ରେ ନ ଥିଲେ ବି ପ୍ରାର୍ଥୀ ଚୟନ ନେଇ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି।

କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ଙ୍କ ଶୋଭାଯାତ୍ରାରେ ସାମିଲ ହୋଇଥିବା ତାଙ୍କ କର୍ମୀଙ୍କ ମୁହଁରୁ ଶୁଣିବାକୁ ମିଳିଛି।

ଆମ ଆଦମୀ ପାର୍ଟି ବିଧାୟକ ପ୍ରାର୍ଥୀ ଭାବେ ବୈବମନୁ ବେଉରାଙ୍କ ନାମ ଦଳ ଘୋଷଣା କରିଛି। ଏକଦା କଂଗ୍ରେସର ଜିଲ୍ଲା ସମ୍ପାଦକ, ଜିଲ୍ଲା ପରିଷଦ ପ୍ରାର୍ଥୀ ହୋଇଥିବା ବୈବମନୁଙ୍କ ପରିବାର ଏବେ ବି କଂଗ୍ରେସ ସହିତ ରହିଛି। ସୁତରାଂ ବୈବମନୁଙ୍କ ପ୍ରାର୍ଥିତ୍ୱ କଂଗ୍ରେସର ଅଧିକ କ୍ଷତି କରିପାରେ।

ବିଜେଡିର ପ୍ରାର୍ଥୀ ହୋଇଥିବା ଅତନୁ ସବ୍ୟସାଚୀ ନାୟକ ୨୦୦୯ରେ ମହାକାଳପଡ଼ା ନୂତନ ବିଧାନସଭା ନିର୍ବାଚନମଣ୍ଡଳୀ ଗଠନ ହେବାଠାରୁ ତିନିଥର ବିଜୟୀ ହୋଇଛନ୍ତି। ୨୦୦୪ରେ ପାଟକୁରାରେ ବିଜେଡିର ବିଧାୟକ ହୋଇଥିବା ଅତନୁ ସବ୍ୟସାଚୀ ନାୟକ ମହାକାଳପଡ଼ାରେ ବିଜେଡି ପ୍ରାର୍ଥୀ ଭାବେ ୨୦୦୯ରେ ପ୍ରାର୍ଥୀ ପ୍ରଶମିତ କରିବାରେ ସକ୍ଷମ ହୋଇଛନ୍ତି ଅତନୁ।

ଏପଟେ ରାଜ୍ୟରେ ବିଜେଡିର ଷ୍ଟାର ପ୍ରଚାରକ ତାଲିକାରେ ଅତନୁ ସବ୍ୟସାଚୀ ନାୟକଙ୍କ ନାମ ଘୋଷଣା ହେବା ପରେ ଦଳରେ ତାଙ୍କର ଗୁରୁତ୍ୱ ଉଚ୍ଚ ସ୍ତରରେ ଥିବା ପ୍ରମାଣିତ ହୋଇଛି। ରଣନୀତି ପ୍ରସ୍ତୁତ ସହିତ ଆଗୁଆ ପ୍ରଚାର କରି ବିଜେଡିର ସମସ୍ତ କର୍ମୀ, ଶୁଭେଚ୍ଛୁଙ୍କୁ ବ୍ୟକ୍ତିଗତ ଭାବେ ଭେଟି କର୍ମୀଙ୍କ ମଧ୍ୟରେ ଥିବା ଅସନ୍ତୋଷ ଦୂର କରି ନିର୍ବାଚନରେ ସକ୍ରିୟ ହେବାକୁ ଉତ୍ସାହ ବୃଦ୍ଧି କରୁଛନ୍ତି। ନିୟମିତ ମାର୍ଶାଘାଇ ଓ ମହାକାଳପଡ଼ାରେ ଦଳୀୟ କାର୍ଯ୍ୟାଳୟକୁ କର୍ମୀଙ୍କୁ ଡକାଇ ଆଲୋଚନା କରୁଛନ୍ତି। ତେଣୁ ଦଳୀୟ କର୍ମୀ ଅଧିକ ଉତ୍ସାହିତ ହୋଇ ନିର୍ବାଚନ ପ୍ରଚାରରେ ଲାଗି ପଡ଼ିଥିବା ପରିଲକ୍ଷିତ ହେଉଛି।

## ବଲାଙ୍ଗିର ବିଧାନସଭା ନିର୍ବାଚନମଣ୍ଡଳୀ

# ବିଜେଡି-କଂଗ୍ରେସ ମଧ୍ୟରେ କଡ଼ା ମୁକାବିଲା, ପଛରେ ବିଜେପି







**ବଲାଙ୍ଗିର,୨୨।୪(ସମିସ):** ଖରା ତାତି ସହ ବଢ଼ିବାରେ ଲାଗିଛି ବଲାଙ୍ଗିର ରାଜନୀତି। ବଲାଙ୍ଗିର ସଦର ବିଧାନସଭା ଆସନରେ ତିନି ପ୍ରମୁଖ ଦଳର ପ୍ରାର୍ଥୀ ଘୋଷଣା ହେବା ପରେ ଦିନକୁ ଦିନ ନେତାଙ୍କ ପ୍ରଚାର ଜୋରଦାର ହେଉଛି। ବଲାଙ୍ଗିର ସଦର ଆସନ ରାଜନୈତିକ ଦୃଶ୍ୟପଟ୍ଟ ଉପରେ ନଜର ପକାଇଲେ, ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓ ଦଳର ତୃଣମୂଳସ୍ତର କର୍ମୀଙ୍କୁ ନିଜ ସହ ସାମିଲ କରି ପ୍ରଚାର ଜାରି ରଖିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ବିଭିନ୍ନ ବର୍ଗର ଲୋକଙ୍କ ସହ ସମ୍ମିଳନୀ କରି ଚାଲିଛନ୍ତି। ସେହିପରି ବିଜେପି ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀଙ୍କ ପକ୍ଷରୁ ଅଦ୍ୟାବଧି କିଛି ବଡ଼ଧରଣର ପ୍ରଚାର ଦେଖିବାକୁ ମିଳିନାହିଁ। ବିଶେଷକରି ଏହି ଆସନରେ ବିଜେଡି ଓ କଂଗ୍ରେସ ମଧ୍ୟରେ କଡ଼ା ମୁକାବିଲା ହେବାର ସମ୍ଭାବନା ରହିଥିବା ଚର୍ଚ୍ଚା ହେଉଛି।

ବଲାଙ୍ଗିର ସଦର ବିଧାନସଭା ଆସନ ରାଜନୀତିରେ ଘଡ଼ିକେ ଘୋଡା ଛୁଟୁଛି। ଭୋଟର୍‌ମାନଙ୍କୁ ପ୍ରଭାବିତ କରିବା ପାଇଁ ପ୍ରାର୍ଥୀମାନେ ନୂଆ ନୂଆ ରଣନୀତି ପ୍ରସ୍ତୁତ କରୁଥିବା ବେଳେ ଏଥିରେ କିନ୍ତୁ ବିଜେପି ପଛରେ ପଡ଼ି ଯାଇଛି। ନିଜ ଦଳ ଭିତରେ ଥିବା ଅନ୍ତଃକନ୍ଦଳକୁ ଏଯାଏଁ ସମାଧାନ କରି ପାରିନାହିଁ।

ଏହି ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ କଳିକେଶ ପୂର୍ବରୁ ଥରେ ବିଧାୟକ ଓ ଦୁଇଥର ସାଂସଦ ରହିଛନ୍ତି। ଗତ ନିର୍ବାଚନରେ ସେ ଲୋକସଭା ପ୍ରାର୍ଥୀ ହୋଇ ବିଜେପି ପ୍ରାର୍ଥୀଙ୍କଠାରୁ ପରାସ୍ତ ହୋଇଥିଲେ। ବର୍ତ୍ତମାନ ସେ ସଦର ବିଧାୟକ ପ୍ରାର୍ଥୀ ହେବା ପରେ ନୂଆ ଭୋଟରଙ୍କୁ ଆକୃଷ୍ଟ କରିବା ସହ ବିଜେଡିର ତୃଣମୂଳସ୍ତରର କର୍ମୀମାନଙ୍କୁ ସଂଗଠିତ କରୁଥିବା ଦେଖିବାକୁ ମିଳିଛି। ଏହି ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ଦେଓଗାଁ, ବଲାଙ୍ଗିର ସଦର ବ୍ଲକ ଓ ପୌର ପରିଷଦ ଅଞ୍ଚଳରେ କର୍ମୀ ସମ୍ମିଳନୀ କରିବା ସହ ମିଶ୍ରଣ ପର୍ବ କରୁଛନ୍ତି। କିଛି ଦିନ ପୂର୍ବରୁ ଏକ ବଡ଼ଧରଣର କ୍ରିକେଟ ପ୍ରତିଯୋଗିତା କରି ମେଲୋଡି କାର୍ଯ୍ୟକ୍ରମ ଯୁବବର୍ଗଙ୍କ ପାଇଁ ଆୟୋଜନ କରିଥିଲେ। ଅପରପକ୍ଷରେ କଳିକେଶଙ୍କ ସମର୍ଥନରେ ଏକ ବିଶାଳ ବାଇକ ଶୋଭାଯାତ୍ରା ବିଭିନ୍ନ ଅଞ୍ଚଳ ବୁଲି ପ୍ରଚାର କରି ସାରିଛି।

ସମରେନ୍ଦ୍ର ଗତ ସାଧାରଣ ନିର୍ବାଚନରେ କଂଗ୍ରେସ ଟିକଟରୁ ଲୋକସଭା ନିର୍ବାଚନ ଲଢ଼ିଥିଲେ। ସେ ପରାଜିତ ହୋଇଥିଲେ ସତ କିନ୍ତୁ ଭଲ ପରିମାଣର ଭୋଟ ଗୋଟାଇବାରେ ସଫଳ ହୋଇଥିଲେ। ଚଳିତ ନିର୍ବାଚନରେ ତାଙ୍କ ବାପା ନରସିଂହ ମିଶ୍ର ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିବାରୁ ତାଙ୍କ ସ୍ଥାନରେ ସମରେନ୍ଦ୍ର ନିର୍ବାଚନ ଲଢୁଛନ୍ତି।

ଅନ୍ୟପକ୍ଷରେ ବିଜେପିର ଗୋପାଳଜୀ ପ୍ରଚାର ଅଭିଯାନରେ ପଛେଇ ଯାଇଥିବା ଦେଖିବାକୁ ମିଳିଛି। ଅଦ୍ୟାବଧି ଦଳ କିମ୍ବା ଶ୍ରୀ ପାଣିଗ୍ରାହୀଙ୍କ ପକ୍ଷରୁ ସେପରି କୌଣସି ବଡ଼ଧରଣର ଶୋଭାଯାତ୍ରା କିମ୍ବା କାର୍ଯ୍ୟକ୍ରମ ଦେଖିବାକୁ ମିଳିନାହିଁ। ହାତଗଣତି କିଛି ସମର୍ଥକଙ୍କ ଗହଣରେ ସେ ବିଭିନ୍ନ ସ୍ଥାନକୁ ଯାଇ ନିଜ ପାଇଁ ଭୋଟ ଭିକ୍ଷା କରୁଛନ୍ତି। ନିର୍ବାଚନୀ ପ୍ରଚାରରେ ବିଜେଡି ଓ କଂଗ୍ରେସ ମଧ୍ୟରେ ମୁକାବିଲା ଜାରି ରହିଥିବା ବେଳେ ବିଜେପି ବ୍ୟାକ୍‌ଫୁଟରେ ଥିବା ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି।

# ନାମାଙ୍କନ ଭରିଲେ ବିଜେଡି ଲୋକସଭା ପ୍ରାର୍ଥୀ ପ୍ରଦୀପ ମାଝୀ



**ନବରଙ୍ଗପୁର, ୨୨।୪(ସମିସ):** ସୋମବାର ନବରଙ୍ଗପୁର ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ପ୍ରଦୀପ ମାଝୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅପରାହ୍ଣ ପ୍ରାୟ ସାଢ଼େ ୨ଟାରେ ସେ ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ରଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ଅବସରରେ ପ୍ରଦୀପ ଗଣମାଧ୍ୟମକୁ କହିଛନ୍ତି ଯେ ଶୁଭବେଳା, ବାର, ନକ୍ଷତ୍ର ଏବଂ ତିଥି ଦେଖି ଆଜି ନାମାଙ୍କନପତ୍ର ଭରିଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡିର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଯେଉଁ ଆଭିମୁଖ୍ୟ ରଖି ମୋତେ ଟିକଟ ପ୍ରଦାନ କରି ଲୋକଙ୍କ ସେବା କରିବା ପାଇଁ ସୁଯୋଗ ଦେଇଛନ୍ତି, ତାହା ନିଶ୍ଚିତ ପୂରଣ ହେବ। ଆଜି ପର୍ଯ୍ୟନ୍ତ ସବୁବେଳେ ସବୁ ସମୟରେ ଲୋକଙ୍କ ସେବାରେ ଲୋକଙ୍କ ସହିତ ରହିଛି ବିଜୁ ଜନତା ଦଳ। ଚଳିତଥରର ବିଜୁ ଜନତା ଦଳ ସହ ଓଡ଼ିଶା ସରକାରଙ୍କ କାର୍ଯ୍ୟକ୍ରମ ବିରୁଦ୍ଧରେ ଓ ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ଲୋକ ଓ ଦଳ ମଧ୍ୟରେ ଲଢ଼େଇ ହେବ। ସେମାନଙ୍କ ପ୍ରତିଶ୍ରୁତି ସବୁ ଫମ୍ପା ମାଠିଆର ଶବ୍ଦ ସହ ସମାନ। ବିଜେଡି କିନ୍ତୁ ସବୁବେଳେ ନିଜର ଜନସେବା କାର୍ଯ୍ୟକ୍ରମ ଏବଂ କର୍ମୀଙ୍କୁ ସାଙ୍ଗରେ ନେଇ ନିର୍ବାଚନ ଲଢ଼ିଥାଏ। ତେଣୁ ଜିଲ୍ଲାର ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ସେ ଏହି ଅବସରରେ ଭୋଟ୍ ଭିକ୍ଷା କରିଥିଲେ।

# ପ୍ରାର୍ଥିପତ୍ର ଦାଖଲ କଲେ ଦିଗପହଣ୍ଡି ବିଜେଡି ପ୍ରାର୍ଥୀ ବିପ୍ଳବ ପାତ୍ର





**ବ୍ରହ୍ମପୁର,୨୨।୪(ସମିସ):** ସୋମବାର ହଜାର ହଜାର ସମର୍ଥକଙ୍କ ଗହଣରେ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ଦିଗପହଣ୍ଡି ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ବିପ୍ଳବ ପାତ୍ର। ରିଟର୍ଣ୍ଣିଂ ଅଫିସର ତଥା ବ୍ରହ୍ମପୁର ଉପଜିଲ୍ଲାପାଳ ଧିନା ଦସ୍ତଗୀରଙ୍କ ନିକଟରେ ସେ ନିଜ ନାମାଙ୍କନପତ୍ର ଦାଖଲ କରିଥିଲେ। ଶ୍ରୀ ପାତ୍ର ଦିବଂଗତ ନେତା ତଥା ତାଙ୍କ ବାପା ସୂର୍ଯ୍ୟ ପାତ୍ରଙ୍କ ସମାଧିସ୍ଥଳରେ ନୀତିକାନ୍ତିରେ ପୂଜାର୍ଚ୍ଚନା କରିଥିଲେ। ପରେ ତାଙ୍କ ମା' ଓ ଅଞ୍ଚଳର ଗୁରୁଜନଙ୍କ ଆଶୀର୍ବାଦ ନେଇ ବିରାଟ ଶୋଭାଯାତ୍ରାରେ ନାମାଙ୍କନ ଭରିବା ଲାଗି ଆସିଥିଲେ। ଏହି ଶୋଭାଯାତ୍ରା ଦିଗପହଣ୍ଡିରୁ ଆରମ୍ଭ ହୋଇ ବ୍ରହ୍ମପୁରରେ ଶେଷ ହୋଇଥିଲା। ଏଥିରେ ହଜାର ହଜାର ସଂଖ୍ୟାରେ ଯୁବ, ଛାତ୍ର, ମହିଳା ସମେତ ବିଜୁ ଜନତା ଦଳର କର୍ମୀ ଓ ବିଜୁପ୍ରେମୀ ଉପସ୍ଥିତ ଥିଲେ। ଦିବଂଗତ ନେତା ସୂର୍ଯ୍ୟ ପାତ୍ର ଓ ବିଜୁ ଜନତା ଦଳର ଅଭେଦ୍ୟ ଗଡ଼ ଦିଗପହଣ୍ଡିରେ ବିପ୍ଳବ ପାତ୍ରଙ୍କୁ ରେକର୍ଡସଂଖ୍ୟକ ଭୋଟରେ ଜିତାଇ ଆଣିବାକୁ କର୍ମୀମାନେ ସଂକଳ୍ପ ନେଇଥିଲେ। ବାଇକ୍ ଶୋଭାଯାତ୍ରାରେ ବିପ୍ଳବଙ୍କ ସହ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ଦିଗପହଣ୍ଡି ଓ କୁକୁଡ଼ାଖଣ୍ଡି ବ୍ଲକର ବହୁ ଜନପ୍ରତିନିଧି, ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏନେଇ ଶ୍ରୀ ପାତ୍ର କହିଛନ୍ତି ଯେ, ବାପାଙ୍କ ସ୍ମୃତିକୁ ସାଙ୍ଗରେ ନେଇକି ଆସିଲି। ମୁଁ ରାଜନୀତି ପ୍ରକ୍ରିୟାରେ ବହୁ ଆଗରୁ ଥିଲି। ସୂର୍ଯ୍ୟ ପାତ୍ରଙ୍କ ପରିବାର ପ୍ରତି ଲୋକଙ୍କ ପ୍ରଗାଢ଼ ବିଶ୍ୱାସ ରହିଛି। ବାପାଙ୍କ ପ୍ରଚାର ଶୈଳୀକୁ ମୁଁ ସବୁବେଳେ ଅନୁକରଣ କରିଛି। ବିଗତ ୩୫ବର୍ଷ ହେବ ବିଜୁ ଛାତ୍ର, ଯୁବ ଜନତା ଦଳରେ ଆଦିରେ କାମ କରିଛି। ୬ଟି ନିର୍ବାଚନରେ ପ୍ରତ୍ୟେକ୍ଷ ଭାବେ ବାପାଙ୍କ ଲାଗି କାମ କରି ନିଜେ ନେତୃତ୍ୱ ନେଇଛି। ଲୋକଙ୍କ ପ୍ରବଳ ଜନସମର୍ଥନ ରହିଛି। ରେକର୍ଡ ସଂଖ୍ୟକ ଭୋଟରେ ବିଜୁ ଜନତା ଦଳ ବିଜୟ ଲାଭ କରିବ ବୋଲି ଆଶା ରଖିଛୁ।

## ଅପପ୍ରଚାରକଙ୍କୁ ଅମରଙ୍କ ଜବାବ

# ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସମସ୍ତେ ଗ୍ରହଣ କରନ୍ତୁ

**ଯାଜପୁର, ୨୨।୪(ସମିସ):** ବଡ଼ଚଣା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଭାବେ ବର୍ଷା ପ୍ରିୟଦର୍ଶିନୀଙ୍କ ନାମ ଘୋଷଣା କରିଛି ଦଳ। ଏହି ନିଷ୍ପତ୍ତିକୁ ନେଇ କେତେକ ଚକ୍ରାନ୍ତକାରୀ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ନାମକୁ ବ୍ୟବହାର କରି ଅପପ୍ରଚାର ଚଳାଇଥିବା ବେଳେ ଏହାର ଦୃଢ଼ ଜବାବ ଦେଇଛନ୍ତି ଖୋଦ ଅମର। ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଦଳୀୟ ଶୃଙ୍ଖଳାର ପାଠ ପଢ଼ାଇବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ସେ ଅଶେଷ ଅଶେଷ ଧନ୍ୟବାଦ ଦେଇ ଚକ୍ରାନ୍ତକାରୀଙ୍କ ପାଟି ଚୁପ୍ କରିଦେଇଛନ୍ତି।



ଶ୍ରୀ ଶତପଥୀ ଭିଡିଓ ବାର୍ତ୍ତାରେ ତାଙ୍କ ରାଜନୈତିକ କ୍ୟାରିୟର ସମ୍ପର୍କରେ ସୂଚନା ଦେବା ସହିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମୟଠାରୁ ସେ ବିଧାୟକ ଭାବେ ନିର୍ବାଚିତ ହୋଇ ଆସୁଛନ୍ତି ବୋଲି କହିଛନ୍ତି। ବଡ଼ଚଣାବାସୀଙ୍କ ଆଶୀର୍ବାଦ ଓ ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱାସଭାଜନ ହୋଇ ସେ ୬ଥର ବଡ଼ଚଣାର ବିଧାୟକ ହୋଇପାରିଛନ୍ତି। କେବଳ ବିଧାୟକ ନୁହେଁ, ତାଙ୍କୁ ମୁଖ୍ୟମନ୍ତ୍ରୀ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ କରିବା ସହିତ ଶାସକ ଦଳର ମୁଖ୍ୟ ସଚେତକ ଭଳି ମର୍ଯ୍ୟାଦା ସମ୍ପନ୍ନ ପଦବୀରେ ଅଧିଷ୍ଠିତ କରିଛନ୍ତି। ତେଣୁ ଟିକଟ ପ୍ରଦାନ କରିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ମୁଖ୍ୟମନ୍ତ୍ରୀଙ୍କର ଓ ଏହାକୁ ସମସ୍ତେ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ସମର୍ଥକ ବ୍ୟସ୍ତବିବ୍ରତ ନ ହୋଇ ସଂଗଠନ ପାଇଁ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଗତ ୪୦ ବର୍ଷ ଭିତରେ ବଡ଼ଚଣାବାସୀ ଓ ବିଜୁ ଜନତା ଦଳ ଗଠନ ଦିନଠାରୁ ଆଜି ପର୍ଯ୍ୟନ୍ତ ଥିବା ସମ୍ପର୍କ ଆଗକୁ ବଜାୟ ରହିବ। ଯେଉଁମାନେ ନାନା କଳ୍ପନାଜଳ୍ପନା କରୁଛନ୍ତି, ସେମାନଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇ ସେ କେବେ ବି ଦଳ ଛାଡ଼ିନାହାନ୍ତି କିମ୍ବା ଛାଡ଼ିବାର କୌଣସି ଯୋଜନା ନାହିଁ ବୋଲି ସ୍ପଷ୍ଟ ଭାବେ କହିଛନ୍ତି।

ସୂଚନା ମୁତାବକ, ବଡ଼ଚଣା ନିର୍ବାଚନମଣ୍ଡଳୀ ପାଇଁ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ନାମ ଘୋଷଣା ହେବା ପରେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ନାନା ଅପପ୍ରଚାର ହେଉଥିବା ଦେଖିବାକୁ ମିଳିଥିଲା। ସେପଟେ ବର୍ଷା ମଧ୍ୟ ବିଧାୟକ ଅମରଙ୍କୁ ଭେଟି ତାଙ୍କ ସମର୍ଥନ ଲୋଡ଼ିଥିବା ଜଣାପଡ଼ିଛି। ଏହାପରେ ଅମରଙ୍କ ଏହି ଭିଡିଓ ବାର୍ତ୍ତା ଦଳ ଭିତରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ଉଦ୍ୟମ କରୁଥିବା ବ୍ୟକ୍ତିଙ୍କ ପ୍ରକୃତ ଉଦ୍ଦେଶ୍ୟ ଧରାପଡ଼ିଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

### ଭିଡିଓ ବାର୍ତ୍ତାରେ କୃତଜ୍ଞତା ଜଣାଇଲେ

## ପୁରୀ ଜିଲ୍ଲାରେ ପ୍ରାର୍ଥୀ ଘୋଷଣା

# ବିଜେଡି, ବିଜେପିର ସରିଲା; କଂଗ୍ରେସର ଆଉ ଗୋଟିଏ ବାକି

**ପୁରୀ, ୨୨।୪(ସମିସ):** ପାଖେଇ ଆସୁଛି ନିର୍ବାଚନ। ଏହାକୁ ନଜରରେ ରଖି ବିଭିନ୍ନ ଦଳର ପ୍ରାର୍ଥୀ ଘୋଷଣା କରାଯାଉଛି। ତେବେ ପ୍ରମୁଖ ରାଜନୈତିକ ଦଳକୁ ବିଚାରକୁ ନେଲେ ବିଜେଡି, ବିଜେପି ତା'ର ସମସ୍ତ ପ୍ରାର୍ଥୀ ଘୋଷଣା କରିସାରିଛି। ପୁରୀ ଜିଲ୍ଲାର ୬ଟି ନିର୍ବାଚନମଣ୍ଡଳୀ (ପୁରୀ, ପିପିଲି, ସତ୍ୟବାଦୀ, ବ୍ରହ୍ମଗିରି, ନିମାପଡ଼ା ଓ କାକଟପୁର)କୁ ଦେଖିଲେ ପ୍ରାର୍ଥୀ ଘୋଷଣାରେ ପଛରେ ପଡ଼ିଯାଇଛି କଂଗ୍ରେସ। ବିଜେଡି, ବିଜେପି ପୁରୀ ଲୋକସଭା ଏବଂ ଜିଲାର ୬ଟି ଯାକ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ଶେଷ କରିଥିବା ବେଳେ ଏବେ ବି ଗୋଟିଏ ନିର୍ବାଚନ ମଣ୍ଡଳୀ (କାକଟପୁର)ରେ କଂଗ୍ରେସ କାହାକୁ ପ୍ରାର୍ଥୀ କରିବ ତାହା ସ୍ଥିର କରିପାରି ନାହିଁ। କାକଟପୁରରେ କଂଗ୍ରେସରୁ ବିଜେପିକୁ ଯାଇ ମାତ୍ର ୧୫ଦିନ ଭିତରେ ମୁହଁ ଫେରାଇ ଆଣିଥିବା ବିଶ୍ୱଭୂଷଣ ଦାସ କଂଗ୍ରେସ ପ୍ରାର୍ଥୀ ହେବା ଚର୍ଚ୍ଚା ହେଉଛି।

ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସ ପୁରୀ ଲୋକସଭା କ୍ଷେତ୍ରରୁ ନିଜ ନିଜର ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ବିଜେଡିରୁ ଅରୂପ ପଟ୍ଟନାୟକ, ବିଜେପିରୁ ସମ୍ବିତ ପାତ୍ର ଏବଂ କଂଗ୍ରେସରୁ ସୁଚରିତା ମହାନ୍ତି ନିର୍ବାଚନ ଲଢୁଛନ୍ତି। ସେହିପରି ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ସୁନୀଲ ମହାନ୍ତି, ବିଜେପିର ଜୟନ୍ତ କୁମାର ଷଡ଼ଙ୍ଗୀ, କଂଗ୍ରେସରୁ ସୁଜିତ୍ ମହାପାତ୍ର, ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟ, ବିଜେପିରୁ ଉପାସନା ମହାପାତ୍ର, କଂଗ୍ରେସରୁ ମିତ୍ରଭାନୁ ମହାପାତ୍ର, ପିପିଲି ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀ, ବିଜେପିରୁ ଆଶ୍ରିତ ପଟ୍ଟନାୟକ ଏବଂ କଂଗ୍ରେସରୁ ଜ୍ଞାନରଞ୍ଜନ ପଟ୍ଟନାୟକ, ନିମାପଡ଼ା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଦିଲ୍ଲୀପ ନାୟକ, ବିଜେପିରୁ ପ୍ରଭାତି ପରିଡ଼ା, କଂଗ୍ରେସରୁ ସିଦ୍ଧାର୍ଥ ରାଉତରାୟ, ସତ୍ୟବାଦୀ ନିର୍ବାଚନମଣ୍ଡଳୀରୁ ବିଜେଡିର ସଞ୍ଜୟ କୁମାର ଦାସବର୍ମା, ବିଜେପିର ଓମ୍‌ପ୍ରକାଶ ମିଶ୍ର, କଂଗ୍ରେସରୁ ମନୋଜ ରଥ, କାକଟପୁର ନିର୍ବାଚନମଣ୍ଡଳୀରୁ ବିଜେଡିରୁ ତୁଷାରକାନ୍ତି ବେହେରା ଏବଂ ବିଜେପିରୁ ବାଇଧର ମଲ୍ଲିକ ପ୍ରାର୍ଥୀ ହୋଇଥିବା ବେଳେ କଂଗ୍ରେସ ଏ ପର୍ଯ୍ୟନ୍ତ କାହାର ନାଁ ଘୋଷଣା କରିନାହିଁ।

ତେବେ କାକଟପୁର ବିଧାନସଭା ଆସନରୁ ୨୦୧୯ରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ବିଶ୍ୱଭୂଷଣ ଦାସ ୧୫ଦିନ ତଳେ ବିଜେପିକୁ ଯାଇଥିଲେ। ମାତ୍ର ଏଠାରୁ ବାଇଧରଙ୍କ ନାଁ ଘୋଷଣା ପରେ ବିଶ୍ୱଭୂଷଣ ସୋମବାର ବିଜେପିରୁ ଇସ୍ତଫା ଦେଇଛନ୍ତି। ତାଙ୍କୁ କଂଗ୍ରେସ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି।

# ଅଙ୍ଗନବାଡ଼ି କେନ୍ଦ୍ରରେ କର୍ମୀଙ୍କ ଆତ୍ମହତ୍ୟା

**ସୋର,୨୨।୪(ସମିସ):** ସୋର ବ୍ଲକ ଆଟପୁର ପଞ୍ଚାୟତ ହଂସୀପାଟଣା ଗ୍ରାମର ଜଣେ ଅଙ୍ଗନବାଡ଼ି କର୍ମୀ ସବିତା ମହାନ୍ତି (୪୦) କେନ୍ଦ୍ର ପରିସରରେ ଆତ୍ମହତ୍ୟା କରିଛନ୍ତି। ଆଜି ସକାଳେ କେନ୍ଦ୍ରକୁ ଯାଇଥିବା ବେଳେ ଛୁଟି ପରେ ପିଲାମାନଙ୍କୁ ତାଙ୍କ ଘରେ ଛାଡ଼ିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାରଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଅଙ୍ଗନବାଡ଼ି କେନ୍ଦ୍ରର କବାଟ ଭାଙ୍ଗି ଦେଖିବା ବେଳକୁ ସବିତା ଫ୍ୟାନ୍‌ରେ ଝୁଲିଥିଲେ। ତାଙ୍କୁ ସୋର ଡାକ୍ତରଖାନାକୁ ଅଣାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁଇ ମାସ ତଳେ ୧୭ ବର୍ଷୀୟ ପୁଅ ଆତ୍ମହତ୍ୟା କରିବା ପରଠାରୁ ସବିତାଙ୍କ ମାନସିକ ସ୍ଥିତି ଭଲ ନଥିଲା।

# ୧୫ ଫୁଟ୍ ଲମ୍ବର ଅହିରାଜ ଉଦ୍ଧାର

**ପାରଳାଖେମୁଣ୍ଡି, ୨୨।୪(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରୁ ୧୫ ଫୁଟ ଲମ୍ବର ଏକ ଅହିରାଜ (କିଙ୍ଗ୍ କୋବ୍ରା) ଉଦ୍ଧାର କରାଯାଇଛି। ସାପଟି ଏକ ୱାଟର୍ ସର୍ଭିସିଂ ସେଣ୍ଟର୍‌ର ପାଣିକୁଣ୍ଡ ଭିତରେ ରହିଥିବା ଲୋକେ ଦେଖିଥିଲେ। ଗଜପତିରେ ସ୍ନେକ୍-ହେଲ୍ପଲାଇନ୍ କର୍ମଚାରୀ ନ ଥିବାରୁ ବନ ବିଭାଗ ପକ୍ଷରୁ ବ୍ରହ୍ମପୁର ସ୍ନେକ୍-ହେଲ୍ପଲାଇନ ସହ ଯୋଗାଯୋଗ କରାଯାଇଥିଲା। ବ୍ରହ୍ମପୁରରୁ ଏକ ସ୍ୱତନ୍ତ୍ର ଟିମ୍ ଆସିବା ପର୍ଯ୍ୟନ୍ତ ସାପ ଉପରେ ନଜର ରଖିଥିଲେ ମହେନ୍ଦ୍ର ବନାଞ୍ଚଳ ବନ ଅଧିକାରୀ ଅମିତ ଶୁଭ୍ରଜୀତ, ଗାରବନ୍ଧା ସେକ୍ସନର ବନପାଳ ଦୁର୍ଯ୍ୟଧନ ଜେନା ଏବଂ ତାଙ୍କ ଟିମ୍। ବ୍ରହ୍ମପୁର ସ୍ନେକ୍ ହେଲ୍ପଲାଇନ କର୍ମଚାରୀ ପହଞ୍ଚି ସାପକୁ ଧରିବାରେ ସଫଳ ହୋଇଥିଲେ। ପରେ ବନ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ସାପକୁ ସୁରକ୍ଷିତ ଭାବେ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

# ସିଲାବସ୍ ବାହାରୁ ପ୍ରଶ୍ନ; ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ପରୀକ୍ଷା ବାତିଲ୍

**କଟକ, ୨୨।୪(ସମିସ):** ସିଲାବସ ବାହାରୁ ପ୍ରଶ୍ନ ପଡ଼ିଥିବାରୁ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଏକ ସେମିଷ୍ଟର ପରୀକ୍ଷାକୁ ବାତିଲ କରିଦିଆଯାଇଛି। ଆଜି ଏଲଏଲବି ତୃତୀୟ ବର୍ଷ ଷଷ୍ଠ ତଥା ଶେଷ ସେମିଷ୍ଟରର ପେପର-୧୨ର ଲେବର ଲ-୨ ବିଷୟର ପରୀକ୍ଷା ଥିଲା। ହେଲେ ଏହି ବିଷୟରେ ଯେଉଁ ପ୍ରଶ୍ନ ସବୁ ପଡ଼ିଥିଲା ସେଗୁଡ଼ିକ ବିଶ୍ୱବିଦ୍ୟାଳୟର ସିଲାବସରେ ନଥିବା ନେଇ ପରୀକ୍ଷାର୍ଥୀ ମାନେ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ। କର୍ତ୍ତୃପକ୍ଷ ଏହାକୁ ଦୃଷ୍ଟିରେ ରଖି ଏହି ବିଷୟର ପରୀକ୍ଷାକୁ ବାତିଲ କରିଛନ୍ତି। ବିଶ୍ୱବିଦ୍ୟାଳୟ ଅଧିନସ୍ଥ ମୋଟ ୨୮ ଟି ଅନୁବନ୍ଧିତ କଲେଜର ମଧ୍ୟ ଉପରୋକ୍ତ ବିଷୟ ପରୀକ୍ଷା ବାତିଲ ହୋଇଛି। ଆଜିର ପରୀକ୍ଷାରେ ପୁରୁଣା ବର୍ଷର ପ୍ରଶ୍ନକୁ ଦୋହରାଇଯାଇଥିଲା। ଏହା ସିଲାବସ ଅନ୍ତର୍ଗତ ନଥିଲା। ଏଣୁ ପରୀକ୍ଷାର୍ଥୀ ମାନେ ଅସନ୍ତୋଷ ଜାହିର କରିଥିଲେ। ପରବର୍ତ୍ତୀ ସମୟରେ ପରୀକ୍ଷାର ପୁନଃ ତାରିଖ ସମ୍ପର୍କରେ ଜଣାଇଦିଆଯିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

# ଖରା ଯୋଗୁଁ ଅସୁସ୍ଥ ହେଲେଣି ୮୯

**ଭୁବନେଶ୍ୱର, ୨୨।୪(ସମିସ):** ଚଳିତ ବର୍ଷ ଏଯାଏଁ ୧୬ ଜିଲ୍ଲାରେ ଅଂଶୁଘାତ ଜନିତ ଘଟଣା ସାମନାକୁ ଆସିଛି। ଅଂଶୁଘାତ ଓ ତାତି ଜନିତ ସମସ୍ୟା ପାଇଁ ୮୯ ଜଣ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି। ସୁନ୍ଦରଗଡ଼ରୁ ସର୍ବାଧିକ ୪୧ଜଣ ଏହି କାରଣ ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ଖୋର୍ଦ୍ଧାରୁ ୧୨ ଜଣ (ଯେଉଁଥିରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ୭) ଜଣ ରହିଛନ୍ତି। ସେହିପରି ଅନୁଗୁଳରୁ ୯ ଜଣ, ମୟୂରଭଞ୍ଜରୁ ୭, ଝାରସୁଗୁଡ଼ାରୁ ୭, ସମ୍ବଲପୁରରୁ ୫ ଜଣ ଭର୍ତ୍ତି ହୋଇଥିଲେ ବୋଲି ଡାକ୍ତର ମିଶ୍ର କହିଛନ୍ତି। ଅଂଶୁଘାତ ଯୋଗୁଁ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ଜଣଙ୍କର ମୃତ୍ୟୁ ହୋଇଥିବା ସେ ସୂଚନା ଦେଇଛନ୍ତି।

# ବିଜେପି ସଙ୍କଳ୍ପ ପତ୍ରର ଓଡ଼ିଆ ସଂସ୍କରଣ ଉନ୍ମୋଚିତ

**ଭୁବନେଶ୍ୱର, ୨୨।୪(ସମିସ):** ରାଜ୍ୟ ବିଜେପି ପକ୍ଷରୁ ସୋମବାର 'ବିଜେପିର ସଂକଳ୍ପ ପତ୍ର-୨୦୨୪, ମୋଦିଙ୍କ ଗ୍ୟାରେଣ୍ଟି' ପ୍ରକାଶ ପାଇଛି। ଗତ ୧୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା ଏବଂ ଅନ୍ୟମାନେ ନୂଆଦିଲ୍ଲୀଠାରେ ବିଜେପି ସଂକଳ୍ପ ପତ୍ର ଉନ୍ମୋଚନ କରିଥିଲେ। ଆଜି ସେହି ସଂକଳ୍ପ ପତ୍ରର ଓଡ଼ିଆ ସଂସ୍କରଣକୁ ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସାଂସଦ ଜୁଏଲ ଓରାମ, ରାଜ୍ୟ ବିଜେପି ଉପସଭାପତି ଗୋଲକ ମହାପାତ୍ର ଏବଂ ବରିଷ୍ଠ ନେତା ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

■ ରାଉତବାହାଲ ଗ୍ରାମରେ କଙ୍ଗାରୁ କୋର୍ଟ

# ଗାଁରୁ ବାସନ୍ଦ ଅଭିଯୋଗରେ ଏସ୍‌ପିଙ୍କ ଦ୍ୱାରସ୍ଥ

**ବୌଦ୍ଧ/ବାଉଁଶୁଣି, ୨୨।୪(ସମିସ):** ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ରାଉତବାହାଲ ଗ୍ରାମରେ ଗୋଟିଏ ପରିବାରକୁ କଙ୍ଗାରୁ କୋର୍ଟ ବସାଇ ବାସନ୍ଦ କରାଯାଇଛି। ଘଟଣାରେ ସୋମବାର ପୀଡ଼ିତ ପରିବାରର ମୁଖ୍ୟ ବୌଦ୍ଧ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମର ଦୋକାନ ବଜାରରୁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ତାଙ୍କୁ କ୍ରୟ କରିବାକୁ ଓ ସର୍ବସାଧାରଣ ଜିନିଷ ବ୍ୟବହାର ପାଇଁ ମଧ୍ୟ ବାସନ୍ଦ କରାଯାଇଥିବା ପୀଡ଼ିତ ପରିବାର ମୁଖ୍ୟ ଆଦିତ୍ୟ ପ୍ରଧାନ ଅଭିଯୋଗ କରିଛନ୍ତି। ସେହିପରି ଏହି ପରିବାରର ସଦସ୍ୟଙ୍କ ସହ କେହି କଥାବାର୍ତ୍ତା କଲେ ତାଙ୍କୁ ଜରିମାନା କରାଯାଉଥିବା ଆଦିତ୍ୟ ଲିଖିତ ଅଭିଯୋଗ କରିଛନ୍ତି। ଏ ସମସ୍ତ କାର୍ଯ୍ୟରେ ଗ୍ରାମର ଜଣେ ଶିକ୍ଷକ ମଧ୍ୟ ସମ୍ପୃକ୍ତ ଥିବା ସେ ଅଭିଯୋଗ କରିଛନ୍ତି।

# ନିର୍ବାଚନ ପୂର୍ବରୁ ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷା କଲେ ଡିଜି

**ଭୁବନେଶ୍ୱର, ୨୨।୪(ସମିସ):** ନିର୍ବାଚନ ପୂର୍ବରୁ ଆଇନ ଶୃଙ୍ଖଳା ସ୍ଥିତି ସମୀକ୍ଷା କରିଛନ୍ତି ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ। ନିର୍ବାଚନକୁ ଅବାଧ ଓ ମୁକ୍ତ କରାଯିବା ଉପରେ ରଣନୀତି ପ୍ରସ୍ତୁତ କରାଯାଇଛି। ୫ ଜିଲ୍ଲାର ଏସ୍‌ପିଙ୍କ ସହ ବରିଷ୍ଠ ଅଧିକାରୀଙ୍କୁ ନେଇ ଆଲୋଚନା କରିଛନ୍ତି ପୁଲିସ ମହାନିର୍ଦ୍ଦେଶକ। ବୈଠକରେ ଆଇନଶୃଙ୍ଖଳା ଅତିରିକ୍ତ ଡିଜି ସଞ୍ଜୟ କୁମାର, ଅତିରିକ୍ତ ଡିଜି ଅପରେସନ ଦେବଦତ୍ତ ସିଂ, ଗୁଇନ୍ଦା ବିଭାଗ ଆଇଜି ଅନୁପ ସାହୁ, ଡିଆଇଜି କନୱର ବିଶାଲ ସିଂ, ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ଜୟନାରାୟଣ ପଙ୍କଜ, ବ୍ରହ୍ମପୁର ଏସ୍‌ପି ଡକ୍ଟର ସାର୍ଥକ ଷଡ଼ଙ୍ଗୀ, ଗଞ୍ଜାମ ଏସ୍‌ପି ଜଗମୋହନ ମିନାଙ୍କ ସହ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ୫ଟି ଜିଲ୍ଲାର ଏସପିଙ୍କୁ ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି। ମାଓଗତି ବିଧି ରହିଥିବା ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଛି। କିଭଳି ଭାବରେ ଏହି ସବୁ ବୁଥ୍‌ରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ତାହା ଉରେ ପୁଲିସ ଡିଜି ଆଲୋକପାତ କରିଥିଲେ। ସେହିପରି ଭୋଟ ଗଣତିଠାରୁ ଆରମ୍ଭ କରି ଫଳାଫଳ ପର୍ଯ୍ୟନ୍ତ କିଭଳି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ, ସେନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି।

# ଟ୍ରାଭେଲ ଏଜେନ୍ସି ନାଁରେ ଗଞ୍ଜେଇ ଚାଲାଣ

**ଭୁବନେଶ୍ୱର, ୨୨।୪(ସମିସ):** ଟ୍ରାଭେଲ ଏଜେନ୍ସି ନାଁରେ ଗଞ୍ଜେଇ ଚାଲାଣ କରୁଥିବା ୨ ଭାଇଙ୍କୁ ଏସ୍‌ଟିଏଫ୍ ଗିରଫ କରିଛି। ପୂର୍ବରୁ ଏସ୍‌ଟିଏଫ୍ ଜଣେ ଭାଇକୁ ଗିରଫ କରିଥିବା ବେଳେ ସୋମବାର ଅନ୍ୟଜଣଙ୍କୁ ଗିରଫ କରିଛି। ସେ ହେଲା, ସୌମ୍ୟ ରଞ୍ଜନ ଦିଗାଲ। ତା' ଘର ଖୋର୍ଦ୍ଧାରେ। ଗତ ୧୧ତାରିଖରେ କମିସନରେଟ୍ ପୁଲିକୁ କୌଣସି ସୂତ୍ରରୁ ଖବର ମିଳିଥିଲା ଫୁଲବାଣୀରୁ ଗଞ୍ଜେଇ ଆସି ଭୁବନେଶ୍ୱରରେ ବିକ୍ରି ହେଉଛି। ଏନେଇ ତଦନ୍ତ କରିବା ପରେ ପୁଲିସ ଗୋଟିଏ ସନ୍ଦେହଜନକ କାର୍‌ରୁ ୫୨କେଜିର ଗଞ୍ଜେଇ ଜବତ କରିବା ସହ ବିକାଶ ଦିଗାଲକୁ ଗିରଫ କରିଥିଲା। ତଦନ୍ତ ବେଳେ ଏସ୍‌ଟିଏଫ୍ ଜାଣିବାକୁ ପାଇଛି ଯେ ଏ ଦୁଇଭାଇ ୩ବର୍ଷ ହେବ ଗଞ୍ଜେଇ ଚାଲାଣ କରୁଛନ୍ତି। ସେମାନେ ଭୁବନେଶ୍ୱର ମୈତ୍ରୀବିହାର ଶ୍ରମିକ ବସ୍ତିରେ ଏକ ଭଡ଼ା ଘରେ ରହୁଥିଲେ।

ଜଟଣୀରେ ନୂଆ ଓ ପୁରୁଣା ମଧ୍ୟରେ ଲଢ଼େଇ

# ସୁରଙ୍କ ଗଡ଼ରେ କଂଗ୍ରେସ ଫାଳଫାଳ



**ଜଟଣୀ,୨୨।୪ (ସମିସ):** ଜଟଣୀ ବିଧାନସଭା ଆସନରେ ତିନି ପ୍ରମୁଖ ଦଳ ନିଜର ପ୍ରାର୍ଥୀ ଘୋଷଣା କରିବା ପରେ ଏବେ ରାଜନୀତି ସରଗରମ ହୋଇଉଠିଛି। କଂଗ୍ରେସ ଏଠାରୁ ସନ୍ତୋଷ ଜେନାଙ୍କ ନାମ ଘୋଷଣା କରିବା ପରେ ଦୀର୍ଘ ଦିନ ଧରି ଲାଗି ରହିଥିବା ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଜଟଣୀ କଂଗ୍ରେସର ଗଡ଼ ବା ସୁରଗଡ଼ ଭାବେ ଜଣାଶୁଣା। ଏଠାରେ ସୁରଙ୍କ ପକେଟ୍ ଭୋଟ୍ ରହିଥିବା ବେଳେ କଂଗ୍ରେସର ଜଣେ ହେଭିୱେଟ୍ ହୋଇଥିବାରୁ ଅନେକ ନିର୍ବାଚନରେ ଲୋକେ ତାଙ୍କୁ ବିଜୟୀ କରି ଆସିଛନ୍ତି। କିନ୍ତୁ ଏଥର ତାଙ୍କ ସାନପୁଅ ବିଜେଡିରୁ ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ ହେବା ପରେ ଜଟଣୀ କଂଗ୍ରେସ ସ୍ଥିତି ଗୋଳମାଳିଆ ହୋଇଯାଇଛି। ତାଙ୍କର ବହୁ ସମର୍ଥକ ବିଜେଡି ବାନାକୁ ଆଦରି ନେଇଛନ୍ତି। ଅପରପକ୍ଷେ, ସନ୍ତୋଷଙ୍କୁ ଟିକଟ ମିଳିବା ପରେ ବହୁ ପୁରୁଣା ଛାମୁଆ ନେତା ବା କର୍ମୀ ନିରାଶ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସନ୍ତୋଷଙ୍କ ପ୍ରାର୍ଥିତ୍ୱକୁ କିଛି ଖୋଲାଖୋଲି ବିରୋଧ ମଧ୍ୟ କରିଛନ୍ତି। ଟିକଟ ଦୌଡ଼ରେ ଥିବା କଂଗ୍ରେସର ପୁରୁଣା ନେତା ତଥା ଆଶାୟୀ ପ୍ରାର୍ଥୀ ସଂଗ୍ରାମ ରାଉତରାୟ କହିଛନ୍ତି, ସନ୍ତୋଷ ଦଳର କୌଣସି କର୍ମୀ ନଥିଲେ କିମ୍ବା ପତାକା ଧରି ନଥିଲେ। ଦଳର ହାଇକମାଣ୍ଡ ମନଇଚ୍ଛା ନିଷ୍ପତ୍ତି ନେଇଗଲେ। ପ୍ରାର୍ଥୀ ପରିବର୍ତ୍ତନ ପାଇଁ ଜଣାଇଛୁ। କଂଗ୍ରେସ ମୁଖ୍ୟାଳୟରୁ ସମୟ ନିଆଯାଇଛି। ନିଷ୍ପତ୍ତି ଆମ ସପକ୍ଷରେ ନ ଆସିଲେ ଦଳ ପରିବର୍ତ୍ତନ କରିବି ନଚେତ ସ୍ୱାଧୀନରୁ ନିର୍ବାଚନ ଲଢ଼ିବି। ଖାଲି ସଂଗ୍ରାମ ନୁହେଁ, ଜଟଣୀ ନଗର କଂଗ୍ରେସର ସଭାପତି ଅଶୋକ ମଙ୍ଗରାଜଙ୍କ ସମେତ ଟିକଟ ଆଶାୟୀ ଥିବା ଆଉ କିଛି କଂଗ୍ରେସ ନେତା ମଧ୍ୟ ଅସନ୍ତୁଷ୍ଟ ଅଛନ୍ତି। ତେଣୁ ଆଗାମୀ ଦିନରେ ସେମାନଙ୍କ ଭୂମିକା ଏଠାରେ କଂଗ୍ରେସ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି କୁହାଯାଉଛି। ଏହି ଆସନରେ ବିଜେଡି ବିଭୂତି ବଳବନ୍ତରାୟଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେପି ବିଶ୍ୱରଞ୍ଜନ ବଡ଼ଜେନା ଏବଂ କଂଗ୍ରେସ ସନ୍ତୋଷ ଜେନାଙ୍କୁ ପ୍ରାର୍ଥୀ କରିଛି। ନିର୍ବାଚନ ମଇଦାନ ପ୍ରସ୍ତୁତ ଥିବା ବେଳେ ଏଥର ପୁରୁଣା ଓ ନୂଆ ମୁହଁ ମଧ୍ୟରେ ଲଢ଼େଇ ହେବ। ତିନି ପ୍ରାର୍ଥୀଙ୍କ ମଧ୍ୟରୁ ଶ୍ରୀ ବଳବନ୍ତରାୟ ଓ ଶ୍ରୀ ବଡ଼ଜେନାଙ୍କର ନିର୍ବାଚନ ଲଢ଼ିବାର ଅଭିଜ୍ଞତା ରହିଛି। ଏହି ଦୁଇ ଅଭିଜ୍ଞ ନେତାଙ୍କୁ ଟକ୍କର ଦେବାକୁ କଂଗ୍ରେସ ଏଥର ଶ୍ରୀ ଜେନାଙ୍କୁ ପ୍ରାର୍ଥୀ କରିଛି। ଗୋଟିଏପଟେ ପ୍ରାର୍ଥୀ ଘୋଷଣା ପରେ ସନ୍ତୋଷ ନିର୍ବାଚନୀ ପ୍ରଚାର ଆରମ୍ଭ କରିଥିବା ବେଳେ ଅନ୍ୟପଟେ ଆଶାୟୀ ପ୍ରାର୍ଥୀ ଓ ଦଳକୁ ନେଇ ବିବାଦ ଆରମ୍ଭ ହୋଇଛି।

# କବିସୂର୍ଯ୍ୟନଗର ଓ ଖଲ୍ଲିକୋଟ ବ୍ଲକ୍ ଅଧ୍ୟକ୍ଷଙ୍କ ଇସ୍ତଫା

**କବିସୂର୍ଯ୍ୟନଗର/ଖଲ୍ଲିକୋଟ, ୨୨।୪ (ସମିସ):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ ଓ ଖଲ୍ଲିକୋଟ ବ୍ଲକ୍ ଅଧ୍ୟକ୍ଷ ଦୈତାରି ବେହେରା ସୋମବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ଦୁହେଁ ଇସ୍ତଫା ଦେଇଥିବା ଜଣାଯାଇଛି। ଜ୍ୟୋତିର୍ମୟୀ ବିଡିଓ ସାଗରିକା ଷଡ଼ଙ୍ଗୀଙ୍କ ଜରିଆରେ ନିଜର ଇସ୍ତଫାପତ୍ର ଜିଲ୍ଲାପାଳଙ୍କୁ ଦେଇଥିବା ଜଣାପଡ଼ିଛି। ଜ୍ୟୋତିର୍ମୟୀ ଆସିକାର ବିଧାୟିକା ପ୍ରାର୍ଥୀନୀ ମଞ୍ଜୁଳା ସ୍ୱାଇଁଙ୍କ ବୋହୂ। ସେ ୨୦୨୨ ମସିହା ପଞ୍ଚାୟତ ନିର୍ବାଚନରେ କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ନନ୍ଦିଆଗଡ଼ା ପଞ୍ଚାୟତରେ ନିର୍ଦ୍ୱନ୍ଦ୍ୱରେ ସମିତିସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ପରେ ପୁଣି ନିର୍ଦ୍ୱନ୍ଦ୍ୱରେ କବିସୂର୍ଯ୍ୟନଗର ବ୍ଲକର ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ସ୍ୱାମୀ ଦୈତାରି ବେହେରା ତାଙ୍କ ଇସ୍ତଫାପତ୍ର





ଖଲ୍ଲିକୋଟ ବିଡିଓଙ୍କୁ ପଠାଇଛନ୍ତି। ଦୈତାରି ଖଲ୍ଲିକୋଟ ବ୍ଲକର ଦାନପୁର ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ପ୍ରତିକ୍ରିୟାରେ ଶ୍ରୀ ବେହେରା କହିଛନ୍ତି, ଅଧ୍ୟକ୍ଷ ପଦରେ ରହିଥିବାରୁ ଦଳ ପାଇଁ ସେ ସମୟ ଦେଇ ପାରୁନଥିଲେ। ବର୍ତ୍ତମାନ ଦଳୀୟ ସଂଗଠନ ପାଇଁ କାମ କରିବାକୁ ସମୟ ଦେବେ।

# ରତନ ଟାଟାଙ୍କୁ 'କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ'

**ଭୁବନେଶ୍ୱର,୨୨।୪(ସମିସ):** ବିଶ୍ୱର ବିଶିଷ୍ଟ ଶିଳ୍ପପତି, ସମାଜସେବୀ ତଥା ଟାଟା ଗ୍ରୁପ୍‌ର ଚେୟାରମ୍ୟାନ୍ ଏମେରିଟସ୍ ରତନ ଟାଟାଙ୍କୁ ସମ୍ମାନଜନକ 'କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ-୨୦୨୧' ସୋମବାର ପ୍ରଦାନ କରାଯାଇଛି। ଆଜି ମୁମ୍ବାଇସ୍ଥିତ ରତନ ଟାଟାଙ୍କ ବାସଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଟାଟା ଗ୍ରୁପ୍‌ର ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେଖରନ୍ ଓ ତିନିଥର ଗ୍ରାମି ପୁରସ୍କାର ବିଜେତା ରିକି କେଜ୍‌ଙ୍କ ଉପସ୍ଥିତିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ରତନ ଟାଟାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ସାମାଜିକ ବିକାଶ ପ୍ରତି ପ୍ରତିବଦ୍ଧତା ଓ କର୍ପୋରେଟ୍ ନେତୃତ୍ୱ କ୍ଷେତ୍ରରେ ସେ ସୃଷ୍ଟି କରିଥିବା ଉଦାହରଣ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସମ୍ମାନ ଗ୍ରହଣ କରିବା ଅବସରରେ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେଇ ରତନ ଟାଟା କହିଲେ ଯେ ଏହି ସମ୍ମାନ ମୋତେ ପ୍ରଦାନ କରାଯାଇଥିବାରୁ ମୁଁ ବହୁତ ଖୁସି। ଏହା ମୋ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ସୂଚନାଯୋଗ୍ୟ, ୨୦୨୧ରେ ଶ୍ରୀ ଟାଟାଙ୍କୁ ଏହି ସମ୍ମାନ ଗ୍ରହଣ କରିବା ପାଇଁ ଶ୍ରୀ ସାମନ୍ତ ଅନୁରୋଧ କରିଥିଲେ। କିନ୍ତୁ କୋଭିଡ୍ ମହାମାରୀ ଯୋଗୁଁ ତାହା ସମ୍ଭବ ହୋଇପାରିନଥିଲା। ତାଙ୍କୁ ଆଜି ଏହି ସମ୍ମାନ ପ୍ରଦାନ କରି ଶ୍ରୀ ସାମନ୍ତ କହିଥିଲେ ଯେ ରତନ ଟାଟାଙ୍କ ସମାଜସେବା ଓ ନେତୃତ୍ୱ ମୋତେ ପିଲାଦିନୁ ପ୍ରଭାବିତ କରିଥିଲା।



● ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଅଭିନବ ପ୍ରୟାସ

# 'କ୍ୟାମ୍ପେନ୍ ଏଗେନଷ୍ଟ କ୍ଲାଇମେଟ୍ ଚେଞ୍ଜ' ସଚେତନତା ଅଭିଯାନ ଆରମ୍ଭ

**ଭୁବନେଶ୍ୱର,୨୨।୪(ସମିସ):** ବର୍ତ୍ତମାନ ସମୟରେ ଯେଉଁଭଳି ଭାବେ ତାପମାତ୍ରା ବଢ଼ି ଚାଲିଛି ତାହା କେବଳ ମନୁଷ୍ୟ ସମାଜ ନୁହେଁ ବରଂ ସାରା ଜୀବଜଗତକୁ ଅସ୍ତବ୍ୟସ୍ତ କରି ପକାଉଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁଁ ପଶୁପକ୍ଷୀ, ଗଛଲତା ମଧ୍ୟ ଅନେକ ପରିମାଣରେ ପ୍ରଭାବିତ ହେଉଛନ୍ତି। ଏହାକୁ ଉପଲବ୍ଧି କରି ମହିଳା ଓ ଶିଶୁ ବିକାଶ ବିଭାଗ, ଆକ୍ସନଏଡ୍, ୟୁନିସେଫ୍ ଏବଂ ସ୍ଥାନୀୟ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଛି 'କ୍ୟାମ୍ପେନ୍ ଏଗେନଷ୍ଟ କ୍ଲାଇମେଟ୍ ଚେଞ୍ଜ' ସଚେତନତା କାର୍ଯ୍ୟକ୍ରମ। ରାଜ୍ୟରେ ରହିଥିବା ସମସ୍ତ ଜିଲ୍ଲାର ଅଙ୍ଗନବାଡ଼ି କେନ୍ଦ୍ର 'ଅଦ୍ୱିକା'ର ସଦସ୍ୟ ଓ ସଦସ୍ୟା ନିଜର ନାଗରିକ ଦାୟିତ୍ୱ ତୁଲାଇବାକୁ ଯାଇ ସାରା ଓଡ଼ିଶାରେ ଏକ ଅଭିଯାନ 'କ୍ୟାମ୍ପେନ୍ ଏଗେନଷ୍ଟ କ୍ଲାଇମେଟ୍ ଚେଞ୍ଜ' ଆରମ୍ଭ କରିଛନ୍ତି। କାର୍ଯ୍ୟକ୍ରମ ମାଧ୍ୟମରେ କିଶୋର କିଶୋରୀମାନେ ସାମିଲ ହୋଇଛନ୍ତି। ସେମାନେ ନିଜ ଅଞ୍ଚଳରେ ବିଭିନ୍ନ ସ୍ଥାନ ଓ ଗଛରେ ଜଳପାତ୍ର ବ୍ୟବସ୍ଥା କରୁଛନ୍ତି। ଗତ ଶନିବାର ସାରା ଓଡ଼ିଶାରେ ଆରମ୍ଭ ହୋଇଥିବା ଏହି ଅଭିଯାନ ମଇ ମାସ ଶେଷ ପର୍ଯ୍ୟନ୍ତ ଚାଲିବ।

■ ହାଇକୋର୍ଟଙ୍କୁ ଅବଗତ କଲେ ଆଇନ ସେବା ପ୍ରାଧିକରଣ ସଚିବ

# ସୁପ୍ରିମକୋର୍ଟଙ୍କ ଏସ୍‌ଓପି ପାଳନ ପାଇଁ ଡିଏଲଏସଏ ସହ ହୋଇଛି ବୈଠକ

**କଟକ, ୨୨।୪(ସମିସ):** ଜେଲ୍ ସଂସ୍କାର ପ୍ରସଙ୍ଗରେ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ଜାମିନ ମିଳିବା ସତ୍ତ୍ୱେ ଜାମିନ ବଣ୍ଡ ପ୍ରଦାନରେ ଅବହେଳା ଓ ଅନ୍ୟାନ୍ୟ କାରଣରୁ ଏବେ ୩୬୯ଜଣ ବିଚାରାଧୀନ ବନ୍ଦୀ ଜେଲରୁ ମୁକୁଳି ପାରିନଥିବା ନେଇ ଆଜି ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ସଚିବ ଭର୍ଚୁଆଲ ମାଧ୍ୟମରେ ଉପସ୍ଥିତ ରହି ଏହି ପ୍ରସଙ୍ଗରେ ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ। ତେବେ ଆସନ୍ତାକାଲି ପୁଣି ଏହି ମାମଲାର ଶୁଣାଣି ପାଇଁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁସାରେ ସମସ୍ତ ଡିଏଲଏସଏ(ଜିଲ୍ଲା ଆଇନ

**ଜାମିନ ସତ୍ତ୍ୱେ ଜେଲରୁ ମୁକୁଳିନପାରିବା ପ୍ରସଙ୍ଗ**

ସେବା ପ୍ରାଧିକରଣ)ର ସଚିବ ଓ ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍‌ମାନଙ୍କ ସହ ଭର୍ଚୁଆଲରେ ବୈଠକ ଅନୁଷ୍ଠିତ ହୋଇଥିବା ନେଇ ଅଦାଲତଙ୍କୁ ଅବଗତ କରାଯାଇଛି। ସୁପ୍ରିମକୋର୍ଟଙ୍କ ରହିଥିବା ନିର୍ଦ୍ଦେଶ ତଥା ଏସଓପି ପାଳନ ସୁନିଶ୍ଚିତ କରାଯିବା ଉପରେ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଗତ ଶୁଣାଣି ବେଳେ ମୋଟ ୪୪୪ଜଣଙ୍କୁ ଜାମିନ ପ୍ରଦାନ ସତ୍ତ୍ୱେ ସେମାନେ ଜେଲରୁ ମୁକୁଳି ନଥିବା ସ୍ପଷ୍ଟ ହୋଇଥିଲା। ଇତିମଧ୍ୟରେ ମୋଟ ୭୫ଜଣ ମୁକୁଳିଥିବା ନେଇ ଅବଗତ କରାଯାଇଥିଲା। ସେହିପରି ୩୩୩ ବିଚାରାଧୀନ ବନ୍ଦୀ ଯେଉଁମାନେ ନିଜ ତରଫରୁ ଓକିଲ ନିୟୋଜିତ କରୁଛନ୍ତି ସେମାନଙ୍କ ଓକିଲଙ୍କୁ ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଜାମିନ ସର୍ତ୍ତାବଳୀ ପୂରଣ ପାଇଁ ଅନୁରୋଧ କରାଯାଉଥିବା କୁହାଯାଇଛି। ଆମିକସ୍‌କ୍ୟୁରି ଗୌତମ ମିଶ୍ର ମାମଲା ପରିଚାଳନା କରୁଛନ୍ତି।

■ ନାକ୍ ମାନ୍ୟାତା ବ୍ୟବସ୍ଥାରେ ସଂସ୍କାର ଆଣିବ ୟୁଜିସି

# ଗ୍ରେଡ୍ ବଦଳରେ ମିଳିବ କେବଳ ଅଧିସ୍ୱୀକୃତି ଓ ଅଣ ଅଧିସ୍ୱୀକୃତି

**ଭୁବନେଶ୍ୱର, ୨୨।୪(ସମିସ):** ଉଚ୍ଚ ଶିକ୍ଷାନୁଷ୍ଠାନରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବା ପାଇଁ ଗୁରୁତ୍ୱ ଦିଆଯାଉଛି। ଶୈକ୍ଷିକ ଭିତ୍ତିଭୂମି ସୁଦୃଢ଼ କରିବା ସହ ନେସନାଲ ଆସେସମେଣ୍ଟ ଆଣ୍ଡ ଆକ୍ରିଡେସନ କାଉଁସିଲ(ନାକ୍) ମାନ୍ୟତା ହାସଲ କରିବାକୁ ଆଗ୍ରାଧିକାର ଦେଉଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ମଧ୍ୟ ନାକ୍ ମାନ୍ୟତା ପ୍ରଦାନ କରିବାକୁ ପ୍ରାଥମିକତା ଦେଉଛି। ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀଙ୍କୁ ମିଳୁଥିବା ସମସ୍ତ ସୁବିଧା ସୁଯୋଗ, ଭିତ୍ତିଭୂମି ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧାସୁଯୋଗକୁ ଅନୁଧ୍ୟାନ ପରେ ଗ୍ରେଡ୍ ପ୍ରଦାନ କରୁଛି। ହେଲେ ଶିକ୍ଷାନୁଷ୍ଠାନ ପରିଦର୍ଶନ ସମୟରେ ନାକ୍ ଟିମ୍ ସଦସ୍ୟମାନେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ଠାରୁ ବିଭିନ୍ନ ପ୍ରକାରେ ଅନୁଗୃହୀତ ହେଉଥିବା ଅଭିଯୋଗ ହେଉଛି। ଏହାକୁ ଦୃଷ୍ଟିରେ ରଖି ୟୁଜିସି ପକ୍ଷରୁ ନୂତନ ସଂସ୍କାର ଆଣିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି। ଗ୍ରେଡେସନ୍ ବ୍ୟବସ୍ଥା ବଦଳରେ କେବଳ ଅଧିସ୍ୱୀକୃତି ଓ ଅଣ ଅଧିସ୍ୱୀକୃତି ବ୍ୟବସ୍ଥା କରାଯିବା ନେଇ ୟୁଜିସି ସଦସ୍ୟ ଡଃ ସଚ୍ଚିଦାନନ୍ଦ ମହାନ୍ତି ସୂଚନା ଦେଇଛନ୍ତି। ନୂତନ ବ୍ୟବସ୍ଥାରେ ଅଧିସ୍ୱୀକୃତି ବା କେବଳ ପାଶ୍ କିମ୍ବା ଅଣ ଅଧିସ୍ୱୀକୃତି ଅର୍ଥାତ ଫେଲ୍ ରହିବ। ଫଳରେ ଏପରି ଅଭିଯୋଗ ଉପରେ ଅଙ୍କୁଶ ଲାଗିପାରିବ ବୋଲି ସେ ମତପ୍ରକାଶ କରିଛନ୍ତି। ଗ୍ରେଡ୍ ନ ରହିଲେ ମାନ୍ୟତାର ରୂପରେଖ ସମ୍ପର୍କରେ ୟୁଜିସି ବିଚାର କରୁଥିବା ସେ ସୂଚନା ଦେଇଛନ୍ତି।

# ଦଳ ଛାଡ଼ିଲେ ବୌଦ୍ଧ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ

**ଶଗଡ଼ା, ୨୨।୪(ସମିସ):** ବୌଦ୍ଧ ଜିଲ୍ଲା ଯୁବ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ହୃଦାନନ୍ଦ କହଁର ସୋମବାର ଦଳ ଛାଡ଼ିଛନ୍ତି। କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ସେ ଇସ୍ତଫା ଦେଇଛନ୍ତି। ଶ୍ରୀ କହଁର ତାଙ୍କ ଇସ୍ତଫାପତ୍ର ଜିଲ୍ଲା ସଭାପତିଙ୍କ ଜରିଆରେ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କୁ ପଠାଇଛନ୍ତି। ଦୀର୍ଘ ୬ ବର୍ଷ ହେବ ସେ ଶୃଙ୍ଖଳିତ ସଦସ୍ୟ ଭାବରେ ନିଜର କାର୍ଯ୍ୟ ତୁଲାଇ ଆସୁଥିଲେ। ଦଳର ଉପରିସ୍ଥ ପଦାଧିକାରୀ ତାଙ୍କୁ କିନ୍ତୁ ଅଣଦେଖା କରୁଛନ୍ତି। ଏଣୁ ସେ ଦଳ ଛାଡିଥିବା ନିଜ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି।

# ବୌଦ୍ଧ ମହିଳାଙ୍କୁ ୨ ଲକ୍ଷ ଟଙ୍କାରେ ରାଜସ୍ଥାନରେ ବିକ୍ରି

**ମନମୁଣ୍ଡା, ୨୨।୪(ସମିସ):** ୨ ଲକ୍ଷ ଟଙ୍କାରେ ବିକ୍ରି ହୋଇଥିବା ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଖଲିଆପାଲି ଗ୍ରାମର ଜଣେ ମହିଳା ରାଜସ୍ଥାନରୁ ଉଦ୍ଧାର ହୋଇଛନ୍ତି। ମହିଳାଜଣକ ହେଲେ, ଅନିତା ଖୁରା (୪୦)। ଫେବ୍ରୁଆରୀ ୫ରେ ବାଉଁଶୁଣି ଥାନା ତାଲୁପାଲିର ସମ୍ପର୍କୀୟ ବିଶ୍ୱାମିତ୍ର ଭବସାଗରଙ୍କ ଝିଅ ସନ୍ଧ୍ୟା ଭବସାଗର ଅନିତାଙ୍କୁ ସାଙ୍ଗରେ କାମ କରିବାକୁ ଘରୁ ଡାକି ନେଇଥିଲେ। ଅନିତା ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାରବର୍ଗ ଖୋଜାଖୋଜି କରିଥିଲେ। ହେଲେ ପାଇ ନଥିଲେ। ସନ୍ଧ୍ୟାଙ୍କୁ ପଚାରିବାର ସେ ଉତ୍ତର ଦେଇ ନଥିଲେ। ୭ ତାରିଖରୁ ଅନିତାଙ୍କ ମୋବାଇଲ ସୁଇଚ ଅଫ୍ ବତାଇବାରୁ ଘର ଲୋକେ ଚିନ୍ତିତ ହୋଇପଡ଼ିଥିଲେ। ଗତ ୨ ତାରିଖରେ ଅନିତା ଏକ ମୋବାଇଲରୁ ଫୋନ୍ କରି ତାଙ୍କୁ ଏକ କୋଠରିରେ ବନ୍ଦ କରି ନିର୍ଯାତନା ଦିଆଯାଉଛି ବୋଲି କହିଥିଲେ। ଅନିତାଙ୍କ ସମ୍ପର୍କୀୟ ଭାଇ ତରଭା ଥାନା ହରିଡ଼ାପାଲି ଗ୍ରାମର ରାଜେଶ ପାତ୍ର ଏ ସଂପର୍କରେ ମନମୁଣ୍ଡା ଥାନାରେ ଏତଲା ଦେଇଥିଲେ। ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୋବାଇଲ୍ ଟ୍ରାକିଂରୁ ଅନିତା ରାଜସ୍ଥାନରେ ଥିବା ପୁଲିସ ଜାଣିବାକୁ ପାଇଥିଲା।

**ଉଦ୍ଧାର କଲା ମନମୁଣ୍ଡା ପୁଲିସ**

ପରେ ଆଇଆଇସି ରାମ କୁମାର ମୁର୍ମୁ, ଏଏସ୍‌ଆଇ ସନ୍ତୋଷ ମଲ୍ଲିକଙ୍କ ନେତୃତ୍ୱରେ ଏଏସ୍‌ଆଇ ନୀଳାମ୍ବର ସାହୁ, କନଷ୍ଟେବଳ ନେତ୍ରମଣି ଠାକୁର, ହୋମଗାର୍ଡ ପୁଷ୍ପାଞ୍ଜଳି ରଣାଙ୍କ ସହ ଏକ ଟିମ୍ ରାଜସ୍ଥାନ ଯାଇଥିଲା। ରାଜସ୍ଥାନର କୋଟା ଏସ୍‌ପିଙ୍କ ସହଯୋଗରେ କେଲୱାଡ଼ା ଥାନା ପୁଲିସ ସହାୟତାରେ ଅନିତାକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ତାଙ୍କୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ମଙ୍ଗଳବାର କନ୍ଧମାଳ କୋର୍ଟରେ ଅନିତାଙ୍କ ବୟାନ ରେକର୍ଡ କରାଯିବ। ତେବେ ସନ୍ଧ୍ୟା ପ୍ରଥମେ ଅନିତାକୁ ଝାରସୁଗୁଡ଼ା ନେଇଥିଲା। ସେଠାରେ କାମ ମିଳୁନାହିଁ ବୋଲି କହି ରାଜସ୍ଥାନ ନେଇଯାଇଥିଲା। ସେଠାରେ ତାଙ୍କୁ ଜଣେ ବ୍ୟକ୍ତିକୁ ୨ ଲକ୍ଷ ଟଙ୍କାରେ ବିକ୍ରି କରି ଦେଇଥିଲା ବୋଲି ପୁଲିସ କହିଛି। ପୁଲିସ କିନ୍ତୁ ସନ୍ଧ୍ୟାକୁ ଗିରଫ କରିପାରିନି।

ସୂଚନାଯୋଗ୍ୟ, ୨୦୧୭ରେ ଅନିତାଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଇଯାଇଛି। ସେ ଦିନ ମଜୁରିଆ କାମ କରି ତାଙ୍କ ୨ ପୁଅ (୧୭ ଓ ୧୪) ଏବଂ ଜଣେ ଝିଅ ( ୧୧)କୁ ପାଠ ପଢ଼ାଇବା ସହ ପରିବାର ପୋଷଣ କରି ଆସୁଛନ୍ତି।

■ ଜୟଦେବ ପ୍ରାର୍ଥୀ କୃଷ୍ଣ ସଗରିଆଙ୍କୁ ବିରୋଧ

# ପିସିସି କାର୍ଯ୍ୟାଳୟ ଘେରିଲେ ଜୟନ୍ତଙ୍କ ସମର୍ଥକ

**ଭୁବନେଶ୍ୱର, ୨୨।୪(ସମିସ):** କଂଗ୍ରେସ ଭବନରେ ପୁଣି ଟିକଟ ତାତି। ଜୟଦେବ ନିର୍ବାଚନମଣ୍ଡଳୀ ଟିକଟ ବଣ୍ଟନକୁ ବିରୋଧ କରି ହୋହଲ୍ଲା ନାରାବାଜି କରିଛନ୍ତି କଂଗ୍ରେସ କର୍ମୀ। ଜୟଦେବ ଆସନରୁ ପ୍ରାର୍ଥୀ ବଦଳାଇ କୃଷ୍ଣଚନ୍ଦ୍ର ସଗରିଆଙ୍କୁ କଂଗ୍ରେସ ଟିକଟ ଦେଇଛି। ମାତ୍ର ଏହାକୁ ତୀବ୍ର ବିରୋଧ କରି ଜୟଦେବ ନିର୍ବାଚନମଣ୍ଡଳୀର ଜୟନ୍ତ କୁମାର ଭୋଇ ନିଜ ସମର୍ଥକଙ୍କ ସହ କଂଗ୍ରେସ ଭବନରେ ଆସି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭ ପ୍ରଦର୍ଶନ ସହ ଟଙ୍କା ନେଇ ଟିକଟ ଦେଇଥିବା ଅଭିଯୋଗ କରି କଂଗ୍ରେସର ଶୀର୍ଷ ନେତୃତ୍ୱଙ୍କୁ ବିରୋଧରେ ଜୟନ୍ତ ବିଷ ଓଗାଳିଛନ୍ତି। କାହିଁକି ତାଙ୍କୁ ଟିକଟ ଦେବାର ୬ ଦିନ ପରେ ପୁଣି ଟିକଟ ବଦଳାଇ ନିର୍ବାଚନ ମଣ୍ଡଳୀ ପାଇଁ ସମ୍ପୂର୍ଣ୍ଣ ଅଜଣା ଥିବା ଲୋକକୁ ଟିକଟ ଦିଆଗଲା ପ୍ରଶ୍ନ କରିବା ସହ ୭୦୦ କିଲୋମିଟର ଦୂରରୁ ଆସି ଏଠାରେ ପ୍ରାର୍ଥୀ ହୋଇଥିବା କୃଷ୍ଣଙ୍କୁ ନିର୍ବାଚନ ମଣ୍ଡଳୀରେ ପୂରାଇ ଦିଆଯିବ ନାହିଁ ବୋଲି ସେ ଚେତାବନୀ ଦେଇଥିଲେ।

# ଭୁବନେଶ୍ୱର ସିଟି



## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା; ପ୍ରେମିକ ଗିରଫ



ଭୁବନେଶ୍ୱର, ୨୨।୪ (ସମିସ): ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସିଜୁଆର ଦୀପୁ ଓରଫ୍ ବିକ୍ରମ ଜୟସିଂହ (୩୨)। ପୁଲିସ ସୂଚନା ଅନୁସାରେ, ବାଲିପାଟଣା ଅଞ୍ଚଳର ଜଣେ ଯୁବତୀ ୯ ବର୍ଷ ତଳେ ଏୟାର୍‌ପୋର୍ଟ ଥାନା ଅଞ୍ଚଳରେ ଭଡ଼ାରେ ରହି ଏକ ବେସରକାରୀ ସଂସ୍ଥାରେ ସଂଯୋଜକ ଭାବେ କାମ କରୁଥିଲେ। ସେହି ସଂସ୍ଥାରେ ଟେକ୍‌ନିସିଆନ୍ ଭାବେ କାମ କରୁଥିବା ଦୀପୁ ସହ ଯୁବତୀଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦୀପୁ ବିବାହର ପ୍ରତିଶ୍ରୁତି ଦେଇ ଗତ ୧୭ ମାସ ହେବ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲା। ଯୁବତୀ ତାଙ୍କୁ ବିବାହ କରିବା ଲାଗି ପ୍ରସ୍ତାବ ଦେବାରୁ ଦୀପୁ ତାଙ୍କୁ ବିବାହ କରିବା ଲାଗି ମନା କରିଦେଇଥିଲା। ଓଲଟି ଯୁବତୀଙ୍କୁ ଓ ତାଙ୍କ ମାଆଙ୍କୁ ନାନା ପ୍ରକାର ଧମକଚମକ ଦେଇଥିଲା। ଏନେଇ ଏୟାରପୋର୍ଟ ଥାନାରେ ଅଭିଯୋଗ ହେବାପରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଥିଲା। ଆଜି ଦୀପୁକୁ ଗିରଫ କରି କୋର୍ଟଚାଲାଣ କରିଛି।

## ୫ ଚୋରା ମୋବାଇଲ୍ ଓ ଗାଡ଼ି ଜବତ; ଦୁଇ ଗିରଫ

ଭୁବନେଶ୍ୱର, ୨୨।୪ (ସମିସ): ମୋବାଇଲ୍ ଚୋରି କରିବା ଓ ଚୋରି ମୋବାଇଲ୍ ବିକ୍ରି କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବରମୁଣ୍ଡା ଜଗନ୍ନାଥ ବିହାରରେ ରହୁଥିବା ଚିତ୍ତରଞ୍ଜନ ସାହୁ (୨୭) ଓ ନନ୍ଦନକାନନ ଥାନା ଗଣ୍ଡରପୁରର ଦୁଷ୍ମନ୍ତ ସୁବୁଦ୍ଧି (୩୪)। ପୁଲିସ ସୂଚନା ଅନୁସାରେ, ନୂଆପଲ୍ଲୀ ଥାନାର ଏକ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ଇନ୍ଦ୍ରଧନୁ ମାର୍କେଟରେ ଚୋରା ମୋବାଇଲ୍ ଫୋନ ବିକ୍ରି ହେଉଥିବା ଖବର ପାଇଥିଲେ। ଚିତ୍ତରଞ୍ଜନ ଓ ଦୁଷ୍ମନ୍ତ ଇନ୍ଦ୍ରଧନୁ ମାର୍କେଟସ୍ଥିତ ଜୁଡିଓ ଛକ ନିକଟରେ କେତେକ ଚୋରା ମୋବାଇଲ୍ ଫୋନ



କମ୍ ଦାମରେ ବିକ୍ରି କରିବା ଲାଗି ଗ୍ରାହକ ଯୋଗାଡ଼ କରୁଥିବା ବେଳେ ପୁଲିସ ଟିମ୍ ସେଠାରେ ଚଢ଼ଉ କରି ସେମାନଙ୍କୁ ଗିରଫ କରିଥିଲା। ଛାନ୍‌ଭିନ ସମୟରେ ଟିମ ସେମାନଙ୍କ ହେପାଜତରୁ ୫ଟି ଚୋରା ମୋବାଇଲ ଫୋନ୍ ଓ ଏକ ନମ୍ବର ବିହୀନ ମଟରସାଇକଲ ଜବତ କରିଥିଲେ। ସେମାନେ ମୋବାଇଲ ଫୋନ୍‌ଗୁଡ଼ିକୁ ଭୁବନେଶ୍ୱର ସହରର ବିଭିନ୍ନ ଅଞ୍ଚଳରୁ ଚୋରିକରି ଆଣିଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ। ଦୁଷ୍ମନ୍ତ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୮ରୁ ଅଧିକ ଚୋରିଜନିତ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ନୂଆପଲ୍ଲୀ ଥାନା ପୁଲିସ ଏକ ମାମଲା ରୁଜୁକରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ବ୍ରାଉନ୍‌ସୁଗର୍ ଜବତ; ଜଣେ ଗିରଫ



ନନ୍ଦନକାନନ,୨୨।୪(ସମିସ): ରାଜ୍ୟ ଉଦ୍ଭିଦ ଉଦ୍ୟାନ ବଟାନିକାଲ୍ ଗାର୍ଡେନ ଠାରେ ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ଅଭିଯୋଗରେ ନନ୍ଦନକାନନ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା ଖୋର୍ଦ୍ଧା ସଦର ଥାନା ଦଳେଇପୁଟ୍ ଗ୍ରାମର ପ୍ରଭାତ କୁମାର ସାମନ୍ତସିଂହାର (୪୫)। ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ନନ୍ଦନକାନନ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଥାନାର ଦଳ ବଟାନିକାଲ୍ ଗାର୍ଡେନ ଛକ ନିକଟରେ ଅତର୍କିତ ଚଢ଼ଉ କରିଥିଲେ। ଛାନ୍‌ଭିନ ବେଳେ ତା ନିକଟରୁ ମୋଟ ୨୦ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗାର, ମୋବାଇଲ ଫୋନ୍, ମଟରସାଇକଲ ଓ ୩୮୦ ଟଙ୍କା ଜବତ କରିଛି ପୁଲିସ।

# ‘୪୩’ରେ ଜଳିଲା ରାଜଧାନୀ



## ଭୁବନେଶ୍ୱର ରାସ୍ତାଘାଟରେ ଅଘୋଷିତ କର୍ଫ୍ୟୁ

ଭୁବନେଶ୍ୱର, ୨୨।୪(ସମିସ): ଆନ୍ଧ୍ରପ୍ରଦେଶର ଚୁଡ଼ାପା ସହର ସହିତ ରାଜଧାନୀ ଭୁବନେଶ୍ୱର ଦେଶର ସବୁଠାରୁ ଉତ୍ତପ୍ତ ସହର ଭାବେ ତାଲିକାରେ ପ୍ରଥମ ସ୍ଥାନକୁ ଫେରିଛି। ଦିନବେଳା ଭୁବନେଶ୍ୱରର ସର୍ବାଧିକ ତାପମାତ୍ର ୪୩.୮° ରହିଥିଲା। ସୋମବାର ସକାଳ ୭ଟା ପରଠାରୁ ପାରଦ ବଢ଼ିବା ଆରମ୍ଭ କରିଥିଲା। ପରେ ଏହା ବଢ଼ି ବଢ଼ି ଶେଷରେ ୪୩° ଟପିଗଲା। ଏହି ସମୟରେ ଆକାଶରୁ ଅଗ୍ନିବର୍ଷା ହେଉଥିଲା। ଝାଞ୍ଜିମାଡ଼ ଆଉ ଗୁଳୁଗୁଳି ଯୋଗୁଁ ଦେହରୁ ଗମ୍ ଗମ୍ ଝାଳ ବାହାରୁଥିଲା। ଯାହା ଜନଜୀବନକୁ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ କରି ଦେଇଥିଲା। ରାଜରାସ୍ତାରେ କର୍ଫ୍ୟୁ ପ୍ରାୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଲୋକେ ଘରୁ ବାହାରକୁ ବାହାରିଲେ ନାହିଁ। ମୁଖ୍ୟ ରାସ୍ତା ଠାରୁ ଆରମ୍ଭ କରିଗଳି ରାସ୍ତା ଶୁନ୍‌ଶାନ୍ ହୋଇଯାଇଥିଲା। କାଁ ଭାଁ ଲୋକେ କେବଳ ଜରୁରିକାଳୀନ କାମରେ ବାହାରକୁ ବାହାରୁଥିଲେ। ଘରେ କିମ୍ବା ବାହାରେ କେଉଁଠି ବି ତ୍ରାହି ମିଳି ନ ଥିଲା। ପ୍ରାୟ ୪ଟା ପରେ ସ୍ଥିତିରେ ସାମାନ୍ୟ ସୁଧାର ଆସିଥିଲା। ପାଗ ମେଘୁଆ ହୋଇଗଲା। ସାମାନ୍ୟ ଆଶ୍ୱସ୍ତି ମିଳିଥିଲା। ସାଢ଼େ ୪ଟା ପରେ ଲୋକେ ବାହାରକୁ ବାହାରିବା ଆରମ୍ଭ କରିଥିଲେ। ପାଗ ମେଘୁଆ ରହିଲେ ମଧ୍ୟ ଟୋପେ ବି ବର୍ଷା ହୋଇ ନ ଥିଲା। ଗୁଳୁଗୁଳି ସେମିତି ପୂର୍ବଭଳି ଅନୁଭୂତ ହୋଇଥିଲା। ଗତ ୮ ଦିନ ଧରି ଭୁବନେଶ୍ୱର ତାପମାତ୍ରା ୪୦ଡିଗ୍ରୀ ଉପରେ ରହୁଛି। ରାଜଧାନୀରେ ଏଭଳି ଗ୍ରୀଷ୍ମ ପ୍ରବାହ ଜାରି ରହିଲେ ୪୬° ଟପିବାକୁ ଆଉ ସମୟ ଲାଗିବନି ବୋଲି ପାଣିପାଗ ବିଜ୍ଞାନୀମାନେ ମତ ପ୍ରକାଶ କରିନ୍ତି। ରାଜଧାନୀରେ ବ୍ୟବସାୟ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଠପ ହୋଇ ଯାଇଥିଲା। ଦୋକାନୀମାନେ ସକାଳୁ ଗ୍ରାହକଙ୍କ ଅପେକ୍ଷାରେ ରହିଲେ, ହେଲେ ଗ୍ରାହକଙ୍କ ଦେଖା ନ ଥିଲା। ଅଧିକାଂଶ ଦୋକାନୀ ସାଢ଼େ ୧୦ଟା ପରେ ଦୋକାନ ବନ୍ଦ କରି ଘରକୁ ଚାଲିଗଲେ। କେବଳ ଥଣ୍ଡା ଏବଂ ପାନୀୟ ଜଳ, ଲସି ଦୋକାନରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବିଏମ୍‌ସି ଷ୍ଟଲରେ ଥିବା ମାଠିଆ ପାଣି ଯାତ୍ରୀଙ୍କୁ ଆଶ୍ୱସ୍ତି ଦେଇଥିଲା।



## ମଲ୍, ହଲ୍‌ରେ କଟିଲା ଦିନ

ଦିନକୁ ଦିନ ଅସହ୍ୟ ହେଲାଣି ତାତି। ରାଜଧାନୀରେ ତାତିର ପ୍ରକୋପ ଏଭଳି ହେଉଛି ଯେ ଲୋକେ ୧୦ଟା ପରେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଏପରିସ୍ଥଳେ କିଏ ସୁନା ଦୋକାନକୁ ଯାଇ ଗହଣା ଦେଖିବା ଆଳରେ ଶୀତତାପ ନିୟନ୍ତ୍ରିତ ପରିବେଶରେ ସମୟ କଟାଉଛି ତ ଆଉ କିଏ ସପିଂ ମଲ୍ ଭିତରେ କିମ୍ବା ସିନେମା ହଲ୍‌ରେ ସମୟ ବିତାଉଛନ୍ତି। ସେହିପରି ସକାଳ ୧୧ଟାରୁ ସନ୍ଧ୍ୟା ୬ଯାଏ ଅଧିକାଂଶ ଛାତ୍ରଛାତ୍ରୀ ଓ କର୍ମଜୀବୀ ଲାପ୍‌ଟପ୍ ଧରି ଫୁଡ୍‌କୋର୍ଟରେ ଅନ୍‌ଲାଇନ୍ ପାଠପଢ଼ା, ମିଟିଂ ଏବଂ ଅଫିସ୍ କାମ କରୁଥିବା ଦେଖିବାକୁ ମିଳିଛି। ବଡ଼ବଡ଼ିଆମାନେ ଏସି ରୁମ୍‌ରେ ଆରାମ କରୁଥିବାବେଳେ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ବର୍ଗର ଲୋକମାନେ ଗରମରେ ସିଝି ରାହା ଖୋଜୁଛନ୍ତି। ନନ୍ ଏସି ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକମାତ୍ର ଭରସା ପାଲଟିଥିବା ଫ୍ୟାନ୍ ବି ଅନେକ ସମୟରେ ଚାଲୁନାହିଁ। ଏହି ସମୟରେ ଛାତ୍ରଛାତ୍ରୀ ଏବଂ ଯୁବଗୋଷ୍ଠୀଙ୍କ ଠିକଣା ପାଲଟୁଛି ବିଭିନ୍ନ ମଲ୍ ଏବଂ ସିନେମା ହଲ୍। କିଛି କିଣିବାର ନ ଥିଲେ ବି ମଲ୍ ଭିତରେ ବୁଲାବୁଲି କରି ଠିକ୍ ଖାଇବା ସମୟରେ ଫୁଡକୋର୍ଟରେ ଖାଇବା ଏବଂ ତା’ ପରେ ସନ୍ଧ୍ୟା ପର୍ଯ୍ୟନ୍ତ ସିନେମା ଦେଖିବା ଏବେ ନିୟମିତ ସୂଚୀ ପାଲଟିଲାଣି। ସେହିପରି ବର୍ତ୍ତମାନ ଆଇଟି କମ୍ପାନୀଗୁଡ଼ିକରେ ୱାର୍କ ଫ୍ରମ୍ ହୋମ୍ କାମ କରାଯାଉଥିବାରୁ କର୍ମଜୀବୀମାନେ ମଧ୍ୟ ଲାପଟପ୍ ଧରି ଏଠାରେ ଅନଲାଇନ୍ ମିଟିଂ ଏବଂ ଅଫିସ କାମ କରୁଥିବା ଦେଖିବାକୁ ମିଳିଛି। ତେବେ ରାଜଧାନୀରେ ରହିଥିବା ଏସ୍‌ପ୍ଲାନେଡ୍, ସିମ୍ଫୋନୀ, ଡିଏନ୍ ରେଗାଲିଆ ମଲ୍‌ଟି ସପିଂମଲ୍‌ରେ ଏହି ସୁବିଧା ରହିଥିବାରୁ ଯୁବଗୋଷ୍ଠୀ ଓ ଛାତ୍ରଛାତ୍ରୀଙ୍କୁ ଏହା ବେଶ୍ ସହାୟକ ହେଉଥିବା ଛାତ୍ରୀ ଅଙ୍କିତା କହିଛନ୍ତି। ସେ କହିଛନ୍ତି ଯେ, ଦିନ ୧୦ ଭିତରେ ରୋଷେଇ କରି ଟିଫିନରେ ଖାଇବା ନେଇ ଏହି ଫୁଡ୍‌କୋର୍ଟରେ ବସି ପଢ଼ାପଢ଼ି କରିବା ସହ ଅନଲାଇନ୍ କ୍ଲାସ୍ ମଧ୍ୟ କରିହେଉଛି। ବିଭିନ୍ନ ଆଉଟଲେଟ୍ ବୁଲାବୁଲି କରି ସନ୍ଧ୍ୟାରେ ରୁମ୍‌କୁ ଚାଲି ଯାଉଛୁ ବୋଲି ଅନେକ କୁହନ୍ତି।



## ମୋବାଇଲ୍ ଲୁଟେରାକୁ ବର୍ଷେ ଜେଲ୍



ଭୁବନେଶ୍ୱର, ୨୨।୪(ସମିସ): ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୩ର ବିଚାରପତି ପୂଜା ଜୈନ ସୋମବାର ନୂଆପଲ୍ଲୀ ଥାନା ଅଞ୍ଚଳରେ ମାଡ଼ ମାରି ମୋବାଇଲ ଫୋନ ଲୁଟ୍ କରିଥିବା ମାମଲାରେ ରଣଜିତ ପ୍ରଧାନ ଓରଫ ରବି ଓରଫ ରଞ୍ଜିକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ଶୁଣାଇଛନ୍ତି। ଭରତପୁର ଥାନା ଫ୍ଲଟ୍ ନମ୍ବର-୨୩୨୭ ରେ ରହୁଥିବା ମାନସ ରଞ୍ଜନ ସାହୁ ଗତବର୍ଷ ସେପ୍ଟେମ୍ବର ୨୩ ତାରିଖ ଦିନ ମଧ୍ୟାହ୍ନରେ ବିଜୁ ପଟ୍ଟନାୟକ କଲେଜରୁ କ୍ଲାସ ସାରି ଘରକୁ ସାଇକେଲ ଯୋଗେ ଫେରୁଥିଲେ। ସେ ଆଇଆରସି ଭିଲେଜସ୍ଥିତ ଓମଫେଡ ଛକ ନିକଟରେ ରଣଜିତ ଓ ତା’ର ଜଣେ ସହଯୋଗୀ ଏକ ସ୍କୁଟି ଯୋଗେ ପଛ ପାଖରୁ ଆସି ତାଙ୍କୁ ଖୁବ ଜୋରରେ ଧକ୍କା ଦେଇ ମୋବାଇଲ ଫୋନ ଛଡ଼ାଇ ନେଇଥିଲେ। ଏନେଇ ନୂଆପଲ୍ଲୀ ଥାନାରେ ଅଭିଯୋଗ ହେବାପରେ ପୁଲିସ କେସ ନଂ-୪୩୯/୨୦୨୩ରେ ଦଫା- ୩୯୨ ଆଇପିସି ଲଗାଇ ଏକ ମାମଲା ରୁଜୁକରିବା ସହିତ ଏସଆଇ ଶ୍ରୀ ଶୁଭ୍ରାଂଶୁ ମହାପାତ୍ରଙ୍କୁ ତଦନ୍ତ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଶ୍ରୀ ମହାପାତ୍ର ଏହି ମାମଲାକୁ ତଦନ୍ତ କରିବା ସହିତ ଅଭିଯୁକ୍ତ ରଣଜିତ ପ୍ରଧାନକୁ ଗିରଫ କରିଥିଲେ। ଏହି ମାମଲାର ବିଚାର କରି ଅଦାଲତ ବିଭିନ୍ନ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ ରଣଜିତ ପ୍ରଧାନ ଓରଫ ରବି ଓରଫ ରଞ୍ଜିକୁ ୧ ବର୍ଷର ସଶ୍ରମ କାରାଦଣ୍ଡାଦେଶ ସହ ୫୦୦ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର କଳ୍ପତରୁ ସାହୁ, ସରୋଜ ସ୍ୱାଇଁ ଓ ସବିତା କୁମାରୀ ଚୌଧୁରୀ ପରିଚାଳନା କରିଥିଲେ।

## ଗୋଡ଼ିବାରି ଜଙ୍ଗଲରେ ନିଆଁ

ଭୁବନେଶ୍ୱର, ୨୨।୪(ସମିସ): ଚନ୍ଦକା ଅଭୟାରଣ୍ୟରେ ନିଆଁ ଲାଗିଛି। ଚନ୍ଦକା ଗୋରିବାରି ଜଙ୍ଗଲରେ କୌଣସି କାରଣରୁ ନିଆଁ ଲାଗିଛି ଏବଂ ଏହା ଜଙ୍ଗଲରେ ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି। ନିଆଁ ଲିଭାଇବାକୁ ବନ କର୍ମଚାରୀ ଓ ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ୟମ କରାଯାଉଛି। ତେବେ କେମିତି ଏହି ନିଆଁ ଲାଗିଲା ତାହା ଜଣାପଡ଼ିନି। ବର୍ତ୍ତମାନ ରାଜ୍ୟର ଅଧିକାଂଶ ଜଙ୍ଗଲରେ ନିଆଁ ଲାଗିଛି। ଖରାଦିନେ ପ୍ରାୟତଃ ଜଙ୍ଗଲରେ ନିଆଁ ଲାଗିବା ଖବର ସାମ୍ନାକୁ ଆସୁଥିବା ବେଳେ ଚନ୍ଦକାରେ ମଧ୍ୟ ଆଜି ନିଆଁ ଲାଗିଥିବା ଜଣାପଡ଼ିଛି।

## ଭୁବନେଶ୍ୱରରେ ସାଇବର୍ ଠକଙ୍କ ଉତ୍ପାତ

# ତିନିବର୍ଷରେ ଲୁଟିନେଲେ ୫୧ କୋଟି

ଭୁବନେଶ୍ୱର, ୨୨।୪(ସମିସ)

**ଚଳିତବର୍ଷ ଭାଙ୍ଗିପାରେ ସର୍ବକାଳୀନ ରେକର୍ଡ**

**ଅଭିଯୋଗ ପରେ ଅଧା ଟଙ୍କା ଫେରୁଛି**

**ଠକଙ୍କ ଜାଲରେ ଶିକ୍ଷିତ ଓ ସହରବାସୀ**

ଭୁଶୁଡୁଛି ଲୋକଙ୍କ ଆର୍ଥିକ ମେରୁଦଣ୍ଡ। ରାଜଧାନୀରେ ଲୋକଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ପଛରେ ସାଇବର୍ ଅପରାଧୀଙ୍କ ହାତ ରହିଛି। ସହରରେ ବର୍ଷତମାମ୍ ଜାରିରହିଛି ସାଇବର୍ ଠକେଇ। ଜମାଖାତାରୁ ଚଳୁ କରିଦେଉଛନ୍ତି କୋଟି କୋଟି ଟଙ୍କା। ଠକେଇର ମାଧ୍ୟମ ସାଜିଛି ସୋସିଆଲ ମିଡିଆ ଫେକ୍ ଆଇଡି ଓ ଟେଲିଗ୍ରାମ୍। କେତେବେଳେ ବିଦ୍ୟୁତ୍ ବିଲ୍ ପୈଠ ତ କେତେବେଳେ ଲୋନ୍ ଆପ, ପୁଣିଆଉ କେତେବେଳେ ଫୁଙ୍ଗୁଳା ଦେହ ଦେଖାଇ ଟଙ୍କା ଠକେଇ ହୋଇଛି। ୟୁପିଆଇ, କ୍ରେଡିଟ୍ ଓ ଡେବିଡ୍ କାର୍ଡ ସମ୍ବନ୍ଧୀୟ ଠକେଇ ମାମଲା ବି କମ୍ ଆକାଶଛୁଆଁ।

ପୁଲିସର ତଥ୍ୟ ଅନୁଯାୟୀ, ୨୦୨୩ରେ ଭୁବନେଶ୍ୱରରୁ ୩୦ କୋଟି ଟଙ୍କା ସାଇବର୍ ଠକେଇ ହୋଇଛି। ଏ ସମ୍ପର୍କିତ ୧୩୨ଟି ମାମଲା ରୁଜୁକରି ତଦନ୍ତ କରୁଛି। କିଛି ମାମଲାରେ ସଫଳତା ମିଳିଥିବା ବେଳେ ଅନେକ କ୍ଷେତ୍ରରେ ତଦନ୍ତ ଜାରିରହିଛି। ଠକେଇ ହୋଇଥିବା ଟଙ୍କାରୁ ଅଧା ଟଙ୍କା ଅର୍ଥାତ୍ ୧୪ କୋଟି ଟଙ୍କା ଫେରସ୍ତ ହୋଇପାରିଛି। ଅନୁରୂପ ଭାବେ ୨୦୨୨ରେ ୧୩ କୋଟି ୧୦ ଲକ୍ଷ ୪୦ହଜାର ୯୭୨ ଟଙ୍କା ଠକେଇ ହୋଇଛି। ସେଥିରୁ ୨ କୋଟି ୬୯ ଲକ୍ଷ ୫ ହଜାର ୧୨୩ ଟଙ୍କା ଫେରସ୍ତ କରି ଅଣାଯାଇଥିଲା। ବଡ଼ଧରଣ ଠକେଇ ହୋଇଥିବା ୧୩୨ଟି ମାମଲା ରୁଜୁ ହୋଇଛି। ଏଥିସହ ୨୦୨୧ରେ ୮ କୋଟି ୬ଲକ୍ଷ ୮୧ହଜାର ୭୮୩ ଟଙ୍କା ଠକେଇ ହୋଇଥିଲା। ସେଇବର୍ଷ ୫୩ଟି ବିଭିନ୍ନ ଠକେଇ ଓ ଅପରାଧିକ ଜନିତ ମାମଲା ରୁଜୁ ହୋଇଥିଲା। ବର୍ଷକୁ ବର୍ଷ ସାଇବର ଠକେଇର ପରିମାଣ ବଢ଼ିଚାଲିଛି। ଗଲା ୩ବର୍ଷ ହେବ ବର୍ଷ ପିଛା ପ୍ରାୟ ଦୁଇଗୁଣା ସାଇବର ଠକେଇ ବୃଦ୍ଧି ହେଉଥିବା ଦେଖାଯାଉଛି। ସେହିପରି ଭୁବନେଶ୍ୱରରେ ଚଳିତବର୍ଷ ପ୍ରଥମ ସାଢ଼େ ୩ମାସରେ ସାଇବର ଠକେଇ ୧୫ କୋଟି ଟପିଲାଣି। ବର୍ଷ ଆରମ୍ଭରୁ ପରିସ୍ଥିତି ଦେଖିଲେ ବର୍ଷତମାମ୍ ସାଇବର୍ ଠକେଇ ଆହୁରି ବଢ଼ି ସର୍ବକାଳୀନ ରେକର୍ଡ ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି।

ସହରରେ ପାଠୁଆଲୋକଙ୍କ ଠାରୁ ଅଧିକ ଠକେଇ ହେଉଛି। ସାଇବର୍ ଥାନାକୁ ଅଭିଯୋଗ ଲାଗି ଯାଉଥିବା ଠକେଇର ଶିକାର ବ୍ୟକ୍ତିମାନେ ଉଚ୍ଚଶିକ୍ଷିତ। ଭୁବନେଶ୍ୱର ଇନ୍‌ଫୋସିସି ଅଞ୍ଚଳରେ ଆଇଟି ସେକ୍ଟର ରହିଥିବାରୁ ସର୍ବାଧିକ ଉଚ୍ଚଶିକ୍ଷିତ ବ୍ୟକ୍ତି ରହୁଛନ୍ତି। ତେବେ ଭୁବନେଶ୍ୱରରେ ଠକେଇର ୫୦ପ୍ରତିଶତ କେବଳ ଇନ୍‌ଫୋସିସି ଅଞ୍ଚଳ ହେଉଥିବା ଥାନାରେ ଅଭିଯୋଗ ହେଉଛି। ସେପଟେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଓ ଟେଲିଗ୍ରାମରେ କିମ୍ବା ମେସେଞ୍ଜର ଓ ହ୍ୱାଟ୍ସଆପ୍‌ରେ ପରିଚିତଙ୍କ ଫଟୋ କିମ୍ବା ଫୋନ୍ ନମ୍ବରରେ ଟଙ୍କା ମାଗୁଥିଲେ, ଦିଅନ୍ତୁ ନାହିଁ। ଗୋଟିଏ ସ୍ଥାନରେ ଚାକିରି କରିବା ପରେ ଘରେ ବସି ପାର୍ଟଟାଇମ ନିଯୁକ୍ତି କରି ଟଙ୍କା ରୋଜଗାର କରିବା ଲୋଭରେ ପଡ଼ି ଅଧିକ ଠକେଇ ଶିକାର ହେଉଛନ୍ତି। ଏଥିରୁ ଦୂରେଇ ରହିବା ସହ ଟଙ୍କା ଦେବା ପୂର୍ବରୁ ଭଲଭାବେ ତର୍ଜମା କରନ୍ତୁ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।



### ଦିଲ୍ଲୀ, ଗୁଜରାଟ, ରାଜସ୍ଥାନରୁ ନେଟ୍‌ୱାର୍କ

ସାଇବର ଠକଙ୍କ ସ୍ଥାନ ବଦଳୁଛି। ଭୁବନେଶ୍ୱରକୁ ଝାଡଖଣ୍ଡ ପରେ ଏବେ ରାଜସ୍ଥାନରୁ ଅଧିକ କଲ୍ ଆସୁଛି। ରାଜସ୍ଥାନ ସହ ଗୁଜରାଟ, ବିହାର, ଦିଲ୍ଲୀ, ପଶ୍ଚିମବଙ୍ଗ, ପଞ୍ଜାବ, ଗୁରୁଗାଁଓ ଓ ବାଙ୍ଗାଲୁରୁରୁ ଅଧିକ କଲ୍ ଆସୁଛି। ଗତ ଦୁଇବର୍ଷର ସାଇବର ଠକେଇର ତଥ୍ୟ ଦେଖିଲେ ରାଜସ୍ଥାନ, ଗୁଜରାଟ, ଦିଲ୍ଲୀରୁ ଅଧିକ ଠକେଇ ଟଙ୍କା ଯାଇଛି। ଏହି ସମସ୍ତ ରାଜ୍ୟଗୁଡିକ ଦାରିଦ୍ର୍ୟ, ନିରକ୍ଷରତାରେ ପଛୁଆ ଥିବା ବେଳେ ସାଇବର ଠକେଇ କରି ବିକାଶିତ ଆଡକୁ ଗତି କରୁଛି। ଝାଡଖଣ୍ଡର ଜମତରା, ତିନ୍ ପାହାଡ ଓ ଦିଲ୍ଲୀର ନୁହ ଏବଂ ପଶ୍ଚିମବଙ୍ଗର କିଛି ଜିଲ୍ଲା ମାନଚିତ୍ରରେ ବିକାଶ କରି ଚାଲିଛି। ଗାଁ ଯୁବପିଢ଼ି ଠାରୁ ମହିଳା ଜଙ୍ଗଲ ଓ ପର୍ବତ ଭଳି ନିକାଞ୍ଚନ ଅଞ୍ଚଳରେ ମୋବାଇଲ ବୁଥ୍ ସେଣ୍ଟର ଖୋଲି ପୂରା ନେଟ୍‌ୱାର୍କ ଚଳାଇଛନ୍ତି। ଦୁର୍ଗମ ଜଙ୍ଗଲରେ ରହି ସାରା ଦେଶରେ ଲୁଟ୍ କରୁଛନ୍ତି। ଟ୍ରାଇ-ଜଙ୍କସନ ବା ତିନିଟି ରାଜ୍ୟର ସୀମାରେଖାର ଜଙ୍ଗଲରେ ରହି ଠକ ଚଳାଇଛନ୍ତି କଲ୍ ସାମ୍ରାଜ୍ୟ। ରାଜସ୍ଥାନ ଭରତପୁର; ହରିୟାଣାର ମେୱାଟ ଓ ଉତ୍ତରପ୍ରଦେଶର ମଥୁରା ରହିଛି। ସେଭଳି ଆଉ ଏକ ଟ୍ରାଇ-ଜଙ୍କସନ ବା ସୀମାରେଖା ହେଲା ବିହାର, ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ସୀମାନ୍ତ। ସୀମାନ୍ତ ଅଞ୍ଚଳରେ ରହିଥିବା ଦୁର୍ଗମ ଅଞ୍ଚଳରେ ରହି ଦେଶରେ ସର୍ବାଧିକ ଠକେଇ କରୁଛନ୍ତି।

### ମିଥ୍ୟା ଆକାଉଣ୍ଟରେ ଠକେଇ

ସାଇବର ଠକେଇ ବଢ଼ିବା ପଛରେ ଜାଲ୍ ଆକାଉଣ୍ଟଧାରୀଙ୍କ ସମ୍ପୃକ୍ତି ରହିଛି। ସାଇବର୍ ଅପରାଧୀ ପ୍ରଥମେ ବିଭିନ୍ନ ଅଞ୍ଚଳରେ ଏଜେଣ୍ଟ ସୃଷ୍ଟି କରି ମାସକୁ ୧୦ରୁ ୨୦ହଜାର ଟଙ୍କା ପର୍ଯ୍ୟନ୍ତ ଦରମା ଦିଆଯାଉଛି। ସେମାନେ କିଭଳି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଖୋଲିବେ, ସେ ବିଷୟରେ ବୁଝାଉଛନ୍ତି। ପରେ ଆକାଉଣ୍ଟଧାରୀଙ୍କୁ ଘରୁ ବସି କିଭଳି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିହେବ ସେ ନେଇ ସୁନେଲୀ ସ୍ୱପ୍ନ ଦେଖାଇଥିଲା। ସେମାନଙ୍କ ଠାରୁ ଆଧାରକାର୍ଡ, ପାନ୍ କାର୍ଡ ସହ ଅନ୍ୟ ପରିଚୟପତ୍ର ନେଇ ଆକାଉଣ୍ଟ ଖୋଲୁଥିଲେ। ଏଜେଣ୍ଟମାନେ ଆକାଉଣ୍ଟଧାରୀଙ୍କ ଠିକଣା ନେଇ ଆଉ ଏକ ଡମି ଆକାଉଣ୍ଟ ପ୍ରସ୍ତୁତ କରାଯାଉଛି। ଆକାଉଣ୍ଟକୁ ଟ୍ରେଡିଂ ଲାଗି ବ୍ୟବହାର କରାଯିବ ବୋଲି ଆକାଉଣ୍ଟଧାରୀଙ୍କୁ କୁହାଯାଉଛି। ପ୍ରତି ଆକାଉଣ୍ଟ ବାବଦରେ ଆକାଉଣ୍ଟଧାରୀଙ୍କୁ ମାସକୁ ୧୦ରୁ ୨୦ହଜାର ଟଙ୍କା ପର୍ଯ୍ୟନ୍ତ ଦିଆଯାଉଛି। ଆକାଉଣ୍ଟ ଖୋଲିବା ପରେ ଆକାଉଣ୍ଟର ମୋବାଇଲ ନମ୍ବରକୁ ଏଟିଏମ୍ କାଉଣ୍ଟରକୁ ଯାଇ ଠକମାନେ ବଦଳାଇ ଦେଉଛନ୍ତି। ଗ୍ୟାଙ୍ଗ୍ ମୁଖିଆ ଦେଉଥିବା ନମ୍ବରଟି ସେଥିରେ ଯୋଡି ଦେଉଛନ୍ତି। ଫଳରେ ଆକାଉଣ୍ଟରେ ଟଙ୍କା ନେଣଦେଣ ସମ୍ପର୍କିତ ଯେତେ ବି ମେସେଜ୍ ଆସିବ, ତାହା ଆକାଉଣ୍ଟଧାରୀଙ୍କ ନିକଟକୁ ନ ଯାଇ ଗ୍ୟାଙ୍ଗ୍ ମୁଖିଆ ଦେଇଥିବା ନମ୍ବରରେ ଯାଉଛି। ପରେ ଆକାଉଣ୍ଟଗୁଡିକ ବ୍ୟବହାର କରି ଠକେଇ ଶିକାର ବ୍ୟକ୍ତିଙ୍କ ଟଙ୍କା ଏହି ବେନାମୀ ଆକାଉଣ୍ଟ ଗୁଡ଼ିକୁ ଟଙ୍କା ଯାଉଛି। ପ୍ରତି ଆକାଉଣ୍ଟରେ ଅତିବେଶୀରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ କାରବାର କରୁଥିଲେ। ଲକ୍ଷେ ଟଙ୍କା ହେବା ପରେ ଅନ୍ୟ ଆକାଉଣ୍ଟ ବ୍ୟବହାର କରୁଛନ୍ତି। ତେବେ ପୁଲିସ ଓ ଅନ୍ୟ ତଦନ୍ତକାରୀ ସଂସ୍ଥା ଆକାଉଣ୍ଟଗୁଡିକୁ କଳାତାଲିକାଭୁକ୍ତ କରିବା ପରେ ପୁଣି ଆକାଉଣ୍ଟଧାରୀଙ୍କୁ ଯୋଗାଡ଼ କରି ଆକାଉଣ୍ଟ ଖୋଲି ଦେଉଥିଲେ। ଏମିତିଭାବେ ୫୦ହଜାରରୁ ଅଧିକ ଆକାଉଣ୍ଟ ବନ୍ଦ କରି ଦିଆଯାଇଛି। ଆଗକୁ ବି ଆକାଉଣ୍ଟ ବନ୍ଦ ପ୍ରକ୍ରିୟା ଜାରିରହିବ। ତେବେ ଆକାଉଣ୍ଟ ଖୋଲି ସାଇବର ଅପରାଧୀଙ୍କୁ ବିକ୍ରି କରୁଥିବା ବ୍ୟକ୍ତିଙ୍କ ଲାଗି ଏବେ ଅଡୁଆ ବଢ଼ିବ। ଏଣିକି ଠକେଇ ଟଙ୍କା ଯାଉଥିବା ଆକାଉଣ୍ଟଗୁଡିକୁ ଫ୍ରିଜ କରାଯିବ। ସମ୍ପୃକ୍ତ ଆକାଉଣ୍ଟଧାରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ। ଯଦି ଟଙ୍କା ଲାଗି ଆକାଉଣ୍ଟ ବିକ୍ରି କରୁଥିବାର ପ୍ରମାଣ ମିଳିଲେ, ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

ସକାଳ
THE SAKALA

# ସମୟ ସାଗର ଘୂର୍ଣ୍ଣିରେ ମାଳଦ୍ୱୀପ

ଆକାର ଓ ଅବସ୍ଥିତି ନୁହେଁ; କୌଣସି ଦେଶର ଉଚ୍ଚ ନେତୃବର୍ଗଙ୍କ ଆଚରଣ ଓ ଉଚ୍ଚାରଣ ହିଁ ପଡ଼ୋଶୀ ରାଷ୍ଟ୍ରମାନଙ୍କ ପାଇଁ ଚିନ୍ତାର କାରଣ ପାଲଟେ। ଭାରତ ମହାସାଗର ସ୍ଥିତ କ୍ଷୁଦ୍ର ଦ୍ୱୀପରାଷ୍ଟ୍ର ମାଳଦ୍ୱୀପ ଏବେ ଯେଉଁ ମନୋଭାବ ପ୍ରଦର୍ଶନ କରୁଛି ଓ ସେଠାରେ ଯେଉଁ ରାଜନୈତିକ ଘଟଣାବଳୀ ସବୁ ଘଟୁଛି, ତାହା ଭାରତ ପାଇଁ କେତେକ ସମସ୍ୟା ସୃଷ୍ଟି କରିଛି। ଗତବର୍ଷ କ୍ଷମତାକୁ ଆସିବା ପରେ ମାଳଦ୍ୱୀପର ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁଙ୍କ ଦଳ ପିଏନ୍‌ସି ରବିବାର ଦେଶରେ ଅନୁଷ୍ଠିତ ପାର୍ଲାମେଣ୍ଟ(ପିପୁଲସ୍ ମଜ୍‌ଲିସ୍) ନିର୍ବାଚନରେ ବିପୁଳ ସଂଖ୍ୟା ଗରିଷ୍ଠତା ହାସଲ କରିଛି। ସେଠାକାର ୯୩ ସଦସ୍ୟ ବିଶିଷ୍ଟ ପିପୁଲ୍‌ସ ମଜଲିସ ପାଇଁ ହୋଇଥିବା ନିର୍ବାଚନରେ ଘୋଷିତ ୮୬ ଆସନ ଫଳାଫଳରୁ ୬୬ଟିରେ ମୁଇଜ୍ଜୁ ପିପୁଲ୍‌ସ ନେଶନାଲ କଂଗ୍ରେସ (ପିଏନ୍‌ସି) ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସେ ରାଷ୍ଟ୍ରପତି ନିର୍ବାଚିତ ହେବା ବେଳକୁ ପିପୁଲସ୍ ମଜ୍‌ଲିସ୍‌ରେ ତାଙ୍କ ଦଳର ସଦସ୍ୟ ସଂଖ୍ୟା ଥିଲା ମାତ୍ର ୮।

ମୁଇଜ୍ଜୁଙ୍କ ଚୀନ୍ ସପକ୍ଷବାଦୀ ଓ ଭାରତ ବିରୋଧୀ ନୀତିକୁ ମାଳଦ୍ୱୀପର ଭୋଟର ବିପୁଳ ସମର୍ଥନ ଦେଇଛନ୍ତି। ପାରମ୍ପରିକ ଭାବେ ଭାରତର ମିତ୍ର ଥିବା ଓ ବିପୁଳ ଭାବେ ଉପକୃତ ହୋଇଥିବା ମାଳଦ୍ୱୀପ ଏହି ନିର୍ବାଚନରେ ତାଙ୍କ ଦେଶର ରାଷ୍ଟ୍ରପତିଙ୍କ ବିଦେଶ ନୀତିକୁ ସମର୍ଥନ କରିଛନ୍ତି। ଏହାଫଳରେ ମାଳଦ୍ୱୀପ ଭାରତଠାରୁ ଦୂରେଇ ଯାଇ ଚୀନ୍ ସହିତ ନିଜର ଅର୍ଥନୈତିକ ସମ୍ପର୍କକୁ ଅଧିକ ନିବିଡ଼ କରିବ। ବିଦାୟୀ ପାର୍ଲାମେଣ୍ଟରେ ଭାରତ ସପକ୍ଷବାଦୀ ଲୋକପ୍ରତିନିଧିଙ୍କର ସଂଖ୍ୟାଗରିଷ୍ଠତା ବିପୁଳ ଥିଲା। ଜଳଦସ୍ୟୁ ଓ ବାହ୍ୟ ଆକ୍ରମଣରୁ ମାଳଦ୍ୱୀପକୁ ସୁରକ୍ଷା ଦେବାକୁ ପୂର୍ବ ସରକାରଙ୍କ ଅନୁରୋଧକ୍ରମେ ଭାରତ ସେଠାରେ ସୈନ୍ୟ ମୁତୟନ କରିଥିଲା। କିନ୍ତୁ ମୁଇଜ୍ଜୁ ଭାରତ ସହିତ ସମ୍ପର୍କର ସମୀକ୍ଷା କରିବା ସହିତ ଚୀନ୍‌ର ଅଧିକ ନିକଟତର ହେବା ଏବଂ ନିଜ ମାଟିରୁ ଭାରତୀୟ ସୈନ୍ୟଙ୍କୁ ଅପସାରିତ କରିବାର ପ୍ରତିଶ୍ରୁତି ଦେଇ ନିର୍ବାଚନ ଲଢ଼ିଥିଲେ ଏବଂ ଏଥିପାଇଁ ତାଙ୍କୁ ବିପୁଳ ଜନାଦେଶ ମିଳିଛି।

ବିଗତ କିଛିବର୍ଷ ଧରି ମାଳଦ୍ୱୀପରେ କେତେକ ରାଜନୈତିକ ଦଳ ଭାରତ ବିରୋଧୀ ପ୍ରଚାର ଚଳାଇ ସେଥିରୁ ଫାଇଦା ଉଠାଇବାକୁ ପ୍ରୟାସ କରୁଥିଲେ। ଏହି ଭାରତ ବିରୋଧୀ ଆଭିମୁଖ୍ୟର ମୁଇଜ୍ଜୁ ଓ ତାଙ୍କ ଦଳ ଏକ ବଡ଼ ଉପଭୋକ୍ତା। ଏହାପଛରେ ବିସ୍ତାରବାଦୀ ଚୀନର ମାଗଣା ଆର୍ଥିକ ସହାୟତା ଓ କୂଟନୀତି ପ୍ରଚ୍ଛନ୍ନ ଭାବେ କାମ କରୁଛି। ଭାରତ ମହାସାଗର ଅଞ୍ଚଳରେ ନିଜର ସାମରିକ ଘାଟି ସ୍ଥାପନ କରି ସେ ଅଞ୍ଚଳ ଉପରେ ଆଧିପତ୍ୟ ଜାହିର କରିବା ସହିତ ଭାରତ ପାଇଁ ପ୍ରତିବନ୍ଧକ ସୃଷ୍ଟି କରିବା ଚୀନ୍‌ର ଏକମାତ୍ର ଲକ୍ଷ୍ୟ। ମୁଇଜ୍ଜୁଙ୍କ ବିଜୟରେ ଚୀନ୍‌ର ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ଥିଲା ବୋଲି ଅଭିଯୋଗ ହୁଏ। ତେଣୁ ସେ ରାଷ୍ଟ୍ରପତି ପଦରେ ଆସୀନ ହେବା ପରେ ପରେ ମାଳଦ୍ୱୀପରେ ବିଭିନ୍ନ ବଡ଼ ବଡ଼ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚୀନ୍ କମ୍ପାନୀଙ୍କୁ ଦେବା ସହିତ ଭାରତକୁ ଏଥିରୁ ବଞ୍ଚିତ କରିଥିଲେ। ମାଳଦ୍ୱୀପର ଅର୍ଥନୀତି ପର୍ଯ୍ୟଟନ ଉପରେ ମୁଖ୍ୟତଃ ନିର୍ଭରଶୀଳ। ଏହା ଭାରତରୁ ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରଚୁର ପରିମାଣରେ ଆମଦାନୀ କରିଥାଏ। ଭାରତର ପର୍ଯ୍ୟଟକମାନେ ଏକଦା ସେହି ଦେଶର ପର୍ଯ୍ୟଟନ ଶିଳ୍ପରେ ୮୬ ଶତାଂଶ ଅବଦାନ ରଖୁଥିଲେ। ଭାରତ ନିଜ ବଜେଟରେ ବିଭିନ୍ନ ପଡ଼ୋଶୀ ରାଷ୍ଟ୍ରଙ୍କୁ ଯେଉଁ ସ୍ୱତନ୍ତ୍ର ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ଯୋଗାଏ, ସେଥିରେ ମାଳଦ୍ୱୀପ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ତେବେ ମୁଇଜ୍ଜୁ ଭାରତ ବିରୋଧୀ ମନୋଭାବ ପ୍ରଦର୍ଶନ କରି ଚୀନ୍ ଆଡ଼କୁ ଢଳିବା ପରେ ଭାରତ ତାହାର ପର୍ଯ୍ୟଟକଙ୍କୁ ମାଳଦ୍ୱୀପକୁ ଯିବାକୁ ନିଷିଦ୍ଧ କରିବା ସହିତ ଅର୍ଥନୈତିକ ସହାୟତା ହ୍ରାସ କରିଛି। ତଥାପି ଜଣେ ସଚ୍ଚା ପଡ଼ୋଶୀ ଭାବେ ସେଠା ସରକାରଙ୍କ ବିଶେଷ ଅନୁରୋଧକ୍ରମେ ମାଳଦ୍ୱୀପକୁ ଭାରତ କଂକ୍ରିଟ, ସିମେଣ୍ଟ, ଲୁହା ଓ ଇସ୍ପାତ, ନଦୀ ବାଲି ଓ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ପଠାଉଛି। ଗୋଟିଏ ଦେଶ କ୍ଷୁଦ୍ର କ୍ଷୁଦ୍ର ଶତାଧିକ ଦ୍ୱୀପକୁ ନେଇ ଗଠିତ, ଯାହାର ଅର୍ଦ୍ଧାଧିକ ସ୍ଥଳଭାଗ ଜନଶୂନ୍ୟ। ଏହାର ମୋଟ ଜନସଂଖ୍ୟା ଛ'ଲକ୍ଷ ଭିତରେ, ଯାହା ଭାରତର ଯେ କୌଣସି ଏକ ଛୋଟ ସହର ସଂଗେ ସମାନ। ମାଛ, କଙ୍କଡ଼ା, ସାମୁଦ୍ରିକ ଉତ୍ପାଦ ଓ ନଡ଼ିଆ, ପଇଡ଼ ଛଡ଼ା ସେଠାରେ ଅନ୍ୟ କିଛି ମିଳେ ନାହିଁ। ଭାରତଠାରୁ ମାଳଦ୍ୱୀପ ୪୦୦.୯ ନିୟୁତ ଡଲାର ଋଣ ନେଇଛି, ଯାହାକୁ ଶୁଝିବା ଅବସ୍ଥାରେ ନାହିଁ।

ମୁଇଜ୍ଜୁଙ୍କ ଆଚରଣ ଓ ଉଚ୍ଚାରଣରେ କ୍ଷୁବ୍ଧ ଭାରତ ସେଠାକୁ ନିଜର ପର୍ଯ୍ୟଟକ ପ୍ରେରଣ ବନ୍ଦ କରିବା ପରେ ମାଳଦ୍ୱୀପର ପର୍ଯ୍ୟଟନ ଶିଳ୍ପ ଗୁରୁତର ଭାବେ ପ୍ରଭାବିତ ହୋଇଛି। ମାଗଣା ଖିଆ ମନୋଭାବର ବଶବର୍ତ୍ତୀ ହୋଇ ଏବେ ସେଠାକାର ରାଷ୍ଟ୍ରପତି ଓ ଜନତା ଚୀନ୍ ଆଡ଼କୁ ଢଳିଛନ୍ତି। ମାଳଦ୍ୱୀପ ଛୋଟ ଦେଶଟିଏ ହେଲେ ମଧ୍ୟ ଭାରତ ତା'ଉପରେ ଦାଦାଗିରି ଦେଖାଇ ପାରିବ ନାହିଁ ବୋଲି ମୁଇଜ୍ଜୁ ବାରମ୍ବାର କହୁଛନ୍ତି। କିଏ କାହା ଉପରେ ଦାଦାଗିରି ଦେଖାଉଛି ତାହା ବିଶ୍ୱବାସୀ ଦେଖୁଛନ୍ତି। ରାଜନୈତିକ ଓ ଆର୍ଥିକ ଫାଇଦା ପାଇଁ କୃତଘ୍ନମାନେ ସର୍ବଦା ଏଭଳି ଭାଷା ପ୍ରୟୋଗ କରନ୍ତି ଏବଂ ଇତିହାସରେ ଏହାର ନମୁନା ଅନେକ ରହିଛି। ଋଣ ପରିଶୋଧ କରିପାରୁ ନଥିବା ଗୋଟେ ଦେଶ ପୁଣି ଭାରତକୁ ଚୀନ୍ ବଳରେ ନାଲି ଆଖି ଦେଖାଉଛି, ଯାହା ହାସ୍ୟାସ୍ପଦ।

ଭାରତ ଚୀନ୍ ଭଳି ହୋଇପାରିବ ନାହିଁ କି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଦେଶଙ୍କୁ ଋଣଯନ୍ତାରେ ପକାଇ ତଳିତଳାନ୍ତ କରିବା ଏହାର ଲକ୍ଷ୍ୟ ନୁହେଁ। ଚୀନ୍ ଋଣଯନ୍ତାରେ ପଡ଼ି ଶ୍ରୀଲଙ୍କା ଓ ପାକିସ୍ତାନ କି ଅବସ୍ଥା ଭୋଗୁଛନ୍ତି, ତାହା ସମସ୍ତଙ୍କୁ ଜଣା। ଏହି ଦୁଇଦେଶଙ୍କ ସ୍ଥିତି ଦେଖି ବାଂଲାଦେଶ, ଭୂଟାନ ଓ ନେପାଳ ମଧ୍ୟ ଚୀନ୍ ପାଲାରେ ନ ପଡ଼ିବାକୁ ସତର୍କ ହୋଇଯାଇଛନ୍ତି। ଏବେ ଦେଖିବାକୁ ଅଛି ଯେ ମାଳଦ୍ୱୀପ କିପରି ଚୀନ୍ ଋଣଯନ୍ତାରେ ଫସୁଛି। ମାଳଦ୍ୱୀପର ନୂଆ ଘଟଣାବଳୀ ଘେନି ଭାରତ ସତର୍କ ରହିବା ସହିତ ସଂଯମ ଆଚରଣ କରିବା ଯଥାର୍ଥ। ଏକ ସ୍ୱାଧୀନ ରାଷ୍ଟ୍ରର ଆଭ୍ୟନ୍ତରୀଣ ବ୍ୟାପାରରେ ଭାରତ ହସ୍ତକ୍ଷେପ କରିବାକୁ ନୀତିଗତ ଭାବେ ବିରୋଧ କରେ। ମାଳଦ୍ୱୀପ ଭାରତ ପାଇଁ ବିପଦ ନୁହେଁ; ସେଠାରେ ଚୀନ୍‌ର ପ୍ରଭାବ ବୃଦ୍ଧି ନୂଆଦିଲ୍ଲୀ ପାଇଁ ଏକ ଉଦ୍‌ବେଗ। ନିର୍ବାଚନ ଫଳାଫଳ ସତ୍ତ୍ୱେ ସେ ଦେଶର ଅନେକ ପ୍ରମୁଖ ନେତା ଓ ଲୋକ ଭାରତ ସହିତ ସୁସମ୍ପର୍କ ବଜାୟ ରଖିବା ସପକ୍ଷରେ ମତ ଦେଉଛନ୍ତି। ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଯଥାର୍ଥରେ କହିଛନ୍ତି ଯେ 'ଇତିହାସ ଓ ଭୂଗୋଳ ଉଭୟ ଅତ୍ୟନ୍ତ ବଳଶାଳୀ। ସେଥିରୁ ବର୍ତ୍ତିଯିବା ସହଜ ନୁହେଁ।' ମୁଇଜ୍ଜୁ ଓ ତାଙ୍କ ଦଳ ଭାରତ ପ୍ରତି କି ପ୍ରକାର ଆଚରଣ ପ୍ରଦର୍ଶନ କରୁଛନ୍ତି ଓ ଚୀନ୍‌ର କେତେ ନିକଟବର୍ତ୍ତୀ ହେଉଛନ୍ତି, ସମୟ ତାହା କହିବ। ମନେ ରଖିବାକୁ ହେବ ବିଶ୍ୱାସଘାତକଙ୍କ ପାଇଁ ଇତିହାସ ଓ ସମୟ ସର୍ବଦା ନିର୍ଦ୍ଦୟ।

# ନିର୍ବାଚନ ପ୍ରଚାର ରଣନୀତି



ଡ. ଅବଶ ପରିଡ଼ା
ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

ଅଧିକରୁ ଅଧିକ ଭୋଟରଙ୍କ ପାଖରେ ପହଞ୍ଚିବା ଏବଂ ଭୋଟରମାନଙ୍କୁ ନେତୃତ୍ୱ ଉପରେ ବିଶ୍ୱାସ ଜନ୍ମାଇବା ହେଉଛି ନିର୍ବାଚନରେ ସଫଳତା ପାଇବାର ମନ୍ତ୍ର। ଏଥିପାଇଁ ଏକ ସଠିକ୍ ଓ ଯୋଜନାବଦ୍ଧ ନିର୍ବାଚନ ପ୍ରଚାର ରଣନୀତି ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ନିର୍ବାଚନ ପ୍ରଚାରକୁ ନେଇ ପ୍ରକାଶିତ ଏକ ଲୋକପ୍ରିୟ ଗାଇଡବୁକ୍ ଅନୁଯାୟୀ ସଫଳ ନିର୍ବାଚନ ପ୍ରଚାର ହେଉଛି ଗାଣିତିକ ସୂତ୍ର, ଅଧିକ ଖର୍ଚ୍ଚ ଓ ବିପୁଳ ସମ୍ବଳ ଯୋଜନା ସହ ବଜାର ବିଶ୍ଳେଷଣର ଅଭିନବ ପ୍ରକ୍ରିୟା। ପ୍ରତ୍ୟେକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଯୋଜନା ସ୍ୱତନ୍ତ୍ର ହେବା ଜରୁରୀ। ଏକ ଦ୍ୱନ୍ଦ୍ୱପୂର୍ଣ୍ଣ ପ୍ରଚାର ରଣନୀତି ପ୍ରାର୍ଥୀଙ୍କ ପାଇଁ ସଫଳତା ଅପେକ୍ଷା ବିଫଳତା ଅଧିକ ଆଣିପାରେ।

ଭୌଗୋଳିକ ଅଞ୍ଚଳ, ରାଜନୈତିକ ବାତାବରଣ ଓ ନିର୍ବାଚନ ପ୍ରଚାର ଅଭିଯାନର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଆଧାରରେ ପ୍ରଚାର ରଣନୀତି ଭିନ୍ନ ଭିନ୍ନ। ଆଧୁନିକ ନିର୍ବାଚନ ପ୍ରଚାରରେ ଯୋଜନା ଉଭୟ ପାରମ୍ପରିକ ଓ ଡିଜିଟାଲ କୌଶଳର ସମ୍ମିଶ୍ରଣ ଦେଖିବାକୁ ମିଳେ। ଜନସମାଗମ, ଗଣମାଧ୍ୟମରେ ପ୍ରଚାର/ପ୍ରସାର, ଘରକୁ ଘର ବୁଲି ପ୍ରଚାର ଓ ରୋଡ ସୋ' ଇତ୍ୟାଦି ନିର୍ବାଚନ ପ୍ରଚାର ଅଭିଯାନର ପାରମ୍ପରିକ କୌଶଳ। ସେହିପରି ଇସ୍ତାହାର, ପ୍ରତୀକବାଦ, ମେଣ୍ଟ ଓ ତାରକାଙ୍କ ଜରିଆରେ ପ୍ରଚାର ହେଉଛି ପ୍ରଚାର ଅଭିଯାନର ଅନ୍ୟ ଏକ ଲୋକପ୍ରିୟ ରୂପ। ଏତଦ୍‌ବ୍ୟତୀତ ସାମ୍ପ୍ରତିକ ଯୁଗରେ ସାମାଜିକ ଗଣମାଧ୍ୟମ ବ୍ୟତୀତ ରାଜନେତାମାନେ କିଛି ନୂତନ ପ୍ରଚାର କୌଶଳ ଆଦରି ନେଇଛନ୍ତି। ସେଗୁଡ଼ିକ ମଧ୍ୟରୁ ପ୍ରଥମଟି ହେଉଛି 'ଗେଟ୍-ଆଟ୍-ଦି-ଭୋଟ୍' ବା 'ଭୋଟ୍ ପ୍ରାପ୍ତ କରନ୍ତୁ'। ଏହା ସାଧାରଣତଃ ମତଦାନ କିମ୍ବା ଭୋଟର ହାର ବୃଦ୍ଧି ଉଦ୍ଦେଶ୍ୟରେ ଏକ ପ୍ରୟାସ। ଏହି ପ୍ରୟାସଗୁଡ଼ିକ ମଧ୍ୟରେ ଭୋଟର ପଞ୍ଜିକରଣ ଅଭିଯାନ, ମତଦାନର ଗୁରୁତ୍ୱ ବିଷୟରେ ସଚେତନତା ଅଭିଯାନ ଓ ସମସ୍ତ ଯୋଗ୍ୟ ଭୋଟରଙ୍କ ପାଇଁ ମତଦାନ ସୁଯୋଗର ଅଧିକ ଅଧିକ ଉପଲବ୍ଧତା ଆଦି ଅନ୍ତର୍ଭୁକ୍ତ। ଏବେ ପ୍ରାୟ ସମସ୍ତ ରାଜନୈତିକ ଦଳ ଏସବୁ କୌଶଳ ଆପଣେଇଥିବା ଦେଖାଯାଉଛି। ଦ୍ୱିତୀୟ କୌଶଳ ହେଉଛି 'ମାଇକ୍ରୋ-ଟାର୍ଗେଟିଂ'। ଏହା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ନିକଟରେ ପ୍ରଚାର ବାର୍ତ୍ତା ପହଞ୍ଚାଇବାର ପ୍ରୟାସ। ଏହାସହ ତଥ୍ୟ ବିଶ୍ଳେଷଣ ଏବଂ ଜନସଂଖ୍ୟା ସୂଚନାର ବ୍ୟବହାର ଏବେ ଏକ ନୂତନ ନିର୍ବାଚନୀରେ ସଫଳତା କୌଶଳ ଭାବରେ ବ୍ୟବହାର କରାଯାଉଛି। ବ୍ୟାପକ ଭୋଟରଙ୍କ ନିକଟରେ ଏକ ସାଧାରଣ ବାର୍ତ୍ତା ପ୍ରସାରଣ କରିବା ପରିବର୍ତ୍ତେ ମାଇକ୍ରୋ-ଟାର୍ଗେଟିଂରେ ଜନସଂଖ୍ୟାର କ୍ଷୁଦ୍ର ଓ ନିର୍ଦ୍ଦିଷ୍ଟ ଅଂଶଗୁଡ଼ିକୁ ଚିହ୍ନଟ କରାଯାଏ। ମନୋନୀତ ଗୋଷ୍ଠୀର ଆଗ୍ରହ, ବିଶ୍ୱାସ କିମ୍ବା ଜନସଂଖ୍ୟା ଆଧାରରେ ସେମାନଙ୍କ ସହିତ ଅନୁଭୂତ ବାର୍ତ୍ତା ପ୍ରସ୍ତୁତ କରିବା 'ମାଇକ୍ରୋ-ଟାର୍ଗେଟିଂ' ପ୍ରଚାର ଯୋଜନାର ମୂଳ ଲକ୍ଷ୍ୟ।

ଏତଦ୍‌ବ୍ୟତୀତ ଏକ ପ୍ରଭାବଶାଳୀ ନିର୍ବାଚନ ପ୍ରଚାର ଯୋଜନାର ତିନିଟି ବଳିଷ୍ଠ ସୋପାନ ଅଛି। ପ୍ରଥମ ସୋପାନ ହେଉଛି ପ୍ରାର୍ଥୀଙ୍କ କାର୍ଯ୍ୟସୂଚୀ ଓ ପ୍ରାର୍ଥୀଙ୍କ ଭାଷା। ଯଦି ପ୍ରାର୍ଥୀଙ୍କ କାର୍ଯ୍ୟସୂଚୀକୁ ସଠିକ୍ ଭାବରେ ଯୋଜନା କରାନଯାଏ ତେବେ ପ୍ରଚାର ଏକ ବିଫଳ ଆଶାରେ ପରିଣତ ହୁଏ। ଏକ ଅନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ କେବଳ ସମୟର ଅପଚୟ। ପ୍ରସିଦ୍ଧ




ରାଜନୈତିକ ପରାମର୍ଶଦାତା ସାଶା ଇସେନବର୍ଗ ତାଙ୍କ ପୁସ୍ତକ 'ଭିକ୍ଟ୍ରି ଲାବ'ରେ ଉଲ୍ଲେଖ କରିଛନ୍ତି ଯେ, ପ୍ରଚାର ସମୟରେ ପ୍ରାର୍ଥୀଙ୍କ ବ୍ୟବହୃତ ଭାଷା ହିଁ ଭୋଟରଙ୍କ ମତଦାନ ହାର ନିର୍ଦ୍ଧାରଣ କରିଥାଏ। ତେଣୁ ଭୋଟରଙ୍କ ଭାବନାକୁ ପ୍ରୋତ୍ସାହିତ କରିପାରୁଥିବା ଭାଷା ପ୍ରସ୍ତୁତ କରିବା ଜରୁରୀ। ଏଣୁ ବର୍ତ୍ତମାନ ସମୟରେ ନିର୍ବାଚନ ସମୟରେ ଭାଷଣରେ ପ୍ରତିଶ୍ରୁତି, ତୁଷ୍ଟୀକରଣ, ବିକାଶ ବ୍ୟତୀତ ଘୃଣ୍ୟ ଭାଷଣ, ଧ୍ରୁବୀକରଣ ବକ୍ତବ୍ୟକୁ ମଧ୍ୟ ଅନେକ ସମୟରେ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। ନିର୍ବାଚନ ପ୍ରଚାର କାର୍ଯ୍ୟକୁ ପ୍ରଭାବଶାଳୀ ଓ ଗତିଶୀଳ କରିବା ପାଇଁ ବଜେଟ୍ ଓ ଅର୍ଥନୈତିକ ଯୋଜନା ହେଉଛି ନିର୍ବାଚନ ଜିତିବାର ଦ୍ୱିତୀୟ ସୋପାନ। ପ୍ରାର୍ଥୀଙ୍କ ନିର୍ବାଚନୀ ବଜେଟର ଦୁଇ-ତୃତୀୟାଂଶ କେବଳ ଭୋଟରଙ୍କ ଯୋଗାଯୋଗ ଦିଗରେ ଖର୍ଚ୍ଚ ହୁଏ। ସେଥିମଧ୍ୟରେ ନିର୍ବାଚନୀ ରାଲି, ସଭା, ସମିତି ଓ ଭୋଜିଭାତ ଆଦି ଅନ୍ତର୍ଭୁକ୍ତ। 'ସେଣ୍ଟର ଅଫ ମିଡିଆ ଷ୍ଟଡିଜ'ର ଏକ ରିପୋର୍ଟ ଅନୁଯାୟୀ, ଭାରତରେ ୨୦୧୯ ସାଧାରଣ ନିର୍ବାଚନରେ ପ୍ରାୟ ୫୫ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ୧୯୯୮ ନିର୍ବାଚନ ତୁଳନାରେ ଏହି ଖର୍ଚ୍ଚ ପ୍ରାୟ ଛ' ଗୁଣା ଅଧିକ। ୨୦୧୯ ଲୋକସଭା ନିର୍ବାଚନରେ ଭାରତର ନବେ କୋଟି ଭୋଟର ଥିଲେ। ପ୍ରତି ଭୋଟରଙ୍କ ପିଛା ସାତଶହ ଟଙ୍କା ଖର୍ଚ୍ଚ ହୋଇଥାଇପାରେ ବୋଲି ଏ ରିପୋର୍ଟରେ ଅନୁମାନ କରାଯାଇଛି। ୨୦୧୯ ସାଧାରଣ ନିର୍ବାଚନରେ ଭାରତୀୟ ଜନତା ପାର୍ଟି(ବିଜେପି) ୨୭,୫୦୦କୋଟି ଟଙ୍କା ଖର୍ଚ୍ଚ କରିଥିବା କୁହାଯାଉଥିବା ବେଳେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାରତୀୟ ଜାତୀୟ କଂଗ୍ରେସ ୯୬୨୫ କୋଟି ଟଙ୍କା ଖର୍ଚ୍ଚ କରିଥିବା କେତେକ ସଂସ୍ଥା ତଥ୍ୟ ଉପସ୍ଥାପନ କରିଛନ୍ତି। ଏହିସବୁ ସଂସ୍ଥାର ଆକଳନ ଅନୁଯାୟୀ ଅବଶିଷ୍ଟ ଦଳମାନେ ୨୦୧୯ ନିର୍ବାଚନରେ୧୭୮୭୫ କୋଟି ଖର୍ଚ୍ଚ କରିଥିଲେ। ରିପୋର୍ଟରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ ମୋଟ ଖର୍ଚ୍ଚର ୨୫ % ଅର୍ଥାତ୍ ୧୪ ହଜାର କୋଟି ଟଙ୍କା ସିଧାସଳଖ ଭୋଟରଙ୍କୁ ବଣ୍ଟନ କରାଯାଇଥିଲ। କିନ୍ତୁ ଆଧୁନିକ ପ୍ରଚାର ଯୋଜନା ଅନୁଯାୟୀ ଆକଳନ ତୁଳନାରେ ନିର୍ବାଚନ ଖର୍ଚ୍ଚ ଅଧିକ ହୋଇପାରେ।

ନିର୍ବାଚନରେ ସଫଳତାର ତୃତୀୟ ସୋପାନ ହେଉଛି ଯୋଜନା ଦସ୍ତାବିଜ। ଦସ୍ତାବିଜ ହେଉଛି ଏକ ସମୟ ସୀମା ମଧ୍ୟରେ ସ୍ଥାନୀୟ ସମସ୍ୟାଗୁଡ଼ିକୁ ବ୍ୟବସ୍ଥିତ କରିବାର ଏକ ଉପକ୍ରମ। ଉଦାହରଣ ସ୍ୱରୂପ, ଏକ ରାଜନୈତିକ ଦଳ 'ସାପ୍ତାହିକ-ଆଧାର'ରେ ନିର୍ବାଚନ ପ୍ରସଙ୍ଗ ଯୋଜନା କରିପାରେ। ତେଣୁ ପ୍ରଥମ ସପ୍ତାହରେ ନିଜ ଅଞ୍ଚଳରେ ପ୍ରସଙ୍ଗକୁ ଚୟନ କରିବା ସହ ଏକ ସୁପରିକଳ୍ପିତ ରିପୋର୍ଟ ପ୍ରସ୍ତୁତ କରିବାକୁ ହୁଏ। ଭୋଟରଙ୍କ ନିକଟତର ହେବାକୁ ହେଲେ ଏହାକୁ ଖବରକାଗଜ କିମ୍ବା ଯୋଗାଯୋଗର ଅନ୍ୟ କୌଣସି ମାଧ୍ୟମରେ ପ୍ରକାଶ କରିବା ଜରୁରୀ। ପ୍ରସଙ୍ଗଭିତ୍ତିକ ରାଜନୀତିରେ ପ୍ରାର୍ଥୀମାନେ ଯୋଜନା ଦସ୍ତାବିଜକୁ ବିତର୍କ, ସମାବେଶ, ଭୋଟର ସଭାରେ ସଠିକ ଉପସ୍ଥାପନ କରିପାରିବେ। ନିର୍ବାଚନୀ ପ୍ରଚାର ଯୋଜନା କିଛି ଉପାଦାନ ଉପରେ କେନ୍ଦ୍ରୀଭୂତ। ପ୍ରଥମଟି ହେଉଛି ଜ୍ଞାନଶୀଳ। ଏହା ପ୍ରାର୍ଥୀଙ୍କ ସଚେତନତା ଉପରେ ଆଧାରିତ। ଦ୍ୱିତୀୟଟି ହେଉଛି ପ୍ରାର୍ଥୀଙ୍କ ବିଷୟରେ ଜନ ମତାମତ। ତୃତୀୟଟି ହେଉଛି ପ୍ରାର୍ଥୀଙ୍କ ନିଷ୍ପତ୍ତିର ମୂଲ୍ୟାଙ୍କନ। ନିର୍ବାଚନ ପ୍ରଚାରରେ ନାମ ଓ ପରିଚୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପ୍ରଚାର ଯୋଜନା ମୂଳତଃ ପ୍ରାର୍ଥୀଙ୍କୁ ସେମାନଙ୍କ ନାମ ଦ୍ୱାରା ଚିହ୍ନିବାର ଉପାୟ ସହ ଲୋକଙ୍କୁ ପ୍ରାର୍ଥୀଙ୍କ ଉପରେ ବିଶ୍ୱାସ କରାଇବା ପାଇଁ ପ୍ରୋତ୍ସାହିତ କରିଥାଏ। ବରିଷ୍ଠ ନିର୍ବାଚନ ରଣନୀତିକାର ମେରି ମାଟାଲିନଙ୍କର ରାଜନୀତି ପାଇଁ ୧୦୧ ନିୟମ ମଧ୍ୟରୁ ଗୋଟିଏ ଦୃଢ଼ ନିୟମ ହେଉଛି 'ଅନ୍ୟ ପକ୍ଷକୁ କେବେ ବି ତୁମକୁ ସଂଜ୍ଞା, ଅର୍ଥ ବା ଅର୍ଥାନ୍ତର କରିବାକୁ ଦିଅନ୍ତୁ ନାହିଁ।' ଯଦି କୌଣସି ପ୍ରାର୍ଥୀ ପ୍ରତିପକ୍ଷ ବା ପ୍ରତିଦ୍ୱନ୍ଦ୍ୱୀଙ୍କୁ ସଂଜ୍ଞା ବା ପରିଭାଷିତ କରିବାରେ ସଫଳତା ହାସଲ କରନ୍ତି ତେବେ ତାହା ବୁମେରାଂ ସାଜିବ ଓ ପ୍ରତିଦ୍ୱନ୍ଦ୍ୱୀଙ୍କ ପ୍ରତି ଜନମତ ଅଧିକ ଦୃଢ଼ ହେବ। ଯଦି ପ୍ରାର୍ଥୀ ଓ ବିରୋଧୀଙ୍କ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଘଟଣାର ସଠିକ ପଠନ ଉପରେ ପ୍ରଚାର ଯୋଜନା ଆଧାରିତ ନ ହୁଏ, ତେବେ ଉତ୍ତମ ପ୍ରସ୍ତୁତି ମଧ୍ୟ ବିଫଳ ହୋଇପାରେ।

ଭାରତୀୟ ନିର୍ବାଚନର ବିକଶିତ ଭୂମିକାକୁ ଆଧାର କରି ନିର୍ବାଚନ ପ୍ରଚାରର ଯୋଜନାକୁ ଏକ ଅନୁଷ୍ଠାନର ରୂପ ଦିଆଯାଇଛି। ୨୦୧୪ ମସିହାରୁ ଏହି ଧାରା ବ୍ୟାପକ ଭାବରେ ବ୍ୟବହୃତ ହୋଇଛି। ନୂତନ ଭାବରେ ଉଭା ହୋଇଥିବା ରାଜନୈତିକ ପରାମର୍ଶଦାତାମାନେ ରାଜନୈତିକ ଦଳ କିମ୍ବା ପ୍ରାର୍ଥୀଙ୍କୁ ନିର୍ବାଚନ ଫଳାଫଳ ପ୍ରସ୍ତୁତ କରିବାରେ ସାହାଯ୍ୟ କରିଥା'ନ୍ତି। ଏହି ପରାମର୍ଶଦାତାମାନେ ରାଜନେତାଙ୍କ ପ୍ରଚାର ଅଭିଯାନ ପରିଚାଳନା ଏବଂ ନିର୍ବାଚନ ରଣନୀତି ପ୍ରସ୍ତୁତ କରନ୍ତି। ଏହା ସହ ନିର୍ବାଚନ ରଣନୀତିର କ୍ରମବିକାଶ, ଗଣମାଧ୍ୟମ ଯୋଜନା, ନିର୍ବାଚନୀ ବାର୍ତ୍ତା ପ୍ରସ୍ତୁତି, ତଥ୍ୟ ବିଶ୍ଳେଷଣ, ପାଣ୍ଠି ସଂଗ୍ରହ, ମତଦାନ ଓ ଗବେଷଣା ଏବଂ ସଙ୍କଟ ପରିଚାଳନା ଭଳି ସେବା ପ୍ରଦାନ କରନ୍ତି। ନିର୍ବାଚନ ପରାମର୍ଶଦାତାଙ୍କୁ ନେଇ ଭାରତରେ ୩୦୦୦ କୋଟି ଟଙ୍କାର ଏକ ଶିଳ୍ପ ଗଢ଼ିଉଠିଛି। ଆଇଆଇଟି ଓ ଅନ୍ୟାନ୍ୟ ପ୍ରତିଷ୍ଠିତ ମ୍ୟାନେଜମେଣ୍ଟ ଅନୁଷ୍ଠାନର ବିଶେଷଜ୍ଞ, ଛାତ୍ରଛାତ୍ରୀ ଓ କାର୍ଯ୍ୟନିର୍ବାହୀମାନେ ଏହି ସେବାରେ ନିୟୋଜିତ। ଆକଳନ କରାଯାଏ ଯେ ସମଗ୍ର ଦେଶରେ ୧୫୦ରୁ ଉର୍ଦ୍ଧ୍ୱ ରାଜନୈତିକ ପରାମର୍ଶଦାତା ସେବା ପ୍ରଦାନ କରୁଛନ୍ତି ଏବଂ ସେହି ସଂସ୍ଥାମାନଙ୍କରେ ୩୦ ହଜାରରୁ ଅଧିକ କର୍ମଚାରୀ କାର୍ଯ୍ୟରତ। ରାଜନୈତିକ ଦଳ ବା ନିର୍ବାଚନରେ ଲଢୁଥିବା ପ୍ରାର୍ଥୀ ନିମନ୍ତେ କନସଲଟାଣ୍ଟ ସର୍ଭିସ ଚାର୍ଜ ବା ସେବା ଦେୟ ୧ ଲକ୍ଷ ଟଙ୍କାରୁ ଆରମ୍ଭ କରି ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ହେଉଥିବା ଜଣାପଡ଼ିଛି।

ରାଜନୀତିର ମୌଳିକ ତାତ୍ତ୍ୱିକ ସଂଜ୍ଞା ଏହା କୁହେ ଯେ ଯୋଗ୍ୟ ହେବା ପାଇଁ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ନିଷ୍ଠାର ସହ କର୍ମୀଙ୍କ ସହ ଯୋଡ଼ି ହେବାକୁ ପଡ଼ିବ ଏବଂ ଅଧିକରୁ ଅଧିକ ଅନୁଗାମୀଙ୍କ ସହ ଏକ ଆଭା ସୃଷ୍ଟି କରିବାକୁ ପଡ଼ିବ। କିନ୍ତୁ ଅଧିକାଂଶ ସମୟରେ ରାଜନେତାମାନେ ଭୋଟରଙ୍କୁ ଆକର୍ଷଣ ପାଇଁ କୌଶଳପୂର୍ଣ୍ଣ ପ୍ରଚାର ଯୋଜନାର ଆଶ୍ରୟ ନେଇଥା'ନ୍ତି। ପ୍ରଚାର ପରାମର୍ଶଦାତାଙ୍କ ପ୍ରଦତ୍ତ ଯେକୌଣସି ପ୍ରଚାର ଯୋଜନା ଏକ ଧାରଣା ଭଳି ଏବଂ ଏ ଧାରଣା ଭୁଲ ମଧ୍ୟ ହୋଇପାରେ। କାରଣ ଆଜିର ଭୋଟର, ସାଧାରଣ ଜନତା ସବୁ ଜାଣେ।

# ପରଶମଣି



ଛନ୍ଦା ମିଶ୍ର
ଭୁବନେଶ୍ୱର, ମୋ: ୯୪୩୭୪ ୫୩୬୧୦

ଆମେ ଥାଉ ବେଲପାହାଡ଼ରେ। ନିକଟସ୍ଥ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପୁଅ ପଢୁଥାଏ ପ୍ରଥମ ଶ୍ରେଣୀରେ। କଲୋନୀ ଭିତରେ ପିଲାମାନେ ଚାରିଟା ବେଳେ ସାଙ୍ଗ ହୋଇ ଖେଳନ୍ତି। ସେଦିନ ସଞ୍ଜ ଦେବା ପୂର୍ବରୁ ପୁଅକୁ ଯାଇ ଡାକିଲା ବେଳକୁ ଦେଖିଲି, ଅନ୍ୟ କଲୋନୀରେ ରହୁଥିବା ତା'ର ସହପାଠୀଟିଏ ଆସିଥାଏ ଖେଳିବା ପାଇଁ। ତା' ସହିତ କଥା ହେଉ ହେଉ ଗୋଟିଏ କଥା ମତେ ଚକିତ କଲା। ସେ କହିଲା, ଆମ ଶ୍ରେଣୀ ଆରମ୍ଭରେ ଆଗ ୟା'କୁ (ମୋ ପୁଅକୁ) ଶ୍ରେଣୀ ଶିକ୍ଷୟିତ୍ରୀ ଗୋଟିଏ ଚଟକଣି ଦେଲା ପରେ ଯାଇ ପାଠ ପଢ଼ା ଆରମ୍ଭ ହୁଏ। ଏକଥା ଶୁଣି ମୋ ମାତୃତ୍ୱ ମତେ ଧିକ୍କାର କଲା। ସବୁଦିନ ପିଲାଙ୍କୁ ଆଣିଲା ପରେ ସ୍କୁଲର ସବୁକଥା ପଚାରି ବୁଝିବା ଥିଲା ମୋର ଗୋଟିଏ ନିତ୍ୟକର୍ମ। ତେବେ ପୁଅ ମତେ ଏତେ ବଡ଼ କଥାଟିଏ ଲୁଚାଇଛି କିପରି! ମନ କଥା ମନରେ ରଖି ପୁଅର ହାତ ଧରି ଫେରିଲି। ବାରମ୍ବାର ଆଖିରେ ଲୁହ ଜକେଇ ଆସୁଥାଏ। ତାହା ଲୁଚେଇ ସନ୍ଧ୍ୟା ଦେଲି। ପୁଅ ସହିତ ମିଶି ପ୍ରାର୍ଥନା କଲି। ତା' ପରେ ଖୁବ୍ ସ୍ନେହଭରେ ପଚାରିଲି, 'କ'ଣ ହୋଇଛି' ବୋଲି। ବେଶ୍ ନିରୀହ ଭାବେ ପୁଅ ମୋର କହିଲା, 'ମାଆ, ଏଇ ଯୋଉ ପାଠଗୁଡ଼ା ଆମ ଶ୍ରେଣୀରେ ପଢ଼ା ହେଉଛି, ତା'କୁ ତମେ ମତେ ଆଗରୁ ପଢ଼େଇ ଦେଇଛ। ସେଦିନ ଶ୍ରେଣୀରେ ଆମ ମିସ୍ ପଢ଼େଇଲା ବେଳେ ଗୋଟିଏ ପ୍ରଶ୍ନ ପଚାରିଲେ। ମୁଁ ଜାଣିଥିଲି, ତେଣୁ ଉତ୍ତର ଦେଇଦେଲି। ଅନ୍ୟମାନେ ହାତ ଟେକିଛନ୍ତି, ତୁ କାହିଁ ନ ପଚାରିବା ପୂର୍ବରୁ ଉତ୍ତର ଦେଇ ଦେଲୁ କହି ମିସ୍ ମତେ ମାରିଲେ। ମତେ ବହୁତ୍ ଖରାପ ଲାଗିଲା। ତା' ପରଠାରୁ ସେ ଆଉ ଯାହା ପଚାରିଲେ ମୁଁ ତାଙ୍କୁ କିଛି କହୁନି।' 'ହେଲେ ବାବା ଏ କଥା ତୁ ମତେ ଆଗରୁ କହିନୁ କାହିଁକି?' ବିକଳ ହୋଇ ମୁଁ ପଚାରିଲି। 'ମା' ତୁମେ ସବୁବେଳେ କୁହ ଯେ ବଡ଼ମାନଙ୍କର ଭୁଲ ଦେଖନ୍ତି ନାହିଁ। ମୁଁ ଭାବିଲି ମୁଁ ଯଦି ମିସ୍‌ଙ୍କ କଥା କହିବି ତୁମେ ମତେ ରାଗିବ...।' ନିଷ୍କପଟ ହୋଇ ପୁଅ କହିଲା। ଭାବିଲି ଯାଇ ଶିକ୍ଷୟିତ୍ରୀଙ୍କୁ ଏ ବିଷୟରେ ଅବଗତ କରାଇବି। ୟା'ଙ୍କ ସହିତ ଯେତେବେଳେ କଥା ହେଲି ଇଏ କହିଲେ, 'ଏଇ ଗୋଟେ କଥା ନେଇ ତୁ ଅଭିଯୋଗ କରିବାକୁ ଯିବୁ! ମତେ କାହିଁ ଠିକ୍ ଲାଗୁନି।' କିନ୍ତୁ ମୁଁ ଜାଣିଥିଲି କଥାଟି ଯେତିକି ଛୋଟ ମନେ ହେଉଛି ସେତେ ଛୋଟ ନୁହେଁ। ପୁଅର କୋମଳ ମନରେ ତାହା ଯେ ଗଭୀର ଛାପ ଛାଡ଼ିଯିବ, ଏଥିରେ ସନ୍ଦେହ ନାହିଁ। ମୁଁ ସ୍କୁଲ ପ୍ରିନ୍ସିପାଲଙ୍କୁ ଫୋନ କରି ଟିକେ ସମୟ ମାଗିଲି। ଆଉ ପରଦିନ ସକାଳେ ପୁଅ ସ୍କୁଲ ଗଲା ପରେ ଘର କାମ ସାରି ନିଜେ ପ୍ରସ୍ତୁତ ହେଲି। ୟା'ଙ୍କୁ କହିଲି, 'ଟିକେ ମୋ ସାଙ୍ଗରେ ଯିବ।' ଇଏ କହିଲେ, 'ତୁ ଝଗଡ଼ା କରିବାକୁ ଯାଉଚୁ, ମୁଁ ଯିବିନି।' ମୁଁ କହିଲି, 'ତୁମକୁ ଲାଗୁଚି ମୁଁ ସେଠି ଯାଇ ଝଗଡ଼ା କରିବି ବୋଲି?' ମନରେ ଅଭିମାନ ଆସିଲା। ଆଉ କିଛି ନ କହି ମୁଁ ଚପଲ ପିନ୍ଧି ବାହାରିଲି। ଇଏ କହିଲେ, 'ମୁଁ ତୋ ସାଙ୍ଗରେ ଯିବି, କିନ୍ତୁ କିଛି କହିବି ନାହିଁ।'

ସ୍କୁଲରେ ପ୍ରିନ୍ସିପାଲ ଆମକୁ ଅପେକ୍ଷା କରିଥିଲେ। ଆମକୁ ବସାଇ ସେ ଉକ୍ତ ଶିକ୍ଷୟିତ୍ରୀଙ୍କୁ ଡକାଇଲେ। ତାଙ୍କୁ ଖୁବ ସମ୍ମାନର ସହିତ ପଚାରିଲି, 'ପୁଅ କିଛି ଦୁଷ୍ଟାମି କରୁଛି କି? ମୁଁ ଶୁଣିଲି ପ୍ରତ୍ୟେକ ଦିନ ତାକୁ ଦଣ୍ଡ ମିଳୁଛି ବୋଲି।' ସେ ଉତ୍ତର ଦେଲେ, 'କୌଣସି ଦିନ ସେ ପାଠ କରି ଆଣୁନାହିଁ। ଅଧାଦିନ ଖାତା ବି ଆଣି ଆସୁନି।' ମୁଁ ପ୍ରତ୍ୟୁତ୍ତରରେ କହିଲି, 'ମାଡାମ୍! ମୁଁ ନିଜେ ଯେହେତୁ ତା'କୁ ପଢ଼ାଏ ଓ ସେ ତା'ର ସ୍କୁଲ ବ୍ୟାଗ୍ ସଜାଡ଼ି ସାରିଲା ପରେ ମୁଁ ପୁଣିଥରେ ତା'କୁ ଦେଖେ, ତେଣୁ ଏପରି ଭୁଲ୍ ହେବ ନାହିଁ। କିଛି ଗୋଟେ ଅଭିମାନ କରି ବୋଧେ ସେ ଦେଖାଉ ନାହିଁ। ମୋର ଛୋଟ ଅନୁରୋଧଟି ରଖିବେ, ଆପଣ ନିଜେ ତା' ବ୍ୟାଗରୁ ଖାତା କାଢ଼ି ଦେଖିବେ ଓ ଯଦି ସବୁ ଠିକ୍ ଥିବ ତେବେ ତା'କୁ ଗୋଟେ 'ଧନ୍ୟବାଦ୍' ଜଣାଇ ଦେବେ। ଆଉ ମୁଁ ସ୍କୁଲକୁ ଆସିଥିଲି ବୋଲି ତାକୁ ଦୟାକରି କହିବେ ନାହିଁ।' କହିବା ବାହୁଲ୍ୟ, ପରବର୍ତ୍ତୀ ସମୟରେ ମୋ ପୁଅ ଉକ୍ତ ଶିକ୍ଷୟିତ୍ରୀଙ୍କର ପ୍ରିୟ ଛାତ୍ର ହୋଇ ପାରିଥିଲା।

ସତ କହିବାକୁ ଗଲେ ଆମ ଜୀବନରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। କଅଁଳ ବୟସରେ ପିତାମାତାଙ୍କ ପରେ ଶିକ୍ଷକଙ୍କ ପ୍ରଭାବରେ ଆମ ମନ ଖୁବ୍ ପ୍ରଭାବିତ ହୁଏ। ସେଇଥିପାଇଁ ତ କୁହାଯାଏ ଘର ହେଉଛି ପ୍ରଥମ ବିଦ୍ୟାଳୟ ଓ ବିଦ୍ୟାଳୟ ହେଉଛି ଦ୍ୱିତୀୟ ଘର। ପିଲାଏ ବାପାମା'ଙ୍କ କଥାକୁ ଅଣଦେଖା କରିପାରନ୍ତି, ମାତ୍ର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ କଥା ତାଙ୍କ ପାଇଁ ସାଜେ ବେଦର ଗାର। ତେଣୁ ପିତାମାତା ପିଲାଙ୍କ ଅଭିଯୋଗ ନେଇ ଶିକ୍ଷକଙ୍କ ଦ୍ୱାରସ୍ଥ ହୁଅନ୍ତି। ଆଉ ଶିକ୍ଷକଙ୍କ ସ୍ନେହଭରା ପିଠି ଥାପୁଡ଼ା ଓ ନାଲି ଆଖି ଦେଖାଇ କାନ ମୋଡ଼ା, ଉଭୟ ଛାତ୍ର ପାଇଁ ସାବ୍ୟସ୍ତ ହୋଇଥାଏ ପଥ ପ୍ରଦର୍ଶକ। ଶିକ୍ଷକଙ୍କ ହାତରେ ହିଁ ଛାତ୍ରର ଭାଗ୍ୟ ଡୋର। ସେଥିପାଇଁ ଶିକ୍ଷକଙ୍କୁ ସ୍ୱୟମ ଈଶ୍ୱରଙ୍କ ଆସନ ଦିଆଯାଇଛି। ପୂର୍ବେ ଶିକ୍ଷକମାନେ ଥିଲେ ସେହିଭଳି ପ୍ରଭାବଶାଳୀ ବ୍ୟକ୍ତିତ୍ୱଧାରୀ। ତାଙ୍କୁ ଦେଖିଲେ ବାପା ମା' ଏତେ ଭକ୍ତିରେ ପ୍ରଣାମ କରୁଥିଲେ ଯେ ଆମେ ସେ ସଂସ୍କାରକୁ ବାଦ୍ ଦେବା ଅସମ୍ଭବ ଥିଲା। ସେମାନେ ପରଶମଣି ପରି ସବୁ ପ୍ରକାର୍ ପଦାର୍ଥକୁ ଛୁଇଁ ସୁନାରେ ପରିଣତ କରିବାର ଚମତ୍କାରିତା ଦେଖାଇ ପାରନ୍ତି।

ଆପଣଟିକେ ଅତୀତକୁ ମନେ ପକାଇଲେ ଜାଣିପାରିବେ, ଆପଣଙ୍କୁ ଭଲ ଲାଗୁଥିବା ଓ ଆପଣ ବେଶି ନମ୍ବର ରଖୁଥିବା ବିଷୟଟି ପଛରେ ଯେପରି ଜଣେ ଶ୍ରଦ୍ଧାଶୀଳ ଶିକ୍ଷକଙ୍କ ହାତ ରହିଚି, ଠିକ୍ ତା'ର ବିପରୀତ ଦିଗରେ ଯେଉଁ ବିଷୟକୁ ଦେଖିଲେ ବିରକ୍ତି ଲାଗେ, ଯେଉଁ ବିଷୟଟି ପଢ଼ିବା ପାଇଁ ଯାଇ ଆପଣ ଗଳଦ୍‌ଘର୍ମ ହୁଅନ୍ତି, ତା' ପଛରେ ମଧ୍ୟ ଜଣେ ବଦରାଗୀ ଓ ଅଧୈର୍ଯ୍ୟ ଶିକ୍ଷକଙ୍କ ଭୂମିକା ରହିଚି। କୋମଳ ହୃଦୟର ବଡ଼ ତାଲାଟିକୁ ଖୋଲିବା ପାଇଁ କଟୁ କଥା ଓ ଶାରୀରିକ ନିର୍ଯାତନାର ହାତୁଡ଼ି ନୁହେଁ ବରଂ ଧୈର୍ଯ୍ୟ ଓ ଶରଧାର ଛୋଟ ଚାବିକାଠିଟିଏ ଲୋଡ଼ା। ଆଜି କିନ୍ତୁ ଶିକ୍ଷକ ବିଚରା ଏତେଗୁଡ଼ିଏ ଚାପ ତଳେ ଚାପି ହୋଇ ଯାଉଛନ୍ତି ଯେ ତାଙ୍କ ଜୀବନ ହୋଇ ପଡୁଚି ରସହୀନ। ରସହୀନ ଜୀବନଟିଏ ଅନ୍ୟ ଜୀବନରେ ରସ ଭରିବ - ଏହା ଆଶା କରିବା ଦିନରେ ତାରା ଦେଖିବା ସହିତ ସମାନ୍। ଏବେ ପୁଣି ଶିକ୍ଷକଙ୍କୁ ପିଲାଏ ମୂଲ୍ୟାୟନ କରୁଛନ୍ତି। ଅଭିଭାବକମାନେ ଶିକ୍ଷକଙ୍କୁ ତାଙ୍କ ଦରମା ଦିଆ କର୍ମଚାରୀ ବୋଲି ମାନି ନେଇଛନ୍ତି। କଥା କଥାକେ ଶିକ୍ଷକମାନେ ହେଉଛନ୍ତି ଦୁର୍ବ୍ୟବହାରର ଶିକାର। ତେଣୁ ଫଳ ଯାହା ହେବା କଥା! ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ପାଣିଚିଆ। ଯାହା ପ୍ରତ୍ୟକ୍ଷ ଭାବେ ପିଲାର ଜୀବନ କୁ ହିଁ କରୁଛି ପ୍ରଭାବିତ। ଅବଶ୍ୟ ଆଜିର ପିଲାଏ ଶିକ୍ଷକଙ୍କ ଅପେକ୍ଷା ଗୁଗୁଲକୁ ନିଜ ଗୁରୁ କରିବା ପାଇଁ ହେଉଛନ୍ତି ତତ୍ପର, ଯାହା ଅନେକ ସମୟରେ ପିଲାଙ୍କୁ ବାଟ ଦେଖାଇବା ପରିବର୍ତ୍ତେ କରୁଛି ବାଟବଣା। ହେଲେ ଜୀବନରେ ଶିକ୍ଷକଙ୍କ ପ୍ରଭାବକୁ ଅସ୍ୱୀକାର କରିବା କେତେ ଅସମ୍ଭବ ସତେ!

ମୁଁ ସେତେବେଳେ ପଢୁଥାଏ ସପ୍ତମ ଶ୍ରେଣୀରେ। ଢେଙ୍କାନାଳର ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ। ଆମର ପ୍ରଧାନ ଶିକ୍ଷକ ଥାଆନ୍ତି, ଋଷିପ୍ରତିମ ଶ୍ରୀଯୁକ୍ତ ରୁଦ୍ର ନାରାୟଣ ମିଶ୍ର। ସାର୍‌ଙ୍କ ବ୍ୟକ୍ତିତ୍ୱ ଏପରି ଯେ ଯେ କେହି ବି ପ୍ରଭାବିତ ହୋଇ ଯିବାଟା ସହଜ। ଆଜି ବି ଅଳ୍ପ କେତେଜଣ ମହତ୍ତର ଚେତନାର ବ୍ୟକ୍ତିତ୍ୱଙ୍କ ବିଷୟରେ ଚିନ୍ତା କଲେ ପୂଜ୍ୟ ସାର୍‌ଙ୍କ ଗୁରୁଗମ୍ଭୀର ବ୍ୟକ୍ତିତ୍ୱଟି ମନ ଓ ପ୍ରାଣକୁ ଆଚ୍ଛନ୍ନ କରେ। ସାର୍ କହୁଥିଲେ ଯାହା କରୁଥିଲେ ତାହା। ସାର୍, ସ୍କୁଲ ହତା ମଧ୍ୟରେ ଥିବା ପର୍ଯ୍ୟନ୍ତ ସ୍କୁଲ ପରିବେଶ ଏତେ ଶୃଙ୍ଖଳିତ ଥାଏ ଯେ କେହି ବି ଆଶ୍ଚର୍ଯ୍ୟ ହେବାକୁ ବାଧ୍ୟ। ସେ କେବେ ମତେ ପଢ଼େଇ ନାହାନ୍ତି। ମୁଁ ସ୍କୁଲରେ ନାମ ଲେଖାଇବାର ଦୁଇବର୍ଷ ପରେ ସେ ଅବସର ନେଲେ। ତେବେ ସେହି ଦୁଇବର୍ଷରେ ପ୍ରତିଦିନ ସାର୍‌ଙ୍କୁ ଦେଖୁଥିଲି ହାଇସ୍କୁଲର ବିରାଟ ପ୍ରାର୍ଥନା ସଭାରେ। ପଣସ ଗଛମାନଙ୍କ ଛାଇରେ ଆମେ ଛାତ୍ରଛାତ୍ରୀ ଧାଡ଼ିବାନ୍ଧି ଠିଆ ହୋଇ ପ୍ରାର୍ଥନା କରୁଥିବୁ। ଆଉ ସାର୍ ଠିଆ ହୋଇଥିବେ ଆମ ସମ୍ମୁଖରେ। ପ୍ରାର୍ଥନା ସରିଲେ ସେ କହିବେ ସେ ଦିନର ଅନୁଚିନ୍ତା। ଆଉ ତା' ଉପରେ ସାମାନ୍ୟ ବ୍ୟାଖ୍ୟା। ସାର୍‌ଙ୍କ ଅନେକଗୁଡ଼ିଏ ଅନୁଚିନ୍ତା ମଧ୍ୟରୁ ଗୋଟିଏ ଆଜି ବି ମୋର ମନେ ଅଛି ଏବଂ ତାହା ଆଜି ବି ମୁଁ ଅକ୍ଷରେ ଅକ୍ଷରେ ପାଳନ କରେ। ସାର୍ କହିଥିଲେ, 'ଯେତେବେଳେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛ, କେବଳ ନିଜ ପାଇଁ ନ ମାଗି କହିବ ପ୍ରଭୁ ସମସ୍ତଙ୍କର ମଙ୍ଗଳ ହେଉ, ସମସ୍ତଙ୍କ ଭିତରେ ତୁମେ ବି ତ ରହିଛ। ଆଜି ବି ଈଶ୍ୱରଙ୍କ ସମ୍ମୁଖକୁ ଯାଇ ହାତ ଯୋଡ଼ି ଦେଲେ ସାର୍‌ଙ୍କର ସେହି କଥା ମନେ ପଡ଼େ। ମୁଁ କେବଳ ନିଜ ପାଇଁ ମାଗି ପାରେ ନାହିଁ। ତେବେ ଆମକୁ ମନେରଖିବାକୁ ହେବ ଯେ ଆମ ପିଲାଙ୍କ ପାଇଁ ଶିକ୍ଷକଟିଏ ସାକ୍ଷାତ୍ ଈଶ୍ୱରଙ୍କ ରୂପ ହୋଇଥିଲା ବେଳେ ଶିକ୍ଷକଙ୍କୁ ବି ମନେରଖିବାକୁ ହେବ ଯେ ମଣିଷ ତିଆରି କାରଖାନାରେ ସେମାନେ ହେଉଛନ୍ତି ମୁଖ୍ୟ କାରିଗର। ଭଲ ବା ଖରାପ, ସେମାନେ ଯାହା ତିଆରିବେ ତାହାରି ଉପରେ ହିଁ ନିର୍ଭର କରିବ ତାଙ୍କ ସୁନାମ, ଦୁର୍ନାମ ଓ ସମାଜରେ ଜୀବନର ମାନ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## କେ ସୁରିଆ ରାଓ ପାରଳାଖେମୁଣ୍ଡି ପ୍ରଚାର କମିଟି ଅଧ୍ୟକ୍ଷ

**ଅନେକ ନେତାଙ୍କୁ ମିଳିଲା ନିର୍ବାଚନ ଦାୟିତ୍ୱ**

**ଭୁବନେଶ୍ୱର, ୨୨।୪(ସମିସ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଭିନ୍ନ ଜିଲ୍ଲାର ବିଜେଡି ନେତାମାନଙ୍କୁ ନୂଆ ନିଯୁକ୍ତି ମିଳିଛି। ହସ୍ତଗତ ସୂଚନା ଅନୁସାରେ ପୂର୍ବତନ ବିଧାୟକ କେ. ସୁରିୟା ରାଓ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ପ୍ରଚାର କମିଟି ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ଭାଗୀରଥି ପ୍ରଧାନଙ୍କୁ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଏବଂ ବଲାଙ୍ଗିରର ପ୍ରଭାସ କୁମାର ପାଣିଗ୍ରାହୀଙ୍କୁ ରାଜ୍ୟ ସମ୍ପାଦକ ଦାୟିତ୍ୱ ମିଳିଛି। ଅପରପକ୍ଷେ ସଞ୍ଜୟ ଅଗ୍ରୱାଲଙ୍କୁ ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଦାୟିତ୍ୱ ମିଳିଥିବା ବେଳେ ରୋସନା ସାହୁ ଓ ଦୀପକ ମହାପାତ୍ରଙ୍କୁ ସହ-ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ଅରୂପ ଶ୍ରୀଚନ୍ଦନଙ୍କୁ ଅନୁଗୁଳ ନିର୍ବାଚନମଣ୍ଡଳୀର ସହ-ପର୍ଯ୍ୟବେକ୍ଷକ, ଗୋପବନ୍ଧୁ ସାହୁ ପଦ୍ମପୁର ନିର୍ବାଚନମଣ୍ଡଳୀର ସହ-ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ମଣ୍ଟୁ ନାଏକଙ୍କୁ କଣ୍ଟାବାଞ୍ଜି ଓ ଟିଟିଲାଗଡ଼ ମ୍ୟୁନିସିପାଲିଟିର ନିର୍ବାଚନ ସଂଯୋଜକ ନିଯୁକ୍ତ କରାଯାଇଥିବା ବେଳେ ସରୋଜ କୁମାର ପ୍ରଧାନଙ୍କୁ କହିଆ ବ୍ଲକ ସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନୁଗୁଳ ଜିଲ୍ଲାର ୬ ନେତାଙ୍କୁ ନୂଆ ନିଯୁକ୍ତି ମିଳିଛି। ଜିତେନ୍ଦ୍ର କୁମାର ସିଂଙ୍କୁ ଅନୁଗୁଳ ଜିଲ୍ଲା ବିଜେଡିର ଉପ-ସଭାପତି ନିଯୁକ୍ତ କରାଯାଇଥିବା ବେଳେ ସୁବୋଧ କୁମାର ପଟ୍ଟନାୟକ ଓ ସପନେଶ୍ୱର ସାମଲଙ୍କୁ ସାଧାରଣ ସମ୍ପାଦକ, ଆଲୋକ କୁମାର ଦାଶଙ୍କୁ ସାମାଜିକ ଗଣମାଧ୍ୟମ ପ୍ରଭାରୀ, ବାପୁନ ଦେହୁରୀଙ୍କୁ ଯୁବ ବିଜେଡିର କାର୍ଯ୍ୟକାରୀ ଉପ-ସଭାପତି ନିଯୁକ୍ତ କରାଯାଇଛି। ରାକେଶ କୁମାର ସାହୁଙ୍କୁ ଅନୁଗୁଳ ଯୁବ ବିଜେଡି ସମ୍ପାଦକ ନିଯୁକ୍ତ କରାଯାଇଛି।

**ବାରବାଟୀ-କଟକ ବିଜେପିରେ କୁହୁଳୁଛି ଅସନ୍ତୋଷର ନିଆଁ**

## ଦଳୀୟ ପର୍ଯ୍ୟବେକ୍ଷକଙ୍କ ସମ୍ମୁଖରେ ହୋହଲ୍ଲା ଓ ପାଟିତୁଣ୍ଡ!

**ଟିକଟକୁ ନେଇ ସୃଷ୍ଟି ହେବ ବିସ୍ଫୋରକ ସ୍ଥିତି**

**କଟକ, ୨୨।୪(ସମିସ):** ବାରବାଟୀ-କଟକ ବିଧାନସଭା କ୍ଷେତ୍ରରେ ଏପର୍ଯ୍ୟନ୍ତ ବିଜେପି ପ୍ରାର୍ଥୀ ଚୟନ କରିପାରିନାହିଁ। ପ୍ରାର୍ଥୀ ଚୟନ ବିଳମ୍ବ ହୋଇଥିବା ବେଳେ ଦଳର ସଂଗଠନରେ ଅସନ୍ତୋଷର ନିଆଁ କୁହୁଳିଛି। ଏପରିକି ନିକଟରେ ଗାନ୍ଧୀଭବନଠାରେ ହୋଇଥିବା ଏକ ଗୁପ୍ତ ବୈଠକରେ ଦଳୀୟ କର୍ମୀଙ୍କ ମଧ୍ୟରେ ଥିବା ଅସନ୍ତୋଷ ସ୍ପଷ୍ଟ ବାରି ହୋଇପଡ଼ିଥିଲା। ଯାହାର ଏକ ଭିଡିଓ ମଧ୍ୟ ଭାଇରାଲ ହେବାରେ ଲାଗିଛି। କଟକ ଗାନ୍ଧୀ ଭବନରେ ହୋଇଥିବା ଏହି ବୈଠକରେ ଦଳର ରାଜ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ କର୍ମୀମାନେ ପ୍ରବଳ ପାଟିତୁଣ୍ଡ କରିଥିବା ନେଇ ଏହି ଭିଡିଓରେ ଜଣାପଡ଼ିଛି। ବିଶେଷକରି ବାରବାଟୀ-କଟକରେ ବିଜେପି କାହାକୁ ଟିକଟ ଦେବ, ଏନେଇ ଚୂଡ଼ାନ୍ତ କରିପାରୁ ନଥିବା ବେଳେ ଦଳର ଏକ ବଡ଼ ଗୋଷ୍ଠୀ ଆମଦାନୀ ନେତାଙ୍କୁ ତୀବ୍ର ବିରୋଧ କରୁଥିବା ଜଣାପଡ଼ିଛି।

ବିଜେଡି ଛାଡି ବିଜେପିରେ ଯୋଗ ଦେଇଥିବା ଅନୁଭବ ମହାନ୍ତି ଓ ଅରିନ୍ଦମ ରାୟ ବାରବାଟୀ-କଟକ ଆସନରୁ ପ୍ରମୁଖ ଟିକଟ ଆଶାୟୀ ରହିଛନ୍ତି। ସେହିପରି କର୍ପୋରେଟର୍ ଗଗନ ଓଝା ମଧ୍ୟ ଏହି ଦୌଡ଼ରେ ରହିଛନ୍ତି। ତେବେ ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କୁ ଏହି ନିର୍ବାଚନମଣ୍ଡଳୀରୁ ପୁଣି ପ୍ରାର୍ଥୀ କରାଯାଉ ବୋଲି ଏକ ଗୋଷ୍ଠୀ ବୈଠକରେ ହୋହଲ୍ଲା କରିଥିବା ଚର୍ଚ୍ଚା ହେଉଛି। ଏପରିକି, ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଅଯଥା ହସ୍ତକ୍ଷେପକୁ ମଧ୍ୟ କର୍ମୀମାନେ ନାପସନ୍ଦ କରିଛନ୍ତି। ନିକଟରେ ଚୌଦ୍ୱାର-କଟକ ବିଧାନସଭା କ୍ଷେତ୍ରରେ ନୟନ କିଶୋର ମହାନ୍ତିଙ୍କୁ ବିଜେପି ଟିକଟ ପ୍ରଦାନ କରିବା ନେଇ ଏକ ତୁମୁଳକାଣ୍ଡ ଘଟିବା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସଭା ରଣକ୍ଷେତ୍ର ପାଲଟିଥିଲା। ଏହାର ପୁନରାବୃତ୍ତି ବାରବାଟୀ-କଟକ ବିଧାନସଭା ଆସନରେ ଘଟିବ ବୋଲି ଆଲୋଚନା ହେଉଛି। ଏହି ଆସନ ପାଇଁ ବିଜେପିର ବରିଷ୍ଠ ମହିଳା ନେତ୍ରୀ ସ୍ମୃତି ପଟ୍ଟନାୟକ ମଧ୍ୟ ଅନ୍ୟତମ ଆଶାୟୀ ରହିଛନ୍ତି। ସମୀର କିମ୍ବା ସ୍ମୃତିଙ୍କୁ ଟିକଟରୁ ବଞ୍ଚିତ କରାଗଲେ, ଏଠାରେ ମଧ୍ୟ ବିସ୍ଫୋରକ ସ୍ଥିତି ସୃଷ୍ଟି ହେବ ବୋଲି ଦଳୀୟ କର୍ମୀ ମହଲରେ ଚର୍ଚ୍ଚା ଆରମ୍ଭ ହେଲାଣି।

**● ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ୬ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ସମୀକ୍ଷା**

## ତ୍ରୁଟିଶୂନ୍ୟ ନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୨।୪(ସମିସ):** ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୋମବାର ୬ଟି ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଭୁବନେଶ୍ୱରସ୍ଥିତ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀଠାରେ ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ଉକ୍ତ ୬ଟି ଜିଲ୍ଲା ଅଧିନରେ ଆସୁଥିବା ସମସ୍ତ ସଂସଦୀୟ ନିର୍ବାଚନ କ୍ଷେତ୍ର ଓ ବିଧାନସଭା ନିର୍ବାଚନ କ୍ଷେତ୍ରରେ ନିର୍ବାଚନ ପ୍ରସ୍ତୁତି ବିଷୟରେ ବ୍ୟାପକ ଆଲୋଚନା ହୋଇଛି।

ବୈଠକରେ ୬ଟି ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀମାନେ ପିପିଟି ପ୍ରେଜେଣ୍ଟେସନ୍ ମାଧ୍ୟମରେ ସମ୍ପୃକ୍ତ ଜିଲ୍ଲାଗୁଡ଼ିକର ନିର୍ବାଚନ ପ୍ରସ୍ତୁତି ବିଷୟରେ ସବିଶେଷ ତଥ୍ୟ ରଖିଥିଲେ। ସେସବୁ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ସେହିପରି ଏହି ୬ଟି ଜିଲ୍ଲାର ଆରକ୍ଷୀ ଅଧୀକ୍ଷକମାନେ ମଧ୍ୟ ପିପିଟି ପ୍ରେଜେଣ୍ଟେସନ୍ ମାଧ୍ୟମରେ ନିଜ ନିଜ ଜିଲ୍ଲାର ଆଇନ ଶୃଙ୍ଖଳାଜନିତ ପ୍ରସ୍ତୁତି, ଜବତ ବ୍ୟବସ୍ଥା, ଯାଞ୍ଚ ବ୍ୟବସ୍ଥା ବିଷୟରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମୁଖରେ ସମସ୍ତ ତଥ୍ୟ ରଖିଥିଲେ। ଏହି ସମସ୍ତ ତଥ୍ୟର ତର୍ଜମା କରି ମୁଖ୍ୟ ନିର୍ବାଚନ ଅଧିକାରୀ ବୁଥସ୍ତରରୁ ତ୍ରୁଟିଶୂନ୍ୟ ନିର୍ବାଚନ ପରିଚାଳନା କରିବା ପାଇଁ ଉପସ୍ଥିତ ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ, ଆରକ୍ଷୀ ଅଧୀକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ବରିଷ୍ଠ ପୋଲିସ ଅଧିକାରୀ ଓ ରିଟର୍ଣ୍ଣିଂ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଆଦର୍ଶ ନିର୍ବାଚନ ପରିଚାଳନା ପାଇଁ ସି-ଭିଜିଲ୍, ସୁବିଧା ପୋର୍ଟାଲ, ଏନ୍‌କୋର୍ ନୋଡାଲ ଆପ୍‌ର ବ୍ୟବହାର ସହ ଭିନ୍ନକ୍ଷମ ଭୋଟର ଓ ବୟୋଜେଷ୍ଠ ଭୋଟରଙ୍କ ସୁବିଧା, ପୋଷ୍ଟାଲ ବାଲାଟ୍, ନିର୍ବାଚନ ଆଚରଣ ବିଧିର ଯଥାର୍ଥ ଅନୁପାଳନ ଉପରେ ଦୃଷ୍ଟି ରଖିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଥିଲେ। ନିର୍ବାଚନ ପରିଚାଳନାରେ 'ମତଦାତା'ମାନଙ୍କୁ କେନ୍ଦ୍ରରେ ରଖି ସମସ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏହି ଅବସରରେ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ମଧ୍ୟରେ ବିନା କୌଣସି ଜନଜୀବନ ହାନିରେ ଉଚ୍ଚ ମତଦାନ ହାରକୁ ବଜାୟ ରଖିବା ସହ ତ୍ରୁଟିଶୂନ୍ୟ ନିର୍ବାଚନ ପ୍ରକ୍ରିୟାର ଆହ୍ୱାନ ବିଷୟରେ ଅବଗତ କରାଇଥିଲେ। ବୈଠକରେ ଅତିରିକ୍ତ ପୁଲିସ ଡିଜି ତଥା ରାଜ୍ୟ ପୋଲିସ ନୋଡାଲ ଅଧିକାରୀ ସଞ୍ଜୟ କୁମାର, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ରଞ୍ଜନ କୁମାର ଦାସ, ପୁଲିସ କମିଶନର ସଞ୍ଜୀବ ପଣ୍ଡା, କେନ୍ଦ୍ରାଞ୍ଚଳ ପୁଲିସ ଆଇଜି ସଞ୍ଜୟ କୁମାର କୌଶଲ ଓ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍. ତିରୁମାଲା ନାୟକ ମୁଖ୍ୟ ନିର୍ବାଚନ ଅଧିକାରୀ ସହ ନିର୍ବାଚନ ପ୍ରସ୍ତୁତିର ବିଭିନ୍ନ ଦିଗ ବିଷୟରେ ସମୀକ୍ଷା କରିଥିଲେ। ବୈଠକରେ ୬ଟି ଜିଲ୍ଲାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକମାନେ ଉପସ୍ଥିତ ଥିଲେ।

## ବିନୋଦ ପଶାୟତଙ୍କୁ ପଦ୍ମଶ୍ରୀ ସମ୍ମାନ



**ସମ୍ବଲପୁର, ୨୨।୪(ସମିସ):** ସମ୍ବଲପୁରର ବିଶିଷ୍ଟ ଗୀତିକାର ତଥା ନାଟ୍ୟକର ବିନୋଦ କୁମାର ପଶାୟତଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ରାଷ୍ଟ୍ରପତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ଦ୍ରୌପଦୀ ମୁର୍ମୁ ଶ୍ରୀ ପଶାୟତଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି। ଚଳିତବର୍ଷ କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ କରାଯାଇ ନାମ ଘୋଷଣା କରାଯାଇଥିଲା। ନାଟ୍ୟକାର ଶ୍ରୀ ପଶାୟତ ଖୁବ୍ ଖୁସିବ୍ୟକ୍ତ କରିଥିବା ସହ ଏହି ସମ୍ମାନ ପାଇଁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏଥିସହ ସମ୍ବଲପୁରବାସୀଙ୍କ ସ୍ନେହ ପ୍ରେମ ଓ ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ସେ ଏହି ସଫଳତା ଲାଭ କରିଥିବା ପ୍ରକାଶ କରିଛନ୍ତି। ୧୯୩୫ ମସିହା ବଲାଙ୍ଗୀର ସହରର ଟିକରାପଡ଼ାରେ ବିନୋଦ ପଶାୟତଙ୍କ ଜନ୍ମ ହୋଇଥିଲା। ୧୯୫୩ ମସିହାରେ ସେ ସମ୍ବଲପୁର ଆସି ରହିଯାଇଥିଲେ। ଶ୍ରୀ ପଶାୟତ ଅଲ ଇଣ୍ଡିଆ ରେଡ଼ିଓ ଓ ଦୂରଦର୍ଶନର ଜଣେ ସ୍ୱୀକୃତିପ୍ରାପ୍ତ କଳାକାର ଭାବେ କାମ କରୁଥିଲେ। ଏଠାରୁ ସେ ପରିଚୟ ଓ ପ୍ରସିଦ୍ଧି ପାଇଥିବା କହିଛନ୍ତି।

**ଚେକ ବାଉନ୍ସ ମାମଲା**

## ଖାଉଟି ଅଦାଲତରେ ଏସ୍‌ବିଆଇ ଦଣ୍ଡିତ

**୧ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ**

**କଟକ, ୨୨।୪(ସମିସ):** ବ୍ୟାଙ୍କ୍ ଜମାଖାତାରେ ଯଥେଷ୍ଟ ତଥା ଆବଶ୍ୟକରୁ ଅଧିକ ଟଙ୍କା ଜମା ଥାଇ ସୁଦ୍ଧା ଆବେଦନକାରୀ ଦେଇଥିବା ଚେକ୍-ବାଉନ୍ସ ହେବା ଅଭିଯୋଗରେ ଦାୟର ଆବେଦନକୁ କଟକ ଜିଲ୍ଲା ଖାଉଟି ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାରେ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବିଦ୍ୟାଧରପୁର ଶାଖାକୁ କଟକ ଜିଲ୍ଲା ଖାଉଟି ବିବାଦ ସମାଧାନ କମିସନ ଦଣ୍ଡିତ କରିଛନ୍ତି। କଟକ ଜିଲ୍ଲା ଖାଉଟି ବିବାଦ ସମାଧାନ କମିସନ ସଭାପତି ଦେବାଶିଷ ନାୟକ ଓ ସଦସ୍ୟ ଶିବାନନ୍ଦ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ନୀହାର ରଞ୍ଜନ ମହାନ୍ତିଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କୁ ମାନସିକ ଯାତନା ଦେଇଥିବାରୁ ସମ୍ପୃକ୍ତ ବ୍ୟାଙ୍କ ୧ଲକ୍ଷ ଟଙ୍କା କ୍ଷତିପୂରଣ ଓ ୧୦ ହଜାର ଟଙ୍କା ମକଦ୍ଦମା ଖର୍ଚ୍ଚ ବାବଦରେ ପଇଠ କରିବ ବୋଲି ଖାଉଟି କମିସନ୍ ନିର୍ଦ୍ଦେଶ ଦେଇଛନ୍ତି। ୩୦ ଦିନ ଭିତରେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯିବ ବୋଲି ଉଲ୍ଲେଖ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅନାମ ଚରଣ ପଣ୍ଡା ଓ ଆଶିଷ ରଞ୍ଜନ ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ସିମେଣ୍ଟ ଦୋକାନ ଉପରକୁ ବୋମାମାଡ଼

**ଖସି ଯାଉଥିବା ବେଳେ ଦୁର୍ଘଟଣାରେ ଦୁର୍ବୃତ୍ତ ଆହତ**

**ପୁରୀ,୨୨।୪(ସମିସ):** ଚନ୍ଦନପୁରରେ ହୋଇଛି ବୋମାମାଡ଼। ଏକ ସିମେଣ୍ଟ ଦୋକାନ ଉପରକୁ ବୋମାମାଡ଼ କରି ଦୁର୍ବୃତ୍ତ ବାଇକ୍‌ରେ ଖସି ଯାଉଥିବା ବେଳେ ଦୁର୍ଘଟଣାରେ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛି। ଅଭିଯୁକ୍ତ ହେଲେ ପବିତ୍ର ମଲ୍ଲିକ। ଚନ୍ଦନପୁର ବଜାରରେ ନିରଞ୍ଜନ ସାହୁଙ୍କର ସିମେଣ୍ଟ ଦୋକାନ ରହିଛି। ସୋମବାର ରାତି ପ୍ରାୟ ସାଢ଼େ ୮ଟାରେ ତାଙ୍କ ଦୋକାନ ଉପରକୁ ବୋମାମାଡ଼ ହୋଇଥିଲା। ଏଥିରେ କେହି ଆହତ ହୋଇ ନ ଥିବା ବେଳେ ଦୋକାନ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଛି। ଦୁର୍ବୃତ୍ତ ବୋମାମାଡ଼ କରି ବାଇକ୍‌ରେ ଖସି ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ବାଇକ୍ ସହ ସେ ରାସ୍ତାରେ ପଡ଼ି ଯାଇଥିଲା। ସ୍ଥାନୀୟ ଲୋକେ ତାକୁ କାବୁ କରି ପୁଲିସକୁ ଖବର ଦେଇଥିଲେ। ଚନ୍ଦନପୁର ପୁଲିସ ଅଭିଯୁକ୍ତକୁ କାବୁ କରି ଚିକିତ୍ସା ପାଇଁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଏ ସମ୍ପର୍କରେ ଚନ୍ଦନପୁର ଆଇଆଇସି କହିଛନ୍ତି, ରାତି ପ୍ରାୟ ସାଢେ ୮ଟାରେ ଚନ୍ଦନପୁର ବଜାରରେ ଥିବା ନିରଞ୍ଜନ ସାହୁଙ୍କର ସିମେଣ୍ଟ ଦୋକାନ ଉପରକୁ ବୋମାମାଡ଼ ହୋଇଥିଲା। ଦୁର୍ବୃତ୍ତ ବୋମାମାଡ଼ କରି ପଳାଇ ଯାଉଥିବା ବେଳେ ଦୁର୍ଘଟଣାରେ ଆହତ ହୋଇଥିଲା। ଅଭିଯୁକ୍ତ ପବିତ୍ର ମଲ୍ଲିକକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ବୋମାମାଡ଼ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ଏହାର ଅଧିକ ତଦନ୍ତ ଜାରି ରହିଛି ବୋଲି ଆଇଆଇସି କହିଛନ୍ତି।

**ଯାଜପୁର ବସ୍ ଦୁର୍ଘଟଣା**

## ଏସ୍‌ସିବିରେ ଆଖି ବୁଜିଲେ ଜଣେ ଯାତ୍ରୀ

**ମୃତ୍ୟୁ ସଂଖ୍ୟା ୬ ଛୁଇଁଲା, ଏବେ ବି ଆଇସିୟୁରେ ୪**

**କଟକ,୨୨।୪(ସମିସ):** ଯାଜପୁର ବସ୍ ଦୁର୍ଘଟଣାର ଶିକାର ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଥିବା ଜଣେ ଆହତଙ୍କ ସୋମବାର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ, ପଶ୍ଚିମବଙ୍ଗର ୬୦ବର୍ଷୀୟ ଆନନ୍ଦି ନନ୍ଦନ ଜାନା। ଟ୍ରମା ଆଇସିୟୁ ଶଯ୍ୟା ନଂ-୧ରେ ଆନନ୍ଦି ଚିକିତ୍ସିତ ହେଉଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ବେଳେ ସୋମବାର ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁ ଖବର ପଶ୍ଚିମବଙ୍ଗ ସରକାରଙ୍କୁ ଅବଗତ କରାଯାଇଥିଲା। ଆନନ୍ଦିଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପଶ୍ଚିମବଙ୍ଗର ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଏସ୍‌ସିବି ପ୍ରଶାସନିକ ଅଧିକାରୀ ଡଃ ଅବିନାଶ ରାଉତ ସୂଚନା ଦେଇଛନ୍ତି। ତେବେ ଏହି ଦୁର୍ଘଟଣାରେ ଏସ୍‌ସିବିରେ ଏହା ପ୍ରଥମ ମୃତ୍ୟୁ। ଏଥି ସହିତ ଯାଜପୁର ବସ୍ ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୬ ଛୁଇଁଛି। ପ୍ରକାଶ ଥାଉକି, ଯାଜପୁର ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବାରବାଟୀ ବଜାର ନିକଟରେ ଯାତ୍ରୀବାହୀ ବସ୍ 'କାଳିଆ ନନା' ପୋଲ ତଳକୁ ଖସି ପଡ଼ିବା ଯୋଗୁଁ ଘଟଣାସ୍ଥଳରେ ହିଁ ୫ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଆକସ୍ମିକ ଦୁର୍ଘଟଣାର ଶିକାର ହୋଇଥିବା ଆହତଙ୍କୁ ପ୍ରଥମେ ବଡଚଣା, ଧର୍ମଶାଳା ଓ ଯାଜପୁର ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ସେଠାରୁ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏସ୍‌ସିବିକୁ ମୋଟ ୪୬ଜଣ ଆସିଥିଲେ। ଏବେ ଆଉ ୧୦ଜଣ ଚିକିତ୍ସିତ ହେଉଛନ୍ତି। ଆଇସିୟୁରେ ୪ଜଣ ଥିବା ବେଳେ ୬ଜଣଙ୍କୁ ୱାର୍ଡରେ ରଖାଯାଇଛି।

**● ଗଗନ ସାହୁ ହତ୍ୟା ମାମଲାର ରାୟ ପ୍ରକାଶ**

## ପୁଅକୁ ଆଜୀବନ, ବାପା-ମା'ଙ୍କୁ ବର୍ଷେ ଲେଖାଏଁ ଜେଲ୍

**ଅନୁଗୋଳ, ୨୨।୪(ସମିସ):** ଅନୁଗୋଳ ଅତିରିକ୍ତ ଜିଲ୍ଲା ତଥା ସେସନ୍ସ କମ ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ଜଜ୍ ଅନୁପ ରଂଜନ ପଟ୍ଟନାୟକ ସୋମବାର ଏକ ହତ୍ୟା ମାମଲାର ଶୁଣାଣି କରି ଗୋଟିଏ ପରିବାରର ବାପା, ମା' ଓ ପୁଅକୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ଦେଇଛନ୍ତି। ୧୮ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ଦୋଷୀ ନାରାୟଣ ସାହୁକୁ ଆଜୀବନ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ହେଲେ, ଅଧିକ ୬ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସେହିପରି କୋର୍ଟ ନାରାୟଣର ମା' ପ୍ରଭାତୀ ସାହୁ ଏବଂ ବାପା ପ୍ରସନ୍ନ ସାହୁଙ୍କୁ ବର୍ଷେ ଲେଖାଏଁ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି।

୩୧ ଡିସେମ୍ବର ୨୦୧୯ ରାତି ପ୍ରାୟ ୮ଟା ୪୫ରେ ନିଶା ଥାନା ଅନ୍ତର୍ଗତ ରାଇଝରଣ ଗ୍ରାମର ସଞ୍ଜୟ କୁମାର ସାହୁ ନିଜ ଘରେ ଥିବା ବେଳେ ପ୍ରସନ୍ନ, ସ୍ତ୍ରୀ ପ୍ରଭାତୀ ଓ ତାଙ୍କ ପୁଅ ନାରାୟଣ ମିଳିତ ଭାବେ ତାଙ୍କ ଘରେ ପଶି ଆକ୍ରମଣ କରିଥିଲେ। ଏହି ସମୟରେ ସଞ୍ଜୟଙ୍କ କକା ଗଗନ ସାହୁ ସେଠାକୁ ଚାଲି ଆସିବାରୁ ସେମାନେ ତାଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଗଗନଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ୫ ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାରେ ନିଶା ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ବାପା- ମା' ଓ ପୁଅକୁ କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ପିପି ପ୍ରଦୀପ କୁମାର ଦାସ ଏବଂ ଅତିରିକ୍ତ ପିପି ପ୍ରଦୀପ କୁମାର ଭୂତିଆ ମାମଲା ପରିଚାଳନା କରୁଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭୁବନେଶ୍ୱର ଦେଶର...

ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି। ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଆଦି ସହରରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୪୦-୫୦ କିମି ପର୍ଯ୍ୟନ୍ତ ରହିବ। ସେହିପରି ଓଡ଼ିଶାର ୨୪ ତାରିଖରେ କାଁ ଭାଁ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହାସହ ୨୪ ପରେ ଅର୍ଥାତ ୨୫ ତାରିଖ ବେଳକୁ ପୁଣି ଟାଣ ଖରା ସହ ଗ୍ରୀଷ୍ମ ପ୍ରବାହ ଫେରିବ। ତେଣୁ ୨୬ରୁ ଖରାର ପ୍ରକୋପ ବିଶେଷ ଭାବେ ବୃଦ୍ଧି ହେବାକୁ ଥିବାରୁ ୨୬ରୁ ବିଭିନ୍ନ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।

### ୨୪ରୁ ପ୍ରଚାର...

ନବୀନ ପଟ୍ଟନାୟକ ନିଜ ପାରମ୍ପରିକ ଆସନ ହିଞ୍ଜିଳିକାଟୁରୁ ନିର୍ବାଚନ ପ୍ରଚାର ଶୁଭାରମ୍ଭ କରିବେ। ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ, ସ୍ୱଚ୍ଛ ଭାବମୂର୍ତ୍ତି ଏବେବି ରାଜ୍ୟବାସୀଙ୍କୁ କିମିଆ କରୁଥିବା ବେଳେ ସେ ପ୍ରଚାର ମଇଦାନକୁ ଓହ୍ଲାଇବାକୁ ନେଇ ବିଜେଡି ପ୍ରାର୍ଥୀ ଏବଂ କର୍ମୀ ବେଶ୍ ଉତ୍ସାହିତ। ମୁଖ୍ୟମନ୍ତ୍ରୀ ହିଁ ଆମର ବିଜୟର ଗ୍ୟାରେଣ୍ଟି। ତାଙ୍କ ସୁଶାସନ ଏବଂ ଲୋକ କଲ୍ୟାଣକାରୀ ଯୋଜନା ଆମ ପ୍ରଚାରର ମୂଳମନ୍ତ୍ର। ଆସନ୍ତା ନିର୍ବାଚନରେ ବିଜେଡି ରେକର୍ଡ ବିଜୟ ହାସଲ କରିବ ବୋଲି ବିଜେଡି ନେତାମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅପରପକ୍ଷେ ବିଜେପି ଶିବିର ମଧ୍ୟ ଶାହାଙ୍କ ଆଗମନକୁ ନେଇ ଉତ୍ସାହିତ। ୨୫ ତାରିଖରେ ସେ ପ୍ରଥମେ ସୋନପୁରରେ ଏକ ଦଳୀୟ ସଭାକୁ ସମ୍ବୋଧିତ କରିବା ସହ ସନ୍ଧ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଭୁବନେଶ୍ୱରରେ ଭେଟିବେ। ଆଗାମୀ ନିର୍ବାଚନ ଲଢ଼ିବା ପାଇଁ ଶାହା ଦଳୀୟ ନେତାଙ୍କୁ ରଣନୀତି ସଂକ୍ରାନ୍ତରେ ପରାମର୍ଶ ଦେବେ। ଏଥିପାଇଁ ବିଜେପି ପକ୍ଷରୁ ପ୍ରସ୍ତୁତି ଜାରି ରହିଥିବା ବେଳେ ରାଜନୀତିକ ସମୀକ୍ଷକ ଏହା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି। ଟିକଟ ବଣ୍ଟନ ପରଠାରୁ ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କୁ ଅସନ୍ତୁଷ୍ଟମାନେ କଡ଼ା ବିରୋଧ କରୁଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ପଞ୍ଚାୟତ ଯାଏଁ ସବୁଠି ବିରୋଧ, ଅସନ୍ତୋଷ ଜାରି ରହିଛି। ଏପରିସ୍ଥଳେ ଶାହାଙ୍କ ଗସ୍ତ ବିଜେପି ପାଇଁ କେତେ ଫାଇଦା ଆଣୁଛି ଏବଂ ଏହା ପରେ ବିଜେପିରେ ଅସନ୍ତୋଷ କେତେ ମାତ୍ରାରେ ପ୍ରଶମିତ ହେଉଛି ତାହା ଶାହାଙ୍କ ଗସ୍ତ ପରେ ଜଣା ପଡ଼ିବ ବୋଲି କୁହାଯାଉଛି। ଅପରପକ୍ଷେ ବିଜେଡି ଏବଂ ବିଜେପି ତୁଳନାରେ ନିର୍ବାଚନୀ ପ୍ରସ୍ତୁତିରେ ବେଶ୍ ପଛୁଆ ଥିବା କଂଗ୍ରେସ ଏବେ କେନ୍ଦ୍ରୀୟ ନେତାଙ୍କ ଆଗମନକୁ ଚାତକ ପରି ଚାହିଁ ବସିଛି। ପ୍ରାର୍ଥୀ ନିଜ ନିଜ ଦମ୍‌ରେ ପ୍ରଚାର କାର୍ଯ୍ୟ ଚଳାଇଥିବା ବେଳେ ଶୀର୍ଷ ନେତୃତ୍ୱଙ୍କ ଓଡ଼ିଶା ଆଗମନ ଦଳ ପାଇଁ କିଛିଟା ଲାଭଦାୟକ ହେବ ବୋଲି ନେତାମାନେ ଆଶା ବାନ୍ଧିଛନ୍ତି। ଆସନ୍ତା ୨୮ ତାରିଖରେ ରାହୁଲ ଗାନ୍ଧୀ ସାଲେପୁର ଏବଂ ମେ' ୩ ତାରିଖରେ ରାୟଗଡ଼ାରେ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। କେବଳ ଶାହା କି ରାହୁଲ ନୁହନ୍ତି; ବରଂ ଉଭୟ ବିଜେପି ଏବଂ କଂଗ୍ରେସର ଏକାଧିକ ତୁଙ୍ଗ ନେତା ଆଗାମୀ ଦିନରେ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ତେବେ ନବୀନ ଲହରକୁ ପ୍ରଚାର ମାଧ୍ୟମରେ କେତେ ପ୍ରଭାବିତ କରିପାରିବେ ତାହା ଉପରେ ସମସ୍ତଙ୍କର ଦୃଷ୍ଟି ନିବଦ୍ଧ ରହିଛି। ରାଜ୍ୟରେ ନବୀନଙ୍କ ଉପରେ ଜନସାଧାରଣଙ୍କ ବିଶ୍ୱାସ ଅତୁଟ ରହିଛି। ଅତୀତରେ ନବୀନଙ୍କ କ୍ରେଜ ଆଗରେ ବହୁ ବଡ଼ ବଡ଼ ନେତା ଓଡ଼ିଶାରେ ବାରମ୍ବାର ବିଫଳତାର ସ୍ୱାଦ ଚାଖି ସାରିଛନ୍ତି। ଗୋଟିଏ ପଟେ ନବୀନଙ୍କ ଲୋକପ୍ରିୟତା ନିର୍ବାଚନ ପରେ ନିର୍ବାଚନ ବଢ଼ି ଚାଲିଥିବା ବେଳେ ଏବେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ନବୀନଙ୍କ ପ୍ରତିଟି ଯୋଜନାର ସଫଳ ରୂପାୟନ କରୁଛନ୍ତି। ଅତଏବ, ନବୀନ-କାର୍ତ୍ତିକଙ୍କ ଯୋଡ଼ିକୁ ବିରୋଧୀ ଦଳ କିପରି ସାମ୍ନା କରୁଛନ୍ତି, ତାହା ହିଁ ଦେଖିବାକୁ ବାକି ରହିଛି।

### ବିକାଶ ପାଇଁ...

ଭୋଟରଙ୍କୁ ଅନୁରୋଧ କରିଛନ୍ତି। ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଏହି ଯୋଡ଼ି ଶଙ୍ଖ ପ୍ରଚାର ବେଶ୍ ଭାଇରାଲ ହୋଇଛି। ଦୁଇ ହାତରେ ଦୁଇଟି ଶଙ୍ଖ ଚିହ୍ନ ଧରି ନିଜ ଅଞ୍ଚଳର ଉଭୟ ବିଜେଡି ବିଧାୟକ ଏବଂ ସାଂସଦ ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତୁ ବୋଲି ଜନସାଧାରଣଙ୍କୁ ଅପିଲ କରିଛନ୍ତି ନବୀନ। ସେହିପରି କାର୍ତ୍ତିକ ପାଣ୍ଡିଆନ୍ ମଧ୍ୟ ଦୁଇ ହାତରେ ଦୁଇଟି ଶଙ୍ଖ ଲୋଗୋ ଧରି ବିଜେଡିର ବିଧାୟକ ଏବଂ ସାଂସଦ ପ୍ରାର୍ଥୀଙ୍କୁ ନିଜର ମହତ୍ୱପୂର୍ଣ୍ଣ ଭୋଟ ଦେବା ଲାଗି ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ଆସନ୍ତା ୨୪ ତାରିଖରେ ନବୀନ ବାବୁ ହିଞ୍ଜିଳିରୁ ପ୍ରଚାର ଆରମ୍ଭ କରିବେ। ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇ ବିଜୁ ଜନତା ଦଳର ବିଧାୟକ ଏବଂ ସାଂସଦ ପ୍ରାର୍ଥୀଙ୍କୁ ଭୋଟ ଦେଇ ବିପୁଳ ବ୍ୟବଧାନରେ ଜୟଯୁକ୍ତ କରିବା ପାଇଁ ସେ ଆହ୍ୱାନ ଜଣାଇଛନ୍ତି।

ସବୁ ନିର୍ବାଚନରେ ବିଜୁ ଜନତା ଦଳକୁ ଓଡ଼ିଶାବାସୀ ଆକୁଣ୍ଠ ସମର୍ଥନ ଦେଇ ଆସିଥିବା ବେଳେ ଏଥର ରେକର୍ଡ ବିଜୟ ହାସଲ ପାଇଁ ଦଳ ଲକ୍ଷ୍ୟ ରଖିଛି। ସେହି ଅନୁସାରେ ଦଳ ରଣନୀତି ମଧ୍ୟ ପ୍ରସ୍ତୁତ କରିଛି। ଗୁରୁତ୍ୱପୂର୍ଣ୍ଣ ହେଉଛି ଏଥର ଜନତାଙ୍କ ମତାମତ ଆଧାରରେ ବିଜେଡି ନିଜର ନିର୍ବାଚନୀ ଇସ୍ତାହାର ଆଣିବାକୁ ଯାଉଛି। ସେଥିପାଇଁ ରାଜ୍ୟବାସୀଙ୍କ ଠାରୁ ମତାମତ ଆହ୍ୱାନ କରାଯାଇଛି। ସବୁ ବର୍ଗର ଲୋକଙ୍କ ପ୍ରସ୍ତାବକୁ ଇସ୍ତାହାରରେ ସ୍ଥାନ ଦେବା ସହିତ ସରକାର ଗଠନ ପରେ ତାହା କାର୍ଯ୍ୟକାରୀ କରିବା ଲାଗି ଦଳ ରଣନୀତି ପ୍ରସ୍ତୁତ କରିଛି। ସମସ୍ତ ୧୪୭ ବିଧାନସଭା ଓ ୨୧ ଲୋକସଭା ଆସନରେ ଶଙ୍ଖନାଦ ସୁନିଶ୍ଚିତ କରିବା ପାଇଁ ବିଜେଡି ସବୁ ବଳ ଖଟାଇ ଦେଇଛି। ପଶ୍ଚିମରୁ ନେଇ ଉପକୂଳ, ଉତ୍ତରରୁ ନେଇ ଦକ୍ଷିଣ ସବୁଠି ଘରେ ଘରେ ଶଙ୍ଖନାଦ ସହିତ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ରାଜ୍ୟବାସୀଙ୍କୁ କାର୍ତ୍ତିକ ପାଣ୍ଡିଆନ୍ ଆହ୍ୱାନ ଜଣାଇଛନ୍ତି।

### ବିଆଇଏସ୍ ପ୍ରମାଣପତ୍ର...

ଏହି ନୂଆ ନିୟମକୁ ସରକାର ଆସନ୍ତା ଜୁନ୍ ମାସରୁ ଲାଗୁ କରିବାକୁ ଯାଉଛନ୍ତି। ଯଦି ଏହା ହୁଏ, ତେବେ ବଜାରରେ ବିକ୍ରି ହେଉଥିବା ସାଧାରଣ ବୋତଲ ଗାଏବ ହୋଇଯିବ। ବିଶେଷକରି ବିଦେଶରୁ ଆମଦାନୀ ହେଉଥିବା ବୋତଲ ଉପରେ ଏହି ନୂଆ ନିୟମର ପ୍ରଭାବ ଅଧିକ ପଡ଼ିବାର ସମ୍ଭାବନା ରହିଛି। କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟର ଯୋଜନାନୁଯାୟୀ, ବିଆଇଏସ୍ ମାର୍କ ନ ଥିଲେ କୌଣସି କମ୍ପାନୀ ଦେଶରେ ପାଣି ବୋତଲ ବିକ୍ରି କରିପାରିବନାହିଁ। ବର୍ତ୍ତମାନ ଦେଶର ଅଧିକାଂଶ କମ୍ପାନୀ ତମ୍ବା, ଷ୍ଟେନ୍‌ଲେସ୍ ଷ୍ଟିଲ୍ ଓ ଆଲୁମିନିୟମ୍ ପାଣି ବୋତଲ ଆମଦାନୀ କରୁଛନ୍ତି। ଏବେ ବିଆଇଏସ୍ ନିୟମ ଲାଗୁ ହେଲେ ଭାରତୀୟ କମ୍ପାନୀ ଏହି ବୋତଲଗୁଡ଼ିକୁ ନିଜ ଦେଶରେ ଉତ୍ପାଦନ କରିବାକୁ ବାଧ ହେବେ। ମନ୍ତ୍ରଣାଳୟ କମ୍ପାନୀଗୁଡ଼ିକୁ ବିଆଇଏସ୍ ପ୍ରମାଣପତ୍ର ହାସଲ କରିବା ପାଇଁ ଜୁନ୍ ୨୪ ପର୍ଯ୍ୟନ୍ତ ସମୟ ଦେଇଛି। ଏହାପରେ ଖୁଚୁରା ଏବଂ ଇ-କମର୍ସ ବଜାରରୁ ଅନେକ ବୋତଲ ବ୍ରାଣ୍ଡ ଉଭେଇଯିବେ ବୋଲି କ୍ଷେତ୍ର ସହ ଜଡ଼ିତ ବିଶେଷଜ୍ଞମାନେ ମତ ରଖିଛନ୍ତି। ଦେଶର ବଡ଼ କମ୍ପାନୀଗୁଡ଼ିକ ଏହି ପ୍ରସଙ୍ଗରେ ନିରବ ରହିଥିବା ବେଳେ ଛୋଟ କମ୍ପାନୀଗୁଡ଼ିକ ଏହା ଆଶଙ୍କା ବ୍ୟକ୍ତ କରୁଛନ୍ତି ଯେ ନୂତନ ନିୟମ ସେମାନଙ୍କ ଉପରେ ବହୁତ ଖରାପ ପ୍ରଭାବ ପକାଇବ। କାରଣ ପାଣି ବୋତଲ ବଜାରରେ ବଜାରରେ ଏହି କମ୍ପାନୀଗୁଡ଼ିକର ବଜାର ଅଂଶ ପାଖାପାଖି ୩୦ ପ୍ରତିଶତ ରହିଛି। ଗତ ବର୍ଷ ଜୁଲାଇ ମାସରେ ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଏହି ନିଷ୍ପତ୍ତି ନେଇଥିଲା। ୬ ମାସ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବାର ଥିଲା। ବର୍ତ୍ତମାନ ଏହା ଜୁନ୍, ୨୦୨୪ରେ କାର୍ଯ୍ୟକାରୀ ହେବ।

### ୬ ଆସନରୁ...

ବାଙ୍ଗିରିପୋଷି ବିଧାୟକ ସୁଦାମ ମାର୍ଣ୍ଡିଙ୍କ ପତ୍ନୀ ଅଟନ୍ତି। ଅନ୍ୟପକ୍ଷରେ ବରୀରେ ବିଧାୟିକା ସୁନନ୍ଦା ଦାସଙ୍କ ସ୍ଥାନରେ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ବିଜୁ ଜନତା ଦଳ ପ୍ରାର୍ଥୀ କରିଛି। ଗତ ୬ଟି ଯାକ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ଯୁବ ଓ ମହିଳା ପ୍ରାର୍ଥିତ୍ୱକୁ ଗୁରୁତ୍ୱ ଦେଇଥିବା ବେଳେ ଏହି ପର୍ଯ୍ୟାୟରେ ୨ ଜଣ ମହିଳାଙ୍କୁ ଟିକଟ ମିଳିଛି। ଦଳ ପକ୍ଷରୁ ଏଯାବତ୍ ୩୪ ଜଣ ମହିଳାଙ୍କୁ ବିଧାନସଭା ପ୍ରାର୍ଥୀ ଘୋଷଣା କରାଯାଇଛି।

**■ ଘରେ ବସି ରୋଜଗାରର ଲୋଭ**

## ଦୁଇ ଯୁବକଙ୍କଠାରୁ ୧୬ଲକ୍ଷ ଲୁଟିଲେ

**ବାରିପଦା,୨୨।୪(ସମିସ):** ଘରେ ବସି ଅନ୍‌ଲାଇନ୍‌ରେ ଟଙ୍କା ରୋଜଗାରର ଲୋଭ ଦେଖାଇ ସାଇବର୍ ଠକ ବାରିପଦାର ଦୁଇଜଣଙ୍କଠାରୁ ୧୬ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏ ନେଇ ବାରିପଦାସ୍ଥିତ ସାଇବର ଓ ଅର୍ଥନୈତିକ ଅପରାଧ ଶାଖାରେ ଅଭିଯୋଗ ହୋଇଛି। ବଡ଼ସାହି ଥାନା ଅନ୍ତର୍ଗତ ରଙ୍ଗପାଣି ଗ୍ରାମର ଭବାନୀ ଶଙ୍କର ଗୋସ୍ୱାମୀ ୧୩ଲକ୍ଷ ଟଙ୍କାର ଠକେଇର ଶିକାର ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଅନ୍‌ଲାଇନ କ୍ରିପ୍ଟୋ କରେନ୍ସି ଟ୍ରେଡିଂ ନେଇ ଏଜେନ୍ସି ମାଧ୍ୟମରେ ଏକ ମେସେଜ ଭବାନୀଙ୍କୁ ଆସିଥିଲା। ମେସେଜରେ ଅନ୍‌ଲାଇନ ମାଧ୍ୟମରେ କିପରି ଟଙ୍କା ରୋଜଗାର କରିହେବ, ସେ ବାବଦରେ ଦର୍ଶାଯାଇଥିଲା। ସେହିପରି ଅନ୍ୟ ଜଣେ ବ୍ୟକ୍ତି ଫୋନ୍ କଲ ଜରିଆରେ ଯୋଗାଯୋଗ କରି ଅନ୍‌ଲାଇନ୍ କ୍ରିପ୍ଟୋ ପ୍ଲାଟଫର୍ମରେ ଟଙ୍କା ନିବେଶ କରି କିପରି ଅଧିକ ଟଙ୍କା ଫେରିପାଇବେ, ସେ ସମ୍ପର୍କରେ ଜଣାଇଥିଲା। ଏହା ସହିତ ଅଧିକ ୩ ଜଣ ବ୍ୟକ୍ତି ଟେଲିଗ୍ରାମ ଗ୍ରୁପ ମାଧ୍ୟମରେ ଗାଇଡ କରିବା ଆରମ୍ଭ କରିଥିଲେ। ତେବେ ମିଥ୍ୟା ଭରସା ଦେଇ ତାଙ୍କ ଆକାଉଣ୍ଟରୁ ସମସ୍ତ ୧୩ ଲକ୍ଷ ଟଙ୍କା ଲୁଟ୍ ନେଇଥିଲେ। ଏ ନେଇ ସେ ଜାଣିବା ପରେ ଉକ୍ତ ଲୋକଙ୍କ ସହିତ କୌଣସି ସମ୍ପର୍କ ସ୍ଥାପନ ହୋଇନପାରିବାରୁ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ପରେ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

ସେହିପରି ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ୱାର୍ଡ ନମ୍ବର ୯ ଅଞ୍ଚଳର ଆକାଶ କେଡ଼ିଆ (୩୦)ଙ୍କଠାରୁ ସାଇବର୍ ଠକ ୨ଲକ୍ଷ ୬୨ ହଜାର ଟଙ୍କା ଠକି ନେଇଛନ୍ତି। ଆକାଶଙ୍କୁ ଗତ ୫ତାରିଖରେ ପାର୍ଟ ଟାଇମ ଚାକିରି ପାଇଁ ଏକ ମେସେଜ ଆସିଥିଲା। ଘରେ ବସି ଫୋନ ଯୋଗେ ପ୍ରତିଦିନ ୧ ହଜାରରୁ ୬ହଜାର ଟଙ୍କା ପର୍ଯ୍ୟନ୍ତ ଟଙ୍କା ରୋଜଗାର କରିପାରିବେ ବୋଲି ରାଜୋର କମ୍ପାନୀରୁ ମେସେଜ ଆସିଥିଲା। ପ୍ରଥମେ ସେ ୬, ୨୦୦ଟଙ୍କା ପାଇଥିବା ବେଳେ ଖୁସି ହୋଇ ଅଧିକ ଟଙ୍କା ଲଗାଇଥିଲେ। ନିଜ ବ୍ୟାଙ୍କ ଆକାଉଣ୍ଟରୁ ୫୦ହଜାର ଟଙ୍କା ଓ ତାଙ୍କ ମା' ଆକାଉଣ୍ଟରୁ ୨ଲକ୍ଷ ୧୨ହଜାର ଟଙ୍କା ମିଶାଇ ସମୁଦାୟ ୨ଲକ୍ଷ ୬୨ହଜାର ଟଙ୍କା ଉକ୍ତ ସଂସ୍ଥାର ୫ଟି ଆକାଉଣ୍ଟକୁ ପଠାଇଥିଲେ। ପରେ ଉକ୍ତ ସଂସ୍ଥା ପକ୍ଷରୁ କୌଣସି ଯୋଗାଯୋଗ ହୋଇପାରି ନଥିଲା। ଫଳରେ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ମାମଲା ରୁଜୁ କରି ପୁଲିସ ତଦନ୍ତ ପ୍ରକ୍ରିୟା ଜାରି ରଖିଛି।


**AFFIDAVIT**

I, Mohammed Aasim Ali, S/o- Mohammed Qaisar Iqbal Ali, resident Plot No - N2/82, IRC Village, Nayapalli, Ps-Nayapalli, Bhubaneswar, Dist-Khordha, Pin-751015, Odisha declare by this affidavit No.245, date-08/04/2024, that now onwards I shall be known as **MOHAMMAD AASIM ALI** for all future purposes.

**AFFIDAVIT**

I, Mohammed Arhaan Ali, S/o- Mohammed Qaisar Iqbal Ali, resident Plot No - N2/82, IRC Village, Nayapalli, Ps-Nayapalli, Bhubaneswar, Dist-Khordha, Pin-751015, Odisha declare by this affidavit No.214, date-08/04/2024, that now onwards I shall be known as **MOHAMMAD ARHAAN ALI** for all future purposes.

**AFFIDAVIT**

I, Pradeep Kar, S/o-Arun Kar, resident at Mausi Mandir, Ward No.6, Titilagarh, Dist-Balangir, Pin-767033, Odisha declare by this affidavit No. 206, date-11/04/2024, that now onwards I shall be known as **PRADIP KAR** for all future purposes.





# ସ୍ୱର୍ଣ୍ଣାଦ୍ରି ବିଜେକଲେ ଶ୍ରୀଲିଙ୍ଗରାଜ

**ବିଜେ ପୂର୍ବରୁ ରଥରେ ଭକ୍ତଙ୍କୁ ଦେଲେ ଦର୍ଶନ**

**ବାଜା, ବାଣ ଓ ଭକ୍ତିମୟ ପରିବେଶରେ ଉଚ୍ଛୁଳିଲା ଏକାମ୍ର କ୍ଷେତ୍ର**



ଭୁବନେଶ୍ୱର, ୨୨।୪(ସମିସ)

ମନ୍ଦିର ଅଭିମୁଖେ ବାହୁଡ଼ି ମନ୍ଦିରରେ ପହଞ୍ଚିଲା ଶ୍ରୀଲିଙ୍ଗରାଜଙ୍କ ରଥ। ତିନିମୁଣ୍ଡିଆ ଛକରୁ ଅପରାହ୍ଣରେ ସେବାୟତଙ୍କ ଉପସ୍ଥିତିରେ ରଥଟଣା ହୋଇଥିଲା। ସନ୍ଧ୍ୟାରେ ଶ୍ରୀଲିଙ୍ଗରାଜଙ୍କ ଆଳତି ସହ ନିତିକାନ୍ତି କରାଯାଇଥିଲା। ରଥରେ ଦିଅଁଙ୍କୁ ଦର୍ଶନ କରିଥିଲେ ଭକ୍ତ। ରଥ ମହାଖଳାରେ ପହଞ୍ଚିବା ପରେ ଅଧରପଣା ନୀତି ଅନୁଷ୍ଠିତ ହୋଇଥିଲା। ଏହାପରେ ପ୍ରଭୁଙ୍କର ସ୍ୱର୍ଣ୍ଣାଦ୍ରି ବିଜେ କରାଯାଇଥିଲା। ସୋମବାର ଚତୁର୍ଦ୍ଦଶୀ ହୋଇଥିବାରୁ ପ୍ରଭୁ ଲିଙ୍ଗରାଜ ମନ୍ଦିର ଭିତରେ ବେଢ଼ା ପରିକ୍ରମା କରିଥିଲେ। ଏହାପରେ ମହାଦୀପ ଉଠିଥିଲା। ସେହିଭଳି ଦମୟନ୍ତୀ ଚତୁର୍ଦ୍ଦଶୀ ହୋଇଥିବାରୁ ପୁଣିଥରେ ପ୍ରଭୁ ଲିଙ୍ଗରାଜଙ୍କ ପିତ୍ତଳ ମୂର୍ତ୍ତି ବାହାରକୁ ଆସିଥିଲେ। ଧର୍ମଶାଳା ନିକଟସ୍ଥ ତିର୍ଥେଶ୍ୱର ମନ୍ଦିରେ ଭୋଗ ଆଳତି କରାଯାଇଥିଲା। ଏହି ଅବସରରେ ଏକାମ୍ର କ୍ଷେତ୍ରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ଆତସବାଜୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଜା, ବାଣରେ ପ୍ରକମ୍ପିତ ହୋଇଥିଲା ପୂରା ପରିବେଶ। ସେହିଭଳି ଭଜନ, କିର୍ତ୍ତନ ଓ ଭକ୍ତିମୟ ପରିବେଶରେ ଗଦଗଦ ହୋଇଥିଲେ ଭକ୍ତଗଣ। ଏହାପରେ ପୁନର୍ବାର ଠାକୁର ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ପରେ ବଡ଼ସିଂହାର ନିତି କରାଯାଇ ପହଡ଼ ପଡ଼ିଥିଲା।

# କଳାକାଚ ଲଗାଇ ୪୬ ଜଣ ଗଣିଲେ ଅଢ଼େଇ ଲକ୍ଷ

ଭୁବନେଶ୍ୱର, ୨୨।୪(ସମିସ)

କଳାକାଚ ଧରପଗଡ଼ ପ୍ରକ୍ରିୟାକୁ ଜୋର୍‌ଦାର କରାଯାଉଛି। ସୋମବାର ଭୁବନେଶ୍ୱରର ସତ୍ୟନଗର ଚର୍ଚ୍ଚ ଏବଂ ନାଲ୍‌କୋ ଛକରେ କଳାକଚ ବିରୋଧରେ ଯାଞ୍ଚ କରାଯାଇଥିଲା। ଏଥିରେ ୪୬ଟି କାର୍‌ରୁ କଳାକାଚ ବାହାର କରି ଦିଆଯାଉଛି। ଜରିମାନା ବାବଦରେ ଅଢ଼େଇ ଲକ୍ଷ ଟଙ୍କା ଆଦାୟ କରାଯାଇଛି। ଏପରିକି କାଚରେ ଲାଗିଥିବା କଳାଜରିରୁ ଚିରି ଦିଆଯାଇଛି। କାର୍ ଗୁଡିକ ପିଛା ୫ହଜାର ଟଙ୍କା ଲେଖାଏଁ ଜରିମାନା ଆଦାୟ କରାଯାଇଛି। ସହରର ବିଭିନ୍ନ ଛକରେ ପରିବହନ ଓ କମିସନରେଟ ପୁଲିସ ପକ୍ଷରୁ ମିଳିତ ଖାନ୍‌ତଲାସୀ କରାଯାଇଥିଲା।

ଦୁଇଟି ଟ୍ରାଫିକ ପୁଲିସର ଅଧିକାରୀ ରହି କଳାକାଚଧାରୀ ଗାଡ଼ିକୁ ଅଟକା ଯାଇଥିଲା। ଟ୍ରାଫିକ-୧ ପକ୍ଷରୁ ୨୯ଟି ଓ ଟ୍ରାଫିକ-୨ରେ ୧୭ଟି କାର୍‌କୁ ଧରାପଡ଼ିଛନ୍ତି। ଗାଡ଼ିରେ ଲାଗିଥିବା କଳାକାଚ କିମ୍ବା ଜରିକୁ ଚିରି ଦିଆଯାଇଥିଲା। ଗାଡ଼ିରେ ଯେ କୌଣସି ଡାର୍କ ଫିଲ୍ମ ବା ଅନ୍ୟ କୌଣସି ଜିନିଷ ଲଗାଇବା ଉପରେ ନିଷେଧାଦେଶ ରହିଛି। ଯଦି କୌଣସି ବ୍ଲାକ୍ ଫିଲ୍ମ କିମ୍ବା କିଛି ସେଫ୍‌ଟି ଗ୍ଲାସ୍ ୱିଣ୍ଡସ ସ୍କ୍ରିନ୍ ଅଥବା ସାଇଡ୍ ସ୍କ୍ରିନ୍ ଲଗାଇଥିବେ ଚାଳକ ଫସିବେ ବୋଲି କୁହାଯାଇଛି। କିନ୍ତୁ ଏହାକୁ କିଛି



କାର୍‌ଚାଳକମାନେ ଅବମାନନା କରୁଛନ୍ତି। ତେବେ ରାଜ୍ୟରେ ଏବେ ନିର୍ବାଚନ ତାରିଖ ଘୋଷଣା ହେବା ପରେ ରାଜନୈତିକ ଉଷ୍ମତା ଦେଖାଗଲାଣି। ନିର୍ବାଚନ ସମୟରେ କଳାକାଚ ଅଢୁଆଳରେ ଟଙ୍କା ଚାଲାଣ, ଅନୈତିକ କାରବାର ଚାଲିବାର ଆଶଙ୍କା କରାଯାଉଛି। ସେଥିପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହିକ୍ରମରେ ଟିନ୍‌ଟେଡ୍ ଗ୍ଲାସ୍ ଥିବା ଗାଡିଗୁଡିକୁ ଯାଞ୍ଚ କରିବାକୁ ଗୁରୁତ୍ୱ ଦିଆଯାଉଛି।

## ୨୫୦ ଲିଟର ମଦ ଜବତ; ଦୁଇ ଗିରଫ

ଭୁବନେଶ୍ୱର, ୨୨।୪ (ସମିସ): ଚୋରାରେ ବିଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କମିସନରେଟ୍ ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଭୋଇ ନଗରରେ ରହୁଥିବା ଆନ୍ଧ୍ରପ୍ରଦେଶ ଇଚ୍ଛାପୁରମ୍ର ରାଜୁ ସେଠୀ (୪୩) ଓ ସମ୍ ହସ୍ପିଟାଲ ନିକଟରେ ଥିବା ହୋଟେଲ ମିସ୍କିର ମାଲିକ ବାବୁଲା ସାହୁ (୩୫)। ପୁଲିସ ସୂଚନା ଅନୁଯାୟୀ, ଖଣ୍ଡଗିରି ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ବରମୁଣ୍ଡା-ଖଣ୍ଡଗିରି ରାସ୍ତା ଦେଇ ମଦ ଚାଲାଣ ହେଉଥିବା ଖବର ମିଳିଥିଲା। ପୁଲିସ ଟିମ୍ ବରମୁଣ୍ଡା ତ୍ରିନାଥ ମନ୍ଦିର ଛକ ନିକଟରେ ଚଢ଼ଉ କରି କାର୍‌କୁ ଅଟକାଇଥିଲା। ରାଜୁଙ୍କୁ ଗିରଫ କରିବା ସହିତ କାର ଜବତ କରିଥିଲା। କାର୍ ଭିତରୁ ୨୩୭ ଲିଟର ବିଦେଶୀ ମଦ ଜବତ କରିଥିଲା। ସେହିପରି ସମ୍ ହସପିଟାଲ ନିକଟରେ ଥିବା ହୋଟେଲ ମିସ୍କିରେ ମଦ ବିକ୍ରି ହେଉଥିବା ଖବରପାଇ ଭରତପୁର ଥାନା ପୁଲିସ ଚଢ଼ଉ କରିଥିଲା। ସେଠାରୁ ହୋଟେଲ ମାଲିକ ବାବୁଲାଙ୍କୁ ଗିରଫ କରିବା ସହିତ ତା’ ଠାରୁ ୧୩ ଲିଟର ମଦ ଜବତ କରିଥିଲା।

## ଦୁଇ ସୁନାଚେନ୍ ଲୁଟେରା ଗିରଫ

ଭୁବନେଶ୍ୱର, ୨୨।୪(ସମିସ): ନୂଆପଲ୍ଲୀ ଏବଂ ଖଣ୍ଡଗିରି ଅଞ୍ଚଳରୁ ସୁନାଚେନ୍ ଝାମ୍ପୁଥିବା ୨ଜଣ ଲୁଟେରାଙ୍କୁ ଧରିଛି ନୂଆପଲ୍ଲୀ ଥାନା ପୁଲିସ। ସେମାନଙ୍କ ନିକଟରୁ ପୁଲିସ ୩ଟି ସୁନାଚେନ୍ ଜବତ କରି ତଦନ୍ତ କରୁଛି। ସେମାନଙ୍କ ନାମରେ ରାଜଧାନୀର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୁଲିସ ଜାଣିବାକୁ ପାଇଛି। ସେମାନେ ରବିବାର ଆଇଆରସି ଭିଲେଜ ଅଞ୍ଚଳରେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ବେଳେ ଧରାପଡ଼ିଥିଲେ।

## ତାର ଚୋରି ଅଭିଯୋଗରେ ୨ ଗିରଫ

ଯାଁଳା, ୨୨।୪(ସମିସ): ଇନ୍‌ଫୋସିଭ୍ୟାଲି ଥାନା ମଦନପୁର ପଞ୍ଚାୟତର ବସୁଧା ଜଳ ଯୋଗାଣ ପ୍ରକଳ୍ପରୁ ତାର ଚୋରି ଅଭିଯୋଗରେ ପୁଲିସ ଦୁଇଜଣଙ୍କୁ ଗିରଫ କରି ସେମାନଙ୍କଠାରୁ ଚୋରି ସାମଗ୍ରୀ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଆକାଶ ସ୍ୱାଇଁ ଓ ସୁନୀଲ୍ ମାଝୀ। ଦୁଇ ଅଭିଯୁକ୍ତଙ୍କ ଘର ଇନ୍‌ଫୋସିଭ୍ୟାଲି ଥାନା ମଦନପୁର ପଞ୍ଚାୟତ ଜାଗସରା ଆଦିବାସୀ ସାହିରେ। ମିଳିଥିବା ସୂଚନା ଅନୁସାରେ ଅଭିଯୋଗକାରୀ ବନବିହାରୀ ବେହେରା ଗତ ୨୩ବର୍ଷ ହେବ ମଦନପୁର ବସୁଧା ଜଳ ଯୋଗାଣ ପ୍ରକଳ୍ପରେ କାର୍ଯ୍ୟ କରିଆସୁଛନ୍ତି। ଗତ ୧୬ ତାରିଖ ସକାଳ ସମୟରେ ବନବିହାରୀ ଜାଗସରା, କାଇମାଟିଆ ଓ କାଇମାଟିଆପାଟଣା ଗ୍ରାମକୁ ପାଣି ଯୋଗାଇବା ପାଇଁ ପାଣି ପମ୍ପ ଚାଲୁ କରି ୧୨ଟା ବେଳକୁ ଘରକୁ ଫେରି ଆସିଥିଲେ। ଅପରାହ୍ଣ ୪ଟା ସମୟରେ ପୁନର୍ବାର ବନବିହାରୀ ପାଣି ପମ୍ପ ଚାଲୁ କରିବା ପାଇଁ ପ୍ରକଳ୍ପ ନିକଟକୁ ଯାଇଥିବା ବେଳେ ସେଠାରେ ୫୦ମିଟର ଲମ୍ବର ତମ୍ବା ତାର ଚୋରି ହୋଇଥିବାର ଦେଖିବାକୁ ପାଇଥିଲେ। ବନବିହାରୀ ଏ ନେଇ ଇନ୍‌ଫୋସିଭ୍ୟାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଅଭିଯୁକ୍ତ ଦୁହିଁଙ୍କୁ ମଦନପୁରରୁ ଛତାବର ଯାଉଥିବାବେଳେ ଧରିଥିଲା।

## ପିଆର୍‌ଏସ୍‌ଆଇ ପକ୍ଷରୁ ଜାତୀୟ ଲୋକସମ୍ପର୍କ ଦିବସ




ଭୁବନେଶ୍ୱର, ୨୨।୪(ସମିସ): ପବ୍ଲିକ ରିଲେସନସ୍ ସୋସାଇଟି ଅଫ୍ ଇଣ୍ଡିଆ (ପିଆର୍‌ଏସ୍‌ଆଇ) ଭୁବନେଶ୍ୱର ଶାଖା ପକ୍ଷରୁ ରବିବାର ସନ୍ଧ୍ୟାରେ ଜାତୀୟ ଲୋକସମ୍ପର୍କ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ‘ସନାତନ ମୂଲ୍ୟବୋଧ ଏବଂ ଉଦୀୟମାନ ଭାରତ: ଲୋକସମ୍ପର୍କର ଭୂମିକା’ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ଓଡ଼ିଶା ସରକାରଙ୍କ ପୂର୍ବତନ ଅର୍ଥ ସଚିବ ପ୍ରସନ୍ନ କୁମାର ମିଶ୍ର ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ସେମାନଙ୍କ ଉଦ୍ଦେଶ୍ୟ ନିର୍ବାହ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବରେ ଆଇଆଇଏମ୍‌ସି ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ମୃଣାଳ ଚାଟାର୍ଜୀ କହିଥିଲେ ଯେ ପ୍ରତ୍ୟେକ ବ୍ୟକ୍ତି ସନାତନ ମୂଲ୍ୟବୋଧର ତିନୋଟି ମୂଳ ମନ୍ତ୍ର ଧର୍ମ, କର୍ମ ଓ ସେବାକୁ ଅନୁକରଣ କରିବା ଉଚିତ। ଏହି ଅବସରରେ ପ୍ରଫେସର ମୃଣାଳ ଚାଟାର୍ଜୀ ଏବଂ ଆଇଆଇଏମସି ଢେଙ୍କାନାଳରେ ଏକାଡେମିକ ଆସୋସିଏଟ୍ ଭାବେ କାର୍ଯ୍ୟରତ ସୌମ୍ୟ ରଞ୍ଜନ ବିହାରାଙ୍କ ଓଡ଼ିଆ ଭାଷାରେ ଲିଖିତ ଲୋକସମ୍ପର୍କ ଓ କର୍ପୋରେଟ୍ ଯୋଗାଯୋଗ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପିଆର୍‌ଏସ୍‌ଆଇ ଭୁବନେଶ୍ୱର ଶାଖାର ଅଧ୍ୟକ୍ଷ ଶଶାଙ୍କ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ଉପାଧ୍ୟକ୍ଷ ସୁଧୀ ରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସଚିବ କୃଷ୍ଣଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିବିଏମ୍ ଛାତ୍ର ଆତ୍ମଜ୍ୟୋତିର ଫିଟୁଛି ଠକେଇ ଗୁମର

**୩ଦିନିଆ ରିମାଣ୍ଡରେ ଆଣି ଘାଣ୍ଟିଲା ଏସ୍‌ସିୟୁ**

**ପୁଲିସ ସ୍କାନର୍‌ରେ ଟଙ୍କା ନିବେଶର ସୂତ୍ରଧର**

**ଅନ୍‌ଲାଇନ୍ ଦଲାଲଙ୍କୁ ହାଜର ଲାଗି ନୋଟିସ୍**

ଭୁବନେଶ୍ୱର, ୨୨।୪(ସମିସ)

ପୁଞ୍ଜିନିବେଶ ଆଳରେ ୧.୧୧ କୋଟି ଠକେଇ ମାମଲାରେ ଗିରଫ ଆତ୍ମଜ୍ୟୋତି ନାୟକଙ୍କୁ ଶନିବାର ଠାରୁ ୩ଦିନିଆ ରିମାଣ୍ଡରେ ଆଣି ତାର ଆର୍ଥିକ କାରବାର ଖୋଳତାଡ଼ କରିଛି ସ୍ୱତନ୍ତ୍ର ଅପରାଧ ଶାଖା। ଟଙ୍କା କେଉଁଠି ନିବେଶ କରିଛନ୍ତି, ତା’ର ଉତ୍ସ ମିଳିଛି। ଆକାଉଣ୍ଟରେ ଟଙ୍କା ନ ଥିବା ବେଳେ ନିଜର ଜଣେ ବନ୍ଧୁ ନାମରେ ଲକ୍ଷ ଲକ୍ଷ ଟଙ୍କା ସେୟାର ମାର୍କେଟ୍‌ରେ ନିବେଶ କରୁଥିଲା। ଆତ୍ମଜ୍ୟୋତିର ଟଙ୍କା କାରବାର ବୁଝୁଥିବା ସମ୍ପୃକ୍ତ ବ୍ୟକ୍ତିକୁ ସ୍କାନରକୁ ଅଣାଯାଇଛି। ଏଥିସହ ଆତ୍ମଜ୍ୟୋତି ଏକ ବ୍ୟବସାୟିକ ସଂସ୍ଥାରେ ଠକେଇ ଟଙ୍କାକୁ ନିବେଶ କରିଥିବା ଜଣାପଡ଼ିଛି। ପାର୍ଟନର ହିସାବରେ ଟଙ୍କା ନିବେଶ କରି ପ୍ରତିଶତ ଆଣୁଥିଲେ। ତେଣୁ ସମ୍ପୃକ୍ତ ସଂସ୍ଥାକୁ ଯାଇ ତଦନ୍ତ କରୁଛି ଏସ୍‌ସିୟୁ। ସେଠାରୁ କିଛି କାଗଜପତ୍ର ଜବତ କରାଯାଇଛି। ଏପରିକି ଆତ୍ମଜ୍ୟୋତିକୁ ତାଙ୍କ ଘରକୁ ନିଆଯାଇ କମ୍ପ୍ୟୁଟର୍ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।

ସେହିପରି ରାତାରାତି କୋଟିପତି ଭଳି ଜୁଆଖେଳରେ ସେଇ ଟଙ୍କାକୁ ନିବେଶ ବି କରୁଥିଲେ। ସମ୍ପୃକ୍ତ ଅନ୍‌ଲାଇନ୍ ଦଲାଲଙ୍କୁ ଚିହ୍ନଟ କରାଯାଇଛି। ତାଙ୍କୁ ତୁରନ୍ତ ଥାନାରେ ହାଜର ହେବାକୁ କୁହାଯାଇଛି। କେତେ ବର୍ଷରେ କେତେ ଟଙ୍କା ଅନ୍‌ଲାଇନ୍ ଜରିଆରେ ନିବେଶ କରିଛନ୍ତି, ତା’ର ଏକ ତଥ୍ୟ ମଗାଯାଇଛି। ଏଥିସହ ଟଙ୍କାର ନେଣଦେଣ ବାବଦରେ ଅଧିକ ଜାଣିବାକୁ ବ୍ୟାଙ୍କୁ ଚିଠି ଲେଖାଯାଇଛି। ସେପରି ଆତ୍ମାଜ୍ୟୋତିଙ୍କ ସମ୍ପତ୍ତିର ଖୋଳତାଡ଼ କରାଯାଉଛି। ଠକେଇ ଟଙ୍କା ସମ୍ପତ୍ତିରେ ଆତ୍ମଜ୍ୟୋତି ନିବେଶ କରିଥିବାର ପ୍ରମାଣ ମିଳିଲେ, ତାଙ୍କ ସମ୍ପତ୍ତି ବାଜ୍ୟାପ୍ତି କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ସେଭଳି ଆତ୍ମଜ୍ୟୋତି ନାମରେ ଆହୁରି ଠକେଇ ଅଭିଯୋଗ ବଢ଼ିଛି। ୧୧ଜଣ ପରେ ଏବେ ଆହୁରି ୭ଜଣ ଅଭିଯୋଗ କରିଛନ୍ତି। ଜମାକାରୀଙ୍କ ଠାରୁ ୨ କୋଟିରୁ ଅଧିକ ଟଙ୍କା ଆତ୍ମାଜ୍ୟୋତି ଠକେଇ କରିଥିବା ତଦନ୍ତରୁ ଜଣାପଡ଼ିଛି। ଜମାକାରୀଙ୍କ ଠାରୁ ଟଙ୍କା ନେଉଥିବାରୁ ଆହୁରି ଠକେଇର ଫର୍ଦ୍ଦ ବଢ଼ିବ ବୋଲି ଆଶା କରାଯାଉଛି।

ସୂଚନାଯୋଗ୍ୟ ଯେ, ଆତ୍ମଜ୍ୟୋତି ‘ମାଇଁ ଭୁବନେଶ୍ୱର’ ପେଜ୍‌ରେ ଇମ୍ପେରିଆଲ୍ ଇନ୍‌ଭେଷ୍ଟର ନାମରେ ଏକ ୱେବ୍‌ପେଜ୍ କରିଥିଲା। ଟଙ୍କା ନିବେଶ କଲେ ଗୋଟିଏ ମାସରେ ୧୦ରୁ ୧୫ ପ୍ରତିଶତ ସୁଧ ସହ ନିବେଶ କରିଥିବା ଟଙ୍କା ଫେରାଇବେ ବୋଲି ଆତ୍ମଜ୍ୟୋତି ତାଙ୍କ ପେଜ୍‌ରେ ଦର୍ଶାଇଥିଲେ। ଏହି ଲୋଭନୀୟ ଅଫର୍ ଦେଖି ପରେ ଚିନ୍ତାମଣିଶ୍ୱର ଅଞ୍ଚଳର ଏକ ପରିବାରର ୧୦ଜଣ ସଦସ୍ୟ ପ୍ରାୟ ୧ କୋଟି ଟଙ୍କା ନିବେଶ କରିଥିଲେ। ଜମାକାରୀଙ୍କ ଟଙ୍କାକୁ ଆତ୍ମାଜ୍ୟୋତି ଆତ୍ମସାତ୍ କରି ଫେରାର୍ ହୋଇଯାଇଥିଲା। ଏନେଇ ଜମାକାରୀ ସ୍ୱତନ୍ତ୍ର ଅପରାଧ ଶାଖାରେ ଅଭିଯାଗ ପରେ ଗତ ୧୮ ତାରିଖରେ ଆତ୍ମଜ୍ୟୋତିକୁ ପଳାଶପଲ୍ଲୀସ୍ଥିତ ଘରୁ ଗିରଫ କରାଯାଇଥିଲା।

## ଓଡ଼ିଶାର ୨୫ ଶିଶୁଙ୍କ ହୃଦ୍ ଅସ୍ତ୍ରୋପଚାର

ଭୁବନେଶ୍ୱର, ୨୨।୪(ସମିସ): ଶ୍ରୀସତ୍ୟସାଇ ସଞ୍ଜୀବନୀ ଡାକ୍ତରଖାନା ପକ୍ଷରୁ ୩୦ହଜାରରୁ ଅଧିକ ଶିଶୁଙ୍କ ହୃଦ୍ ଅସ୍ତ୍ରୋପଚାର ମାଗଣାରେ କରାଗଲାଣି। ଏଥିରେ ଓଡ଼ିଶାରୁ ୨୫ଜଣ ଶିଶୁ ଉପକୃତ ହୋଇଛନ୍ତି। ଏହି ଅବସରରେଁ ଡାକ୍ତରଖାନା ପକ୍ଷରୁ ଜୟଦେବ ଭବନଠାରେ ସୋମବାର ଏକ ଉତ୍ସବର ଆୟୋଜନ କରାଯାଇଛି। ରାଜ୍ୟପାଳ ରଘୁବର ଦାସ ଓ କିମ୍ସ ମେଡିସିନ୍ ବିଭାଗର ଅଧ୍ୟକ୍ଷ ଡ. ଅମ୍ବିକା ମହାନ୍ତି ଅତିଥି ଭାବେ ଯୋଗଦେଇ ଉପକୃତ ଶିଶୁଙ୍କୁ ଜୀବନ ପ୍ରମାଣପତ୍ର ପ୍ରଦାନ କରିଛନ୍ତି।

# ବିଶ୍ୱ ପୃଥିବୀ ଦିବସରେ ଝୁମୁକାରେ ମେଗା ପ୍ଲଗିଂ

ଭୁବନେଶ୍ୱର, ୨୨।୪(ସମିସ)




ବିଶ୍ୱ ପୃଥିବୀ ଦିବସ ପରିପ୍ରେକ୍ଷୀରେ ୟୁନିସେଫ୍ ପରିଚାଳିତ ୟୁଥ୍ ଫର୍ ୱାଟର୍ ପ୍ଲସ୍ ତରଫରୁ ସାତ୍ତ୍ୱିକ ସୋଲ୍, ଇକୋ ସାଥୀ, ରିସାଇକେଲ ପେ, ଭୁବନେଶ୍ୱର ରାଉଣ୍ଡ ଟେବୁଲ୍, ମାଙ୍ଗୋ ହୋଟେଲ୍, ଆଦିଶକ୍ତି ଟ୍ରଷ୍ଟ, ୟଙ୍ଗ ଇଗଲ ଆଦି ସଂସ୍ଥାର ମିଳିତ ସହଯୋଗରେ ଝୁମୁକା ଡ୍ୟାମ୍ ଠାରେ ଏକ ମେଗା ପ୍ଲଗିଂ କରାଯାଇଥିଲା। ଚଳିତ ବର୍ଷର ଥିମ୍ ରହିଛି ‘ପ୍ଲାନେଟ ଭର୍ସେସ ପ୍ଲାଷ୍ଟିକ୍’। ଏହାକୁ ଆଖିରେ ରଖି ଓଡ଼ିଶା କ୍ଲାଇମେଟ୍ ମ୍ୟାନ୍ ସତ୍ୟବ୍ରତ ସାମଲଙ୍କ ସମେତ ପ୍ରାୟ ୧୦୦ରୁ ଅଧିକ ୟୁଥ୍ ଏହି ସ୍ୱଚ୍ଛତା କ୍ୟାମ୍ପେନ୍‌ରେ ଯୋଡ଼ି ହୋଇ ଡ୍ୟାମ୍‌ର ଚତୁର୍ପାର୍ଶ୍ୱରୁ ପାଖାପାଖି ୧୦୦ ରୁ ୧୨୦ କିଲୋ ଅଳିଆ ଆବର୍ଜନା ସଫା କରିଥିଲେ। ସଫା କରିବା ପରେ ପ୍ଲାଷ୍ଟିକ ସବୁକୁ ତା’ର ଗ୍ରେଡ୍ ଅନୁସାରେ ଅଲଗା କରିଥିଲେ। ଆମ ପୃଥିବୀ ସୁନ୍ଦର ରହିଲେ ଆମେ ସ୍ୱାସ୍ଥ୍ୟବାନ୍ ରହିବା ବୋଲି ବାର୍ତ୍ତା ଦେଇଥିଲେ। ଏହା ବ୍ୟତୀତ କିଭଳି ଆମ ଐତିହ୍ୟ ଆବର୍ଜନା ମୁକ୍ତ, ପର୍ଯ୍ୟଟନସ୍ଥଳୀଗୁଡ଼ିକକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ସାଙ୍ଗରେ ଆଣୁଥିବା ଖାଦ୍ୟ ଖାଇ ସାରିବା ପରେ ସେ ଖାଲି ପ୍ୟାକେଟ୍‌କୁ କିପରି ଡଷ୍ଟବିନ୍‌ରେ ପକେଇ ପାରିବେ ଏବଂ ଆଗାମୀ ଦିନରେ ୟୁଥ୍ ଫର୍ ୱାଟର୍ ପ୍ଲସ୍ କ୍ୟାମ୍ପେନ୍‌ରେ ଅଧିକ ୟୁଥ୍ ଯୋଡ଼ି ହୋଇ ଏକ ସୁନ୍ଦର ଓଡ଼ିଶା ଗଢି ପାରିବେ, ତାହା ଉପରେ ଆଲୋକପାତ କରିଥିଲେ।

## ୨ ସଫେଇ କର୍ମୀ ଅସୁସ୍ଥ

ଭୁବନେଶ୍ୱର, ୨୨।୪(ସମିସ): ଟାଣଖରାରେ ୩ ଦିନ ତଳେ ଗଣ ସଫେଇ ଯୋଗୁଁ ଜଣେ ମହିଳାଙ୍କ ମୃତ୍ୟୁ ଅଭିଯୋଗ ହୋଇଥିଲା ବେଳେ ସୋମବାର ରାଜଧାନୀରେ ଗଣ ସଫେଇ କାର୍ଯ୍ୟକ୍ରମ ବେଳେ ପୁଣି ୨ଜଣ ସଫେଇ କର୍ମୀ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅସୁସ୍ଥ ହୋଇଥିବା ମହିଳାମାନେ ହେଲେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ରଞ୍ଜନା ନାୟକ ଓ ଆଇଆର୍‌ସି ଭିଲେଜ ଅଞ୍ଚଳର ଲକ୍ଷ୍ମୀ ଦଳେଇ। ଏମାନେ ୱାର୍ଡ ନମ୍ବର ୫୫ ଏବଂ ୱାର୍ଡ ୧୫ରେ ଗଣସଫେଇ କାର୍ଯ୍ୟ କରୁଥିଲେ। ଟାଣ ଖରାରେ କାମ କରାଯାଉଥିବାରୁ ସଫେଇ କର୍ମୀମାନେ ଅସୁସ୍ଥ ହୋଇପଡୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଟାଣଖରାରେ କାମ ନ କରାଇବାକୁ ସଫେଇ ମଜଦୂର ସଂଘ ପକ୍ଷରୁ ଦାବି କରାଯାଇଛି। ସେହିପରି ୩ ଦିନ ତଳେ ମୃତ୍ୟୁ ଘଟିଥିବା ମହିଳାଙ୍କୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ମଙ୍ଗଳବାର ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସଂଘ ପକ୍ଷରୁ ସମ୍ପାଦକ ସହଦେବ ନାୟକ କହିଛନ୍ତି।

# ୩ ବର୍ଷ ହେଲା ରାଜୁତି କରୁଥିଲେ ନକଲି ପୁଲିସ

ଭୁବନେଶ୍ୱର, ୨୨।୪(ସମିସ)

ନକଲି ପୁଲିସ ସାର୍ଜନ ଗିରଫ ହେବା ପରେ ତା’ର ଆଉ ଦୁଇ ସହଯୋଗୀ ରବିବାର ଧରାପଡ଼ିଛନ୍ତି। ସେମାନଙ୍କଠାରୁ ପୁଲିସ ୧୦ଲକ୍ଷରୁ ଅଧିକ ଟଙ୍କା ଜବତ କରିଛି। ସାର୍ଜନ ଗ୍ୟାଙ୍ଗ୍ ରଥଯାତ୍ରା ପୂର୍ବରୁ ଭୁବନେଶ୍ୱରକୁ ଆସୁଥିଲେ। ରଥଯାତ୍ରାରେ ସେମାନେ ରାଜଧାନୀ, ପୁରୀ ଏବଂ କଟକରୁ ଲୁଟ୍‌ପାଟ କରି ପୁଣି ବାହାରକୁ ପଳାଇ ଯାଉଥିଲେ। ଏପରିକି ସେମାନେ ରାଜଧାନୀରୁ ଗତ ୩ବର୍ଷ ହେଲା ଏଭଳି ଲୁଟ୍‌ପାଟ କରୁଥିବା ଜଣାପଡ଼ିଛି। ସେମାନେ ଏଠାରୁ ଖସି ଯାଉଥିବାରୁ ପୁଲିସ ସେମାନଙ୍କୁ ଧରିବାରେ ବିଫଳ ହୋଉଥିଲା। ଯାହାର ଫାଇଦା ନେଇ ସେମାନେ ଚୋରି କରୁଥିଲେ। ଏହି ଗ୍ୟାଙ୍ଗ୍ କେବଳ ଓଡ଼ିଶା ନୁହେଁ, ଓଡ଼ିଶା ବାହାର ସହର ଦିଲ୍ଲୀ ଏବଂ ମୁମ୍ବାଇରେ ସେମାନେ ନିଜକୁ ନକଲି ପୁଲିସ କହି ଠକୁଥିଲେ। ସେଠାରେ ମଧ୍ୟ ଧରାପଡ଼ି ଜେଲ୍ ଯାଇଥିଲେ। ସେଠାରେ ଜେଲ୍‌ରେ ମୁକୁଳିବା ପରେ ଓଡ଼ିଶା ଆସି ଏଭଳି ଢଙ୍ଗରେ ଲୁଟୁଥିଲେ। ଗତ କିଛି ଦିନ ହେବ ସେମାନେ ଓଡ଼ିଶାରେ ଇଡ଼ି, ସିବିଆଇ, ଏବଂ ପୁଲିସ ଆକ୍ସନ ଜୋରଦାର ରହିଛି। ତେଣୁ ସେମାନେ ନିଜକୁ ପୁଲିସ କହି ଠକିଲେ, ଲୋକଙ୍କ ଠାରୁ ସହଜରେ ଟଙ୍କା ଠକି ହେବ ବୋଲି ସେମାନେ ଏଭଳି ଲୁଟ୍‌ର ତରିକା ଆପଣାଇଥିଲେ। ପ୍ରଥମେ ସେମାନେ ମଞ୍ଚେଶ୍ୱର ଥାନା ଅଞ୍ଚଳରୁ ଜଣେ ବ୍ୟବସାୟୀଙ୍କ ଠାରୁ ଲୁଟିଥିଲେ। ପରେ ସହିଦନଗର ଏବଂ ପରେ ନୂଆପଲ୍ଲୀ, ଖାରବେଳନଗର ଏବଂ କ୍ୟାପିଟାଲକୁ ଲୁଟିଥିଲେ। ହେଲେ ଶେଷରେ ସ୍ପେଶାଲ ସ୍କ୍ୱାଡ୍ ହାତରେ ଧରାପଡ଼ି ଯାଇଥିଲେ।

ବଡ଼ କଥା ହେଲା ସାଇବର ଠକ ମଧ୍ୟ ଏହିଭଳି ଭାବେ ନିଜକୁ ଆଇପିଏସ୍ ଏବଂ ପୁଲିସ କହି ଠକୁଛନ୍ତି। ସେମାନେ ମୋବାଇଲ୍ ହ୍ୱାଟ୍ସଆପ୍‌ରେ ପୁଲିସର ଫଟୋ ଦେଇ ଧମକାଉ ଥିଲେ। ଏପରିକି ମିଛ ମାମଲାରେ ଫସାଇବା ବାହାନାରେ ଟଙ୍କା ଲୁଟି ନେଉଥିଲେ। ଏହିଭଳି ମଧ୍ୟ ସାଇବର ଥାନାରେ ୧୦ରୁ ଅଧିକ ମାମଲା ରୁଜୁ ହେଲାଣି। ସେହିପରି ଅପରାଧ ପୁଲିସ ନାଁ କହି ଲୁଟୁଥିବା ନେଇ ବିଭିନ୍ନ ଥାନାରେ ଗତ ୨ବର୍ଷରେ ୪୦ଟି ମାମଲା ହୋଇଛି। ଯେଉଁମାନେ ନିଜକୁ ପୁଲିସ କହୁଛନ୍ତି, ସେମାନଙ୍କ ଆଇକାର୍ଡ ଏବଂ ନାମ ପଚାରିବାକୁ ଲୋକଙ୍କୁ ସଚେତନ କରିଛି।




# ଡିଜିଟାଲ୍ ଯୁଗରେ କମିନି ବହିର ଆଦର

**ବହୁଗୁଣିତ ହୋଇଛି ପୁସ୍ତକ ପ୍ରକାଶନ**

**ପୁସ୍ତକ ମେଳାରେ ବି ବଢୁଛି ଭିଡ଼**

ଭୁବନେଶ୍ୱର, ୨୨।୪(ସମିସ)

ମଙ୍ଗଳବାର ବିଶ୍ୱ ପୁସ୍ତକ ଦିବସ। ଏପରିସ୍ଥଳେ ଜଗତୀକରଣ ସହ ତାଳ ଦେଇ ବଦଳିଛି ପୁସ୍ତକର ପରିଭାଷା। ତାଳପତ୍ର ଲେଖନୀରୁ ଡିଜିଟାଇଜେସନ୍‌ରେ ପହଞ୍ଚିଛି ପୁସ୍ତକ। ଏବେ ସମୟର ପରିବର୍ତ୍ତନ ସହ ବଦଳିଛି ପୁସ୍ତକର ପରିଭାଷା। ଦିନକୁଦିନ ଇଣ୍ଟରନେଟ୍ ଓ ଡିଜିଟାଲ ଯୁଗରେ ସମସ୍ତଙ୍କ ହାତରେ ସ୍ମାର୍ଟ ଫୋନ୍। ଯେଉଁଥିରେ ପୃଥିବୀର ଯେକୌଣସି ଲେଖକଙ୍କ ବହି ଖୋଜିଲେ ମିଳିପାରୁଛି। ଗୀତା ଭାଗବତ ଓ ପୁରାଣଶାସ୍ତ୍ର ମଧ୍ୟ ଅନ୍‌ଲାଇନ୍ ମାଧ୍ୟମରେ ଉପଲବ୍ଧ ହେଉଛି। କିନ୍ତୁ ଏହାରି ମଧ୍ୟରେ ପୁସ୍ତକ ପଢ଼ିବାର ଆକାଂକ୍ଷା ବଢ଼ିଚାଲିଛି। ଇଣ୍ଟରନେଟ୍ ଯୁଗରେ ମଧ୍ୟ କମିନି ବହି ପଢ଼ିବାର ଉତ୍ସାହ ଓ ପ୍ରକାଶନର ସଂଖ୍ୟା। ଯଦି ଆମେ ପୂର୍ବକୁ ଫେରିଯିବା ତେବେ କଟକ ଓ ଭୁବନେଶ୍ୱରରେ ମାତ୍ର ହାତ ଗଣତି ପ୍ରକାଶନୀ ସଂସ୍ଥା ରହିଥିଲା। ହେଲେ ବର୍ତ୍ତମାନ କେବଳ ରାଜଧାନୀରେ ୩୦ରୁ ଅଧିକ ପ୍ରକାଶନୀ ସଂସ୍ଥା ରହିଛି।

ପୁସ୍ତକ ପ୍ରକାଶନକୁ ଅନେକ ପ୍ରକାଶକ ନିଜର ବୃତ୍ତି ଭାବେ ଗ୍ରହଣ କରିଛନ୍ତି। ତେବେ ବର୍ତ୍ତମାନ ଲେଖକଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ପ୍ରକାଶକଙ୍କ ସଂଖ୍ୟା ଓ ପୁସ୍ତକ ସଂଖ୍ୟା ବି ବୃଦ୍ଧି ପାଉଛି। ବର୍ଷକୁ ୧୦୦ରୁ ୧୨୦୦ ପୁସ୍ତକ ପ୍ରକାଶ ପାଉଥିବା ବେଳେ ଓଡ଼ିଶାର ବିଭିନ୍ନ ସହରରେ ପ୍ରତିବର୍ଷ ପୁସ୍ତକ ମେଳାରେ ଅଧିକରୁ ଅଧିକ ଉତ୍ସାହ ଦେଖିବାକୁ ମିଳୁଛି। କେବଳ ରାଜଧାନୀର ବର୍ଷକୁ ୩ରୁ ୪ଟି ପୁସ୍ତକମେଳା ଆୟୋଜନ କରାଯାଉଛି। ଏହାସହ ବର୍ତ୍ତମାନ ଡିଜିଟାଲ ପ୍ଲାଟଫର୍ମରେ ପାଠ୍ୟ ପୁସ୍ତକଠାରୁ ଆରମ୍ଭ କରି ଉପନ୍ୟାସ, ଗଳ୍ପ ପୁସ୍ତକ ଉପଲବ୍ଧ ହେଉଛି। ଏନେଇ ପେନ୍ ଇନ୍ ପ୍ରକାଶନୀର ମୁଖ୍ୟ ଶୁଭ୍ରାଂଶୁ ପଣ୍ଡା କହିଛନ୍ତି ଯେ, ପୁସ୍ତକକୁ ନେଇ ଓଡ଼ିଆ ବୁଦ୍ଧିଜୀବୀ ମହଲରେ ଗୋଟିଏ ଭ୍ରମଧାରଣା ଅଛି ଯେ, ଡିଜିଟାଲ ମନୋରଞ୍ଜନର ମାଧ୍ୟମ ଏହାକୁ ମାରିଦେଉଛି, ଦିନକୁ ଦିନ ପାଠକ କମି ଯାଉଛନ୍ତି, ବହିପ୍ରତି ଲୋକଙ୍କ ଆଦର କମୁଛି ଏବଂ ବହି ବିକ୍ରି ହେଉନାହିଁ। ତେବେ ଏବେ ବି ପାଠକ ପୂର୍ବାପେକ୍ଷା ବହୁଗୁଣିତ ହୋଇଛନ୍ତି, ଅନୁରୂପ ଭାବେ ବହି ବିକ୍ରି ମଧ୍ୟ ବଢ଼ିଛି ବୋଲି ସେ କହିଛନ୍ତି। ଓଡ଼ିଶାରେ ଭଲ ବହି ଦୋକାନ ନାହିଁ। ପ୍ରକାଶକ, ଲେଖକ ଓ ପାଠକଙ୍କ ସଂଖ୍ୟା ବଢୁଥିବାବେଳେ ଏ ତିନିହେଁଙ୍କୁ ଏକାଠି କରିବା ପାଇଁ ପ୍ରୋତ୍ସାହନର ଅଭାବ ରହିଛି ବୋଲି ସେ କହିଛନ୍ତି।

# ଭୁବନେଶ୍ୱର ସିଟି



## ଓୟୁଏଟିରେ କିସେନ କାନୁନ୍‌ଗୋ ସ୍ମାରକୀ ବକ୍ତୃତା

ଭୁବନେଶ୍ୱର, ୨୨।୪(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରେ ଷଷ୍ଠ କିସେନ କାନୁନଗୋ ମେମୋରିଆଲ୍ ବକ୍ତୃତା ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ(ଆଇସିଏଆର୍)ର ଉପ ମହାନିର୍ଦ୍ଦେଶକ ଡ. ଆର.ସି. ଅଗ୍ରୱାଲ ଯୋଗଦେଇ କୃଷି କ୍ଷେତ୍ରର ପ୍ରଗତି ପାଇଁ କୃଷି ଶିକ୍ଷାରେ ଛାତ୍ରଛାତ୍ରୀଙ୍କ ମନଯୋଗ, ନୂତନ ଗବେଷଣା ଗୁରୁତ୍ୱପୂର୍ଣ୍ଣ। ଏହାସହ ଭୋକେସନଲ ପାଠ୍ୟକ୍ରମର ପ୍ରୟୋଗ କରି କ୍ୟାରିଏର ଗଠନ ଉପରେ ଧ୍ୟାନ ଦେବାକୁ ହେବ ବୋଲି କହିଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଡ. କାନୁନ୍‌ଗୋଙ୍କ ସ୍ମୃତିଚାରଣ କରିଥିଲେ। କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ହୃଷୀକେଶ ପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଫେସର ସର୍ବନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ।

## ବାଲିଅନ୍ତା ପାଟଣାରେ ଲଉଡ଼ି ଉତ୍ସବ



ବାଲିଅନ୍ତା, ୨୨।୪(ସମିସ): ବାଲିଅନ୍ତା ପାଟଣା ଗୋପାଳ ସମାଜ ଆନୁକୂଲ୍ୟରେ ପଞ୍ଚମ ବାର୍ଷିକ ଲଉଡ଼ି ମହୋତ୍ସବ ସୋମବାର ମା ଭବାନୀଙ୍କ ପୀଠରେ ସରପଞ୍ଚ କୃଷ୍ଣକେଶବ ଆପଟଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଲଉଡ଼ିଗୁରୁ ଗୋବିନ୍ଦ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଉତ୍ସବରେ ଅଣ୍ଡିଲୋ, ରାମଚନ୍ଦ୍ରପୁର, ଚନ୍ଦ୍ରଶେଖରପୁର ଓ ରାମଚନ୍ଦ୍ରପୁର ଲଉଡ଼ି ଲୋକନୃତ୍ୟ କଳା ପରିବେଷଣ କରିଥିଲେ। ବାଲିଅନ୍ତା ଯାଦବ ସଙ୍ଘ ସଭାପତି ଧନେଶ୍ୱର ବେହେରା, ଲକ୍ଷେଶ୍ୱର ଆଞ୍ଚଳିକ ଯାଦବ ସଙ୍ଘ ସମ୍ପାଦକ ଧ୍ରୁବ ଚରଣ ବେହେରା, ଜଟାଧାରୀ ବେହେରା, ଦିଲ୍ଲୀପ ବେହେରା, ନିଲୁ ବେହେରା, ସୁରେଶ ବେହେରା, ଧଡୁ ମାଣିଆ, ପରିଆ ବେହେରା ଓ ଇନ୍ଦ୍ରମଣି ବେହେରା ଯୋଗଦେଇଥିଲେ।

## ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ



ଭୁବନେଶ୍ୱର, ୨୨।୪(ସମିସ): ଗତ ମାର୍ଚ୍ଚ ମାସ ୨୫ ତାରିଖରେ ସଡ଼କ ଦୁର୍ଘଟଣାରେ ମସ୍ତିଷ୍କ ଆଘାତ ଯୋଗୁଁ ଆମ୍ରି ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅଜୟ କୁମାର ସାହୁ (୬୫)ଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କର ମର ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଶେଷ ସଂସ୍କାର କରାଯାଇଥିଲା।

## ୨୭ରେ ଆସୁଛନ୍ତି ସୋନମ୍ ୱାଙ୍ଗଚୁକ୍



ଭୁବନେଶ୍ୱର, ୨୨।୪(ସମିସ): ହିମାଳୟର ସୁରକ୍ଷା ତଥା ଲାଦାଖ ଆଦିବାସୀଙ୍କୁ ୬ଷ୍ଠ ଅନୁଚ୍ଛେଦ ସାମ୍ବିଧାନିକ ଅଧିକାର ପାଇଁ ଆରମ୍ଭ ହୋଇଥିବା ଜନ ଆନ୍ଦୋଳନରେ ୨୧ ଦିନ ଅନଶନ ରଖିବା ପରେ ଏବଂ ପୁଣି ମହିଳାମାନଙ୍କ ସହ ଦଶଦିନିଆ ଅନଶନରେ ତିନି ଦିନ ଅନଶନ ରଖି ଜଳବାୟୁ ନ୍ୟାୟ ସତ୍ୟାଗ୍ରହ ଆନ୍ଦୋଳନ ଚାଲୁ ରଖିଛନ୍ତି ମେଗାସେସ୍ ପୁରସ୍କାର ବିଜେତା ସୋନମ୍ ୱାଙ୍ଗଚୁକ୍। ସେ କମ୍ ସମୟ ପାଇଁ ଭୁବନେଶ୍ୱର ଆସିବା ଅବସରରେ ଲୋହିଆ ଏକାଡେମୀରେ ଆସନ୍ତା ଏପ୍ରିଲ ୨୭ ତାରିଖ ସକାଳ ୯ଟାରେ ପହଞ୍ଚିବେ। ତାଙ୍କୁ ବିଭିନ୍ନ ସଙ୍ଗଠନ ତରଫରୁ ସମ୍ବର୍ଦ୍ଧନା ଦେବା ପରେ ସେ ହିମାଳୟ ସମେତ ଜଳବାୟୁ ସୁରକ୍ଷା ଉପରେ ଉପସ୍ଥିତ ସାମାଜିକ କର୍ମୀ ଓ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିବେ। ଏହି କାର୍ଯ୍ୟକ୍ରମର ସହ ଆବାହକ ଲୋହିଆ ଏକାଡେମୀ ରହିଛି ବୋଲି ପ୍ରେସ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା।

### ଯନ୍ତ୍ରଣା ଦେଉଛି ଜାତୀୟ ରାଜପଥ

# ଫ୍ଲାଏଓଭର୍ ଅନ୍ଧାର, ଅସାମାଜିକଙ୍କ ଦୌରାତ୍ମ୍ୟ

ଭୁବନେଶ୍ୱର, ୨୨।୪(ସମିସ)



ରାଜଧାନୀ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥରେ ରାଜୁତି କରୁଛି ଅନ୍ଧକାର। ଆଲୋକୀକରଣ ବ୍ୟବସ୍ଥା ଥିଲେ ମଧ୍ୟ ଲୁଚକାଳି ଖେଳୁଛି ଆଲୁଅ। ଗୋଟିଏ ଓଭରବ୍ରିଜ୍‌ରେ ଲାଇଟ୍ ଜଳିଲେ ଆଉ ଗୋଟିଏ ଅନ୍ଧାର। ରାଜଧାନୀ ଦେଇ ଯାଇଥିବା ରାଜପଥର ଏକାଧିକ ଫ୍ଲାଏଓଭରରେ ଅନ୍ଧକାର ରାଜୁତି କରୁଛି। ସଞ୍ଜ ନଇଁଲେ ସ୍ଥିତି ସାଙ୍ଘାତିକ ହୋଇ ଯାଉଥିବାବେଳେ ଅନ୍ଧାରରେ ଯିବାଆସିବା କରିବା ଲାଗି ଅସୁରକ୍ଷିତ ମଣୁଛନ୍ତି ସାଧାରଣ ଲୋକ। ସେପଟେ ଅନ୍ଧାରିଆ ରାଜପଥ ଯୋଗୁଁ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବାବେଳେ ଅନ୍ଧାରର ସୁଯୋଗ ନେଇ ଲୁଟେରାମାନେ ଆତଙ୍କ ଖେଳାଉଛନ୍ତି। ପିତାପଲ୍ଲୀଠାରୁ ରସୁଲଗଡ଼ ଯାଏଁ ସବୁଠି ସମାନ ଅବସ୍ଥା।

ରାଜ୍ୟର ରାଜଧାନୀ ଭୁବନେଶ୍ୱର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ ଦେଶର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ରାଜପଥ ହୋଇଥିବାବେଳେ ଏହା ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଓଡ଼ିଶା ଓ ପଶ୍ଚିମବଙ୍ଗ ଭଳି ରାଜ୍ୟକୁ ସଂଯୋଗ କରୁଛି। ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଫୁଲବାଣୀ ଆଦି ଜିଲ୍ଲାରୁ ଆସୁଥିବା ଲୋକମାନେ ଭୁବନେଶ୍ୱର ଓ କଟକ ଯିବାକୁ ହେଲେ ଏହି ରାସ୍ତା ଦେଇ ଯିବା ବାଧ୍ୟତାମୂଳକ। ଏହି ରାସ୍ତା ରାଜଧାନୀ ଭୁବନେଶ୍ୱରର ପ୍ରମୁଖ ପ୍ରବେଶ ପଥ ହୋଇଥିବାରୁ ପ୍ରତ୍ୟେକ ଦିନ ହଜାର ହଜାର ଗାଡ଼ି ଏହି ରାସ୍ତା ଦେଇ ଯିବା ଆସିବା କରୁଛନ୍ତି। ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମ ଆଦି ଜିଲ୍ଲାରୁ ଦୁର୍ଘଟଣାରେ ଗୁରୁତର ଆହତ ବ୍ୟକ୍ତିଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସଗୁଡ଼ିକ ମଧ୍ୟ ଏହି ରାସ୍ତା ଦେଇ ଏମ୍ସ, କ୍ୟାପିଟାଲ ଡାକ୍ତରଖାନା ଓ କଟକ ବଡ଼ ମେଡିକାଲକୁ ଯାଉଛନ୍ତି। ପିତାପଲ୍ଲୀ ଠାରୁ ରସୁଲଗଡ଼ ମଧ୍ୟରେ ରହିଥିବା ସମସ୍ତ ଫ୍ଲାଏଓଭର୍‌ରେ ଆଲୋକ ବ୍ୟବସ୍ଥା ରହିଛି। ନୂଆ କରି ଖୋଲିଥିବା କସ୍‌ମୋପଲିସ ଓ ଗୋହିରା ଫ୍ଲାଏଓଭରରେ ମଧ୍ୟ ଆଲୋକ ବ୍ୟବସ୍ଥା କରାଯାଇଛି। ହେଲେ ଏକାଧିକ ଫ୍ଲାଏଓଭରରେ ନିୟମିତ ଭାବେ ଆଲୋକ ଜଳୁନାହିଁ। ଦିନେ ତମାଣ୍ଡୋ ଓଭରବ୍ରିଜ୍‌ରେ ଆଲୁଅ ବନ୍ଦ ରହିଲେ ଆର ଦିନ ଡିଏନ୍ ରିଗାଲିଆ ଫ୍ଲାଏଓଭରରେ ଅନ୍ଧାର ରାଜୁତି କରୁଛି। ଖଣ୍ଡଗିରି ଓଭରବ୍ରିଜରେ ଲାଗିଥିବା ଲାଇଟରୁ ଏକାଧିକ ଲାଇଟ୍ ଖରାପ ହୋଇଯାଇଥିବା ବେଳେ ଆଉ କେତେକ ଲୁଚକାଳି ଖେଳୁଛି। ସେପଟେ ଜୟଦେବ ବିହାର ଠାରୁ ଆଚାର୍ଯ୍ୟ ବିହାର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଅଧିକାଂଶ ସମୟ ଆଲୋକ ଜଳୁନାହିଁ। ସେହି ରାସ୍ତାର ଉଭୟ ପାର୍ଶ୍ୱରେ ଗଛ ରହିଥିବାରୁ ଘନ ଅନ୍ଧାର ସୃଷ୍ଟି ହେଉଛି। ଫଳରେ ଅସାମାଜିକ ତତ୍ତ୍ୱଙ୍କ ଉତ୍ପାତ ଦେଖିବାକୁ ମିଳୁଛି। ଉପଯୁକ୍ତ ପରିଚାଳନା ଓ ରକ୍ଷଣାବେକ୍ଷଣ କରାଯାଉ ନଥିବାରୁ ପ୍ରାୟ ସ୍ଥାନରେ ଲାଇଟ୍ ଜଳୁନାହିଁ। ସଞ୍ଜ ନଇଁଲେ ରାଜଧାନୀ ଦେଇ ଯାଇଥିବା ଜାତୀୟ ରାଜପଥ ଉପାନ୍ତ ଅଞ୍ଚଳର ରାସ୍ତା ଭଳି ମନେ ହେଉଛି।

ରାଜଧାନୀର ଅନ୍ଧାରିଆ ରାଜପଥରେ ଲୋକମାନେ ଭୟଭୀତ ଅବସ୍ଥାରେ ଯିବା ଆସିବା କରୁଛନ୍ତି। ଏହି ଅନ୍ଧାରିଆ ରାସ୍ତାର ସୁଯୋଗ ନେଇ ଲୁଟେରାମାନେ ଉତ୍ପାତ କରୁଛନ୍ତି। ଅନ୍ଧାର ସ୍ଥାନ ଦେଖି ଲୋକମାନଙ୍କୁ ଅଟକାଉଛନ୍ତି। ଆଉ ସେମାନଙ୍କ ଠାରୁ ସୁନା ଚେନ୍, ମୋବାଇଲ ଫୋନ୍ ଓ ଟଙ୍କା ଆଦି ଛଡ଼ାଇ ନେଉଛନ୍ତି। ଏତିକିରେ ଲୋକଙ୍କ ଦୁର୍ଦ୍ଦଶା ସରିନାହିଁ। ଅନ୍ଧାରିଆ ରାସ୍ତାରେ ବେଆଇନ ପାର୍କିଂ ଲୋକଙ୍କ ସମସ୍ୟାକୁ ବହୁଗୁଣିତ କରିଛି। ଏଥିଲାଗି ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। କିଏ ନିଜ ମୂଲ୍ୟବାନ ଜୀବନ ହରାଉଛି ତ ଆଉ କେହି ସାରା ଜୀବନ ପାଇଁ ପଙ୍ଗୁ ହୋଇଯାଉଛି। ଗୋଟିଏ ପଟେ ନିର୍ମାଣାଧୀନ ଓଭରବ୍ରିଜ୍ ଆଉ ଗୋଟିଏ ପଟେ ଅନ୍ଧାରିଆ ରାଜପଥ ଲୋକଙ୍କୁ ଯାତନା ଦେଉଛି।

## ସଙ୍ଗୀତଭିତ୍ତିକ ଚଳଚ୍ଚିତ୍ର 'ଯୋଗିନୀ'ର ଶୁଭମୁକ୍ତି

ଭୁବନେଶ୍ୱର, ୨୨।୪(ସମିସ)

ପରୀକ୍ଷାମୂଳକ ତଥା ସଙ୍ଗୀତଭିତ୍ତିକ ଚଳଚ୍ଚିତ୍ର 'ଯୋଗିନୀ'ର ଶୁଭମୁକ୍ତି ହୋଇଛି। ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ 'ଯୋଗିନୀ'ର କାହାଣୀ ବଳିଷ୍ଠ ଭାବେ ଉପସ୍ଥାପିତ ହୋଇଛି। ଏହି ସିନେମାରେ ୨୮ଜଣ ନାୟିକା ରହିଛନ୍ତି। ଏଥିରେ ପ୍ରତ୍ୟେକଙ୍କର କାହାଣୀ ପ୍ରତ୍ୟେକଙ୍କଠାରୁ ଭିନ୍ନ ରହିଛି। ହେଲେ ସେଇ ଭିନ୍ନତାରେ ଯେ' କେତେ ସମାନତା ଅଛି ତାହା ଯୋଗିନୀ ଦେଖିଲେ ସହଜରେ ବୁଝିହେବ। ଏ ସିନେମାର ପ୍ରଯୋଜନା ଗାୟିକା ସୁସ୍ମିତା ଦାସ ରହିଥିବା ବେଳେ ଲେଖିକା ଓ ଚଳଚ୍ଚିତ୍ର ନିର୍ଦ୍ଦେଶିକା ହେଉଛନ୍ତି ବିୟତ ପ୍ରଜ୍ଞା ତ୍ରିପାଠୀ। କବି ଓ ଚିନ୍ତକ ହରପ୍ରସାଦ ଦାସଙ୍କ କବିତା ଉପରେ ଆଧାରିତ ହୋଇଛି ଏହି ଚଳଚ୍ଚିତ୍ରର କାହାଣୀ। ଏଥିରେ ଓଡ଼ିଆ ସିନେମା ଜଗତର ପ୍ରସିଦ୍ଧ କ୍ୟାମେରାମ୍ୟାନ ଧ୍ରୁବାନନ୍ଦ ପଣ୍ଡା ଫଟୋଗ୍ରାଫି କରିଥିଲା ବେଳେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ବିୟତ ପ୍ରଜ୍ଞା ତ୍ରିପାଠୀ ଓ ସଫିଉଲ ହକ୍।



## ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ରର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୨।୪(ସମିସ): ସୂର୍ଯ୍ୟଜ୍ୟୋତି କଳା କେନ୍ଦ୍ରର ଦ୍ୱିତୀୟ ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, କାଳୀ ମଙ୍ଗଳା ଚରଣ, ଦୁର୍ଗା ସ୍ତୁତି, ସରସ୍ୱତୀ ମଙ୍ଗଳା ଚରଣ, ଆଦିବାସୀ, କୁଇ, ଢେମ୍‌ସା ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷା ଜ୍ୟୋତିର୍ମୟୀ ଦାସଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ମଧ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ମୁଖପତ୍ର 'ସୌରପ୍ରଭା' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଗୁରୁ ଦୁର୍ଗା ଚରଣ ରଣବୀର, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ, ଗୁରୁ ନିରଞ୍ଜନ ରାଉତ ଯୋଗ ଦେଇଥିଲେ। ଏହାପରେ ଦାମୋଦର ପଣ୍ଡା, ଶରତ କୁମାର ନାଏକ, ପ୍ରଫୁଲ୍ଲ କୁମାର ମହାପାତ୍ର, ଡ. ଶ୍ରୀନିବାସ ଘଟୁଆରୀ, ସୂର୍ଯ୍ୟକାନ୍ତ ସ୍ୱାଇଁଙ୍କ ଦ୍ୱାରା ସମ୍ପାଦିତ ଅନନ୍ୟ ସାହିତ୍ୟ ପତ୍ରିକା 'ଯଶସ୍ୱିନୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ଅନୁଷ୍ଠାନର ପ୍ରତିଷ୍ଠାତା ସୂର୍ଯ୍ୟକାନ୍ତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



## ପଶୁପକ୍ଷୀଙ୍କୁ ଜଳ ଯୋଗାଣ

ଭୁବନେଶ୍ୱର, ୨୨।୪(ସମିସ): ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଦୃଷ୍ଟିରୁ ସ୍ୱେଚ୍ଛାସେବୀମାନେ ମାଟିହାଣ୍ଡି, ପ୍ଲାଷ୍ଟିକ ଡବାକୁ ବ୍ୟବହାର କରି ରାସ୍ତାକଡ଼ରେ ଓ ଗଛଡ଼ାଳରେ ରଖି ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ପାଣି ରଖିଛନ୍ତି। ସେମାନେ ଚନ୍ଦକା, କୁଜିମହଲ, ଦାରୁଠେଙ୍ଗ ଆଦି ଅଞ୍ଚଳରେ ଘର ଘର ବୁଲି ଲୋକମାନଙ୍କୁ ନିଜ ଛାତ ଉପରେ ଓ ଅଗଣାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ପାଣିପାତ୍ର ରଖିବାକୁ ସଚେତନ କରାଉଛନ୍ତି। ଆଗକୁ ଏହି ଉଦ୍ୟମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଜାରି ରହିବ ବୋଲି ସେବାକେନ୍ଦ୍ରର ସମ୍ପାଦକ ବାପି ନାୟକ କହିଛନ୍ତି।

## ସୋଆକୁ ୩ ସିଏସ୍‌ଆର୍ ସମ୍ମାନ

ଭୁବନେଶ୍ୱର, ୨୨।୪(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ)କୁ ଇଂରାଜୀ ପତ୍ରିକା 'କମ୍ପିଟିସନ୍ ସକ୍‌ସେସ୍ ରିଭ୍ୟୁ' ପକ୍ଷରୁ ୩ଟି ସିଏସ୍‌ଆର୍ ସମ୍ମାନ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀ ଠାରେ ଆୟୋଜିତ ସିଏସ୍‌ଆର୍ ସମ୍ମାନ ଉତ୍ସବରେ ସୋଆ ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟକୁ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ନେଇ ୨୦୨୪ ନିମନ୍ତେ 'ସିଏସ୍‌ଆର୍ ଏକ୍ସିଲେନ୍ସ ଇନ୍ ଏଜୁକେସନ୍' ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ସୋଆର ଫ୍ୟାକଲ୍ଟି ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)କୁ ଭାରତର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ 'ସିଏସ୍‌ଆର୍ ଟପ୍ ଲିଡିଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ' ସମ୍ମାନ ପ୍ରଦାନ କରାଯିବା ସହ ସୋଆର ଫ୍ୟାକଲ୍ଟି ଅଫ୍ ହସ୍ପିଟାଲିଟି ଆଣ୍ଡ ଟୁରିଜିମ୍ ମ୍ୟାନେଜମେଣ୍ଟ- ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟକୁ 'ସିଏସ୍‌ଆର ଟପ୍ ହୋଟେଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ' ସମ୍ମାନ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀର ହୋଟେଲ୍ ଲି ମେରିଡିଏନ୍ ଠାରେ ଅନୁଷ୍ଠିତ ଏହି ଉତ୍ସବରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକଙ୍କ ଅଫିସର-ଅନ୍-ସ୍ପେଶାଲ ଡ୍ୟୁଟି ପ୍ରୀତମ ନାୟକ ସିଏସ୍‌ଆର୍‌ର ଅଧ୍ୟକ୍ଷ ଡ. ଏସ୍. କେ ସଚଦେବଙ୍କ ଠାରୁ ଏହି ୩ଟି ସମ୍ମାନ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୦୦ଟି ଶିକ୍ଷାନୁଷ୍ଠାନ ସାମିଲ ହୋଇଥିଲେ।



# ତାଳ ପାଇଁ ଚୁଲି ଜଳେ, ଘର ଚଳେ

ଭୁବନେଶ୍ୱର, ୨୨।୪(ସମିସ)

- ରାଜଧାନୀରେ ଅନ୍ୟ ଜିଲ୍ଲାର ବେପାରୀ
- ଖରା ବଢିଲେ ବଢୁଛି ବେପାର



ଖରା ବଢ଼ିବା ସାଙ୍ଗକୁ ରାଜଧାନୀ ବଜାରରେ ଧୀରେ ଧୀରେ ତାଳ ସଜର ପସରା ଦେଖିବାକୁ ମିଳୁଛି। ଏହାର ଚାହିଦା ବହୁତ ରହିଥିବାରୁ ଲୋକ ଯାହା ଦାମ ହୋଇଥିଲା ମଧ୍ୟ ଘରକୁ କିଣି ନେଉଛନ୍ତି। ବର୍ଷରେ କେବଳ ଗୋଟିଏ ଋତୁରେ ହିଁ ତାଳ ସଜ ମିଳିଥାଏ। ଭୁବନେଶ୍ୱରର ଏବେ ବହୁ ଜନଗହଳି ସ୍ଥାନରେ ବା ଛକରେ ବେପାରୀମାନେ ତାଳ ପସରା ମେଲି ଖରାରେ ବସିଛନ୍ତି। ଗରିବ ବେପାରୀମାନେ ରାଜପଥ କଡ଼ ବା ବିଭିନ୍ନ ଟ୍ରାଫିକ୍ ଓ ଛକରେ ବସି ଏହାକୁ ବିକୁଥିଲେ ବି ତାଳସଜର ଗ୍ରାହକ କିଛି କମ୍ ଲୋକ ନୁହନ୍ତି। ତାଳ କାରବାର ମାତ୍ର ଦେଢ଼ ମାସର ବେପାର। କତେଣୁ ପ୍ରତିବର୍ଷ ଯାଜପୁର, ବାଲେଶ୍ୱର, ପୁରୀ, ନୟାଗଡ଼, ଗଞ୍ଜାମ, ବଲାଙ୍ଗିର ଭଳି ଜିଲ୍ଲାରୁ ଟ୍ରକ୍ ଓ ବସ୍ ଯୋଗେ ତାଳସଜ ନେଇ ବେପାରୀ ରାଜଧାନୀକୁ ଆସୁଛନ୍ତି। ସେହିମାନଙ୍କ ମଧ୍ୟରୁ କିଛି ଗାଡ଼ିରେ ରାଜଧାନୀକୁ ଆସି ତାଳ କାଟି ଗ୍ରାହକଙ୍କୁ ବିକିଥା'ନ୍ତି। ସେହିପରି ପାୱାର ହାଉସରୁ କଲ୍ୟାଣୀ ମାର୍କେଟ ଆସିଲା ବେଳେ ଦେଖିବାକୁ ମିଳେ ରାସ୍ତା କଡ଼ରେ ଦୁଇ ଭାଇଙ୍କ ତାଳ ପସରା। ଏହି ଦୁଇ ଜଣ ଯାଜପୁରରୁ ଆସି ପ୍ରତିବର୍ଷ ଏଠାରେ ତାଳ ସଜ ବିକ୍ରି କରିଥାନ୍ତି। ବସ୍ କି ଦୁଇଚକିଆ ଗାଡ଼ି ମାଧ୍ୟମରେ ପ୍ରତିଦିନ ତାଳ ବେପାର କରିବାକୁ ଏଠାକୁ ଆସୁଛନ୍ତି ବୋଲି ବେପାରୀ ମଦନ ବେହେରା କହିଛନ୍ତି। ସେହିଭଳି ଉତ୍ତମ ବେହେରା ନାମକ ଅନ୍ୟଜଣେ ବେପାରୀ କୁହନ୍ତି, ବଜାରର ଦର ଦାମ ହିସାବରେ ଗୋଟେ ତାଳସଜ ପିଛା ୨୦ ଟଙ୍କା ବିକ୍ରି ହେଉଛି। ଯାହା କିଛି ବର୍ଷ ତଳେ ୧୦ ଟଙ୍କା ଥିଲା। ସକାଳ ୬ ରୁ ରାତି ୧୦ଟା ଯାଏଁ ତାଙ୍କ ବେପାର ଚାଲିଥାଏ। ଯଦି ସବୁ ତାଳ ରାତି ଯାଏ ବିକ୍ରି ହୋଇ ନ ଥାଏ ତେବେ ସେହି ରାତିଟି ରାସ୍ତାକଡ଼ରେ ହିଁ କାଟିବାକୁ ପଡ଼େ। କାରଣ ତାଳ ଫେରାଇ ନେବା ଆଉ ସମ୍ଭବ ନୁହେଁ। ୨୦ରୁ ୩୦ଟି କାନ୍ଧି ସାଙ୍ଗରେ ନେଇ ଆସିଥାନ୍ତି। ଏହି ଗୋଟିଏ ଋତୁରେ ତାଳ ସଜ ମିଳୁଥିବାରୁ ରାଜଧାନୀରେ ତାଙ୍କ ବ୍ୟବସାୟ ଭଲ ହୁଏ ବୋଲି ଉତ୍ତମ କୁହନ୍ତି। ରାଜଧାନୀରେ ଏହା ମିଳେ ନାହିଁ ତେଣୁ ରାଜଧାନୀବାସୀ ଅନ୍ୟ ଜିଲ୍ଲା ଉପରେ ନିର୍ଭର କରିଥାନ୍ତି। ସେମାନେ ଗତ ୫ ରୁ ୬ ବର୍ଷ ହେବ ରାଜଧାନୀରେ ଆସି ଏହି ସମୟରେ ବିକ୍ରି କରି ଘରକୁ ଫେରନ୍ତି। କିନ୍ତୁ ଆଗରୁ କଟକରେ ସେ ଏହି ବ୍ୟବସାୟ କରୁଥିଲେ। ଏଥିରୁ ଯାହା ଲାଭ ହୁଏ ଖୁସିରେ ସେଥିରେ ଘର ଚଳେ। ତେଣୁ ତାଳ ଏହି ଋତୁରେ ତାଙ୍କ ପରିବାରର ପେଟ ପୋଶୁଛି ବୋଲି କହିଛନ୍ତି। ଏହି ଋତୁ ସରିଲେ ଅନ୍ୟ ବ୍ୟବସାୟ ତଥା ନଡ଼ିଆ, ପଇଡ, ବିଞ୍ଚଣା, ଛାଞ୍ଚୁଣି ଆଦି ବେପାର କରୁଥିବା କଥା ମଧ୍ୟ ସେ କୁହନ୍ତି।

## ବାହ'ଇ ସମ୍ପ୍ରଦାୟ ଦ୍ୱାରା ପର୍ବରାଜ ରିଜଭାନ

ଭୁବନେଶ୍ୱର, ୨୨।୪(ସମିସ)

ବାହ'ଇ ଭବନ ଠାରେ ବାହ'ଇ ସମ୍ପ୍ରଦାୟ ଦ୍ୱାରା ପର୍ବରାଜ ରିଜଭାନ ପାଳିତ ହୋଇଯାଇଛି। ସାରା ବିଶ୍ୱରେ ଏପ୍ରିଲ୍ ୨୦ ତାରିଖରେ ଏହି ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ଭକ୍ତିମୂଳକ ପ୍ରାର୍ଥନା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କର ଶିକ୍ଷା ଏବଂ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଉପଦେଷ୍ଟା ଡଃ ସୂର୍ଯ୍ୟ ପ୍ରକାଶ ଦାସ ଯୋଗଦେଇ ପର୍ବରାଜ ରିଜଭାନ ସମ୍ପର୍କରେ ଏବଂ ବାହ'ଇ ସମ୍ପ୍ରଦାୟର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଆଲୋକପାତ କରିଥିଲେ। ସେ ଦର୍ଶାଇଥିଲେ ଯେ ବାହ'ଇ ଧାର୍ମିକ ଅନୁଷ୍ଠାନର ମୁଖ୍ୟ ଲକ୍ଷ୍ୟ ହେଉଛି ବିଶ୍ୱ ଏକତା ଏବଂ ବିଜ୍ଞାନ ଓ ଧର୍ମ ମଧ୍ୟରେ ସମନ୍ୱୟତା। ଏହି କାର୍ଯ୍ୟକ୍ରମଟି ସ୍ଥାନୀୟ ଆଧ୍ୟାତ୍ମିକ ସଭା ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ କାର୍ଯ୍ୟକ୍ରମ ପ୍ରାରମ୍ଭରେ କନ୍‌ଭେନର୍ ତଥା ସ୍ଥାନୀୟ ଆଧ୍ୟାତ୍ମିକ ସଭାର ସମ୍ପାଦିକା ଡଃ କାବ୍ୟତାରା ପାଣିଗ୍ରାହୀଙ୍କ ଦ୍ୱାରା କାର୍ଯ୍ୟକ୍ରମର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ବ୍ଲୁସମ୍ ସ୍କୁଲ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟିରେ ସହରର ବିଭିନ୍ନ କ୍ଷେତ୍ରରୁ ବିଭିନ୍ନ ୱାର୍କସପ ଲାଇଫରୁ ୨୦୦ରୁ ଅଧିକ ବନ୍ଧୁ ଅଂଶଗ୍ରହଣ କରିଥିଲେ।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୨୫ ● ପାଉଣ୍ଡ ୧୦୩.୦୮
- ୟୁରୋ ୮୯.୧୦ ● ୟେନ୍ ୦.୫୪

## ସୁନା ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୭,୪୦୦ (ଭୁବନେଶ୍ୱର)
- ରୁପା :୮୫,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୩,୬୪୮.୦୦
- ନିଫ୍ଟି ୨୨,୩୩୬.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



■ ପିସ୍ ରିସର୍ଚ୍ଚ ରିପୋର୍ଟ

## ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି ବିଶ୍ୱର ପ୍ରତିରକ୍ଷା ବଜେଟ

ନୂଆଦିଲ୍ଲୀ, ୨୨।୪ (ଏଜେନ୍ସି): ସାରା ବିଶ୍ୱରେ ସମ୍ପ୍ରତି ଦେଶଗୁଡିକ ସେମାନଙ୍କର ପ୍ରତିରକ୍ଷା ବଜେଟ ବଢ଼ାଇବାରେ ବ୍ୟସ୍ତ। ଅସ୍ତ୍ରଶସ୍ତ୍ର କ୍ରୟ ଏବଂ ପ୍ରତିରକ୍ଷା ବାବଦ ଖର୍ଚ୍ଚରେ ଆଶାତୀତ ବୃଦ୍ଧି ଘଟିଛି। ଷ୍ଟକ୍ହୋମସ୍ଥିତ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍‌ଆଇପିଆର୍‌ଆଇ)ର ରିପୋର୍ଟରେ ଏହି ସୂଚନା ସାମ୍ନାକୁ ଆସିଛି। ରିପୋର୍ଟରେ କୁହାଯାଇଛି ଯେ ୨୦୨୩ରେ ବିଶ୍ୱର ସାମରିକ ଖର୍ଚ୍ଚ ଏକ ଦଶନ୍ଧି ମଧ୍ୟରେ ଦ୍ରୁତତମ ବୃଦ୍ଧି ଘଟିଛି ଏବଂ ଗତ ବର୍ଷ ଏହି ଖର୍ଚ୍ଚ ୨.୪ ଟ୍ରିଲିୟନ ଡଲାରରେ ପହଞ୍ଚିଛି।

ବିଶ୍ୱର ବିଭିନ୍ନ ଭାଗରେ ଯୁଦ୍ଧ ଚାଲିଛି। ବିଶ୍ୱକୁ ପ୍ରଭାବିତ କରୁଥିବା କେତେକ ଭୌଗୋଳିକ ରାଜନୈତିକ ତିକ୍ତତା କାରଣରୁ ସାମରିକ ଖର୍ଚ୍ଚରେ ଏହିଭଳି ବୃଦ୍ଧି ହୋଇଛି। ୨୦୦୯ ପରଠାରୁ ପ୍ରଥମ ଥର ପାଇଁ ସମସ୍ତ ୫ଟି ଭୌଗୋଳିକ ଅଞ୍ଚଳରେ ସାମରିକ ଖର୍ଚ୍ଚରେ ଏପରି ବୃଦ୍ଧି ଘଟିଛି। ଏସ୍‌ଆଇପିଆର୍‌ଆଇର ବରିଷ୍ଠ ଅନୁସନ୍ଧାନକାରୀ ନାନ୍ ତିଆନ୍ କହିଛନ୍ତି ଯେ ମୋଟ ସାମରିକ ଖର୍ଚ୍ଚ ସର୍ବକାଳୀନ ଉଚ୍ଚ ସ୍ତରରେ ପହଞ୍ଚିଥିବାବେଳେ ୨୦୦୯ ପରଠାରୁ ପ୍ରଥମ ଥର ପାଇଁ ସମସ୍ତ ୫ଟି ଭୌଗୋଳିକ ଅଞ୍ଚଳରେ ଖର୍ଚ୍ଚ ବୃଦ୍ଧି ପାଇଛି। ୟୁରୋପରେ, ବିଶେଷ କରି ରୁଷ-ୟୁକ୍ରେନ ଯୁଦ୍ଧ ଯୋଗୁ ଅନ୍ୟାନ୍ୟ ୟୁରୋପୀୟ ଦେଶର ସାମରିକ ଖର୍ଚ୍ଚ ଢ଼େର ବୃଦ୍ଧି ଘଟିଛି। ରୁଷର ସାମରିକ ବଜେଟରେ ୨୪ ପ୍ରତିଶତ ବୃଦ୍ଧି ହୋଇ ୧୦୯ ବିଲିୟନ ଡ଼ଲାରରେ ପହଞ୍ଚିଛି। ୟୁକ୍ରେନର ସାମରିକ ଖର୍ଚ୍ଚ ମଧ୍ୟ ୫୧ ପ୍ରତିଶତ ବୃଦ୍ଧି ହୋଇ ୬୪.୮ ବିଲିୟନ ଡ଼ଲାରରେ ପହଞ୍ଚିଛି।

## ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ନେଇ ଆପ୍ଟିପ୍ଲସ୍‌ର କର୍ମଶାଳା

ଭୁବନେଶ୍ୱର, ୨୨।୪ (ସମସ): ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ନେଇ ଆପ୍ଟିପ୍ଲସ୍ ପକ୍ଷରୁ ଏକ କର୍ମଶାଳା ଅନୁଠିତ ହୋଇଯାଇଛି। ଏଥିରେ ଚଳିତବର୍ଷ ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆପ୍ଟିପ୍ଲସ୍ର ସର୍ବଭାରତୀୟ ୪୦୯ ର୍‍ୟାଙ୍କଧାରୀ ସନ୍ତୋଷ କୁମାର ପାତ୍ରଙ୍କୁ ନେଇ ଅନୁଷ୍ଠାନ ତରଫରୁ ଏକ କର୍ମଶାଳା ଅନିଷ୍ଠିତ ହୋଇଯାଇଛି। ଏଥିରେ ସନ୍ତୋଷ ନିଜର ପ୍ରସ୍ତୁତି ସମୟର ଅଭିଜ୍ଞତା ବାଣ୍ଟିବା ସହ ଅନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ସାକ୍ଷାତକାର ପରୀକ୍ଷାରେ କିଭଳି ଭାବରେ ନିଜକୁ ଶାନ୍ତରଖି ନିଜରବ୍ୟକ୍ତିତ୍ୱର ପରିପ୍ରକାଶ କରିବାକୁ ହୁଏ ସେହିସବୁ ଦିଗ ପ୍ରତି ସେ ଅଲୋକପାତ କରିଥିଲେ। କେଉଁ ପାଠ୍ୟପୁସ୍ତକମାନ ବ୍ୟବହାର କରି ସେ ସଫଳତା ହାସଲ କରିଥିଲେ, କେଉଁ ତୃଟି ସବୁ ସୁଧାରିବାର ଅଛି ତାହାକୁ ଛାତ୍ରଛାତ୍ରୀମାନଙ୍କ ସହ ଅଲୋଚନା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ଼ ସୁସିଜିତ୍ ସାହୁ ଉତ୍ତୀର୍ଣ୍ଣ ଛାତ୍ର ସନ୍ତୋଷ କୁମାର ପାତ୍ର ଏବଂ ଦିଲ୍ଲୀର ଅଧ୍ୟାପକ ବିବେକ ଟିଭି ଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅଭିନନ୍ଦନ ଜ୍ଞାପନ କରିଥିଲେ। ଡ. ସାହୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ, ଅଭିଭାବକ, ତଥା ଅଧ୍ୟାପକ ଅଧ୍ୟାପିକାଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ସଫଳତାର ଧାରା ଆଗକୁ ଜାରି ରହିବ ଏଥପାଇଁ ଆପ୍ଟିପ୍ଲସ୍ ସଂକଳ୍ପବୋଧ ବୋଲି ମତ ପ୍ରକାଶ କରିଛନ୍ତି।



## ଏଏମ୍/ଏନ୍ଏସ୍ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉଦ୍‌ଘାଟିତ




ଭୁବନେଶ୍ୱର, ୨୨।୪ (ସମସ): ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍) ପକ୍ଷରୁ ଏହାର ସିଏସ୍‌ଆର୍ କାର୍ଯ୍ୟକ୍ରମ ଆରୋଗ୍ୟ ଅନ୍ତର୍ଗତ କେନ୍ଦୁଝର ଜିଲାର ଶଙ୍କାରୀ ଗ୍ରାମଠାରେ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉଦ୍ଘାଟିତ ହୋଇଯାଇଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଶଙ୍କାରୀ ଏବଂ ଏହାର ଆଖପାଖ ଗ୍ରାମର ଲୋକମାନଙ୍କର ଆବଶ୍ୟକତା ପୂରଣ କରିପାରିବ। ଏହି ଅବସରରେ ୱାର୍ଡମେମ୍ବର ସିଲୋଚନା ପ୍ରଧାନ, ଏଏମ୍/ଏନ୍ଏସ୍ର ଟିଏସ୍ଏଫ୍ ଇନ୍‌ଚାର୍ଜ ଧର୍ମେନ୍ଦ୍ର ହିରୱା ,ସିଏସ୍‌ଆର୍ ମୁଖ୍ୟ ମଦନ ଦାଶ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

### ବିଦେଶ ବଜାରରେ ଏମ୍‌ଡିଏଚ୍, ଏଭରେଷ୍ଟ ମସଲା ବିକ୍ରି ନିଷିଦ୍ଧ ପ୍ରସଙ୍ଗ

# ସବୁ କମ୍ପାନୀ ମସଲାର ହେବ ପରୀକ୍ଷା

ନୂଆଦିଲ୍ଲୀ, ୨୨।୪ (ଏଜେନ୍ସି): ମସଲା ସାମଗ୍ରୀରେ ହାନୀକାରକ କୀଟନାଶକ ମିଳିଥିବା ଅଭିଯୋଗ ଯୋଗୁ ବିଦେଶ ବଜାରରେ ଭାରତୀୟ କମ୍ପାନୀ ଦ୍ୱାରା ପ୍ରସ୍ତୁତ ମସଲା ବିକ୍ରିକୁ ନିଷିଦ୍ଧ କରାଯିବା ପରେ ଏବେ ତତ୍ପର ହୋଇଛନ୍ତି କେନ୍ଦ୍ର ସରକାର। ଏହି ପ୍ରସଙ୍ଗରେ କଡ଼ା ଆଭିମୁଖ୍ୟ ପୋଷଣ କରିବାକୁ ଯାଇ କେନ୍ଦ୍ର ସରକାର ଖାଦ୍ୟ କମିସନଙ୍କୁ ସମସ୍ତ କମ୍ପାନୀର ମସଲାଗୁଡିକର ନମୁନା ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ହଂକଂ ଏବଂ ସିଙ୍ଗାପୁରରେ ଏମ୍ଡିଏଚ୍ ଓ ଏଭରେଷ୍ଟର ଚାରୋଟି ମସଲା ଉପରେ ନିଷେଧାଦେଶ ଲାଗିଛି। ଉଭୟ କମ୍ପାନୀର ଏହି ଉତ୍ପାଦଗୁଡ଼ିକରେ ଅଧିକ ପରିମାଣର କୀଟନାଶକ ଇଥାଇଲନ୍ ଅକ୍ସାଇଡ୍ ରହିଥିବା କାରଣରୁ ସେଗୁଡିକର ବିକ୍ରିକୁ ସେଠାରେ ନିଷେଧ କରାଯାଇଛି।

ହଂକଂର ଖାଦ୍ୟ ନିରାପତ୍ତା ବିଭାଗ କହିଛି ଯେ ଏମ୍‌ଡିଏଚ୍ ଗ୍ରୁପର ତିନୋଟି ମସଲା ଯଥା ମାଡ୍ରାସ୍ କରି ପାଉଡର୍, ସମ୍ବର ମସାଲା ମିକ୍ସଡ ପାଉଡର୍ ଏବଂ କରି ପାଉଡର ମିକ୍ସ ମସଲାରେ ଅଧିକ ପରିମାଣର ଇଥିଲିନ୍ ଅକ୍ସାଇଡ୍ର ସନ୍ଧାନ ମିଳିଥିଲା। ଦେଶର ସମସ୍ତ ଖାଦ୍ୟ କମିଶନରଙ୍କୁ ଏହି ପ୍ରସଙ୍ଗରେ ସତର୍କ କରାଯାଇଛି। ମସଲାର ନମୁନା ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ତିନିରୁ ଚାରି ଦିନ ମଧ୍ୟରେ ଏମ୍‌ଡିଏଚ୍ ଏବଂ ଏଭରେଷ୍ଟ ସମେତ ଦେଶର ସମସ୍ତ କମ୍ପାନୀର ମସଲା ଉତ୍ପାଦନ ୟୁନିଟ୍‌ରୁ ନମୁନା ସଂଗ୍ରହ କରାଯିବ। ପ୍ରାୟ ୨୦ ଦିନ ମଧ୍ୟରେ ସେଗୁଡିକର ଲ୍ୟାବ୍ ରିପୋର୍ଟ ଆସିଯିବ। ଅପରପକ୍ଷେ ଭାରତରେ ଖାଦ୍ୟ ସାମଗ୍ରୀରେ ଇଥିଲିନ ଅକ୍ସାଇଡ ବ୍ୟବହାର ଉପରେ ନିଷେଧାଦେଶ ରହିଛି। ଯଦି ଭାରତୀୟ ମସଲାରେ କ୍ଷତିକାରକ ଉପାଦାନ ରହିଥିବାର ପ୍ରମାଣ ମିଳେ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ କ୍ଷେତ୍ରରେ ଅପରାଧିକ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଏକ ବ୍ୟବସ୍ଥା ରହିଛି। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ଥିବା ମସଲା ବୋର୍ଡକୁ ସରକାର ନିବେଦନ କରି କହିଛନ୍ତି ଯେ ଉତ୍ପାଦରେ କୌଣସି କ୍ଷତିକାରକ ଉପାଦାନ ଯୋଗ କରାଯିବା ଉଚିତ ନୁହେଁ। ହଂକଂ ଏବଂ ସିଙ୍ଗାପୁରରେ ଘଟିଥିବା ଘଟଣା ପୂର୍ବରୁ ମଧ୍ୟ ସରକାର ନମୁନାର ପରୀକ୍ଷା କରୁଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଭାରତୀୟ ବଜାରରେ ଉପଲବ୍ଧ ବିଭିନ୍ନ ବ୍ରାଣ୍ଡର ମସଲାରେ କୌଣସି କ୍ଷତିକାରକ ଉପାଦାନ ମିଳିନାହିଁ। ନମୂନା ନେବା ପାଇଁ ଏହା ଏକ ନିରନ୍ତର ପ୍ରକ୍ରିୟା। ଏଥର ଆମେ ପୂର୍ବ ତୁଳନାରେ ବହୁତ ଦ୍ରୁତ ଗତିରେ ଏବଂ ଅଧିକ ସଂଖ୍ୟାରେ ନମୁନା ଗ୍ରହଣ କରିବୁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଓଡିଶା ରାଜ୍ୟ ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି ଯେ, ୨୦୧୪ ପରଠାରୁ ଦେଶରେ ବିପଣନ ନୀତିରେ ଅନେକ ଏକଚାଟିଆ ବ୍ୟବସ୍ଥା ଆପଣାଯାଉଛି। ପୂର୍ବରୁ ଯେଉଁସବୁ ଉତ୍ପାଦର ମୂଲ୍ୟ ବର୍ଷରେ ୫-୬% ବଢୁଥିଲା ଏବେ ସେଗୁଡିକର ମୂଲ୍ୟରେ ୨୦୦ ପ୍ରତିଶତ ବୃଦ୍ଧି ଘଟୁଛି। ଏହାଛଡା ବଡ଼ ବଡ଼ କର୍ପୋରେଟ୍ ସଂସ୍ଥା ଉତ୍ପାଦକୁ ଭଲ ଭାବେ ପରୀକ୍ଷାନିରୀକ୍ଷା ନ କରି ବଜାରକୁ ଛାଡୁଛନ୍ତି। ଯାହାଫଳରେ ଏପରି ଘଟଣା ଘଟୁଛି। ଏଭଳି ଘଟଣା ବିଦେଶରେ ଭାରତୀୟ ଉତ୍ପାଦର ନାମକୁ ଖରାପ କରୁଛି। ଯଦି ମସଲା ସାମଗ୍ରୀରେ ଏଭଳି ଅପମିଶ୍ରଣ କରାଯାଇଥାଏ ତେବେ ଏ କ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ୟବସାୟୀ ମହାସଂଘ ଦାବି କରୁଛି।




**ନମୁନା ସଂଗ୍ରହ ପାଇଁ ସବୁ ଖାଦ୍ୟ କମିସନ୍‌ଙ୍କୁ ନିର୍ଦ୍ଦେଶ**

**ନିମ୍ନମାନର ଉତ୍ପାଦ ବିଦେଶରେ ଭାରତର ନାମ ଖରାପ କରୁଛି: ବ୍ୟବସାୟୀ ସଂଘ**

**ମସଲା ସାମଗ୍ରୀରୁ ହାନିକାରକ କୀଟନାଶକ ମିଳିଥିବା ନେଇ ଅଭିଯୋଗ**

## ମୋତୱାନୀ କନଷ୍ଟ୍ରକସନ୍‌ର ନୂଆ ରିଅଲ ଇଷ୍ଟେଟ ପ୍ରକଳ୍ପ 'ଅନତାରା'

ଭୁବନେଶ୍ୱର, ୨୨।୪ (ସମସ): ମୋତୱାନୀ କନଷ୍ଟ୍ରକସନ ପକ୍ଷରୁ ନୂଆ ରିଅଲ ଇଷ୍ଟେଟ ପ୍ରକଳ୍ପ ଅନତାରାର ଶୁଭାରମ୍ଭ ଘୋଷଣା କରାଯାଇଛି। ପ୍ରାକ୍ ବଜାର ପ୍ରବେଶରେ ଏହି ପ୍ରକଳ୍ପକୁ ଜୋରଦାର ସମର୍ଥନ ମିଳିଛି। ବଜାର ପ୍ରବେଶ ପୂର୍ବରୁ କମ୍ପାନୀକୁ ୪୦ ପ୍ରତିଶତ ବୁକିଂ ମିଳିଛି। ଅନତାରାକୁ ଗ୍ରାହକଙ୍କ ପକ୍ଷରୁ ମିଳିଥିବା ଏଭଳି ରେସପନ୍ସ ଭୁବନେଶ୍ୱରକୁ ଏକ ପ୍ରମୁଖ ରିଅଲ ଇଷ୍ଟେଟ ହବ୍ ଭାବେ ଉଭା ହେଉଥିବା ପ୍ରମାଣିତ କରୁଛି। ଏ ସମ୍ପର୍କରେ ମୋଟୱାନୀ କନଷ୍ଟ୍ରକସନର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ମୋତୱାନୀ କହିଛନ୍ତି ଯେ, ଝାରପଡ଼ାରେ ପ୍ରତିଷ୍ଠା ହେବାକୁ ଯାଉଥିବା ଏହି ପ୍ରକଳ୍ପରେ ସମସ୍ତ ପ୍ରକାର ବିଶ୍ୱ ସ୍ତରୀୟ ସୁବିଧା ସୁଯୋଗ ରହିବ୧ ଏହି ପ୍ରକଳ୍ପ ଗ୍ରାହକଙ୍କୁ ସ୍ମାର୍ଟ ସିଟିରେ ଏକ ପ୍ରିମିୟମ୍ ଜୀବନଧାରଣ ସୁବିଧାସୁଯୋଗ ଯୋଗାଇଦେବ। ଏଥିରେ ୱିମିଂ ପୁଲ୍, ଜିମ୍, ଆମୋଦପ୍ରମୋଦ ପାଇଁ ପର୍ଯ୍ୟାପ୍ତ ସ୍ଥାନ ରହିବ। ଏହା ସହରର ପ୍ରମୁଖ ଏରିଆରେ ରହୁଥିବାରୁ ସବୁ ସ୍ଥାନକୁ ଯିବାରେ କୌଣସି ସମସ୍ୟା ରହିବନି। ହାଇଟେକ୍ ହସ୍ପିଟାଲ, ଏସ୍‌ପ୍ଲାନେଡ ମଲ୍, କଟକ-ପୁରୀ ରୋଡ୍, ଓଲଡ ଟାଉନର ବିଭିନ୍ନ ତାଲି ମନ୍ଦିର ଏବଂ ମଦର୍ସ ପବ୍ଲିକ ସ୍କୁଲ ଭଳି ଅନ୍ୟ ପ୍ରମୁଖ ସ୍ଥାନରୁ ଏଠାରୁ ସହଜ ଯାତାୟାତ କରିହେବ। ପ୍ରକଳ୍ପର ଘର ଗୁଡିକ ବିକ୍ରି ଧାରା ଜାରି ରହିବ ବୋଲି କମ୍ପାନୀ ଆଶାବାଦୀ ରହିଛି। ସେହିଭଳି ପ୍ରକଳ୍ପର ପରିବର୍ତ୍ତୀ ପର୍ଯ୍ୟାୟ ଖୁବ୍ ଶୀଘ୍ର ଆରମ୍ଭ କରାଯିବ ବୋଲି ଶ୍ରୀ ମୋତୱାନୀ କହିଛନ୍ତି।




## ଟାଟା ଷ୍ଟିଲ୍ ବିଶ୍ୱସ୍ତରୀୟ ଦୃଶ୍ୟପଟ୍ଟରେ ଦୀର୍ଘସ୍ଥାୟୀତ୍ୱର ଏକ ଉଦାହରଣ

ଭୁବନେଶ୍ୱର,୨୨।୪ (ସମସ): ପରିବର୍ତ୍ତନର ଜରୁରୀ ଆବଶ୍ୟକତାକୁ ପରିଲକ୍ଷିତ କରି ଟାଟା ଷ୍ଟିଲ୍ ବିଶ୍ୱସ୍ତରୀୟ ଦୃଶ୍ୟପଟ୍ଟରେ ଦୀର୍ଘସ୍ଥାୟୀତ୍ୱର ଏକ ଉଦାହରଣ ଭାବେ ନିଜକୁ ଉପସ୍ଥାପିତ କରିଛି। କମ୍ପାନୀ ଏହାର ପରିବେଶ ପ୍ରଦୁଷଣର ହାରକୁ ହ୍ରାସ କରିବା ଭଳି ଦାୟିତ୍ୱପୂର୍ଣ୍ଣ ଅଭ୍ୟାସ ପ୍ରତି ପ୍ରତିବଦ୍ଧତା ସହ ଏକ ସବୁଜ ଭବିଷ୍ୟତ ପାଇଁ ନିରନ୍ତର ଅଗ୍ରଗତି କରୁଛି। ଟାଟା ଷ୍ଟିଲ୍ କାର୍ବନ ନିର୍ଗମନକୁ କମ୍ କରିବା ଦିଗରେ ଅନବରତ ପ୍ରୟାସ ଜାରି ରଖିଛି। ଟାଟା ଗ୍ରୁପ ୨୦୪୫ ସୁଦ୍ଧା ଶୂନ୍ୟ କାର୍ବନ ନିର୍ଗମନ ହାସଲ କରିବାର ମହତ୍ୱପୂର୍ଣ୍ଣ ଲକ୍ଷ୍ୟ ସହିତ ପ୍ରକଳ୍ପ "ଆଲିଙ୍ଗନ" ମାଧ୍ୟମରେ ସମାନ୍ତରାଳ ଭାବରେ ଉଦ୍ୟମରତ। ଚକ୍ରୀୟ ଅର୍ଥନୀତି ପଦ୍ଧତିକୁ ଗ୍ରହଣ କରି କମ୍ପାନୀ କେବଳ ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରୁନାହିଁ ବରଂ ଉତ୍ସ ବ୍ୟବହାର ଓ ବର୍ଜ୍ୟବସ୍ତୁ ହ୍ରାସ ଉପରେ ମଧ୍ୟ ଧ୍ୟାନ ଦେଉଛି। ଲୁଧିଆନାରେ ଇଲେକ୍ଟ୍ରିକ୍ ଆର୍କ ଫେଣ୍ଡର୍ସ (ଇଏଏଫ୍) ଆଧାରିତ ଷ୍ଟିଲ୍ ପ୍ଲାଣ୍ଟକୁ ସର୍ବନିମ୍ନ ଅଙ୍ଗାରକାମ୍ଳ ନିର୍ଗମନ ଯୁକ୍ତ ସହ ବ୍ଲାଷ୍ଟ ଫର୍ଣ୍ଣେସରେ ହାଇଡ୍ରୋଜେନ୍ ପ୍ରୟୋଗ ପରୀକ୍ଷଣ କରି, ଟାଟା ଷ୍ଟିଲ୍ ଇସ୍ପାତ ତିଆରିରେ ଦୀର୍ଘସ୍ଥାୟୀ ପ୍ରକ୍ରିୟାର ନେତୃତ୍ୱ ନେଉଛି। ନିକଟରେ ଜାମସେଦପୁରରେ ସବୁଜ ଇସ୍ପାତ ପ୍ରସ୍ତୁତି ପରୀକ୍ଷଣ ହୋଇଥିଲା, ଯେଉଁଠାରେ ହାଇଡ୍ରୋଜେନ୍ ଗ୍ୟାସ୍ ଏକ ବ୍ଲାଷ୍ଟ ଫର୍ଣ୍ଣେସରେ ବ୍ୟବହାର କରାଯାଇଥିଲା।

## ମହଙ୍ଗା ହେବ ଜୋମାଟୋ ଖାଦ୍ୟ

ନୂଆଦିଲ୍ଲୀ,୨୨।୪(ଏଜେନ୍ସି): ଅନଲାଇନ ଫୁଡ୍ ଡେଲିଭରି ପ୍ଲାଟଫର୍ମ ଜୋମାଟୋ ପୁଣିଥରେ ଏହାର ପ୍ଲାଟଫର୍ମ ଫି' ବୃଦ୍ଧି କରିଛି। ଜୋମାଟୋ ଏହାର ଶୁଳ୍କକୁ ୨୫ ପ୍ରତିଶତ ବୃଦ୍ଧି କରି ଅର୍ଡର ପିଛା ୫ ଟଙ୍କା ବଢ଼ାଇ ଦେଇଛି। ଏହା ବ୍ୟତୀତ କମ୍ପାନୀ ଏହାର ଇଣ୍ଟରସିଟି ଲିଜେଣ୍ଡସ୍ ସେବାକୁ ମଧ୍ୟ ବନ୍ଦ କରିଦେଇଛି। ମାର୍ଚ୍ଚ ତ୍ରୈ ମାସିକ ଫଳାଫଳ ଘୋଷଣା ହେବା ପୂର୍ବରୁ ଜୋମାଟୋ ଏହି ନିଷ୍ପତ୍ତି ନେଇଛି।

**ପ୍ଲାଟଫର୍ମ ଫି' ବଢ଼ାଇଲା କମ୍ପାନୀ**

**ପ୍ରତି ଅର୍ଡର ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ**

ଶେଥେର ପାଇଁ ୨୦୨୩ ଅଗଷ୍ଟରେ ଜୋମାଟୋ ନିଜ ପ୍ଲାଟଫର୍ମ ଫି' ୨ ରୁ ଆରମ୍ଭ କରିଥିଲା। ଏହାର ଲାଭ ବଢ଼ାଇବା ପାଇଁ କମ୍ପାନୀ ଏପରି ନିଷ୍ପତ୍ତି ନେଇଛି। ଏହା ପରେ କମ୍ପାନୀ ପ୍ଲାଟଫର୍ମ ଫି' ୩ ଟଙ୍କାକୁ ବୃଦ୍ଧି କରିଥିଲା ଏବଂ ଜାନୁଆରୀ ପହିଲାରେ ଏହାକୁ ୪ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଜୋମାଟୋ ମଧ୍ୟ ଡିସେମ୍ବର ୩୧ରେ ଅସ୍ଥାୟୀ ଭାବରେ ଫି ୯ ଟଙ୍କା କରିଥିଲେ। ବର୍ତ୍ତମାନ ଆପଣଙ୍କୁ ପ୍ରତ୍ୟେକ ଅର୍ଡରରେ ୫ ଟଙ୍କା ଦେବାକୁ ପଡିବ। ଜାନୁଆରୀରେ ଫି' ବୃଦ୍ଧି ପରେ ଜୋମାଟୋ ସେୟାର ମୂଲ୍ୟରେ ବୃଦ୍ଧି ପାଇଛି। ବିଶେଷଜ୍ଞମାନଙ୍କ ମତରେ, ପ୍ଲାଟଫର୍ମ ଫି ବୃଦ୍ଧି ହେତୁ ବିତରଣ ଶୁଳ୍କରେ ଜିଏସ୍ଟି ମଧ୍ୟ ବୃଦ୍ଧି ପାଇବ। ଏଠାରେ ସୂଚନାଯୋଗ୍ୟ ଯେ, ଜୋମାଟୋ ପ୍ରତିବର୍ଷ ପ୍ରାୟ ୮୫ ରୁ ୯୦ କୋଟି ଅର୍ଡର ଡେଲୀଭରୀ କରିଥାଏ। ଏକ ଟଙ୍କା ଫିସ୍ ବୃଦ୍ଧି କରି କମ୍ପାନୀ ଅତିରିକ୍ତ ୮୫ ରୁ ୯୦ କୋଟି ଟଙ୍କା ପାଇବ। ଏହାବ୍ୟତୀତ କମ୍ପାନୀର ଏବିଟା ମଧ୍ୟ ପ୍ରାୟ ୫ ପ୍ରତିଶତ ବୃଦ୍ଧି ପାଇବ। ଅବଶ୍ୟ ବର୍ଦ୍ଧିତ ଶୁଳ୍କ ବର୍ତ୍ତମାନ କେତେକ ସହରରେ ଲାଗୁ କରାଯାଇଛି। ଅନ୍ୟ ଏକ ନିଷ୍ପତ୍ତିରେ କମ୍ପାନୀ ଏହାର ଇଣ୍ଟରସିଟି ଲିଜେଣ୍ଡସ୍ ସେବା ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏହା ଅଧୀନରେ କମ୍ପାନୀ ବଡ ସହରର ଟପ୍ ରେସ୍ତୋରାଁରୁ ଅନ୍ୟ ସହରକୁ ଖାଦ୍ୟ ଯୋଗାଉଥିଲା। ଜୋମାଟୋ ଆପ୍ରେ ଆଉ ଲିଜେଣ୍ଡସ୍ ଟ୍ୟାବ କାମ କରୁନାହିଁ।




### ଖୁବ୍ ଜୋରରେ ବଢୁଛି ଏସି, ଫ୍ରିଜ୍ ବିକ୍ରି

# ଛୋଟ ସହରରେ ହେଉଛି ଅଧିକ କାରବାର

ନୂଆଦିଲ୍ଲୀ,୨୨।୪(ଏଜେନ୍ସି): ଦେଶରେ ସମ୍ପ୍ରତି ଗ୍ରୀଷ୍ମ ତାତି ବଢ଼ିବାରେ ଲଗିଛି। ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ବିଶେଷଜ୍ଞମାନଙ୍କର କହିବାନୁଯାୟୀ, ଚଳିତଥର ୧୬ ବର୍ଷର ତାତି ରେକର୍ଡ ଭାଙ୍ଗିବ। ପ୍ରବଳ ଖରା ଯୋଗୁ ଯୋଗୁ ଏସି, ଫ୍ରିଜ୍ ଏବଂ ଆଇସକ୍ରିମ୍ର ବିକ୍ରି ଯଥେଷ୍ଟ ବୃଦ୍ଧି ପାଇଛି। ଚାହିଦା ବୃଢ଼ିବା ସହିତ ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ଖରମ ବଢ଼ିବାକୁ ଥିବାରୁ ଏ ବର୍ଷ କମ୍ପାନୀଗୁଡିକ ବହୁତ ବିକ୍ରି ଆଶା କରୁଛନ୍ତି। ବର୍ତ୍ତମାନ ମଧ୍ୟବିତ୍ତ ପରିବାରଗୁଡିକରେ ମଧ ଲୋକମାନେ ବହୁ ପରିମାଣରେ ଏସି କିଣିବା ଆରମ୍ଭ କରିଛନ୍ତି। ବଜାରରେ କୁଲରର ଚାହିଦା ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ଏହାଛଡା ରେଫ୍ରିଜରେଟର ମଧ୍ୟ ପ୍ରଚୁର ପରିମାଣରେ ବିକ୍ରି ହେଉଥିବା ଗୋଦ୍ରେଜ୍ ଆପ୍ଲାଏନ୍ସର ବ୍ୟବସାୟ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ କମଲ ନନ୍ଦୀ କହିଛନ୍ତି।

ତାଙ୍କ ମତରେ ଚଳିତବର୍ଷ ଶିଳ୍ପ ପାଇଁ ଏହା ସର୍ବୋତ୍ତମ ଗ୍ରୀଷ୍ମ ଋତୁ ରହିବ।

ବିଜୟ ସେଲ୍ସର ନିର୍ଦ୍ଦେଶକ ନୀଲେଶ ଗୁପ୍ତା କହିଛନ୍ତି ଯେ ଗତ ୧୦-୧୫ ବର୍ଷ ମଧ୍ୟରେ ଚଳିତ ବର୍ଷ ଅଧିକ ଗରମ ଅନୁଭୂତ ହେବ। କାରଣ ଗତ ବର୍ଷ ତୁଳନାରେ ଚଳିତଥର ବିକ୍ରିରେ ୩୦ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ପଞ୍ଜିକରଣ ହେବା ନେଇ ଆଶା କରାଯାଉଛି। ଶିଳ୍ପ ସୂତ୍ରରୁ ପ୍ରକାଶ ଯେ ଏସି ବଜାର ଗତ ବର୍ଷ ତଳନାରେ ଏ ବର୍ଷ ୧୫ ପ୍ରତିଶତ ଅଭିବୃଦ୍ଧି କରିଥିବାବେଳେ ରେଫ୍ରିଜରେଟର ବିକ୍ରି ପ୍ରାୟ ପୂର୍ବ ବର୍ଷ ଭଳି ସ୍ଥିର ରହିଛି।

ଏଥର ଖରାକୁ ଦେଖି ଅନେକ ଆଇସକ୍ରିମ ଏବଂ ମୃଦୁ ପାନୀୟ କମ୍ପାନୀ ମଧ୍ୟ ବିକ୍ରିରେ ୨୦-୩୦ ପ୍ରତିଶତ ବୃଦ୍ଧି ଆଶା କରୁଛନ୍ତି। ଗ୍ରୀଷ୍ମର ଉତ୍ତାପକୁ ଦୃଷ୍ଟିରେ ରଖି ଆଇସକ୍ରିମ୍ ନିର୍ମାତା ବାସ୍କିନ୍ ରବିନ୍ସ ଚଳିତ ସିଜନରେ ପୂର୍ବ ବର୍ଷ ତୁଳନାରେ ପ୍ରାୟ ୨୦ ପ୍ରତିଶତ ଅଭିବୃଦ୍ଧି ଆଶା କରୁଛି। ସାରା ଦେଶରେ ଯେଉଁଭଳି ଭାବେ ଗ୍ରୀଷ୍ମ ପ୍ରବାହ ବଢୁଛି ତାହାକୁ ବିଚାରକୁ ନେଇ ସମସ୍ତଙ୍କ ପାଇଁ ଏକ ରେଫ୍ରିଜରେଟର କିମ୍ବା ଏସି ବର୍ତ୍ତମାନ ଏକ ଜରୁରୀ ଆବଶ୍ୟକତା ପାଲଟିଛି।

ଉଦାହରଣ ସ୍ୱରୂପ, ୯୦ ପ୍ରତିଶତ ଗ୍ରାହକ ପ୍ରଥମ ଥର ପାଇଁ ଏସି କିଣୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତ ଛୋଟ ସହରରୁ ଆସିଛନ୍ତି। ହାୟର୍ ଆପ୍ଲାଏନ୍ସ ଇଣ୍ଡିଆ କରିଥିବା ଆକଳନ ଅନୁଯାୟୀ, ଏସି ବିକ୍ରିରେ ୩୫ରୁ ୪୦ ପ୍ରତିଶତ ଅଭିବୃଦ୍ଧି ଏବଂ ଏ ବର୍ଷରେ ରେଫ୍ରିଜରେଟର ବିକ୍ରିରେ ୩୦ ପ୍ରତିଶତ ଅଭିବୃଦ୍ଧି ଘଟିବାକୁ ଯାଉଛି। ସେହିପରି ଗୋଦ୍ରେଜ୍ ଆପ୍ଲାଏନ୍ସର କହିବାନୁଯାୟୀ, ରେଫ୍ରିଜରେଟର ବର୍ଗରେ ୩୦ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ଘଟିଛି। ସେହିପରି ଏସି ବିକ୍ରିରେ ୬୦ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିବା ଆଶା କରାଯାଉଛି।




**ଚଳିତବର୍ଷ ଏସି ବିକ୍ରି ୪୦% ବଢ଼ିବ**

**ଆଇସ୍‌କ୍ରିମ୍, ମୃଦୁ ପାନୀୟରେ ୩୦% ବିକ୍ରି ଆଶା**

## ଟିପିସିଓଡିଏଲ୍ 'ଦକ୍ଷ' କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ି ସଶକ୍ତ



ଭୁବନେଶ୍ୱର, ୨୨।୪ (ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍, ଏହାର ନୂତନ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ପଦକ୍ଷେପ ଅନ୍ତର୍ଗତ 'ଦକ୍ଷ' କାର୍ଯ୍ୟକ୍ରମ ମାଧ୍ୟମରେ ଓଡିଶାର ଯୁବକମାନଙ୍କ ମଧ୍ୟରେ ଦକ୍ଷତା ବିକାଶ ଦିଗରେ କାର୍ଯ୍ୟ କରୁଛି। ବର୍ତ୍ତମାନର ପରିସ୍ଥିତି ଓ ଚାହିଦାକୁ ଭିତ୍ତି କରି ବିଭିନ୍ନ କୌଶଳ ତାଲିମ ମାଧ୍ୟମରେ ଗ୍ରାମୀଣ ଯୁବକମାନଙ୍କୁ ସଶକ୍ତ କରିବାକୁ ଏହି 'ଦକ୍ଷ' କାର୍ଯ୍ୟକ୍ରମ ଲକ୍ଷ୍ୟ ରଖିଛି। ୧୨୦ ଜଣ ଶିକ୍ଷାର୍ଥୀକୁ ନେଇ ପ୍ରଥମ ବ୍ୟାଚର ଉଦ୍ଘାଟନୀ ସମାରୋହ ବିଜୁ ପଟ୍ଟନାୟକ ଇନଷ୍ଟିଚ୍ୟୁଟ୍ ଫର୍ ଟ୍ରେନିଂ ଅଫ୍ ଟ୍ରେନର, ତାଳଚେର (ଅନୁଗୁଳ) ର ଦକ୍ଷ ସ୍କିଲ୍ ଡେଭଲପମେଣ୍ଟ ଆଣ୍ଡ ଏଣ୍ଟରପ୍ରାଇଜରସିପ୍ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଟିପିସିଓଡ଼ିଏଲ୍ ର ସିଏସ୍‌ଆର୍ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଚିହ୍ନିତ କରିବା ସହ ଓଡିଶାର ଯୁବକମାନଙ୍କ ପାଇଁ କୌଶଳ ବିକାଶ ମାଧ୍ୟମରେ ଏକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି 'ଦକ୍ଷ' କାର୍ଯ୍ୟକ୍ରମ ମାଧରେ ଫେସିଲିଟି ମ୍ୟାନେଜମେଣ୍ଟ ଓ ପ୍ଲମ୍ବିଂ ଆସିଷ୍ଟାଣ୍ଟ ଭଳି ବିଷୟରେ ତାଲିମ ଉପଲବ୍ଧ କରାଯାଇଛି। ଆଜିର ପ୍ରତିଯୋଗିତାମୂଳକ ଦୃଶ୍ୟପଟ୍ଟରେ ସଫଳ ହେବା ପାଇଁ ଯୁବପୀଢ଼ିଙ୍କୁ ଦକ୍ଷତା ଏବଂ କୌଶଳ ସହିତ ସଶକ୍ତ କରିବାକୁ ଆମେ ଟିପିସିଓଡ଼ିଏଲ୍ ମାଧ୍ୟମରେ ଗୁରୁତ୍ୱ ପ୍ରଦାନ କରୁଛୁ। 'ଦକ୍ଷ' କାର୍ଯ୍ୟକ୍ରମ ଏହାର ଏକ ଜ୍ୱଳନ୍ତ ଉଦାହରଣ ବୋଲି ଟିପିସିଓଡ଼ିଏଲର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି।

**୨୦୨୪ ଲୋକସଭା ନିର୍ବାଚନ: ସ୍ଥିତି ଓ ସମ୍ଭାବନା**

**ମୋଟ ଆସନ ସଂଖ୍ୟା ୨୬**

# 'ଇଣ୍ଡି' ମେଣ୍ଟ ପାଇଁ ବଡ଼ ଆହ୍ୱାନ

୨୦୨୪ ଲୋକସଭା ନିର୍ବାଚନ ପାଇଁ ଅନ୍ୟତମ ପଶ୍ଚିମ ପ୍ରଦେଶ ଭାବେ ଗୁଜରାଟ ସବୁ ଦଳଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ। ୨୬ ଲୋକସଭା ଆସନ ବିଶିଷ୍ଟ ଗୁଜରାଟରେ ବିଜେପି ବିଗତ ଦିନରେ ପ୍ରଭାବ ବିସ୍ତାର କରିଆସିଥିଲା ବେଳେ ଉଭୟ ବିଧାନସଭା ଏବଂ ଲୋକସଭା ନିର୍ବାଚନରେ ଦଳର ପ୍ରଦର୍ଶନ ପ୍ରଭାବୀ ରହିଛି। ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ଏହା ରାଜ୍ୟ ହୋଇଥିବାରୁ ବିଜେପି ପାଇଁ ମଧ୍ୟ ଏହି ରାଜ୍ୟର ଫଳାଫଳ ସବୁଠୁ ମହତ୍ତ୍ୱପୂର୍ଣ୍ଣ। ୨୦୧୪ ଏବଂ ୨୦୧୯ ଲୋକସଭା ନିର୍ବାଚନରେ ଦଳ ଏକତରଫା ଭାବେ ବିଜୟ ହାସଲ କରିଥିଲା ବେଳେ ୨୦୨୨ ବିଧାନସଭା ନିର୍ବାଚନରେ ୧୮୨ ଆସନ ମଧ୍ୟରୁ ବିଜେପି ୧୫୬ ଆସନରେ ବିଜୟୀ ହୋଇ ଏହାର ପ୍ରଭାବ ବଜାୟ ରଖିଛି। ତେଣୁ ଏହି ନିର୍ବାଚନରେ ମଧ୍ୟ ବିଜେପି ଅନ୍ୟ ବିରୋଧୀ ଦଳଙ୍କୁ ପରାସ୍ତ କରି ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରିବାକୁ ନିଶ୍ଚିତ କରିଛି।

ରାଜ୍ୟ ବିଜେପି ସଭାପତି ଏବଂ ନଗସାରୀ ସାଂସଦ ସି ଆର ପଟିଲଙ୍କ ନେତୃତ୍ୱରେ ଦଳ ପକ୍ଷରୁ ନୂଆ ରଣନୀତି ପ୍ରସ୍ତୁତ କରାଯାଇ ଦୁଇ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏବଂ ଆପ୍‌କୁ ଚକମା ଦେବାକୁ ଯୋଜନା ପ୍ରସ୍ତୁତ କରାଯାଇଛି। ଏହାସତ୍ତ୍ୱେ ବିଜେପି ପାଇଁ ବିରୋଧୀ ଦଳଙ୍କ ପକ୍ଷରୁ କଡ଼ା ଆହ୍ୱାନ ରହିଛି। ମୋଦୀଙ୍କ କରିସ୍ମା ସତ୍ତ୍ୱେ ଏଠାରେ ସ୍ଥାନୀୟ ନେତାଙ୍କ ମଧ୍ୟରେ ରହିଥିବା ଦୁର୍ବଳତା ଆପ୍ ଏବଂ କଂଗ୍ରେସ ଭଳି ଦଳକୁ କିଛି ଲୋକସଭା କ୍ଷେତ୍ରରେ ଅସୁବିଧାରେ ପକାଇପାରେ ବୋଲି କୁହାଯାଉଛି। ଗତ ବିଧାନସଭା ନିର୍ବାଚନରେ ଆମ ଆଦମୀ ପାର୍ଟି କିଛି ଆସନରେ ଅପ୍ରତ୍ୟାଶିତ ବିଜୟ ହାସଲ କରିବା ପରେ ଚଳିତ ଲୋକସଭାରେ ଆହୁରି ଭଲ ପ୍ରଦର୍ଶନ କରିବାକୁ ଅଣ୍ଟା ଭିଡିଛି। ଅନ୍ୟପକ୍ଷରେ କଂଗ୍ରେସ ଆପ୍ ସହ ମିଳିତ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ କେତେକ ନିର୍ଦ୍ଦିଷ୍ଟ ଆସନରେ ବିଜେପି ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି କୁହାଯାଉଛି। ବିଶେଷକରି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ ନ୍ୟାୟ ଯାତ୍ରାକୁ ନେଇ ଗୁଜରାଟର କିଛି ଆ ଦି ବା । ସ ।






**ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଦଳ: ବିଜେପି, କଂଗ୍ରେସ, ଆପ୍**

ଅଞ୍ଚଳରେ ଭୋଟରମାନଙ୍କ ଉପରେ ପ୍ରଭାବ ପଡ଼ିପାରେ ବୋଲି କୁହାଯାଉଛି। ଏହାବ୍ୟତୀତ ନିକଟରେ କଂଗ୍ରେସ ଛାଡି ବିଜେପିରେ ସାମିଲ ହୋଇଥିବା କିଛି ପ୍ରମୁଖ ନେତାଙ୍କୁ ବିଜେପିରେ ଏବେ ଗୁରୁତ୍ୱ ଦିଆଯାଉଥିବାରୁ ଏହା ଦଳୀୟ କର୍ମକର୍ତ୍ତାଙ୍କ ପାଇଁ ଅସନ୍ତୋଷର କାରଣ ହୋଇଛି। କଂଗ୍ରେସ ଗତ ବିଧାନସଭା ନିର୍ବାଚନରେ ୧୮୨ଟି ଆସନ ମଧ୍ୟରୁ ମାତ୍ର ୧୭ଟି ଆସନରେ ବିଜୟୀ ହୋଇଥିଲା ଏହାପରେ ରାଜ୍ୟରେ ଦଳୀୟ କର୍ମକର୍ତ୍ତାଙ୍କ ସାଂଗଠନିକ ଦକ୍ଷତା ବୃଦ୍ଧି ସହିତ ଆଦିବାସୀ ଏବଂ ଭିନ୍ନ ସଂପ୍ରଦାୟ ଭିତ୍ତିରେ ନୂଆ ରଣନୀତି ସହିତ କାର୍ଯ୍ୟ କରି ଦଳକୁ ଆହୁରି ସଶକ୍ତ କରିବାକୁ ଦଳ ଗୁରୁତ୍ୱ ଦେଇଥିଲା। ସେହିପରି ରାହୁଲଙ୍କ ଭାରତ ଯୋଡୋ ଯାତ୍ରାକୁ ନେଇ ମଧ୍ୟ ଦଳୀୟ ନେତା ବେଶ ଉତ୍ସାହିତ ରହିଥିଲେ। କିନ୍ତୁ ଅର୍ଜୁନ ମୋଧୱାଡିଆ ଏବଂ ନାରଣ ରଠୱାଙ୍କ ଭଳି କିଛି ବରିଷ୍ଠ ନେତା କଂଗ୍ରେସ ଛାଡି ବିଜେପିରେ ଯୋଗ ଦେବା ପରେ ଦଳୀୟ ନେତାଙ୍କ ମନୋବଳ ନିଶ୍ଚିତ ଭାବେ ହ୍ରାସ ପାଇଛି। ଯାହାକି ଦଳୀୟ ସ୍ଥିତିକୁ ଆହୁରି ଦୁର୍ବଳ କରିଛି। ତେବେ କଂଗ୍ରେସ ଏବଂ ଆପ୍‌ର ମିଳିତ ଲଢେଇ ରାଜ୍ୟର ପୂର୍ବ ଏବଂ ଉତ୍ତର ଭାଗର କିଛି ନିର୍ଦ୍ଦିଷ୍ଟ ଆସନରେ ବିଜେପି ବିରୋଧରେ ଭୋଟରଙ୍କୁ ପ୍ରଭାବିତ କରିବାର ସମ୍ଭାବନା ରହିଛି ବୋଲି ରାଜନୀତିକ ବିଶାରଦମାନେ ଆକଳନ କରିଛନ୍ତି। ଗୁଜରାଟରେ ପୂର୍ବରୁ କୌଣସି ପ୍ରଭାବ ନ ରଖି ଗତ ବିଧାନସଭାରେ ଆପ୍ ଦୁଇଟି ବିଧାନସଭା ଆସନରେ ବିଜୟୀ ହେବା ଦଳକୁ ଉତ୍ସାହିତ କରିଥିଲା ବେଳେ ରାଜ୍ୟରେ ଦଳୀୟ ପ୍ରଭାବ ବଢିଛି। ତେଣୁ ଲୋକସଭା ନିର୍ବାଚନକୁ ନେଇ ଆପ୍ ଆହୁରି ଉତ୍ସାହିତ ରହିବା ସହିତ ନିଶ୍ଚିତ ସଫଳତା ପାଇଁ ଆଶାବାଦୀ ରହିଛି। ବିଶେଷକରି ଭାରୁଚ ଏବଂ ଭାବନଗର ଭଳି ଦୁଇଟି ଆସନ ହାତେଇବାକୁ ଇଣ୍ଡିଆ ମେଣ୍ଟ ଲକ୍ଷ୍ୟ ରଖିଛି। ଗୁଜରାଟରେ ମୁସଲମାନ ସଂପ୍ରଦାୟର ଭୋଟ ମଧ୍ୟ ଉଭୟ ଶାସକ ଏବଂ ବିରୋଧୀ ମେଣ୍ଟ ପାଇଁ ନିର୍ଣ୍ଣାୟକ ହୋଇଆସିଛି। ତେବେ ଯେଉଁସବୁ ମୁସଲମାନ ବହୁଳ ଆସନ ଉପରେ ଇଣ୍ଡିଆ ମେଣ୍ଟ ଗୁରୁତ୍ୱ ଦେଇ ପ୍ରତିଦ୍ୱନ୍ଦ୍ୱିତା କରୁଛି ସେଠାରେ ବିଜେପିକୁ କଡ଼ା ଟକ୍କରର ସାମ୍ନା କରିବାକୁ ପଡ଼ିବ ବୋଲି କୁହାଯାଉଛି। ଚଳିତ ନିର୍ବାଚନରେ ମୋଦୀଙ୍କ ହାୱାକୁ ନେଇ ବିଜେପି ଗୁଜରାଟରେ ଉତ୍ସାହିତ ରହିଛି ସତ ; କିନ୍ତୁ ମୁସଲମାନ ଏବଂ ଆଦିବାସୀ ଭୋଟକୁ ନେଇ କଂଗ୍ରେସ ଓ ଆପ୍ ମିଳିତ ଭାବେ କିଛି ଲୋକସଭା ଆସନରେ ସଫଳ ହେବାକୁ ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇପାରିବନି ବୋଲି ରାଜନୈତିକ ବିଶାରଦମାନେ ଆକଳନ କରୁଛନ୍ତି। ଗୁଜରାଟରେ ଗୋଟିଏ ପର୍ଯ୍ୟାୟରେ ଆସନ୍ତା ମାସ ୭ ତାରିଖରେ ମତଦାନ ହେବ ଏବଂ ଜୁନ୍ ୪ ତାରିଖରେ ଫଳାଫଳ ପ୍ରକାଶ ପାଇବାକୁ ରହିଛି। ତେବେ ମତଦାନ ପରେ ହିଁ ଗୁଜରାଟର ସ୍ଥିତି କିଭଳି ରହିବ ତାହା ଏକପ୍ରକାର ନିଶ୍ଚିତ ହୋଇଯିବ ବୋଲି ଆକଳନ କରାଯାଉଛି।

**୨୦୧୯ ନିର୍ବାଚନ ସ୍ଥିତି**

| ଦଳ | ଆସନ ସଂଖ୍ୟା | ଭୋଟ |
|---|---|---|
| ବିଜେପି | ୨୬ | ୬୩.୧% |
| କଂଗ୍ରେସ | ୦ | ୩୨.୬% |

**■ ଆମୀର ଓ ରଣବୀରଙ୍କ ଡିପ୍ ଫେକ୍ ଭିଡିଓ**

# ନିର୍ବାଚନରେ 'ଏଆଇ'ର ଦୁରୁପଯୋଗ ଆଶଙ୍କା




ଅନଲାଇନରେ ଗତ ସପ୍ତାହରେ ଭାଇରଲ ହୋଇଥିବା ଫେକ୍ ଭିଡିଓରେ ଭାରତର ଦୁଇ ବଡ଼ ଅଭିନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମାଲୋଚନା କରି ଚଳିତ ଲୋକସଭା ନିର୍ବାଚନରେ କଂଗ୍ରେସକୁ ଭୋଟ ଦେବା ପାଇଁ ଲୋକଙ୍କୁ କହୁଥିବା ଦେଖିବାକୁ ମିଳିଛି। ୩୦ ସେକେଣ୍ଡର ଏକ ଭିଡିଓରେ ଅଭିନେତା ଆମୀର ଖାନ୍ ଓ ୪୧ ସେକେଣ୍ଡର ଏକ ଭିଡିଓରେ ଅଭିନେତା ରଣବୀର ସିଂହ କହୁଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ଓ ଅର୍ଥନୀତିକୁ ଅଗ୍ରଗାମୀ କରାଇବାରେ ବିଫଳ ହୋଇଛନ୍ତି। ଉଭୟ ଭିଡିଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ ଜେନେରେଟେଡ୍। କଂଗ୍ରେସର ନିର୍ବାଚନ ଚିହ୍ନ ଓ ଭୋଟ୍ ଫର୍ ଜଷ୍ଟିସ୍, ଭୋଟ୍ ଫର୍ କଂଗ୍ରେସ ସ୍ଲୋଗାନରେ ଉଭୟ ଭିଡିଓ ସରିଛି। ଉଭୟ ଭିଡିଓ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକରେ ୫ଲକ୍ଷରୁ ଅଧିକ ଥର ପ୍ରସାରିତ ହୋଇଛି। ଏଥିରୁ ଅନୁମାନ କରିହେଉଛି ଯେ ଏଆଇ ଜେନେରେଟେଡ୍ ଫେକ୍ ଭିଡିଓ ଲୋକସଭା ନିର୍ବାଚନକୁ ଭୀତିପ୍ରଦ ଭାବେ ପ୍ରଭାବିତ କରିବାକୁ ସକ୍ଷମ। ନିର୍ବାଚନକୁ ପ୍ରଭାବିତ କରିବା ଲକ୍ଷ୍ୟରେ ଏଆଇ ଜେନେରେଟେଡ୍ ଫେକ୍ ଭିଡିଓ'ର ବ୍ୟବହାର ଆମେରିକା, ପାକିସ୍ତାନ ଓ ଇଣ୍ଡୋନେସିଆରେ ପୂର୍ବରୁ ହୋଇଛି। ଭାରତରେ ଘର ଘର ବୁଲି, ଶୋଭାଯାତ୍ରା ଓ ର୍‍ୟାଲି କରାଯାଇ ନିର୍ବାଚନ ପ୍ରଚାର ହେଉଥିଲା। ୨୦୧୯ ଲୋକସଭା ନିର୍ବାଚନରେ ହ୍ୱାଟସଆପ୍ ଓ ଫେସବୁକକୁ ନିର୍ବାଚନ ପ୍ରଚାର ଟୁଲ୍ସ ଭାବେ ବ୍ୟବହାର କରାଗଲା। ୨୦୨୪ ଲୋକସଭା ନିର୍ବାଚନରେ ଏଆଇ'ର ବ୍ୟବହାର ହେଉଛି। ଜଣେ କଂଗ୍ରେସ ମୁଖପାତ୍ର ସୁଜାତା ପଲ ଗତ ୧୭ ତାରିଖରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ (ପୂର୍ବର ଟ୍ୱିଟର) ରେ ତାଙ୍କର ୧୬୦୦୦ ଫଲୋଅରଙ୍କୁ ଅଭିନେତା ରଣବୀରଙ୍କ ଫେକ୍ ଭିଡିଓ ସେୟାର କରିଥିଲେ। ଗତ ଶନିବାର ଅପରାହ୍ନ ସୁଦ୍ଧା ତାଙ୍କ ଭିଡିଓ ୨୯୦୦ ଥର ରିସେୟାର ହୋଇଥିଲା। ଭିଡିଓକୁ ୮୭୦୦ ଲାଇକ୍ ଓ ୪ଲକ୍ଷ ୩୮ ହଜାର ଭିୟୁ ମିଳିଥିଲା। ସୁଜାତା ମାନିଛନ୍ତି ଯେ ଏକ୍ସ ଉକ୍ତ ଭିଡିଓକୁ ମାନିପୁଲେଟେଡ୍ ମିଡିଆ ଭାବେ ଚିହ୍ନଟ କରିଛି। ଗତକାଲି (ରବିବାର) ସେହି ଭିଡିଓ ଏକ୍ସ'ରୁ ହଟାଯାଇଛି। କଂଗ୍ରେସର ସୋସିଆଲ ମିଡିଆ ସେଲ'ର ମୁଖ୍ୟଙ୍କୁ ଏ ସମ୍ପର୍କରେ ପଚରାଯାଇଥିଲା କିନ୍ତୁ ସେ ଏ ସମ୍ପର୍କିତ ପ୍ରଶ୍ନକୁ ଏଡାଇଯାଇଛନ୍ତି। ଉଭୟ ଆମୀର ଖାନ୍ ଓ ରଣବୀର ସିଂହ କହିସାରିଛନ୍ତି ଯେ ଭିଡିଓ ଫେକ୍। ଫେସବୁକ୍, ଏକ୍ସ, ରଏଟର୍ସ, ଓ ଅନ୍ୟ ୮ ଟି ଫ୍ୟାକ୍ଟ ଚେକିଂ ୱେବସାଇଟ୍ ମଧ୍ୟ ଭିଡିଓ ଦୁଇଟି ଫେକ୍ ବୋଲି ସ୍ପଷ୍ଟ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦପ୍ତର କି ବିଜେପି ଆଇଟି ମୁଖ୍ୟ ଏନେଇ କୌଣସି ମନ୍ତବ୍ୟ ଦେଇନାହାନ୍ତି। ଆମୀର ଖାନ୍ ଏନେଇ ପୁଲିସରେ ଅଭିଯୋଗ କରିଛନ୍ତି। ଏଥର ନିର୍ବାଚନରେ କଂଗ୍ରେସ, ସିପିଏମ ଆଦି ଦଳ ଏଆଇ ଜେନେରେଟେଡ୍ ଭିଡିଓ ଓ ଅଡିଓ ବ୍ୟବହାର କରୁଛନ୍ତି।

# ଲୋକସଭା ନିର୍ବାଚନରେ ଓୱେସୀଙ୍କ ପ୍ରଭାବ



ଚଳିତ ଲୋକସଭା ନିର୍ବାଚନରେ ଉତ୍ତର ଭାରତରେ ବିଶେଷକରି ଉତ୍ତରପ୍ରଦେଶ ଓ ବିହାରରେ ମୁସଲିମ୍ ଭୋଟ୍ କେଉଁ ପଟକୁ ଯିବ, ଅଲ ଇଣ୍ଡିଆ ମଜଲିସ-ଇ- ଇତ୍ତେହାଦୁଲ ମୁସଲିମିନ୍ (ଏଆଇଏମଆଇଏମ୍) ଅଧ୍ୟକ୍ଷ ଅସାଦୁଦ୍ଦିନ୍ ଓୱେସି କ'ଣ ମୁସଲିମଙ୍କ ସ୍ୱର ହୋଇପାରିବେ –ଏପ୍ରଶ୍ନର ଉତ୍ତର ଜାତୀୟ ରାଜନୀତିରେ ଅନେକ ଗୁରୁତ୍ୱ ରଖେ। ଉଭୟ ଉତ୍ତରପ୍ରଦେଶ ଓ ବିହାର ଲୋକସଭାକୁ ୧୨୦ ସାଂସଦ ପଠାନ୍ତି। ହାଇଦ୍ରାବାଦର ସାଂସଦ ଓୱେସି ଲୋକସଭାକୁ ୪ଥର ନିର୍ବାଚିତ ହୋଇଛନ୍ତି। ଜାତୀୟ ଦଳଗୁଡ଼ିକ ମୁସଲିମ୍, ଦଳିତ ଓ ପଛୁଆ ବର୍ଗର ଲୋକଙ୍କୁ ଯେପରି ହତାଦର କରୁଛନ୍ତି, ଅସୂୟାସୂଚକ ବ୍ୟବହାର ପ୍ରଦର୍ଶନ କରୁଛନ୍ତି ତାହାକୁ ଓୱେସି ନିରନ୍ତର ଚ୍ୟାଲେଞ୍ଜ କରୁଛନ୍ତି। ସେ କହିଛନ୍ତି, ତଥାକଥିତ ଧର୍ମନିରପେକ୍ଷ ରାଜନୈତିକ ଦଳମାନେ ଏବେ ବିଜେପି ଭଳି ଆଚରଣ କରୁଛନ୍ତି। ତେଣୁ କୌଣସି ଦଳ ମୁସଲିମଙ୍କୁ ରାଜନୈତିକ ପ୍ରତିନିଧିତ୍ୱ ଦେବା କିମ୍ବା ସଂଖ୍ୟାଲଘୁଙ୍କ ଅଧିକାର ବିଷୟରେ କିଛି କହୁନାହାନ୍ତି। ଧର୍ମନିରପେକ୍ଷ ଇଣ୍ଡି ମେଣ୍ଟ ନେତାମାନେ ଆମକୁ ବିଜେପିର ବି କିମ୍ବା ସି ଟିମ୍ କହି ଆମେ ମୁସଲିମ୍ ଭୋଟ ବିଭାଜନ ଘଟାଇ ପରୋକ୍ଷରେ ବିଜେପିକୁ ଜିତାଉଛୁ ବୋଲି ମତ ଦେଉଛନ୍ତି, ତେଣେ ଶିବସେନାକୁ ମେଣ୍ଟର ଅଂଶୀଦାର କରୁଛନ୍ତି। କୌଣସି ନା କୌଣସି ସମୟରେ ସେମାନଙ୍କ ପ୍ରାର୍ଥୀ ଓ ନେତା ବିଜେପିରେ ଥିଲେ। ଉତ୍ତର ପ୍ରଦେଶ, ବିହାର, ମହାରାଷ୍ଟ୍ର, ତାମିଲନାଡୁ ଓ ତେଲଙ୍ଗାନାରେ ଓୱେସିଙ୍କ ଏଆଇଏମଆଇଏମ୍'ର ଉପସ୍ଥିତି ରହିଛି। ଏଥର ଲୋକସଭା ନିର୍ବାଚନରେ ଏହି ଦଳ ପ୍ରଭାବୀ ଢ଼ଙ୍ଗରେ ଲଢ଼ିବାକୁ ନିର୍ଣ୍ଣୟ କରିଛି। ଏଆଇଏମଆଇଏମ୍ ଉତ୍ତରପ୍ରଦେଶରେ ଅପନା ଦଳ (କେମରାବାଦୀ) ସହ ଓ ତାମିଲନାଡୁରେ ଏଆଇଏଡିଏମକେ ସହ ମେଣ୍ଟ କରିଛି। ମହାରାଷ୍ଟ୍ରରେ ଏଆଇଏମଆଇଏମ୍ ଆକୋଲାରେ ପ୍ରକାଶ ଅମ୍ବେଦକର ଓ ଅମରାବତୀରେ ଆନନ୍ଦ ଅମ୍ବେଦକରଙ୍କୁ ସମର୍ଥନ ଦେବାକୁ ଘୋଷଣା କରିଛି। ୨୦୧୭ ରେ ଏଆଇଏମଆଇଏମ୍ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ଜନ ଅଧିକାର ପାର୍ଟି ଓ ଭାରତ ମୁକ୍ତି ମୋର୍ଚ୍ଚା ସହ ମେଣ୍ଟ କରି ୩୮ ଆସନରେ ପ୍ରାର୍ଥୀ ଦେଇଥିଲା କିନ୍ତୁ କୌଣସିଟିରେ ଜିତିପାରି ନ ଥିଲା। ଉତ୍ତରପ୍ରଦେଶରେ ୨୦୨୨ ବିଧାନସଭା ନିର୍ବାଚନରେ ଏଆଇଏମଆଇଏମ୍ ୯୭ ଆସନରେ ପ୍ରାର୍ଥୀ ଦେଇଥିଲା କିନ୍ତୁ କୌଣସିଟିରେ ଜିତିପାରି ନ ଥିଲା। ଚଳିତ ଲୋକସଭା ନିର୍ବାଚନରେ ଅପନା ଦଳ (କାମେରାବାଦୀ) ସହ ମେଣ୍ଟ କରି ଏଆଇଏମଆଇଏମ୍ ପିଛଡ଼ା ଦଳିତ ମୁସଲିମ (ପିଡିଏମ) ନ୍ୟାୟମୋର୍ଚ୍ଚା ବ୍ୟାନରରେ ୭ ଆସନରେ ପ୍ରାର୍ଥୀ ଦେଇଛି। ଏଆଇଏମଆଇଏମ୍ ବିହାରରେ ମଧ୍ୟ ବିଧାନସଭା ନିର୍ବାଚନ ଲଢ଼ିଛି। ୨୦୧୯ ରେ ବିହାରର କିଷାନଗଞ୍ଜ ଉପନିର୍ବାଚନରେ ଏଆଇଏମଆଇଏମ୍ ପ୍ରାର୍ଥୀ ବିଜେପି ପ୍ରାର୍ଥୀଙ୍କୁ ହରାଇ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୨୨ ବିହାର ବିଧାନସଭା ନିର୍ବାଚନରେ ଏଆଇଏମଆଇଏମ୍ ୫ଟି ଆସନ ଜିତିଛି। ଚଳିତ ଲୋକସଭା ନିର୍ବାଚନରେ ବିହାରରେ ଏଆଇଏମଆଇଏମ୍ ୧୧ଟି ସଂସଦୀୟ କ୍ଷେତ୍ରରେ ପ୍ରାର୍ଥୀ ଦେଉଛି।



# ବିରୋଧୀ ମେଣ୍ଟକୁ ଦୁର୍ବଳ କରିଛି ସମନ୍ୱୟର ଅଭାବ

ଇଣ୍ଡି ମେଣ୍ଟ ଗତବର୍ଷ ସେପ୍ଟେମ୍ବର ପହିଲାରେ ଯେଉଁ ୪ଟି କମିଟି ଗଢ଼ିଥିଲା ସେଥିରୁ ଗୋଟିଏ ଥିଲା ୧୪ଜଣିଆ ସମନ୍ୱୟକମିଟି। ମେଣ୍ଟର ମୁଖ୍ୟ କାର୍ଯ୍ୟଗୁଡ଼ିକର ସୁଚାରୁ ନିର୍ବାହନ ଯେପରି ହୁଏ ତାହା ସୁନିଶ୍ଚିତ କରାଇବା ଥିଲା ଏହି କମିଟିର ଦାୟିତ୍ୱ। ଏହି କମିଟି ଗଠନର ୧୩ ଦିନ ପରେ (ବିଭାଜନ ପୂର୍ବ) ଏନସିପି ନେତା ଶରଦ ପାୱାରଙ୍କ ବାସଭବନରେ କମିଟିର ପ୍ରଥମ ବୈଠକ ହୋଇଥିଲା। କମିଟିର ସଦସ୍ୟମାନେ ମେଣ୍ଟ ଅଂଶୀଦାର ଦଳଙ୍କ ମଧ୍ୟରେ ଆସନ ବଣ୍ଟନ ବୁଝାମଣା ପ୍ରକ୍ରିୟା ଯଥାଶୀଘ୍ର ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ବୈଠକ ପରେ କମିଟିର ଆଉ ବୈଠକ ଆଜିଯାଏ ହୋଇନାହିଁ। ମେଣ୍ଟ ଅଂଶୀଦାର ଦଳଙ୍କ ମଧ୍ୟରେ ଆସନ ବଣ୍ଟନ ବୁଝାମଣା ନେଇ ୬ମାସ ଧରି ଆଲୋଚନା ଚାଲିଲା କିନ୍ତୁ ମହାରାଷ୍ଟ୍ର ଓ ବିହାର ଭଳି ଅଧିକ ଲୋକସଭା ଆସନ ଥିବା ରାଜ୍ୟରେ ଆସନ ବଣ୍ଟନକୁ ନେଇ ବୁଝାମଣା ଚଳିତ ବର୍ଷ ଏପ୍ରିଲ ଯାଏ ହୋଇପାରି ନ ଥିଲା। ଆସନ ବଣ୍ଟନ ବୁଝାମଣାରେ ଅହେତୁକ ବିଳମ୍ବ ହେଉଥିବା ଦେଖି ଗତ ଫେବୃଆରୀରେ ତୃଣମୂଳ କଂଗ୍ରେସ ନେତ୍ରୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପଶ୍ଚିମବଙ୍ଗରେ ଇଣ୍ଡି ମେଣ୍ଟ ରହିବ ନାହିଁ, ତୃଣମୂଳ କଂଗ୍ରେସ ରାଜ୍ୟର ସମସ୍ତ ଆସନରେ ପ୍ରାର୍ଥୀ ଦେବ ବୋଲି ଘୋଷଣା କରିଥିଲେ।

ଇଣ୍ଡି ମେଣ୍ଟର ଶେଷ ବୈଠକ ୨୦୨୩ ଡିସେମ୍ବରରେ ହୋଇଥିଲା। ସେ ବୈଠକରେ ତୃଣମୂଳ କଂଗ୍ରେସ ଦେଇଥିବା ଆସନ ବଣ୍ଟନ ପ୍ରସ୍ତାବ ଉପରେ କିଛି ମତାମତ ନଦେଇ କଂଗ୍ରେସ ଚୁପ୍ ରହିବାରୁ ପଶ୍ଚିମବଙ୍ଗରେ ଇଣ୍ଡି ମେଣ୍ଟ ନରଖିବା ନିଷ୍ପତ୍ତି ବାଧହୋଇ ନେଇଛନ୍ତି ବୋଲି ମମତା କହିଥିଲେ। ଇଣ୍ଡି ମେଣ୍ଟର ୧୯ଜଣିଆ ନିର୍ବାଚନ ପ୍ରଚାର କମିଟି ମଧ୍ୟ ଗଢ଼ାଯାଇଥିଲା। ସେ କମିଟି ବି ଗତବର୍ଷ ସେପ୍ଟେମ୍ବର ୬ରେ ପ୍ରଥମ ବୈଠକ କରି କେଉଁ ସ୍ଥାନଗୁଡ଼ିକରେ ପ୍ରଥମେ ମେଣ୍ଟର ନିର୍ବାଚନ ପ୍ରଚାର ଅଭିଯାନ ଲଞ୍ଚ୍ କରାଯିବ ତାହା ଚିହ୍ନଟ କରିଥିଲେ। ବେକାରୀ, ଦରବୃଦ୍ଧି, ଜିଡିପି ଅଙ୍କରେ ହେରାଫେରି, ରନ୍ଧନ ବ୍ୟାସ୍ ଦର କ୍ରମାଗତ ବଢ଼ାଇ ଚାଲିବା ପରେ ସିଲିଣ୍ଡର ଦର ୨୦୦ ଟଙ୍କା କମାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କିପରି ଦାତା ଓ ଦୟାଳୁ ବୋଲି ମିଡିଆରେ ଲଗାତାର ଆତ୍ମପ୍ରଚାର କରୁଛନ୍ତି ତାହା ଲୋକଙ୍କୁ ସପ୍ରମାଣେ ବୁଝାଇବା ଆଦି ଇଣ୍ଡି ମେଣ୍ଟର ପ୍ରଚାର ମୁଖ୍ୟାଂଶ ବା ଥିମ୍ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ପ୍ରଚାର କମିଟିର ପରବର୍ତ୍ତୀ ବୈଠକ ୨୦୨୩ ସେପ୍ଟେମ୍ବର ୧୧ରେ ଡକାଯିବ ଓ ସେଦିନ ଇଣ୍ଡି ମେଣ୍ଟ ପାଇଁ ନୂଆ ସଚିବାଳୟ ଗଢ଼ାଯିବା ପାଇଁ ସ୍ଥିର ହୋଇଥିଲା। ତା'ପରେ ଆଉ ସେ କମିଟିର କୌଣସି ବୈଠକ ଡକାଯାଇ ନାହିଁ କି ମେଣ୍ଟର ସଚିବାଳୟ ଏଯାଏଁ ଗଢ଼ାଯାଇନାହିଁ। ୨୦୨୩ ସେପ୍ଟେମ୍ବରରେ ଇଣ୍ଡି ମେଣ୍ଟ ସମନ୍ୱୟ କମିଟି କେତେଜଣ ଟିଭି ଆଙ୍କରଙ୍କୁ ବ୍ଲାକ୍ ଲିଷ୍ଟେଡ୍ କରିବାକୁ ମେଣ୍ଟର ମିଡିଆ ସବଗ୍ରୁପକୁ ଦାୟିତ୍ୱ ଦେଇଥିଲା। କେତେକ ଟିଭି ଆଙ୍କରଙ୍କୁ ବ୍ଲାକଲିଷ୍ଟରେ ତ ରଖାଗଲା, କିନ୍ତୁ ସେ ପଦକ୍ଷେପରୁ ଇଣ୍ଡି ମେଣ୍ଟକୁ କିଛି ଫାଇଦା ହୋଇନାହିଁ। କିଛି ମାସ ପରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ବେଳେ କଂଗ୍ରେସର ବରିଷ୍ଠ ନେତା କମଲନାଥ ବ୍ଲାକ୍ ଲିଷ୍ଟରେ ଥିବା ଜଣେ ଆଙ୍କରଙ୍କୁ ଲମ୍ବା ସାକ୍ଷାତକାର ଦେଇଥିଲେ। ଇତିମଧ୍ୟରେ ଇଣ୍ଡି ମେଣ୍ଟରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡି-ୟୁ ଓ ଜୟନ୍ତ ଚୌଧୁରୀଙ୍କ ଆରଏଲଡି ଖସିଯାଇଛନ୍ତି ଓ ବିଜେପି ନେତୃତ୍ୱାଧୀନ ଏନଡିଏ'ରେ ଯୋଗ ଦେଇଛନ୍ତି। ପଶ୍ଚିମବଙ୍ଗ ବ୍ୟତୀତ ଇଣ୍ଡି ମେଣ୍ଟ ପଞ୍ଜାବ ଓ କେରଳରେ ମଧ୍ୟ ଆସନ ବଣ୍ଟନ ବୁଝାମଣା କରିପାରି ନାହିଁ। ଜମ୍ମୁ-କାଶ୍ମୀରରେ ଓମାର ଅବଦୁଲ୍ଲାଙ୍କ ନ୍ୟାସନାଲ କନଫରେନ୍ସ ସହ କଂଗ୍ରେସ ଆସନ ବଣ୍ଟନ କରିଛି କିନ୍ତୁ ମେହବୁବା ମୁଫତିଙ୍କ ପିଡିପି ବାହାରେ ରହିଯାଇଛି। ଅଂଶୀଦାର ଦଳଙ୍କ ମଧ୍ୟରେ ସମନ୍ୱୟର ଅଭାବ ଇଣ୍ଡି ମେଣ୍ଟକୁ ଦୁର୍ବଳ କରିଛି। ତଥାପି ଇଣ୍ଡି ମେଣ୍ଟ ୧୦ ରାଜ୍ୟ ଓ ୨ କେନ୍ଦ୍ର ଶାସିତ ଅଞ୍ଚଳରେ ଆସନ ବୁଝାମଣା କରିପାରିଛି। ମହାରାଷ୍ଟ୍ରରେ ପ୍ରଥମଥର ପାଇଁ ଶିବସେନା (ଉଦ୍ଧବ ଗୋଷ୍ଠୀ) ଓ କଂଗ୍ରେସ ଏକାଠି ହୋଇ ଲୋକସଭା ନିର୍ବାଚନ ଲଢୁଛନ୍ତି। ପଶ୍ଚିମବଙ୍ଗରେ ସିପିଏମ୍ ସହ କଂଗ୍ରେସର ଅନୌପଚାରିକ ଆସନ ବଣ୍ଟନ ବୁଝାମଣା ରହିଛି।



# ବହି ହିଁ ପ୍ରକୃତ ବନ୍ଧୁ

**ଆଜି ବିଶ୍ୱ ପୁସ୍ତକ ଏବଂ କପିରାଇଟ୍ ଦିବସ**

ଆଜି ବିଶ୍ୱ ପୁସ୍ତକ ଏବଂ କପିରାଇଟ୍ ଦିବସ। ଏହି ଦିବସକୁ ଅନ୍ତର୍ଜାତୀୟ ପୁସ୍ତକ ଦିବସ ମଧ୍ୟ କୁହାଯାଏ। ବହି ପଢ଼ିବା, ଲେଖିବା, ଅନୁବାଦ କରିବା, ପ୍ରକାଶନ ଏବଂ କପିରାଇଟ୍‌ର ମହତ୍ତ୍ୱକୁ ଜଣେଇବା ପାଇଁ ପ୍ରତିବର୍ଷ ବିଶ୍ୱ ପୁସ୍ତକ ଏବଂ କପିରାଇଟ୍ ଦିବସ ପାଳନ କରାଯାଏ। ୟୁନେସ୍କୋର ଅନୁମୋଦନ କ୍ରମେ ୧୯୯୬ରୁ ପ୍ରତିବର୍ଷ ଏପ୍ରିଲ୍ ୨୩ ତାରିଖରେ ଏହି ଦିବସ ପାଳନ କରାଯାଉଛି। ୱିଲିୟମ୍ ସେକ୍ସପିୟର ଏବଂ ମିଗୁଏଲ୍ ସର୍ଭେଣ୍ଟିସ୍‌ଙ୍କ ପରି ଲେଖକଙ୍କୁ ସମ୍ମାନ ଦେବା ପାଇଁ ୟୁନେସ୍କୋ ୨୩ ଏପ୍ରିଲ୍‌କୁ ବାଛିଥିଲା। ପୁସ୍ତକ ମଣିଷର ସର୍ବଶ୍ରେଷ୍ଠ ବନ୍ଧୁ ଓ ମାର୍ଗଦର୍ଶକ। ଜ୍ଞାନର ପରିସୀମାକୁ ବୃଦ୍ଧି କରିବାର ଏକ ବଳିଷ୍ଠ ମାଧ୍ୟମ। ଏହା ଆମକୁ ସଂସ୍କାରବାନ୍ ଓ ଦାୟିତ୍ୱବାନ୍ କରିବା ସହ ଆମର ଜ୍ଞାନ, ତର୍କଶକ୍ତି ଓ ବୌଦ୍ଧିକ କ୍ଷମତାର ବିକାଶ ହୋଇଥାଏ। ସ୍କୁଲ ଜୀବନରୁ ଆରମ୍ଭ ହୋଇଥିବା ପାଠପଢ଼ା ଜୀବନର ଶେଷ ସମୟ ପର୍ଯ୍ୟନ୍ତ କାମରେ ଆସିଥାଏ। ସୁଖଦୁଃଖରେ ବିଚଳିତ ନ ହୋଇ ଆଗକୁ ବଢ଼ିବାର ଆଶ୍ୱାସନା ଆମ ଭିତରେ ଜାଗ୍ରତ କରାଏ। ଜୀବନର ଆରମ୍ଭରୁ ଶେଷ ଯାଏ ଆମେ ତା' ସହ କେତେ ମୁହୂର୍ତ୍ତ ଯେ ବିତେଇ ଦିଅନ୍ତି, ତାହା ଆମ କଳ୍ପନାର ଊର୍ଦ୍ଧ୍ୱରେ। ଏବେର ଇଣ୍ଟର୍‌ନେଟ୍ ଦୁନିଆରେ ବି ବହିର ଆଦର କମିନି। ଅବଶ୍ୟ ଏବେ ବହିର ସ୍ଥାନ ନେଇଛି ଇ-ବୁକ୍ ବା ଇଣ୍ଟରନେଟ୍ ବୁକ୍। ଅତ୍ୟାଧୁନିକ ଜ୍ଞାନକୌଶଳ ବଳରେ ଡିଜିଟାଇଜେସନ୍ ଦ୍ୱାରା ବିଶାଳ ପାଠାଗାର ପ୍ରସ୍ତୁତ ହୋଇଛି। ଘରେ ବସି ଗୋଟିଏ କ୍ଲିକ୍‌ରେ ଏବେ ପୁସ୍ତକ ପଢ଼ିବାର ସୁଯୋଗ ପାଉଛନ୍ତି ଆଜିର ଯୁବପିଢ଼ି। ଟିଭି, ଇଣ୍ଟରନେଟ୍, ମୋବାଇଲ୍, ସୋସିଆଲ୍ ନେଟ୍‌ୱାର୍କିଂର ସାଇଟ୍‌ର ବହୁଳ ବ୍ୟବହାର ଯୋଗୁଁ ଲୋକେ ବହି ଅପେକ୍ଷା ଇଣ୍ଟରନେଟ୍‌ରେ ଅଧିକ ସମୟ ବିତାଉଛନ୍ତି। ଏଥିଯୋଗୁଁ କୁନି କୁନି ପିଲାଠାରୁ ଆରମ୍ଭ କରି ବଡ଼ ଲୋକ ପର୍ଯ୍ୟନ୍ତ ସମସ୍ତଙ୍କର ଭରସା ଗୁଗଲ୍ ଉପରେ ବଢ଼ିଛି, ଫଳରେ ସ୍ମରଣଶକ୍ତି ହ୍ରାସ ପାଉଛି। ଏହାଦ୍ୱାରା ମାନସିକ ବିକାଶ ହୋଇପାରୁନି। କିନ୍ତୁ ଏତେ ସବୁ ମଧ୍ୟରେ ବହିର ଲୋକପ୍ରିୟତା ଏବେ ବି ଅତୁଟ ରହିଛି। କାହାକୁ ଜୀବନୀ ଭଲ ଲାଗେ ତ କାହାକୁ ଉପନ୍ୟାସ। କିଏ କ୍ଷୁଦ୍ରଗଳ୍ପ ପଢିବାକୁ ଭଲ ପାଏ ତ ପୁଣି କିଏ କବିତା ଆଉ ନାଟକ। ତେବେ ପୁସ୍ତକ ସମସ୍ତଙ୍କର ପସନ୍ଦ ହୋଇ ରହିଛି। ଗୋଟିଏ ଭଲ ବହି ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ କରିବା ସହ ତା'ର ସୁନ୍ଦର ଭବିଷ୍ୟତ ଗଢ଼ିବାରେ ମଧ୍ୟ ସହାୟକ ହୋଇଥାଏ। ତେଣୁ ବହି ହିଁ ମଣିଷର ଅନ୍ତରଙ୍ଗ ବନ୍ଧୁ ବୋଲି ବହୁ ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ସେହିପରି ପୁସ୍ତକ ଦୁନିଆରେ କପିରାଇଟ୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ନିଜେ ଲେଖିଥିବା ପୁସ୍ତକର ମାଲିକ ହେଉଛନ୍ତି ଲେଖକ। ମାତ୍ର ଏହାକୁ ଯଦି କେହି ଚୋରି କରି ଅର୍ଥାତ୍ କପି କରି ନିଏ ତେବେ କପିରାଇଟ୍ ଉଲ୍ଲଙ୍ଘନ ହୋଇଥିବା କୁହାଯାଏ। ଏହାକୁ ସୁରକ୍ଷିତ ରଖିବା ପାଇଁ କପିରାଇଟ୍ ଆକ୍ଟ ଲାଗୁ ହୋଇଛି। ଭାରତରେ ଏହି ଆକ୍ଟ ୧୯୫୭ରେ ଲାଗୁ କରାଯାଇଛି। ଲେଖକଙ୍କ ମୃତ୍ୟୁ ହେବାର ୬୦ ବର୍ଷ ପର୍ଯ୍ୟନ୍ତ ଏହି ଆକ୍ଟ ବୈଧ ଥାଏ। ଫଳରେ ଲେଖକ ଲେଖିଥିବା ପୁସ୍ତକ ଉପରେ ହକ୍ ରହିଥାଏ।

## ଆଜିର ଇତିହାସ

- ୧୬୬୧-ବ୍ରିଟେନ ସମ୍ରାଟ ଚାର୍ଲସ୍ ଦ୍ୱିତୀୟଙ୍କର ରାଜ୍ୟାଭିଷେକ।
- ୧୯୩୫- ୟୁରୋପୀୟ ଦେଶ ପୋଲାଣ୍ଡ ସମ୍ବିଧାନ ଆପଣାଇଲା।
- ୧୯୮୧- ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କରାଇଲା।
- ୧୯୮୪- ବୈଜ୍ଞାନିକମାନେ ଏଡ୍‌ସ ଭୂତାଣୁକୁ ଠାବ କଲେ।
- ୧୯୯୨- ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ସତ୍ୟଜିତ ରାୟଙ୍କ ପରଲୋକ।
- ୨୦୦୫- ୟୁଟ୍ୟୁବ୍‌ରେ ପ୍ରଥମ ଭିଡିଓ ଅପଲୋଡ୍ କରାଗଲା।

# ନବଜାଗରଣର ଆବାହକ: କବିବର ରାଧାନାଥ

ପ୍ରଫେସର ସତ୍ୟନାରାୟଣ ପଣ୍ଡା



ଯୁଗ ପ୍ରବର୍ତ୍ତକ କବି ଓ ନବଜାଗରଣର ଆବାହକ କବିବର ରାଧାନାଥ ରାୟଙ୍କର ଆଜି ପୁଣ୍ୟତିଥି। ସେ ୧୮୪୮ ମସିହା ସେପ୍ଟେମ୍ବର ୨୮ ତାରିଖରେ ବାଲେଶ୍ୱର ଜିଲ୍ଲା ସୋର ନିକଟସ୍ଥ କେଦାରପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ପିତା ସୁନ୍ଦର ନାରାୟଣ ଓ ମାତା ତାରିଣୀ ଦାସୀଙ୍କ ସୁଯୋଗ୍ୟ ସନ୍ତାନ ରାଧାନାଥଙ୍କର ବାଲ୍ୟକାଳରୁ ତୁଳସୀ ଦୁଇପତ୍ରରୁ ବାସିଲା ପରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ପିତାଙ୍କ ମାର୍ଗଦର୍ଶନରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ଲାଭକରି ଜଣେ ମେଧାବୀ ଛାତ୍ର ରୂପେ ସେ ହୋଇଥିଲେ ସମସ୍ତଙ୍କର ପ୍ରିୟଭାଜନ। କଲିକତା ପ୍ରେସିଡେନ୍‌ସି କଲେଜରୁ ବାଲେଶ୍ୱର ପ୍ରତ୍ୟାବର୍ତ୍ତନ କରି ଶିକ୍ଷକ, ଶିକ୍ଷା ପରିଦର୍ଶକ ରୂପେ ବୃତ୍ତିଗତ ଜୀବନ ବିତାଇଥିଲେ ମଧ୍ୟ ପ୍ରବୃତ୍ତିରେ ଥିଲେ ଜଣେ ମହାନ ସାରସ୍ୱତ ସାଧକ। ଓଡ଼ିଆ, ବଙ୍ଗଳା, ଇଂରାଜୀ, ଓ ସଂସ୍କୃତ ଭାଷାରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ମଧ୍ୟଯୁଗର ସ୍ୱପ୍ନଭଙ୍ଗ କରି ବିଷୟବସ୍ତୁ ନିର୍ବାଚନ, ରସ ପରିବେଷଣ, ଚରିତ୍ର ଚିତ୍ରଣ, ଭାବ, ଭାଷା, ରଚନାଶୈଳୀ ଛନ୍ଦ କ୍ଷେତ୍ରରେ ନବଜାଗରଣର ସଂକେତ ଦେଇ ସେ ହେଲେ ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ମାର୍ଗଦର୍ଶକ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ଚିନ୍ତା- ଚେତନାର ସମନ୍ୱୟରେ ରାଧାନାଥଙ୍କ ସାହିତ୍ୟ ଯେପରି ରସାଣିତ ହୋଇ ଉଠିଲା ସେହିପରି ଜୀବନ୍ତ ଓ ସ୍ୱାଭାବିକ ମଧ୍ୟ। 'କେଦାରଗୌରୀ', 'ଉଷା', 'ଚନ୍ଦ୍ରଭାଗା', 'ନନ୍ଦିକେଶ୍ୱରୀ ଓ ପାର୍ବତୀ' ତାଙ୍କର ପ୍ରଥମ ପାଞ୍ଚୋଟି ଗାଥାକାବ୍ୟ ଯେଉଁଥିରେ ଭୌଗୋଳିକ, ପ୍ରାକୃତିକ, ଐତିହାସିକ ଓ କିମ୍ବଦନ୍ତୀମୂଳକ ନାନା ପ୍ରସଙ୍ଗ ବର୍ଣ୍ଣିତ। ପ୍ରକୃତି କାବ୍ୟ 'ଚିଲିକା', ଏକ କାଳଜୟୀ କୀର୍ତ୍ତି। ଅମିତ୍ରାକ୍ଷର ଛନ୍ଦରେ ରଚିତ 'ମହାଯାତ୍ରା' ତାଙ୍କର ଏକ ଅସଂପୂର୍ଣ୍ଣ ମହାକାବ୍ୟ। ତାଙ୍କ ରଚିତ 'ଦରବାର' ଏକ ବ୍ୟଙ୍ଗ କାବ୍ୟ। 'ଯଯାତିକେଶରୀ', 'ଦଶରଥ ବିୟୋଗ', 'ସାବିତ୍ରୀ ଚରିତ', 'ତୁଳସୀସ୍ତବକ' ଓ 'ଉର୍ବଶୀ' ଆଦି କାବ୍ୟ ତଥା 'ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ', 'ବାଣହରଣ' ଆଦି କ୍ଷୁଦ୍ର କବିତା କବି ପ୍ରତିଭାର ସାର୍ଥକ ନିଦର୍ଶନ। ସ୍ୱରଚିତ ଭାରତ ଗୀତିକା 'ସର୍ବେଷୋଂ ନୋ ଜନନୀ ଭାରତ ଧରଣୀ କଳ୍ପ ଲତେୟମ୍' ସମଗ୍ର ଭାରତୀୟ ସାହିତ୍ୟରେ ଅନନ୍ୟ। ଓଡ଼ିଆ ସାହିତ୍ୟରେ ପ୍ରଥମ ପ୍ରବନ୍ଧରୂପେ ମାନ୍ୟତାପ୍ରାପ୍ତ 'ବିବେକୀ' ତାଙ୍କର ଏକ କାଳଜୟୀ ରଚନା। ଏଥନିମନ୍ତେ ରାଧାନାଥଙ୍କ ସାହିତ୍ୟର ପୁନଃମୂଲ୍ୟାଙ୍କନ ଅତ୍ୟନ୍ତ ଅପରିହାର୍ଯ୍ୟ।

ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ, କଟକ

# ନଭେମ୍ବର ୨୯ରେ 'ମେଟ୍ରୋ ଇନ୍ ଦିନୋ'



ଅନୁରାଗ ବସୁଙ୍କ ଫିଲ୍ମ 'ମେଟ୍ରୋ ଇନ୍ ଦିନୋ'କୁ ନେଇ ଅନେକ ଦିନରୁ ଚର୍ଚ୍ଚା ଲାଗି ରହିଛି। ତେବେ ଅନୁରାଗ ଏହି ଫିଲ୍ମ ମାଧ୍ୟମରେ ଦୀର୍ଘ ଦିନ ପରେ ଇଣ୍ଡଷ୍ଟ୍ରୀକୁ ଫେରିବେ। ଆଦିତ୍ୟ ରାୟ କପୁର, ସାରା ଅଲ୍ଲୀ ଖାନ୍, ପଙ୍କଜ ତ୍ରିପାଠୀ, ନୀନା ଗୁପ୍ତା, ଅଲ୍ଲୀ ଫୈଜଲ୍, କୋଙ୍କଣା ସେନ୍ ଶର୍ମା, ଅନୁପମ୍ ଖେର୍ ଆଦି ଏଥିରେ ଲିଡ୍ ରୋଲରେ ନଜର ଆସିବେ। ପ୍ରଥମ ଥର ପାଇଁ ଏହି ଫିଲ୍ମ ମାଧ୍ୟମରେ ସାରା, ଆଦିତ୍ୟଙ୍କ ସହ ସ୍କ୍ରିନ୍ ସେୟାର୍ କରିବାକୁ ଯାଉଛନ୍ତି। ଇତିମଧ୍ୟରେ ଫିଲ୍ମର ରିଲିଜ୍ ଡେଟ୍ ଘୋଷଣା କରାଯାଇଛି। ୨୦୦୭ରେ 'ଲାଇଫ୍ ଇନ୍ ମେଟ୍ରୋ' ଫିଲ୍ମ ଆସିଥିଲା। ଏହି ଫିଲ୍ମକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଜବରଦସ୍ତ କାହାଣୀ ସାଙ୍ଗକୁ ଗୀତ ଫିଲ୍ମଟିକୁ ହିଟ୍ କରିଥିଲା। ତେବେ ଅନୁରାଗ ପୁଣି ଥରେ 'ମେଟ୍ରୋ ଇନ୍ ଦୋନୋ' ମାଧ୍ୟମରେ ଦର୍ଶକଙ୍କ ସମ୍ମୁଖକୁ ଏକ ଭଲ କାହାଣୀ ନେଇ ଆସୁଛନ୍ତି। ପୂର୍ବରୁ ଏହା ସେପ୍ଟେମ୍ବର ୧୩, ୨୦୨୪ରେ ରିଲିଜ୍ ହେବ ବୋଲି ଘୋଷଣା କରାଯାଇଥିଲା। ଏବେ ଏଥିରେ ପରିବର୍ତ୍ତନ କରାଯାଇଛି। ଏହି ଫିଲ୍ମ ଏବେ ନଭେମ୍ବର ୨୯ରେ ରିଲିଜ୍ ହେବ।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଜମି ବିବାଦର ସମାଧାନ ହେବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ଯୋଗ,ବ୍ୟାୟାମ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିଛି।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।



## ଫସଲର ପୋଷଣ ବୃଦ୍ଧି କରିବ

# ପରିବେଶ ଅନୁକୂଳ ମାଇକ୍ରୋଜେଲ୍



**ବର୍ଦ୍ଧିତ ଜନସଂଖ୍ୟାର ଖାଦ୍ୟ ଚାହିଦାକୁ ପୂରଣ କରିବା ପାଇଁ କୃଷିକ୍ଷେତ୍ରରେ ସାର, କୀଟନାଶକ, ରାସାୟନିକ ପଦାର୍ଥର ବ୍ୟବହାର ଏକ ସାଧାରଣ କଥା ପାଲଟିଛି। ଅଧିକ ଉର୍ବରକ ପ୍ରୟୋଗ ଦ୍ୱାରା ଭୂଜଳ ଏବଂ ମୃତ୍ତିକା ପ୍ରଦୂଷିତ ହେବା ସହିତ ମନୁଷ୍ୟ ମଧ୍ୟ ରୋଗାକ୍ରାନ୍ତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଫସଲର ପୋଷଣ ବୃଦ୍ଧି ପାଇଁ ଆଇଆଇଟି ମଣ୍ଡିର ଗବେଷକ ପ୍ରାକୃତିକ ପଲିମର ଆଧାରିତ ବହୁମୁଖୀ ସ୍ମାର୍ଟ ମାଇକ୍ରୋଜେଲ୍‌ର ବିକାଶ କରିଛନ୍ତି। ଏହା ପରିବେଶ ପ୍ରଦୂଷଣ ରୋକିବାରେ ବିଶେଷ ସହାୟକ ମଧ୍ୟ ହେବ।**



ଅଧିକ ଅମଳ ବୃଦ୍ଧି ପାଇଁ ସାର ଅତ୍ୟାବଶ୍ୟକ ହୋଇଥିଲେ ମଧ୍ୟ ଏଥିରୁ ଗ୍ୟାସୀୟ ବାଷ୍ପୀକରଣ ଏବଂ ଲିଚିଂ ଭଳି କାରଣ ଦ୍ୱାରା ଏହାର ଫଳପ୍ରଦତା ଅନେକ ସମୟରେ ପ୍ରଭାବିତ ହୁଏ। ଏହାର ନିରାକରଣ ପାଇଁ ହିମାଚଳପ୍ରଦେଶ, ଆଇଆଇଟି ମଣ୍ଡିର ଗବେଷକ ଦଳ ସ୍ମାର୍ଟ ପରିବେଶ ଅନୁକୂଳ ମାଇକ୍ରୋଜେଲ୍ ପ୍ରସ୍ତୁତ କରିଛନ୍ତି। ପାରମ୍ପରିକ ସାର ଅଧିକ ବ୍ୟବହାର କୃଷି ଉତ୍ପାଦନ ତଥା ପରିବେଶ ଅନୁକୂଳ କରିବାରେ ଚ୍ୟାଲେଞ୍ଜ ସୃଷ୍ଟି କରିଥିବାବେଳେ ଗବେଷକଙ୍କ ଦ୍ୱାରା ବିକଶିତ କରାଯାଇଥିବା ଏହି ମାଇକ୍ରୋଜେଲ୍ ପରିବେଶ ପ୍ରଦୂଷଣ ରୋକିବା ସହ ଫସଲରେ ପୋଷଣ ବୃଦ୍ଧି ପାଇଁ କାମ କରିବ। ଫଳରେ ଚାଷୀ ଫସଲ ବୃଦ୍ଧି ପାଇଁ ୟୁରିୟା ଉପରେ ଅଧିକ ନିର୍ଭରଶୀଳ ହେବେନାହିଁ। ମାଇକ୍ରୋଜେଲ୍ ନାଇଟ୍ରୋଜେନ୍ ଓ ଫସ୍‌ଫରସ୍‌ର ପ୍ରମୁଖ ସ୍ରୋତ। ଯାହା ଧୀରେ ଧୀରେ ଗଛର ବିକାଶ କ୍ଷେତ୍ରରେ କାର୍ଯ୍ୟକ୍ଷମ ହୁଏ। ଆଇଆଇଟି ମଣ୍ଡିର ସ୍କୁଲ ଅଫ୍ କେମିକାଲ ସାଇନ୍ସର ଅଙ୍କିତା ଧୀମାନ, ପୀୟୂଷ ଥାପର ଏବଂ ଡିମ୍ପି ଭରଦ୍ୱାଜଙ୍କ ସମେତ ଡ. ଗରିମା ଅଗ୍ରୱାଲଙ୍କ ନେତୃତ୍ୱରେ ଏହି ଗବେଷଣା କାର୍ଯ୍ୟ କରାଯାଇଥିଲା। ଏହି ଗବେଷଣା ପାଇଁ ଭାରତ ସରକାରଙ୍କ ବିଜ୍ଞାନ ଓ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡ ଏବଂ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅର୍ଥ ପ୍ରଦାନ କରିଥିଲେ। ଆଇଆଇଟି ମଣ୍ଡିର ସ୍କୁଲ ଅଫ୍ କେମିକାଲ ସାଇନ୍ସର ଆସିଷ୍ଟାଣ୍ଟ ପ୍ରଫେସର ଡ. ଗରିମା ଅଗ୍ରୱାଲଙ୍କ ନେତୃତ୍ୱରେ ଏହି ଗବେଷଣା କରାଯାଇଥିଲାବେଳେ ରାସାୟନିକ ପଦାର୍ଥ ମାଟିରେ ମିଶି ଭୂତଳ ଜଳକୁ ଦୂଷିତ କରିବା ସହ ଉଭୟ ପରିବେଶ ଓ ମାନବ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିବାରୁ ଏହି ନିର୍ଭରଶୀଳତା ମୂଲ୍ୟ ବହନ କରୁଥିବା ସେ କହିଥିଲେ।

ମାଇକ୍ରୋଜେଲ୍‌ଗୁଡିକ ପରିବେଶ ଅନୁକୂଳ। ସମୟ କ୍ରମେ ଏହା ଭାଙ୍ଗି ମାଟି ଏବଂ ଜଳ ପ୍ରଦୂଷଣକୁ ରୋକିଥାଏ। ପ୍ରାକୃତିକ ପଲିମରରୁ ପ୍ରସ୍ତୁତ ବିକଶିତ ମାଇକ୍ରୋଜେଲ୍‌ରେ ପରିବେଶ ଅନୁକୂଳ ଏବଂ ଉତ୍ତେଜନା-ପ୍ରତିକ୍ରିୟାଶୀଳ ବୈଶିଷ୍ଟ୍ୟ ସମେତ ଅନ୍ତର୍ଭୁକ୍ତ। ଦୀର୍ଘ ସମୟ ମଧ୍ୟରେ ଧୀରେ ଧୀରେ ନାଇଟ୍ରୋଜେନ୍ ଏବଂ ଫସ୍‌ଫରସ୍ ସାର ଛାଡିବାର କ୍ଷମତା, ଗଛଗୁଡିକ ଦ୍ୱାରା ସର୍ବୋତ୍ତମ ପୋଷକ ତତ୍ତ୍ୱ ଗ୍ରହଣକୁ ସୁନିଶ୍ଚିତ କରିବା ଏବଂ ଲିଚିଂ ଏବଂ ପ୍ରବାହକୁ ହ୍ରାସ କରିବାରେ ମୁଖ୍ୟ ଉଦ୍ଭାବନ ରହିଛି। କୃଷି ପ୍ରୟୋଗ ପାଇଁ ମାଇକ୍ରୋଜେଲ୍‌ର ସାମର୍ଥ୍ୟକୁ ସୁନିଶ୍ଚିତ କରିଥିଲେ ବିଶେଷଜ୍ଞ। ଏଥିରୁ ଦୀର୍ଘ ଦିନ ଧରି ନିରନ୍ତର ଭାବେ କୀଟନାଶକ ନିର୍ଗତ ହେବା ଦ୍ୱାରା ବାରମ୍ବାର ପ୍ରୟୋଗର ଆବଶ୍ୟକତା ହ୍ରାସ ପାଇବା ସହ ଗଛଦ୍ୱାରା ପୋଷକ ତତ୍ତ୍ୱ ମଧ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ମାଇକ୍ରୋଜେଲ୍‌କୁ ମାଟିରେ ମିଶାଇ କିମ୍ବା ସିଞ୍ଚନ କରାଯାଇପାରିବ। ରାସାୟନିକ ପ୍ରୟୋଗକୁ ଅନୁକୂଳ କରିବା, ଅପଚୟ ହ୍ରାସ କରିବାରେ ଏହା ସହାୟକ ହେବା ସହ ମୃତ୍ତିକାର ଉର୍ବରଶକ୍ତି ବୃଦ୍ଧି କରାଇବ ମାଇକ୍ରୋଜେଲ୍।






# ଆମ୍ବ ଓ ଲିଚୁ ଫାଟୁଥିଲେ...

**ଚାଷୀଙ୍କ ପାଇଁ ଚିନ୍ତା ବଢ଼ାଏ ଆମ୍ବ ଏବଂ ଲିଚୁ ଫାଟିବା। ତାପମାତ୍ରା ବୃଦ୍ଧି ଯୋଗୁଁ ଆର୍ଦ୍ରତା ଏବଂ ପାଣି ଅଭାବରୁ ଏହି ଫଳଗୁଡ଼ିକ ଫାଟିଯାଏ। ଏହାର ଗୁଣବତ୍ତା ପ୍ରଭାବିତ ହେବା ସହ ଅମଳହ୍ରାସ ପାଇଥାଏ। ତେଣୁ ଆମ୍ବ ଏବଂ ଲିଚୁ ଫଳ ଫାଟିବା ସମସ୍ୟାକୁ ରୋକିବାକୁ ଆପଣାନ୍ତୁ ଏହି ଟିପ୍‌ସ...**

କେବଳ ତାପମାତ୍ରା ବୃଦ୍ଧି ନୁହେଁ, ବରଂ ଅଦିନିଆ ବର୍ଷା, ହଠାତ୍ ତାପମାତ୍ରାରେ ପରିବର୍ତ୍ତନ, ଅଧିକ ଜଳ ସିଞ୍ଚନ, ଫଳରେ ବୋରନ, କ୍ୟାଲସିୟମ୍ ଅଭାବରୁ ମଧ୍ୟ ଫଳ ଫାଟିଥାଏ। ଆମ୍ବରେ ଏହି ସମସ୍ୟା ଅଧିକ ଦେଖାଯାଏ। ତେଣୁ ଏହି ସମସ୍ୟା କମ୍ କରିବାକୁ ହେଲେ ଆର୍ଦ୍ରତାକୁ ଧ୍ୟାନ ଦେବା ଜରୁରି। ମାଟିର ଆର୍ଦ୍ରତା ବୃଦ୍ଧି, ଅଣୁସାର ପ୍ରୟୋଗ ଓ ଜଳସିଞ୍ଚନର ଏକ ନିର୍ଦ୍ଦିଷ୍ଟ ସମୟ ବନାନ୍ତୁ। ଫଳ ବୃଦ୍ଧି ସମୟରେ ଗଛରେ କେବେ ବି ଅଧିକ ପାଣି ଦିଅନ୍ତୁନି। ମାଟିର ଆର୍ଦ୍ରତା ଏବଂ ତାପମାତ୍ରାକୁ ନିୟନ୍ତ୍ରିତ କରିବାକୁ ଗଛ ଚାରିପାଖେ ଘାସ ଓ ମଲ୍‌ଚିଂ ଲଗାନ୍ତୁ। ଏହା ଦ୍ୱାରା ଫଳ ଫାଟିବାର ଆଶଙ୍କା ହ୍ରାସ ପାଏ। ଫଳ ଫାଟିବା ସମସ୍ୟାକୁ ରୋକିବାକୁ ପ୍ରତି ଲିଟର ପାଣିରେ ୪ ଗ୍ରାମ୍ ତରଳ ବୋରେକ୍ସ ଘୋଳ ଛିଞ୍ଚି ପାରିବେ।

ଅଦିନିଆ ବର୍ଷା ତଥା ଆର୍ଦ୍ରତା ବୃଦ୍ଧି ସମୟରେ ଗଛକୁ ଛାଇଦେଉଥିବା କପଡ଼ା କିମ୍ବା ପ୍ଲାଷ୍ଟିକ୍ ସିଟ୍‌ରେ ଢାଙ୍କି ଦିଅନ୍ତୁ। କେବଳ ସେତିକି ନୁହେଁ, କୀଟ ଏବଂ ରୋଗ କାରଣରୁ ମଧ୍ୟ ଫଳ ଫାଟିଥାଏ। ଲିଚୁ ଏବଂ ଆମ୍ବରେ ଫିମ୍ପିଜାତୀୟ ରୋଗ ବୃଦ୍ଧି ପାଏ। ଏହାର ନିୟନ୍ତ୍ରଣ ପାଇଁ ଫିମ୍ପିନାଶକ ଔଷଧ ବ୍ୟବହାର କରିପାରିବେ। ରୋଗପୋକ ଲାଗୁଛି କି ନାହିଁ ପ୍ରତିଦିନ ବଗିଚାରେ ଦେଖାଶୁଣା କରିବା ଜରୁରି। ଫଳ ଉପରେ ପାଣି ସିଞ୍ଚନ ପାଇଁ ଓଭରହେଡ୍ ସ୍ପ୍ରିଙ୍କଲର କୌଶଳ ଆପଣାନ୍ତୁ। ସେହିପରି ଲିଚୁ ଫାଟିବା ସମସ୍ୟାକୁ କମ୍ କରିବା ପାଇଁ ଏହି ଗଛ ମଝିରେ ଓଭରହେଡ୍ ସ୍ପ୍ରିଙ୍କଲର ଲଗାଇପାରିବେ। ଏହାଦ୍ୱାରା ଦିନରେ ବୁନ୍ଦା ବୁନ୍ଦା ହୋଇ ଜଳସେଚନ ଦ୍ୱାରା ଲିଚୁରେ ଗୁଣବତ୍ତାଯୁକ୍ତ ଫଳ ମିଳିଥାଏ।

# ମସ୍ଷ୍ଟିକ୍‌ରେ ଲଗାନ୍ତୁ ଲତାଗଛ



ବାଲ୍‌କୋନି ହେଉ କି ଛାତ ବଗିଚା, ଲତାଗଛ ବୃଦ୍ଧି ପାଇଁ ମସ୍ଷ୍ଟିକ୍ ତଥା ମସ୍ ପୋଲ୍ ସବୁଠୁ ଭଲ ବିକଳ୍ପ। କମ୍ ଖର୍ଚ୍ଚରେ ଘରେ ଝୋଟ ଏବଂ ପିଭିସି ପାଇପ୍‌କୁ ଉପଯୋଗ କରି ମସଷ୍ଟିକ୍ ବନାଇପାରିବେ। ଏହାଦ୍ୱାରା ଗଛକୁ ସୂର୍ଯ୍ୟକିରଣ ମିଳିବା ସହ ସାହାରା ମିଳିଥାଏ। ସମ୍ପ୍ରତି ଅନେକ ଘରେ ରଙ୍ଗବେରଙ୍ଗର ଆଳଙ୍କାରିକ ଲତାବୃକ୍ଷ ଲଗାଉଛନ୍ତି। ଏହା ଘରକୁ ପ୍ରାକୃତିକ ଶୁଦ୍ଧ ବାୟୁ ଯୋଗାଇବା ସହ ଅମ୍ଳଜାନ ବୃଦ୍ଧି କରାଏ। ତେଣୁ ଏହି ଗଛ ତଥା ଲତାକୁ ସାହାରା ଦେବାକୁ ପାରମ୍ପରିକ ପ୍ରଣାଳୀରେ ମସ୍ଷ୍ଟିକ୍ ତିଆରି ନ କରି ପିଭିସି (୧.୫ ପାଇପ୍), ଝୋଟ, ଅଠା ଆଦି ନିଅନ୍ତୁ। ନିଜ ଗଛ ଉଚ୍ଚତା ଆକାରରେ ପାଇପ୍ ଚାରିପାଖେ ଅଠା ଦେଇ ଝୋଟରଶିକୁ ଗୁରାଇ ଦିଅନ୍ତୁ। ପାଇପ୍‌ର ତଳପାର୍ଶ୍ୱରୁ ଏକ ତୃତୀୟାଂଶ ଛାଡ଼ିଦିଅନ୍ତୁ। କାରଣ ଏହାକୁ କୁଣ୍ଡରେ ମାଟିରେ ପୋତିବାକୁ ହୋଇଥାଏ। ତେବେ ପୁନର୍ବାର ଗଛ ରୋପଣ ସମୟରେ ଏହି ଖମ୍ବକୁ ମାଟିରେ ରଖିପାରିବେ। ଅଧିକାଂଶ ଫିଲୋଡେଣ୍ଡ୍ରୋନ୍, ମନିପ୍ଲାଣ୍ଟ, ସିଙ୍ଗୋନିୟମ, ପାନପତ୍ର, ମୋନଷ୍ଟେରା, ଶତାବରି, ସେନେକିଓ ଆଦି ଲତାଜାତୀୟ ଗଛକୁ ମସପୋଲ୍ ତଥା ମସଷ୍ଟିକ୍‌ରେ ଲଗାଇବା ଦ୍ୱାରା ଅଧିକ ଲାଭ ମିଳିଥାଏ।

# କୃଷି ପାଣିପାଗ



**ଏ ସପ୍ତାହ ପାଇଁ କେତେକ ପରାମର୍ଶ...**

- ବୁଣାବୁଣି କାର୍ଯ୍ୟ, ସାର ପ୍ରୟୋଗ, କୀଟନାଶକ ପ୍ରୟୋଗ ଓ ଜଳସେଚନକୁ କିଛିଦିନ ପାଇଁ ସ୍ଥଗିତ ରଖନ୍ତୁ।
- ସୁବିଧା ଥିଲେ, ଫଳବଗିଚା କିମ୍ବା ଅଧିକ ଚଉଡ଼ାରେ ବୁଣାଯାଇଥିବା ଫସଲରେ ବୁନ୍ଦା କିମ୍ବା ସିଞ୍ଚନ ଜଳସେଚନ କରନ୍ତୁ।
- ନଡ଼ିଆ ଗଛ ଚାରିପଟେ ୧.୮ ମିଟର ବ୍ୟାସାର୍ଦ୍ଧ ନଡ଼ିଆ ପତ୍ର ବିଛାଇ ଦିଅନ୍ତୁ।
- ଦିନବେଳା ତାପମାତ୍ରା ଅଧିକ ହେତୁ ଟମାଟୋ ଓ ବାଇଗଣରେ ଝାଉଁଳା ରୋଗ ଲାଗିବାର ସମ୍ଭାବନା ଥିବାରୁ ୧ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଲଗାତାର ଶୁଖିଲା ପାଗ ପରେ ବର୍ଷା ହେଲେ ମକା ଫସଲରେ ଫଲ ଆର୍ମିୱାର୍ମ ପୋକ ଲାଗିବାର ସମ୍ଭାବନା ଥାଏ। ଏହାର ନିରାକରଣ ପାଇଁ ପ୍ରତି ଇମାମେକ୍ଟିନ୍ ବେଞ୍ଜୋଏଟ୍ ୫% ଏସ୍‌ଜି @ ୮୦ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

ଇଣ୍ଡିଆନ ସୁପର ଲିଗ୍

# ଓଡ଼ିଶା ଏଫ୍‌ସି-ମୋହନ ବାଗାନ ସେମି ଲେଗ୍-୧ ଆଜି

## ପ୍ରଥମ ଫାଇନାଲ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର,୨୨।୪(ସମିସ)

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଓଡ଼ିଶା ଏଫ୍‌ସି ପ୍ରଥମଥର ପାଇଁ ସେମିଫାଇନାଲ ଖେଳିବାକୁ ଯାଉଛି। ସ୍ଥାନୀୟ ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯିବାକୁ ଥିବା ସେମିଫାଇନାଲ ପ୍ରଥମ ଲେଗ୍‌ରେ ଓଡ଼ିଶା ଏଫ୍‌ସି ଓ ଲିଗ୍ ଶିଲ୍ଡ ଚାମ୍ପିଅନ ତଥା ଲିଗ୍‌ର ଅନ୍ୟତମ ଶକ୍ତିଶାଳୀ ଦଳ ମୋହନ ବାଗାନ ସୁପର ଜାଏଣ୍ଟ ପରସ୍ପରକୁ ଭେଟିବେ। ଏହାପରେ ସେମିଫାଇନାଲର ଦ୍ୱିତୀୟ ଲେଗ୍ ମୁକାବିଲା କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଖେଳାଯିବ। ଦୁଇଟି ମୁକାବିଲାରେ ଗୋଲ ଏଗ୍ରିଗେଟ୍‌ରେ ଅଗ୍ରଣୀ ଥିବା ଦଳ ଫାଇନାଲରେ ପ୍ରବେଶ କରିବ।

### କଳିଙ୍ଗରେ ଅପରାଜେୟ ରହିଛି ଓଡ଼ିଶା

କଳିଙ୍ଗରେ ଘରୋଇ ପରିବେଶରେ ଓଡ଼ିଶା ଦମ୍‌ଦାର ପ୍ରଦର୍ଶନ କରିଛି। କଳିଙ୍ଗରେ ଓଡ଼ିଶା ଏଥର ୧୨ଟି ମ୍ୟାଚ୍ ଖେଳି ଅପରାଜେୟ ରହିଛି। ପ୍ଲେ-ଅଫ୍ ମୁକାବିଲାରେ ଓଡ଼ିଶା ଗୋଟିଏ ଗୋଲ୍ ପଛରେ ଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ କରି ୨-୧ ଗୋଲରେ କେରଳ ବ୍ଲାଷ୍ଟର୍ସ ଏଫ୍‌ସିକୁ ପରାସ୍ତ କରି ସେମିକୁ ଉଠିଥିଲା। ଅନ୍ୟପଟେ ମୋହନବାଗାନ ଲିଗ୍ ପର୍ଯ୍ୟାୟରେ ୨୨ଟି ମ୍ୟାଚ୍ ଖେଳି ୧୫ ବିଜୟ, ୩ ଡ୍ର ଓ ୪ ପରାଜୟ ସହ ୪୮ ପଏଣ୍ଟ ପାଇ ତାଲିକା ଶୀର୍ଷରେ ରହି ଲିଗ୍ ସିଲ୍ଡ ହାସଲ କରିବା ସହ ସିଧାସଳଖ ସେମିକୁ ଉଠିଥିଲା। ଓଡ଼ିଶା ୨୨ ମ୍ୟାଚ୍ ଖେଳି ୧୧ ବିଜୟ, ୬ ଡ୍ର ଓ ୫ ପରାଜୟ ସହ ୩୯ ପଏଣ୍ଟ ହାସଲ କରି ଚତୁର୍ଥ ସ୍ଥାନରେ ରହି ପ୍ରଥମଥର ପାଇଁ ପ୍ଲେ ଅଫ୍‌ରେ ପ୍ରବେଶ କରିଥିଲା। ଲିଗ୍ ପର୍ଯ୍ୟାୟରେ ଦୁଇ ଦଳ ପରସ୍ପରକୁ ଦୁଇଥର ଭେଟିଛନ୍ତି ଓ ଦୁଇଟି ଯାକ ମ୍ୟାଚ୍ ଅମୀମାଂସିତ ରହିଛି। ପ୍ରଥମ ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ସେହିପରି କଳିଙ୍ଗରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ପ୍ରଥମ ଦଳ ଭାବେ ଓଡ଼ିଶା ପ୍ଲେ ଅଫ୍‌ରେ ପ୍ରବେଶ କରିଥିଲା। ତେଣୁ ପ୍ରଦର୍ଶନ ଓ ଦକ୍ଷତା ଦୃଷ୍ଟିକୋଣରୁ ଉଭୟ ଦଳ ବରାବର ଥିବା ପରି ମନେହେଉଛନ୍ତି। ଫଳରେ ସେମି ଫାଇନାଲର ଦୁଇଟି ଲେଗ୍‌ରେ ଜବରଦସ୍ତ ସଂଘର୍ଷ ଓ ରୋମାଞ୍ଚ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

**ମ୍ୟାଚ୍ ଆରମ୍ଭ: ରାତି ୭.୩୦**
**ଭେନ୍ୟୁ: କଳିଙ୍ଗ ଷ୍ଟାଡିୟମ**
**ସିଧା ପ୍ରସାରଣ: ସ୍ପୋର୍ଟ୍ସ ୧୮ ନେଟ୍‌ୱର୍କ, ଜିଓ ସିନେମା ଆପ୍**

### ଓଡ଼ିଶା ବିପକ୍ଷରେ ମୋହନ ବାଗାନର ଉନ୍ନତ ରେକର୍ଡ

ଘରୋଇ ପରିବେଶରୁ ଓଡ଼ିଶା ପୁଣି ଥରେ ଫାଇଦା ଉଠାଇ ମୋହନ ବାଗାନକୁ ଚକ୍‌ମା ଦେବା ଲକ୍ଷ୍ୟରେ ରହିଛି। ଅନ୍ୟପଟେ ଗତ ସପ୍ତାହରେ ମୋହନ ବାଗାନ ଲିଗ୍ ଶିଲ୍ଡ ପାଇଁ ମୁମ୍ବାଇ ସିଟି ଏଫ୍‌ସିକୁ ୨-୧ ଗୋଲରେ ପରାସ୍ତ କରି ତା'ର ଆତ୍ମ ବିଶ୍ୱାସକୁ ଆହୁରି ଦୃଢ଼ କରିଛି। ଗତ ୫ଟି ମୁକାବିଲାରେ ମୋହନବାଗାନ ୪ଟିରେ ବିଜୟୀ ହୋଇ ଜବରଦସ୍ତ ଫର୍ମରେ ରହିଛି। ମୋହନ ବାଗାନ ବିପକ୍ଷରେ ୯ଟି ମ୍ୟାଚ୍ ଖେଳିଛି ଓଡ଼ିଶା। ଓଡ଼ିଶା ବିଜୟ ହାସଲ କରିପାରି ନାହିଁ। ୫ଟି ମ୍ୟାଚ୍‌କୁ ଓଡ଼ିଶା ଅମୀମାଂସିତ ରଖିଥିବା ବେଳେ ୪ଟି ମ୍ୟାଚ୍‌ରେ ପରାସ୍ତ ହୋଇଛି। ସେହିପରି ଏଫ୍‌ସି ଗୋଆ ବିପକ୍ଷରେ ଓଡ଼ିଶା ୧୦ଟି ମ୍ୟାଚ୍ ଖେଳିଥିଲେ ମଧ୍ୟ ଗୋଟିଏ ହେଲେ ବିଜୟ ହାସଲ କରିପାରି ନାହିଁ। ଓଡ଼ିଶା କିନ୍ତୁ ଏଏଫ୍‌ସି କପ୍‌ରେ ମୋହନ ବାଗାନକୁ ୫-୨ ଗୋଲରେ ପରାସ୍ତ କରିଥିଲା। ତେଣୁ ଏହି ବିଜୟରୁ ଓଡ଼ିଶା ପ୍ରେରଣା ନେଇ ପଡିଆକୁ ଓହ୍ଲାଇବ।



### ଫୋକସ୍‌ରେ କୋଲାକୋ, ଆଇଜାକ, ମୌରିସିଓ

ଅପରପକ୍ଷରେ ମୋହନ ବାଗାନ ଚଳିତ ସିଜନରେ ଉଭୟ ହୋମ୍ ଓ ଆୱେରେ ଜବରଦସ୍ତ ପ୍ରଦର୍ଶନ କରିଛି। ୨୨ଟି ମ୍ୟାଚ୍‌ରେ ମୋହନ ବାଗାନ ୪୭ଟି ଗୋଲ ସ୍କୋର କରିଛି। ତେଣୁ ଓଡ଼ିଶା ଏଫ୍‌ସି ସେମିର ଦୁଇଟି ଲେଗ୍ କଡ଼ା ପରୀକ୍ଷାର ସମ୍ମୁଖୀନ ହେବ। ଓଡ଼ିଶାର ଆଇଜାକ ଭାନଲାଲରୁଆତଫେଲା, ଡିଏଗୋ ମୌରିସିଓ ଓ ମୋହନ ବାଗାନର ଲିଷ୍ଟନ କୋଲାକୋଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ଓଡ଼ିଶା ଷ୍ଟ୍ରାଇକର ରଏ କ୍ରିଷ୍ଣା, ମୌର୍ତାଡା ଫଲ୍‌ଙ୍କ ପ୍ରଦର୍ଶନ ଉପରେ ମ୍ୟାଚର ଫଳାଫଳ ନିର୍ଭର କରିବ।

### ଅପରାଜେୟ ଧାରା ବଜାୟ ଲକ୍ଷ୍ୟରେ ରହିଛୁ: ଲୋବେରା

ଘରୋଇ ପରିବେଶରେ ଆମେ ଅପରାଜେୟ ରହିଛୁ ଓ ଏହି ଧାରା ବିଜାୟ ରଖଇବାକୁ ପ୍ରୟାସ କରିବୁ ବୋଲି ଓଡ଼ିଶା ମୁଖ୍ୟ ପ୍ରଶିକ୍ଷକ ସର୍ଜିଓ ଲୋବେରା କହିଛନ୍ତି। ମୋହନ ବାଗାନ ଏକ ଭଲ ଦଳ ଓ ଏହି ଦଳ ବିପକ୍ଷରେ ଆମେ ଏଥର କଡ଼ା ଟକ୍କର ଦେଇଛୁ। ତେଣୁ ବିଜୟୀ ହେବୁ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଗୋଲ୍ଡେନ୍ ଗ୍ଲୋଭ୍ ନୁହଁ ଆଇଏସ୍‌ଏଲ୍ ଟ୍ରଫି ଜିତିବାକୁ ଚାହୁଁଛି ବୋଲି ଓଡ଼ିଶା ଗୋଲରକ୍ଷକ ଅମରିନ୍ଦର ସିଂ କହିଛନ୍ତି। ଅନ୍ୟପଟେ ଆମର ସବୁ ଖେଳାଳି ମ୍ୟାଚ୍ ପାଇଁ ଉପଲବ୍ଧ ରହିଛନ୍ତି ବୋଲି ମୋହନ ବାଗାନ ସହାୟକ ପ୍ରଶିକ୍ଷକ ମାନୁଏଲ ପରେଜ କହିଛନ୍ତି। ତେଣୁ ଏକ ଶ୍ରେଷ୍ଠ ଦଳ ସହ ପଡିଆକୁ ଓହ୍ଲାଇବୁ ଓ ଘରୋଇ ଦଳକୁ ହରାଇ ଗୋଟିଏ ପାଦ ଆଗକୁ ବଢିବୁ ବୋଲି ପେରେଜ କହିଛନ୍ତି।





# ଆଜିଠୁ 'ଆଇ ସର୍ଭ ୟୁ ହିରୋ ଲିଗ୍'

ଭୁବନେଶ୍ୱର, ୨୨।୪ (ସମିସ)

ରାଜଧାନୀରେ ଥିବା କର୍ପୋରେଟ୍ ତଥା ଆଇଟି କମ୍ପାନୀ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ବଜାୟ ରଖି ପ୍ରତିବର୍ଷ ଭଳି ଏଥର ମଧ୍ୟ ଆଇ ସର୍ଭ ୟୁ ପକ୍ଷରୁ ଏକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। 'ଆଇ ସର୍ଭ ୟୁ ହିରୋ ଲିଗ୍' ନାମରେ ନାମିତ ଏହି ଟୁର୍ଣ୍ଣାମେଣ୍ଟର ୩ୟ ସଂସ୍କରଣ କିଟ୍ କ୍ରିକେଟ୍ ଷ୍ଟାଡିୟମରେ ୨୯ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଭାରତର ଏହି ଅନ୍ୟତମ ଶ୍ରେଷ୍ଠ କର୍ପୋରେଟ୍ ଲିଗ୍‌ରେ ୪ଟି ଫ୍ରାଞ୍ଚାଇଜ ଦଳ ଅଂଶଗ୍ରହଣ କରିବେ। ଯେଉଁଥିରେ ବିଭିନ୍ନ କର୍ପୋରେଟର ପ୍ରାୟ ୧୩୦ରୁ ଊର୍ଦ୍ଧ୍ୱ ଖେଳାଳି ଖେଳିବେ। ଅଂଶଗ୍ରହଣକାରୀ ୪ଟି ଫ୍ରାଞ୍ଚାଇଜ ହେଲେ ସ୍ପାର୍ଟନ୍ସ, ନିମୁରାଇ, ଗ୍ଲାଡିଏଟର୍ ଓ ଟ୍ରୟ। ଏହି ୪ଟି ଦଳ ମଧ୍ୟରେ ୧୨ଟି ମ୍ୟାଚ୍ ଖେଳାଯିବ ବୋଲି ସୋମବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆଇ ସର୍ଭ ୟୁ'ର ଫାଉଣ୍ଡର ଦେବୀପ୍ରସାଦ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଦର୍ଶକ ବିନା ଦେୟରେ ମ୍ୟାଚ୍ ଦେଖିପାରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ଭାମ୍ବ୍ରୀ ଜିତିଲେ ବିଏମ୍‌ଡବ୍ଲ୍ୟୁ ଓପନ୍

**ମ୍ୟୁନିକ, ୨୨।୪ (ଏଜେନ୍ସି):** ଭାରତୀୟ ଟେନିସ ତାରକା ୟୁକି ଭାମ୍ବ୍ରୀ ଜର୍ମାନୀରେ ଅନୁଷ୍ଠିତ ବିଏମ୍‌ଡବ୍ଲ୍ୟୁ ଓପନ୍ ପୁରୁଷ ଯୁଗଳରେ ଚାମ୍ପିଅନ ହୋଇଛନ୍ତି। ଫ୍ରାନ୍ସର ଆଲବାନୋ ଓଲିଭେଟିଙ୍କୁ ସାଥୀ କରି ଖେଳିଥିବା ଭାମ୍ବ୍ରୀ ଏହି ଏଟିପି ୨୫୦ ଇଭେଣ୍ଟ ଫାଇନାଲରେ ୭-୬ (୬), ୭-୬ (୫) ସେଟରେ ଘରୋଇ ଯୋଡ଼ି ଆନ୍ଦ୍ରେସ ମାଇସ୍ ଓ ଜାନ୍ ଲେନ୍ନାର୍ଡ ଷ୍ଟଫ୍‌ଙ୍କୁ ପରାସ୍ତ କରିଥିଲେ। ଅନସିଡ୍ ଭାମ୍ବ୍ରୀ ଓ ଓଲିଭେଟି ଯୋଡ଼ି ମ୍ୟାଚ୍ ଜିତିବାକୁ ଏକ ଘଣ୍ଟା ୫୧ ମିନିଟ୍ ସମୟ ନେଇଥିଲେ। ଏହି ଇଣ୍ଡୋ-ଫ୍ରାନ୍ସ ଯୋଡ଼ି ଏକାଠି ଭାବେ ପ୍ରଥମ ଟାଇଟଲ୍ ହାସଲ କରିଛନ୍ତି। ସେହିଭଳି ୩୧ ବର୍ଷୀୟ ଭାମ୍ବ୍ରୀଙ୍କ କ୍ୟାରିୟରର ୨ୟ ଏଟିପି ଟୁର୍ ଟାଇଟଲ୍। ଏଥିପୂର୍ବରୁ ସେ ଗତବର୍ଷ ମାଲୋର୍କା ଓପନ୍ ପୁରୁଷ ଯୁଗଳରେ ମଧ୍ୟ ଚାମ୍ପିଅନ ହୋଇଥିଲେ।





## ତୃତୀୟ ଟି-୨୦ରେ ପାକିସ୍ତାନ ପରାସ୍ତ

# ନ୍ୟୁଜିଲାଣ୍ଡକୁ ଜିତାଇଲେ ଚାପ୍‌ମ୍ୟାନ

**ରାୱଲପିଣ୍ଡି, ୨୨।୪ (ଏଜେନ୍ସି):** ଏଠାରେ ଖେଳାଯାଇଥିବା ୩ୟ ଟି-୨୦ ମ୍ୟାଚରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୭ ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଛି। ମାର୍କ ଚାପ୍‌ମ୍ୟାନ ଅପରାଜିତ ୮୭ ରନର ପାଳି ଖେଳି ଏହି ମ୍ୟାଚରେ ନ୍ୟୁଜିଲାଣ୍ଡକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହ ୫ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜ ୧-୧'ର ବରାବର୍ ସ୍ଥିତିକୁ ଚାଲିଆସିଛି। ପୂର୍ବରୁ ବର୍ଷା ଲାଗି ପ୍ରଥମ ମ୍ୟାଚ୍ ବାତିଲ ହୋଇଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚକୁ ଘରୋଇ ପାକିସ୍ତାନ ୭ ୱିକେଟ୍‌ରେ ଜିତିଥିଲା। ଗୁରୁବାର ଓ ଶନିବାର ଶେଷ ଦୁଇଟି ମ୍ୟାଚ୍ ଖେଳାଯିବ। ତୃତୀୟ ଟି-୨୦ ମ୍ୟାଚରେ ନ୍ୟୁଜିଲାଣ୍ଡ ଅଧିନାୟକ ମାଇକେଲ୍ ବ୍ରାସୱେଲ୍ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ପାକିସ୍ତାନ ବ୍ୟାଟର୍‌ଙ୍କ ମିଳିତ ସଫଳତା ବଳରେ ୪ ୱିକେଟ୍ ହରାଇ ୧୭୮ ରନ କରିଥିଲା। ଦଳ ପକ୍ଷରୁ ଶାଦବ ଖାନ ସର୍ବାଧିକ ୪୧, ଅଧିନାୟକ ବାବର ଆଜମ ୩୭, ସଇମ ଆୟୁବ ୩୨, ଇଫତିକାର ଖାନ ଅପରାଜିତ ୩୦ ରନ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ସ୍ପିନର ଇଶ୍ ସୋଧୀଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ମାର୍କ ଚାପ୍‌ମ୍ୟାନଙ୍କ ଅପରାଜିତ ୮୭ ରନ ବଳରେ ନ୍ୟୁଜିଲାଣ୍ଡ ୧୮.୨ ଓଭରରେ ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ଚାପ୍‌ମ୍ୟାନ ତାଙ୍କ ୪୨ ବଲ ପାଳିରେ ୯ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିନ୍ ଫକ୍ସକ୍ରଫ ୩୧, ଟିମ୍ ରବିନସନ ୨୮, ଟିମ୍ ସେଇଫର୍ଟ ୨୧ ଓ ଜେମ୍ସ ନିଶାମ ଅପରାଜିତ ୬ ରନ କରିଥିଲେ। ଚାପ୍‌ମ୍ୟାନ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# କାଲମଙ୍କ ହାତ ଧରିଲେ ବିଉମଣ୍ଟ



**ଲଣ୍ଡନ, ୨୨।୪ (ଏଜେନ୍ସି):** ଇଂଲଣ୍ଡ ମହିଳା କ୍ରିକେଟ୍ ଦଳର ଆଗଧାଡ଼ିର ବ୍ୟାଟର୍ ଟାମି ବିଉମଣ୍ଟ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ୩୩ ବର୍ଷୀୟା ଏହି ଇଂଲଣ୍ଡ କ୍ରିକେଟର୍ ତାଙ୍କ ବହୁଦିନର ପ୍ରେମିକ କାଲମ୍ ଡାଭିଙ୍କ ହାତ ଧରି ନୂଆ ଇନିଂସ ଆରମ୍ଭ କରିଛନ୍ତି। ଏହି ବିବାହ ଉତ୍ସବରେ ବିଉମଣ୍ଟଙ୍କ ପରିବାରବର୍ଗଙ୍କ ସମେତ ସାଥୀ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳର ଖେଳାଳିମାନେ ମଧ୍ୟ ଉପସ୍ଥିତ ରହିଥିଲେ। ସେମାନଙ୍କ ମଧ୍ୟରେ ଅଧିନାୟିକା ହିଥର ନାଇଟ୍, ନାଟ୍ ସ୍କିଭର-ବ୍ରଣ୍ଟ୍‌ସ, ଡାନି ୱେଟ୍, କେଟ୍ କ୍ରସ୍, ଆଲେକ୍ସ ହାର୍ଟଲୀ ଓ ସାରା ଗ୍ଲେନ୍ନ ଯୋଗଦେଇ ବିଉମଣ୍ଟ ଓ ଡାଭିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ବିଉମଣ୍ଟ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ପକ୍ଷରୁ ୯ ଟେଷ୍ଟ, ୧୧୨ ଏକଦିବସୀୟ ଓ ୧୦୨ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୫୨୪, ୩୭୩୪ ଓ ୧୭୯୨ ରନ କରିଛନ୍ତି। ତିନୋଟି ଯାକ ଫର୍ମାଟ୍‌ରେ ତାଙ୍କ ନାମରେ ୧୧ ଶତକ ଓ ୩୧ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ବିଶ୍ୱର ଦ୍ୱିତୀୟ ମହିଳା କ୍ରିକେଟର୍ ଭାବେ ସେ ୩ଟି ଯାକ ଫର୍ମାଟ୍‌ରେ ଶତକ ହାସଲ କରିବାର କୀର୍ତ୍ତିମାନ କରିଛନ୍ତି। ୨୦୧୭ ଏକଦିବସୀୟ ବିଶ୍ୱକପରେ ଦଳକୁ ଚାମ୍ପିଅନ କରାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ବିଶ୍ୱକପ୍‌ରେ ସେ ୯ ପାଳିରୁ ୪୧୦ ରନ ସଂଗ୍ରହ କରିଥିଲେ।

## ଓଡ଼ିଶା ଦଳର ଦାୟିତ୍ୱ ଗ୍ରହଣ କଲେ ସୁରେନ୍ଦ୍ର ଭାବେ

# 'ଖେଳାଳିଙ୍କ ଫିଟ୍‌ନେସ୍‌କୁ ପ୍ରାଥମିକତା'

କଟକ,୨୨।୪(ସମିସ)



ଓସିଏ ସିଇଓ ସୁବ୍ରତ ବେହେରା ଓ ନୂଆ ପ୍ରଶିକ୍ଷକ ସୁରେନ୍ଦ୍ର ଭାବେ

ଖେଳାଳିମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ସମ୍ଭବପର। ଉଦ୍ୟମ ଜାରି ରହିଲେ ଏକ ଦଳ ମଧ୍ୟ ଉତ୍କୃଷ୍ଟ ପ୍ରଦର୍ଶନ କରି ଶୀର୍ଷକୁ ଯାଇପାରିବ। ଓଡ଼ିଶାରେ ପ୍ରତିଭାଙ୍କ ଅଭାବ ନାହିଁ। କିଛି ବର୍ଷ ପୂର୍ବେ ହରିୟାଣା ଦଳର ପ୍ରଶିକ୍ଷକ ଥିବାବେଳେ ଓଡ଼ିଆ ଖେଳାଳି ପ୍ରଦର୍ଶନ ଅତି ନିକଟରୁ ଦେଖିଥିଲି। ଭଲ ଖେଳି ଓଡ଼ିଶା ହରିୟାଣାକୁ ହରାଇଥିଲା। ଏବେ ଏହି ଦଳର ପ୍ରଶିକ୍ଷକ ହେବାକୁ ସୁଯୋଗ ମିଳିଛି। ବହୁତ ଉତ୍ସାହିତ ଅଛି। ୨୫ବର୍ଷର ଅଭିଜ୍ଞତାକୁ ବିନିଯୋଗ କରି ଦଳଗତ ପ୍ରଦର୍ଶନର ବିକାଶ ପାଇଁ ଚେଷ୍ଟା କରିବି। ପ୍ରତ୍ୟେକ ଖେଳାଳିଙ୍କ ଉପରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯିବ। ବିଶେଷକରି ଖେଳାଳିମାନଙ୍କ ଫିଟନେସ ଦିଗରେ ପ୍ରାଥମିକତା ଦିଆଯିବ। ରାଜ୍ୟ ବରିଷ୍ଠ ପୁରୁଷ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିବାପରେ ଏକଥା କହିଛନ୍ତି ସୁରେନ୍ଦ୍ର ଭାବେ।

ସୋମବାର ସନ୍ଧ୍ୟାରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ ହୋଇଥିଲା। ଏଥିରେ ନବନିଯୁକ୍ତ ପ୍ରଶିକ୍ଷକ ସୁରେନ୍ଦ୍ର ଯୋଗ ଦେଇଥିଲେ। ଖେଳାଳି ଓ ପ୍ରଶିକ୍ଷକଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରକ୍ଷା କରି କାର୍ଯ୍ୟ କରିବେ ବୋଲି ସେ ମତ ଦେଇଥିଲେ। ଅନ୍ୟପକ୍ଷରେ କୌଣସି ପ୍ରଶିକ୍ଷକ ଅଧିକ ଦିନ ଦାୟିତ୍ୱରେ ରହି ନ ପାରିବା ପ୍ରଶ୍ନରେ ସେ କହିଥିଲେ ଯେ, ଖେଳାଳିଙ୍କ ସହ ଅଧିକ ସମୟ ବିତାଇବାକୁ ପଡ଼ିବ। ଏଣୁ ଅଧିକ ଦିନ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିବାର ଭିଜନ୍ ନେଇ ଆସିଛି ବୋଲି ଭାବେ କହିଛନ୍ତି। ଓସିଏ ସିଇଓ ସୁବ୍ରତ କୁମାର ବେହେରା ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୫୮ ବର୍ଷୀୟ ଭାବେ ମହାରାଷ୍ଟ୍ର ପାଇଁ ୯୭ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି। ଅବସର ପରେ ସେ ମହାରାଷ୍ଟ୍ର, ପଞ୍ଜାବ ଓ ହରିୟାଣା ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ଏହାବାଦ୍ ବିସିସିଆଇ ଚୟନକର୍ତ୍ତା ଭାବେ କାର୍ଯ୍ୟ କରିଥିଲେ। ଏହି ଅବସରରେ ଓସିଏ ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟାନ କମକର୍ତ୍ତା ଭାବେଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ଦୀନେଶ ମୋଙ୍ଗିଆଙ୍କ ସ୍ଥାନରେ ସୁରେନ୍ଦ୍ର ଓଡ଼ିଶା କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ଗ୍ରହଣ କରିଛନ୍ତି। ମୋଙ୍ଗିଆ ୨୦୨୩ରେ ଦୁଇ ବର୍ଷ ଲାଗି ଓଡ଼ିଶା ବରିଷ୍ଠ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। କିନ୍ତୁ ତାଙ୍କ ପ୍ରଶିକ୍ଷଣରେ ରାଜ୍ୟ ଦଳ ଘରୋଇ କ୍ରିକେଟ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଯେଉଁଥି ପାଇଁ କାର୍ଯ୍ୟକାଳ ପୂରିବା ପୂର୍ବରୁ ମୋଙ୍ଗିଆଙ୍କ ସହ ଓସିଏ ସମ୍ପର୍କ ତୁଟାଇଥିଲା।

# ମାଡ୍ରିଦ୍ ଓପନ୍‌ରୁ ଓହରିଲେ ଜୋକୋଭିଚ୍

**ମାଡ୍ରିଦ୍,୨୨।୪(ଏଜେନ୍ସି):** ବୁଧବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଥିବା ମାଡ୍ରିଦ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟ ବିଶ୍ୱର ୧ ନଂ ଖେଳାଳି ନୋଭାକ ଜୋକୋଭିଚ୍ ଓହରିଯାଇଛନ୍ତି। ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ୩୬ ବର୍ଷୀୟ ଜୋକୋଭିଚ୍ ସୋମବାର ଏ ନେଇ ଘୋଷଣା କରିଛନ୍ତି। ଫଳରେ ତାଙ୍କୁ ମୁଖ୍ୟ ଡ୍ର'ରେ ସାମିଲ କରାଯାଇନାହିଁ। ଚଳିତ ସେସନରେ ସେ ଏପର୍ଯ୍ୟନ୍ତ କୌଣସି ଟାଇଟଲ ଜିତିବାରେ ବିଫଳ ହୋଇଛନ୍ତି। ଚଳିତ ସେସନରେ ସେ ଏପର୍ଯ୍ୟନ୍ତ ୪ଟି ଟୁର୍ଣ୍ଣାମେଣ୍ଟ ଖେଳିସାରିଛନ୍ତି। ତେଣୁ କାର୍ଯ୍ୟଭାର କମାଇବାକୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଗତ ୪ ବର୍ଷରେ ସେ ତୃତୀୟଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟରୁ ଓହରିଯାଇଛନ୍ତି।

ମେ ୨୬ରେ ଫ୍ରେଞ୍ଚ ଓପନ୍ ଆରମ୍ଭ ହେବା ପୂର୍ବରୁ ଇଟାଲିଆନ ଓ ରୋମ ଓପନ୍ ଖେଳାଯିବ। ସେ ଏହି ଦୁଇ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିପାରିବେ। ଏହି କ୍ଲେ କୋର୍ଟ ଟୁର୍ଣ୍ଣାମେଣ୍ଟରେ ଜୋକୋଭିଚ୍ ୩ଥର ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି। ପୂର୍ବରୁ ସେ ମାର୍ଚ୍ଚରେ ମିଆମି ଓପନ୍‌ରୁ ମଧ୍ୟ ଓହରିଯାଇଥିଲେ। ସ୍ପେନ୍ ଅଭିଜ୍ଞ ଟେନିସ ତାରକା ରାଫେଲ ନାଦାଲ ମାଡ୍ରିଦ୍ ଓପନ୍ ପ୍ରଥମ ରାଉଣ୍ଡରେ ୧୬ ବର୍ଷୀୟ ଆମେରିକୀୟ ଖେଳାଳି ଡାରୱିନ ବ୍ଲାଞ୍ଚ୍‌କୁ ଭେଟି ଅଭିଯାନ ଆରମ୍ଭ କରିବେ। ଗତ ବାର୍ସିଲୋନ ଓପନ୍‌ରେ ସେ ଦୀର୍ଘ ଦିନ ପରେ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ପରାସ୍ତ ହୋଇଥିଲେ। ଗତଥରର ଚାମ୍ପିଅନ ସ୍ପେନ୍‌ର ଅନ୍ୟତମ ଖେଳାଳି କାର୍ଲୋସ ଆଲକାରାଜଙ୍କୁ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ସିଡ୍ ମାନ୍ୟତା ମିଳିଛି ଓ ସେ ଦ୍ୱିତୀୟ ରାଉଣ୍ଡରୁ ଅଭିଯାନ ଆରମ୍ଭ କରିବେ।

## ଭାରତ କ୍ରୀଡ଼ା ଇତିହାସ ରେ ନୂଆ କୀର୍ତ୍ତିମାନ

# ଗୁକେଶ ସର୍ବକନିଷ୍ଠ କ୍ୟାଣ୍ଡିଡେଟ୍ସ ଚେସ୍ ଚାମ୍ପିଅନ



- ବିଶ୍ୱ ଚେସ୍ ଚାମ୍ପିଅନସିପ ଫାଇନାଲ ଲାଗି ଯୋଗ୍ୟତା
- ଆସନ୍ତାବର୍ଷ ଟାଇଟଲ ଲାଗି ଡିଙ୍ଗ ଲିରେନ୍‌ଙ୍କ ସହ ମୁକାବିଲା
- ଗୁକେଶ ଭାରତର ସର୍ବାଧିକ ରେଟିଂପ୍ରାପ୍ତ ଖେଳାଳି
- ପୁରସ୍କାର ପାଇବେ ପାଖାପାଖି ଏକ କୋଟି ଟଙ୍କା

**ଟରଣ୍ଟୋ, ୨୨।୪(ଏଜେନ୍ସି)**

ଭାରତର ୧୭ ବର୍ଷୀୟ ଗ୍ରାଣ୍ଡମାଷ୍ଟର ଦୋମାରାଜୁ ବା ଡି. ଗୁକେଶ ଏଠାରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏହା ଫଳରେ ସେ ବିଶ୍ୱର ସର୍ବକନିଷ୍ଠ ଖେଳାଳିଭାବେ ବିଶ୍ୱଚାମ୍ପିଅନସିପ୍ ଫାଇନାଲରେ ବର୍ତ୍ତମାନର ଚାମ୍ପିଅନ ଚୀନ୍‌ର ଗ୍ରାଣ୍ଡମାଷ୍ଟର ଡିଙ୍ଗ ଲିରେନ୍‌ଙ୍କୁ ଭେଟିବେ। ପୂର୍ବରୁ ଏହି ରେକର୍ଡ ୪ ଦଶନ୍ଧିପୂର୍ବେ ରୁଷ୍‌ର ୨୨ ବର୍ଷୀୟ ଗ୍ୟାରି କାସ୍ପୋରୋଭଙ୍କ ନାମରେ ରହିଥିଲା। ସେହିପରି ବିଶ୍ୱଚାମ୍ପିଅନ୍ ବିଶ୍ୱନାଥନ ଆନନ୍ଦଙ୍କ ପରେ ଭାରତରୁ ମାତ୍ର ଦ୍ୱିତୀୟ ଖେଳାଳି ଭାବେ ଗୁକେଶ କ୍ୟାଣ୍ଡିଡେଟ୍ସ ଟାଇଟଲ ବିଜୟୀ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରୁ ତାଙ୍କୁ ୨୦ ରେଟିଂ ପଏଣ୍ଟ ମିଳିଛି। ଚଳିତମାସ ଶେଷରେ ଫିଡେ ରେଟିଂ ପ୍ରକାଶ ପାଇବା ପରେ ସେ ଭାରତର ଏକ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ହେବେ। ଏବେ ତାଙ୍କର ରେଟିଂ ୨୭୬୩ ହେବ। ଏହା ପରେ ଅର୍ଜୁନ ଏରିଗିଆସି ୨୭୬୧ ରେଟିଂ ସହ ଦ୍ୱିତୀୟସ୍ଥାନକୁ ଖସିଆସିବେ। ସେହିପରି ପୁରସ୍କାର ବାବଦରେ ଗୁକେଶଙ୍କୁ ପାଖାପାଖି ଏକ କୋଟି ବା ୯୮, ୬୮, ୫୨୫ ଟଙ୍କା ମିଳିବ। ଟୁର୍ଣ୍ଣାମେଣ୍ଟର ନିୟମ ଅନୁଯାୟୀ ଚାମ୍ପିଅନ ହୋଇଥିବାରୁ ଗୁକେଶ ୪୮,୦୦୦ ୟୁରୋ ଓ ୯ ପଏଣ୍ଟ ପାଇଥିବାରୁ ୬୩,୦୦୦ ୟୁରୋ ପୁରସ୍କାର ଆକାରରେ ପାଇବେ। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ଅଧାପଏଣ୍ଟ ଲାଗି ୩,୫୦୦ ୟୁରୋ ପୁରସ୍କାର ଦିଆଯିବାର ନିୟମ ରହିଛି। ବିଶ୍ୱଚେସ୍ ଚାମ୍ପିଅନ୍‌ସିପ୍‌ର ଫାଇନାଲରେ ଗତଥର ରୁଷର ଇଆନ ନେପୋମନିଆଚଚିଙ୍କୁ ପରାସ୍ତ କରି ଲିରେନ୍ ବିଶ୍ୱ ଚାମ୍ପିଅନ୍ ହୋଇଥିଲେ। ଟାଇଟଲ ବଜାୟ ରଖିବା ଲାଗି ଏଥର ସେ ଗୁକେଶଙ୍କ ସହ ମୁକାବିଲା କରିବେ।

### ୬ ଘଣ୍ଟାର ନାଟକୀୟ ମୁକାବିଲା

ଏଠାରେ ରବିବାର ଟୁର୍ଣ୍ଣାମେଣ୍ଟର ୧୪ତମ ତଥା ଶେଷ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ହିକାରୁ ନାକାମୁରାଙ୍କ ସହ ଗୁକେଶ ଓ ଫାବିଆନୋ କାରୁଆନୋଙ୍କ ସହ ଇଆନ ନେପୋମନିଆଚଚିଙ୍କର ମୁକାବିଲା ହୋଇଥିଲା। ଶେଷ ରାଉଣ୍ଡ ପୂର୍ବରୁ ଗୁକେଶ ୮.୫ ପଏଣ୍ଟ ପାଇ ପ୍ରଥମ ଓ ଉପରୋକ୍ତ ଅନ୍ୟ ୩ଜଣ ୮ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଫଳାଫଳ ଅନୁଯାୟୀ ଏହି ୪ଜଣଙ୍କ ମଧ୍ୟରୁ କେହି ଜଣେ ଚାମ୍ପିଅନ ହୋଇପାରିଥାନ୍ତେ। ଗୁକେଶ ଅନ୍ୟମାନଙ୍କଠାରୁ ଅଧା ପଏଣ୍ଟ ଆଗୁଆ ରହିଥିବାରୁ ଟାଇଟଲ ଜିତିବା ଲାଗି ଶେଷ ରାଉଣ୍ଡରେ ତାଙ୍କର ବିଜୟ କିମ୍ବା ଉପରୋକ୍ତ ଦୁଇଟି ଯାକ ମ୍ୟାଚ୍ ଡ୍ର ରହିବାର ଆବଶ୍ୟକତା ଥିଲା। ଅଳ୍ପ ସମୟ ମଧ୍ୟରେ ଗୁକେଶ ଓ ନାକାମୁରାଙ୍କ ମଧ୍ୟରେ ମ୍ୟାଚ୍ ଡ୍ର ହୋଇଯାଇଥିଲା। ଏଥିରେ ଗୁକେଶ ୯ ପଏଣ୍ଟ ଓ ନାକାମୁରା ୮.୫ ପଏଣ୍ଟ ସହ ପ୍ରତିଯୋଗିତା ଶେଷ କରିଥିଲେ। ଏହା ପରେ ନଜର ରହିଥିଲା କାରୁଆନୋ ଓ ନେପୋମନିଆଚଚିଙ୍କ ମୁକାବିଲା ଉପରେ। ଏଥିରେ ଯଦି କେହି ବିଜୟୀ ହୋଇଥାନ୍ତେ ତେବେ ସେ ଗୁକେଶଙ୍କ ସହ ସମାନ ପଏଣ୍ଟ ସଂଗ୍ରହ କରିଥାନ୍ତେ। ଫଳରେ ଚାମ୍ପିଅନ ହେବା ଲାଗି ସମାନ ପଏଣ୍ଟ ପାଇଥିବା ଦୁଇ ଖେଳାଳିଙ୍କ ମଧ୍ୟରେ ୨ ରାଉଣ୍ଡ ଟାଇବ୍ରେକ୍ ମୁକାବିଲା ହୋଇଥିଲା। କିନ୍ତୁ କାରୁଆନୋ ଓ ନେପୋମନିଆଚଚିଙ୍କ ମଧ୍ୟରେ ମୁକାବିଲାଟି ଦୀର୍ଘ ୬ଘଣ୍ଟା ଧରି ଚାଲିଥିଲା ଓ ୧୦୯ଟି ଚାଲ ପରେ ଉଭୟ ଖେଳାଳି ମ୍ୟାଚ୍ ଡ୍ର ରଖିବାକୁ ସମର୍ଥ ହୋଇଥିଲେ। ଫଳରେ ଏମାନେ ପଏଣ୍ଟ ଭାଗ କରିଥିଲେ ଓ ନାକାମୁରାଙ୍କ ସହ ମିଳିତଭାବେ ୮.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଫଳରେ ୯ ପଏଣ୍ଟ ପାଇଥିବା ଗୁକେଶ ଏକାକୀ ପ୍ରଥମ ସ୍ଥାନରେ ରହି ଟାଇଟଲ ଜିତିବାରେ ସମର୍ଥ ହୋଇଥିଲେ। ୮ଜଣ ଖେଳାଳିଙ୍କୁ ନେଇ ଆୟୋଜିତ ଏହି ଡବଲ ରାଉଣ୍ଡ ରବିନ ଲିଗ୍ ଟୁର୍ଣ୍ଣାମେଣ୍ଟରେ ନାକାମୁରା, କାରୁଆନୋ ଓ ନେପୋମନିଆଚଚିଙ୍କ ସହ ୨ଟିଯାକ ରାଉଣ୍ଡ ଡ୍ର ରହିଥିଲା। ଅନ୍ୟ ଦୁଇ ଭାରତୀୟ ପ୍ରତିଦ୍ୱନ୍ଦ୍ୱୀ ପ୍ରଜ୍ଞାନନ୍ଦା ଓ ଗୁଜରାଟୀଙ୍କ ବିପକ୍ଷରେ ୧.୫-୦.୫ ପଏଣ୍ଟ ସ୍କୋର ଲାଇନ୍ ରହିଥିଲା। ଅଲୀ ଫିରୋଉଜାଙ୍କଠାରୁ ଗୋଟିଏ ରାଉଣ୍ଡ ଜିତିଥିଲାବେଳେ ଗୋଟିଏ ରାଉଣ୍ଡ ହାରିଥିଲେ। କିନ୍ତୁ ନିଜାତ ଆବାସୋଭ୍‌ଙ୍କୁ ସେ ୨ଟି ଯାକ ରାଉଣ୍ଡରେ ପରାସ୍ତ କରି ମୋଟ ୯ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। ଅନ୍ୟ ଦୁଇଟି ମ୍ୟାଚ୍ ମଧ୍ୟରୁ ଆବାସୋଭ୍‌ଙ୍କୁ ହରାଇ ପ୍ରଜ୍ଞାନନ୍ଦା ବିଜୟ ସହ ପ୍ରତିଯୋଗିତା ଶେଷ କରିଥିଲେ। ୧୫ତମ ଚାଲ୍‌ରୁ ପ୍ରଜ୍ଞାନନ୍ଦା ଏହି ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ଗୁଜରାଟୀ ଓ ଆବାସୋଭ୍‌ଙ୍କ ମଧ୍ୟରେ ଅନୁଷ୍ଠିତ ଅନ୍ୟଏକ ମୁକାବିଲାଟି ମାତ୍ର ୧୪ତମ ଚାଲ ପରେ ଅମୀମାଂସିତ ରହିଥିଲା।

## ବୈଶାଳୀଙ୍କ କ୍ରମାଗତ ପଞ୍ଚମ ବିଜୟ



କ୍ୟାଣ୍ଡିଡେଟ୍ସ ଚେସ୍‌ର ମହିଳା ବିଭାଗରେ ପୂର୍ବାନୁମାନଯାୟୀ ଚୀନର ଟାନ୍ ଝୋଙ୍ଗୟି ଟାଇଟଲ ବିଜୟୀ ହୋଇଛନ୍ତି। ଏହା ଫଳରେ ମହିଳା ବିଶ୍ୱଚାମ୍ପିଅନସିପ୍ ଟାଇଟଲ ଲାଗି ସେ ନିଜ ଦେଶର ଜୁ ୱେଇଜୁନଙ୍କ ସହ ଆସନ୍ତାବର୍ଷ ମୁକାବିଲା କରିବେ। ତାନ୍‌ଙ୍କୁ ଟାଇଟଲ ଜିତିବାକୁ ଶେଷ ରାଉଣ୍ଡରେ ମ୍ୟାଚ୍ ଡ୍ର ରଖିବା ଆବଶ୍ୟକ ହେଉଥିଲା। ଶେଷ ରାଉଣ୍ଡରେ ସେ ଆନ୍ନା ମୁଜିଚୁକଙ୍କ ସହ ମ୍ୟାଚ୍ ଡ୍ର ରଖି ସହଜରେ ଟାଇଟଲ ଜିତିନେଇଥିଲେ। କିନ୍ତୁ ଶେଷ ରାଉଣ୍ଡରେ ଭାରତର ଦୁଇ ଖେଳାଳି କୋନେରୁ ହମ୍ପି ଓ ରମେଶବାବୁ ବୈଶାଳୀ ବିଜୟ ହାସଲ କରିଛନ୍ତି। ଡିଫେଣ୍ଡିଂ ଚାମ୍ପିଅନ ଲେଇ ଟିଙ୍ଗଜିଏଙ୍କୁ ପରାସ୍ତ କରି ହମ୍ପି ଏକ ବଡ଼ ବିଜୟ ହାସଲ କରିଥିଲେ। କିନ୍ତୁ ରୁଷର କାଟେରିନା ଲାଗ୍ନୋଙ୍କୁ ପରାସ୍ତ କରି ବୈଶାଳୀ ଏହି ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ୫ମ ବିଜୟ ହାସଲ କରିଥିଲେ। ଏହି ବିଜୟ ଫଳରେ ୭.୫ ପଏଣ୍ଟ ସହ ହମ୍ପି ଦ୍ୱିତୀୟ ସ୍ଥାନ ହାସଲ କରିବା ସହ ରନର୍ସ ଅପ୍ ହୋଇଥିଲେ। ବୈଶାଳୀ ତୃତୀୟ ସ୍ଥାନ ଓ ସମାନ ୭.୫ ପଏଣ୍ଟ ପାଇଥିବା ଲେଇ ଚତୁର୍ଥ ସ୍ଥାନରେ ରହିଥିଲେ। ମହିଳା ବିଭାଗରେ ଦୁଇ ଭାରତୀୟ ବିଳମ୍ବରେ ଭଲ ଖେଳିଥିଲେ। ବୈଶାଳୀ କିନ୍ତୁ କିନ୍ତୁ କ୍ରମାଗତ ୫ମ ବିଜୟ ହାସଲ କରି ପ୍ରତିଦ୍ୱନ୍ଦ୍ୱୀଙ୍କ ମନରେ ଆତଙ୍କ ସୃଷ୍ଟି କରିବାରେ ସମର୍ଥ ହୋଇଥିଲେ।

## କିଏ ଏହି ଗୁକେଶ



ଚେନ୍ନଇର ଏକ ତେଲୁଗୁ ପରିବାରରେ ୨୦୦୬ ମେ ୨୯ ତାରିଖ ଗୁକେଶଙ୍କ ଜନ୍ମ। ତାଙ୍କ ପିତା ରଜନୀକାନ୍ତ ଜଣେ ନାଶା, ଗଳା ଓ କର୍ଣ୍ଣବିଭାଗର ଡାକ୍ତର ହୋଇଥିଲାବେଳେ ମା ପଦ୍ମା ଜଣେ ମାଇକ୍ରୋବାୟୋଲୋଜିଷ୍ଟ। ଆନ୍ଧ୍ରପ୍ରଦେଶର ଗୋଦାବରୀ ଡେଲଟା ଅଞ୍ଚଳର ମୂଳ ବାସିନ୍ଦା ଗୁକେଶଙ୍କ ପିତାମାତା ଚେନ୍ନାଇରେ ଚାକିରି କରନ୍ତି। ମାତ୍ର ୭ ବର୍ଷରୁ ଚେସ୍ ଖେଳ ଆରମ୍ଭ କରି ୯ ବର୍ଷରୁ କମ୍ ଜାତୀୟ ଚେସ୍ ଚାମ୍ପିଅନ ହେବା ପରଠାରୁ ଗୁକେଶଙ୍କ ଜୟଯାତ୍ରା ଆରମ୍ଭ ହୋଇଥିଲା। ଏହା ପରେ ତାଙ୍କୁ ବିଶ୍ୱନାଥନ ଆନନ୍ଦଙ୍କ ୱେଷ୍ଟବ୍ରିଜ୍ ଆନନ୍ଦ ଚେସ୍ ଏକାଡେମୀରେ ପ୍ରଶିକ୍ଷଣ ନେବା ପରେ ତାଙ୍କ ଚେସ୍ ଜୀବନରେ ବ୍ୟାପକ ପରିବର୍ତ୍ତନ ହୋଇଥିଲା। କୋଚ୍ ବିଷ୍ଣୁ ପ୍ରସନ୍ନା ଓ ଆରବି ରମେଶଙ୍କ ପ୍ରଶିକ୍ଷଣ ଏବଂ ଆନନ୍ଦଙ୍କ ଦିଗଦର୍ଶନ ତାଙ୍କୁ ଜଣେ ଆତ୍ମବିଶ୍ୱାସୀ, ଦକ୍ଷତା ସମ୍ପନ୍ନ ଖେଳାଳିରେ ପରିଣତ କରିଥିଲା। କଠିନ ପରିଶ୍ରମ ଓ ଯୋଜନାବଦ୍ଧ ଉଦ୍ୟମ ଫଳରେ ସେ ଗୋଟିକ ପରେ ଗୋଟିଏ ସଫଳତା ହାସଲ କରିଥିଲେ। ଗତ ଅଗଷ୍ଟରେ ଦୀର୍ଘ ୩୬ ବର୍ଷ ପରେ ସେ ଆନନ୍ଦଙ୍କୁ ପଛରେ ପକାଇ ଦେଶର ଏକ ନମ୍ବର ଖେଳାଳିରେ ପରିଣତ ହୋଇଥିଲେ। ଚେସ୍ ଅଲିମ୍ପିଆଡ଼ରେ ୧୧ ରାଉଣ୍ଡରୁ ୯ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣପଦକ ଜିତିବା ପରେ ତାଙ୍କୁ ଚେସ୍ ଜଗତରେ ସମ୍ମାନ ମିଳିଥିଲା। ଏହି ସଫଳତା ମଧ୍ୟରେ ସେ ବିଶ୍ୱର ତୃତୀୟ ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର, ୨୭୦୦ ରେଟିଂ ଛୁଇଁବାରେ ତୃତୀୟ ସର୍ବକନିଷ୍ଠ, ୨୭୫୦ ରେଟିଂ ଛୁଇଁବାରେ ସର୍ବକନିଷ୍ଠ ଓ ଏବେ କ୍ୟାଣ୍ଡିଡେଟ୍ସ ଚେସ ଟୁର୍ଣ୍ଣାମେଣ୍ଟ ଜିତିବାରେ ସର୍ବକନିଷ୍ଠ ଚାମ୍ପିଅନ ହୋଇ ନିଜ ଖେଳ ଜୀବନରେ ଅନେକ ରେକର୍ଡ ସୃଷ୍ଟି କରିଛନ୍ତି। ମାତ୍ର ୧୭ ବର୍ଷରେ ଏଭଳି ସଫଳତା ଯେ କୌଣସି ଖେଳାଳିଙ୍କ ଲାଗି ଉତ୍ସାହଜନକ। ଏହା ପରେ ସେ ବିଶ୍ୱଚାମ୍ପିଅନ୍ ହେବାର ସ୍ୱପ୍ନ ଏବେଠାରୁ ଦେଖିବା ଆରମ୍ଭ କରିଦେଲେଣି। ଏହାର ଅର୍ଥ ସେ ଆସନ୍ତାବର୍ଷ ଡିଙ୍ଗ ଲିରେନଙ୍କୁ ହରାଇବା ଲାଗି ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।

### ଚୂଡାନ୍ତ ସ୍ଥାନ

୧- ଡି. ଗୁକେଶ (୯ ପଏଣ୍ଟ-ଭାରତ), ୨- ହିକାରୁ ନାକାମୁରା (୮.୫-ଆମେରିକା), ୩- ଇଆନ ନେପୋମନିଆଚଚି (୮.୫-ରୁଷିଆ), ୪-ଫାବିଆନୋ କାରୁଆନୋ(୮.୫-ଆମେରିକା), ୫- ଆର. ପ୍ରଜ୍ଞାନନ୍ଦା (୭-ଭାରତ), ୬-ବିଦିତ ସନ୍ତୋଷ ଗୁଜରାଟୀ (୬- ଭାରତ), ୭-ଅଲୀରେଜା ଫିରୋଉଜା (୫-ଫ୍ରାନ୍ସ), ୮- ନିଜାତ ଆବାସୋଭ (୩.୫-ଆଜରବୈଜାନ)।

## ଚାମ୍ପିଅନ ଗୁକେଶଙ୍କୁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

**ନୂଆଦିଲ୍ଲୀ,୨୨।୪(ଏଜେନ୍ସି):** ବିଶ୍ୱର ସର୍ବକନିଷ୍ଠ ଖେଳାଳି ଭାବେ କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଚାମ୍ପିଅନ ହୋଇଥିବା ଭାରତର ଡି ଗୁକେଶଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସ (ଟୁଇଟର୍) ଜରିଆରେ ଉଭୟ ଗୁକେଶଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ବିଶ୍ୱ ଚେସ୍ ଚାମ୍ପିଅନସିପ୍ ଫାଇନାଲରେ ଆହୁରି ଉନ୍ନତ ପ୍ରଦର୍ଶନ କରି ଦେଶ ପାଇଁ ଗୌରବ ଆଣନ୍ତୁ ବୋଲି ଅଭିନନ୍ଦନ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।

## କୋହଲିଙ୍କ ଉପରେ ମ୍ୟାଚ୍ ପାଉଣାର ୫୦ ପ୍ରତିଶତ ଜରିମାନା

**ମୁମ୍ବାଇ,୨୨।୪(ଏଜେନ୍ସି):** ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲିଙ୍କ ଉପରେ ମ୍ୟାଚ୍ ପାଉଣାର ୫୦ ପ୍ରତିଶତ ଜରିମାନା ଆକାରରେ ଧାର୍ଯ୍ୟ କରାଯାଇଛି। ରବିବାର ଇଡେନ ଗାର୍ଡେନ୍ସରେ ଖେଳାଯାଇଥିବା କୋଲକାତା ନାଇଟ ରାଇଡର୍ସ (କେକେଆର) ବିପକ୍ଷ ମ୍ୟାଚ୍‌ରେ କୋହଲି ଅମ୍ପାୟରଙ୍କ ସହ ଯୁକ୍ତିତର୍କ କରି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଆଚରଣ ବିଧି ଉଲ୍ଲଂଘନ କରିଥିଲେ। ଏଥିପାଇଁ ତାଙ୍କ ଉପରେ ଜରିମାନ ଲାଗୁ କରାଯାଇଛି ବୋଲି ଆଇପିଏଲ ତରଫରୁ କୁହାଯାଇଛି। କୋହଲି ମଧ୍ୟ ନିଜ ତ୍ରୁଟି ସ୍ୱୀକାର କରିଛନ୍ତି। ସେ ଆଚରଣ ବିଧିର ଧାରା ୨.୮ ଉଲ୍ଲଂଘନ କରି ଲେବଲ ୧ର ତ୍ରୁଟି କରିଛନ୍ତି।

## ବଳକା ମ୍ୟାଚ୍ ଖେଳିବେନି ମାର୍ଶ

**ନୂଆଦିଲ୍ଲୀ, ୨୨।୪ (ଏଜେନ୍ସି):** ଚଳିତ ଆଇପିଏଲ୍‌ରେ ପ୍ଲେ-ଅଫ୍‌ରେ ସ୍ଥାନ ହାସଲ ଲାଗି ସଂଘର୍ଷ ଜାରି ରଖିଥିବା ଦିଲ୍ଲୀ କ୍ୟାପିଟାଲ୍ସ ଦଳକୁ ଶକ୍ତ ଝଟ୍‌କା ଲାଗିଛି। ଆଘାତଜନିତ ସମସ୍ୟା ଲାଗି ସ୍ୱଦେଶ ଫେରିଯାଇଥିବା ତାରକା ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର ମିଚେଲ ମାର୍ଶ ଚଳିତ ଆଇପିଏଲ୍‌ରେ ଆଉ ଖେଳିପାରିବେ ନାହିଁ। ଜୁନରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ପୂର୍ବରୁ ସେ ସୁସ୍ଥ ହୋଇ ଘରେ ଅଧିକ ବିଶ୍ରାମ ନିଅନ୍ତୁ ବୋଲି କ୍ରିକେଟ୍ ଅଷ୍ଟ୍ରେଲିଆ ପକ୍ଷରୁ କୁହାଯାଇଛି। ବିଶ୍ୱକପ୍‌ରେ ମାର୍ଶ ଅଷ୍ଟ୍ରେଲିଆ ଦଳର ନେତୃତ୍ୱ ନେବାର ଯଥେଷ୍ଟ ସମ୍ଭାବନା ରହିଛି। ପ୍ରକାଶଯୋଗ୍ୟ, ୬.୫ କୋଟି ଟଙ୍କା ମୂଲ୍ୟରେ ଦିଲ୍ଲୀ ଦଳରେ ସାମିଲ ହୋଇଥିବା ମାର୍ଶ ଚଳିତ ଆଇପିଏଲ୍‌ରେ ପ୍ରଥମ ୪ଟି ମ୍ୟାଚରେ ଖେଳିଥିଲେ। ଏହାପରେ ଆଘାତଜନିତ କାରଣରୁ ସେ ଏପ୍ରିଲ ୭ରେ ଅଷ୍ଟ୍ରେଲିଆ ଫେରିଯାଇଥିଲେ।

## ସନ୍ଦୀପଙ୍କ ଘାତକ ବୋଲିଂ, ଜୟସ୍ୱାଲଙ୍କ ଶତକ

# ମୁମ୍ବାଇକୁ ୯ ୱିକେଟରେ ହରାଇଲା ରାଜସ୍ଥାନ



**ଜୟପୁର, ୨୨।୪(ଏଜେନ୍ସି)**

ସନ୍ଦୀପ ଶର୍ମାଙ୍କ ଘାତକ ବୋଲିଂ ଓ ଯଶସ୍ୱୀ ଜୟସ୍ୱାଲଙ୍କ ଅପରାଜିତ ଶତକ ସହାୟତାରେ ଏଠାରେ ସୋମବାର ଅନୁଷ୍ଠିତ ଆଇପିଏଲ୍‌ର ୩୮ତମ ଲିଗ୍ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୯ ୱିକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଫଳରେ ରାଜସ୍ଥାନ ୮ମ ମ୍ୟାଚ୍‌ରୁ ୭ମ ବିଜୟ ସହ ପଏଣ୍ଟ ସାରଣୀର ପ୍ରଥମ ସ୍ଥାନ ବଜାୟ ରଖିଛି। ଅନ୍ୟପକ୍ଷରେ ମୁମ୍ବାଇ ୮ମ ମ୍ୟାଚ୍‌ରୁ ୫ମ ପରାଜୟ ବରଣ କରିଛି। ଏହି ମ୍ୟାଚ୍‌ରେ ସନ୍ଦୀପ ଶର୍ମା ୧୮ ରନ୍‌ରେ ୫ ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୯ ୱିକେଟରେ ୧୭୯ ରନ୍ କରିଥିଲା। ଜବାବରେ ରାଜସ୍ଥାନ ୧୮.୪ ଓଭରରେ ମାତ୍ର ଗୋଟିଏ ୱିକେଟ ହରାଇ ବିଜୟଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଦଳ ପକ୍ଷରୁ ଜୟସ୍ୱାଲ ଆଇପିଏଲ୍‌ରେ ଦ୍ୱିତୀୟ ଶତକ ହାସଲ କରିବା ସହ ୧୦୪ ରନ୍‌ରେ ଅପରାଜିତ ରହିଥିଲେ। ଏଥିଲାଗି ସେ ୬୦ବଲ୍ ଖେଳି ୯ ଚୌକା ଓ ୭ଛକା ମାରିଥିଲେ। ପ୍ରଥମ ୱିକେଟରେ ସେ ଜୋଶ୍ ବଟ୍ଲରଙ୍କ ସହ ୪୮ ବଲ୍‌ରୁ ୭୪ ଓ ଅବିଭକ୍ତ ଦ୍ୱିତୀୟ ୱିକେଟରେ ଅଧିନାୟକ ସଞ୍ଜୁ ସାମସନଙ୍କ ସହ ୬୫ବଲ୍‌ରୁ ୧୦୯ ରନ୍ ଉଠାଇଥିଲେ। ବଟ୍ଲର ୩୫ ଓ ସାମସନ ଅପରାଜିତ ୩୮ ରନ୍ କରିଥିଲେ। ବର୍ଷା ଯୋଗୁ ୪୦ ମିନିଟ୍ ଖେଳ ବାଧାପ୍ରାପ୍ତ ହୋଇଥିଲା। ରାଜସ୍ଥାନର ଯୁଜବେନ୍ଦ୍ର ଚହଲ ଏହି ମ୍ୟାଚ୍‌ରେ ୨୦୦ତମ ୱିକେଟ ହାସଲ କରିଛନ୍ତି।

### ସମ୍ମାନ ରଖିଲେ ତିଳକ-ନେହାଲ

ମୁମ୍ବାଇ ଦଳ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ ପାଇବା ପରେ ୨୦ ରନ୍‌ରେ ପ୍ରଥମ ୩ଟି ଓ ୫୨ ରନ୍‌ରେ ୪ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। କିନ୍ତୁ ଚଳିତ ସିଜନରେ ଭଲ ଫର୍ମରେ ଥିବା ତିଳକ ବର୍ମା ଓ ପ୍ରଥମ ମ୍ୟାଚ୍ ଖେଳୁଥିବା ନେହ୍ୱାଲ ୱାଧେରା ୫ମ ୱିକେଟରୁ ୫୨ ବଲରେ ୯୯ ରନ୍ ଉଠାଇ ଦଳକୁ ଏକ ଭଲ ସ୍ଥିତିରେ ପହଞ୍ଚାଇଥିଲେ। ୧୬ତମ ଓଭର ଶେଷରେ ଦଳ ୪ ୱିକେଟ ହରାଇ ୧୫୧ ରନ୍ କରିଥିଲା। କିନ୍ତୁ ୨୪ ବଲ୍‌ରୁ ୩ ଚୌକା ଓ ୪ଛକା ସହ ୪୯ ରନ୍ କରିଥିବା ନେହାଲ ୱାଧେରା ୧୭ତମ ଓଭରର ପ୍ରଥମ ବଲ୍‌ରେ ଆଉଟ ହେବା ପରେ ଏହି ଯୋଡି ଭାଙ୍ଗିଯାଇଥିଲା। ଏହା ପରେ ତିଳକ ବର୍ମା ୪୫ ବଲ୍‌ରେ ୫ ଚୌକା ଓ ୩ ଛକା ସହ ୬୪ ରନ୍‌ରେ ଆଉଟ ହୋଇଥିଲେ। ରାଜସ୍ଥାନ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରି ଶେଷ ୪ ଓଭରରେ ୨୮ ରନ୍ ଦେଇ ୫ ୱିକେଟ ନେବା ଫଳରେ ଦଳ ୯/୧୭୯ ରନ୍‌ରେ ସୀମିତ ରହିଥିଲା। ଦଳ ପକ୍ଷରୁ ରୋହିତ ଶର୍ମା ୬, ଇଶାନ କିଶାନ ୦, ସୂର୍ଯ୍ୟକୁମାର ଯାଦବ ୧୦, ହାର୍ଦ୍ଦିକ ପାଣ୍ଡ୍ୟା ୧୦ ଓ ଟିମ୍ ଡେଭିଡ୍ ୩ ରନ୍ କରି ମୁମ୍ବାଇକୁ ବିପଦ ମୁହଁକୁ ଠେଲିଦେଇଥିଲେ।



### ସନ୍ଦୀପଙ୍କୁ ୫ ଓ ଚହଲଙ୍କୁ ୨୦୦ତମ ୱିକେଟ

ଦୀର୍ଘଦିନ ପରେ ଆଇପିଏଲ୍‌କୁ ଫେରିଥିବା ରାଜସ୍ଥାନ ମିଡିୟମ ପେସ୍ ବୋଲର ସନ୍ଦୀପ ଉଭୟ କିଶାନ ଓ ସୂର୍ଯ୍ୟକୁମାରଙ୍କୁ ଆଉଟ କରି ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ଶେଷଭାଗରେ ତିଳକ, ଡେଭିଡ୍ ଓ କୋଏଜୀଙ୍କୁ ଆଉଟ କରି ସେ ତାଙ୍କ ପ୍ରତ୍ୟାବର୍ତ୍ତନ ମ୍ୟାଚ୍‌ରେ ୧୮ ରନ୍ ଦେଇ ୫ଟି ୱିକେଟ ନେବା ସହ ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଥିଲେ। ଟ୍ରେଣ୍ଟ ବୋଲ୍ଟଙ୍କୁ ମଧ୍ୟ ୨ଟି ୱିକେଟ ମିଳିଥିଲା। କିନ୍ତୁ ମହମ୍ମଦ୍ ନବିଙ୍କୁ ଆଉଟ କରି ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲ ପ୍ରଥମ ଖେଳାଳି ଭାବେ ଆଇପିଏଲ୍‌ରେ ୨୦୦ ୱିକେଟ ନେବାର ରେକର୍ଡ ପ୍ରତିଷ୍ଠା କରିଛନ୍ତି।

### ଆଇପିଏଲ୍-୧୭
### ଆଜିର ମ୍ୟାଚ୍

**ଚେନ୍ନାଇ- ଲକ୍ଷ୍ନୌ**

ସ୍ଥାନ- ଚେନ୍ନଇ, ସମୟ- ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୮ | ୭ | ୧ | ୧୪ | +୦.୬୯୮ |
| କୋଲକାତା | ୭ | ୫ | ୨ | ୧୦ | +୧.୨୦୬ |
| ହାଇଦ୍ରାବାଦ | ୭ | ୫ | ୨ | ୧୦ | +୦.୯୧୪ |
| ଚେନ୍ନାଇ | ୭ | ୪ | ୩ | ୮ | +୦.୫୨୯ |
| ଲକ୍ଷ୍ନୌ | ୭ | ୪ | ୩ | ୮ | +୦.୧୨୩ |
| ଗୁଜରାଟ | ୮ | ୪ | ୪ | ୮ | -୧.୦୫୫ |
| ମୁମ୍ବାଇ | ୮ | ୩ | ୫ | ୬ | -୦.୨୨୭ |
| ଦିଲ୍ଲୀ | ୮ | ୩ | ୫ | ୬ | -୦.୪୭୭ |
| ପଞ୍ଜାବ | ୮ | ୨ | ୬ | ୪ | -୦.୨୯୨ |
| ବେଙ୍ଗାଲୁରୁ | ୮ | ୧ | ୭ | ୨ | -୧.୦୪୬ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA